# ଆଦିବାସୀ ପର୍ବପର୍ବାଣି



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

# ଆଦିବାସୀ ପର୍ବପର୍ବାଣି

ସଂକଳନ
ଡ. ପ୍ରମୋଦିନୀ ହୋତା

ସମ୍ପାଦନା
ଡ. ଅଖିଳ ବିହାରୀ ଓତା

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ଆଦିବାସୀ ପର୍ବପର୍ବାଣି


*ସଂକଳନ* : ଡ. ପ୍ରମୋଦିନୀ ହୋତା

*ସମ୍ପାଦନା* : ଡ. ଅଖିଳ ବିହାରୀ ଓତା

© *ପ୍ରକାଶକ* : ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ୨୬ ଜାନୁୟାରୀ, ୨୦୧୭

*ମୁଦ୍ରଣ* : ଭୋଳାନାଥ ପ୍ରେସ୍
ବମିଖାଲ, ଭୁବନେଶ୍ୱର


**ADIVASI PARBA PARBANI**


Compilation : Dr. Pramodini Hota

*Editor* : Dr. Akhila Bihari Ota

©*Publisher* : Member Secretary
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009

First Edition : 26th January 2017.

Printed at : Bholanath Press
Bomikhal, Bhubaneswar.

# ମୁଖବନ୍ଧ

ଜନଜାତି ପରମ୍ପରା ବହୁ ବିଚିତ୍ର । ସଂସ୍କୃତି ଭିତରକୁ ପ୍ରବେଶ ଯେତେ ଅଧିକତର ହୋଇଥାଏ ଯେତେ ବିଶ୍ଳେଷଣ ହୁଏ; ତାର ଲୁକ୍‌କାୟୀତ ସମ୍ପଦା ସେତେ ଦୃଶ୍ୟମାନ ହୁଏ । ସତେ ଯେପରି ମହାସାଗର । ମନ୍ଥନ ଉପରାନ୍ତ କିଛି କିଛି ଦୁର୍ମୂଲ୍ୟ ସଂପଦା ହାତେଇଲା ପରି ଅନୁଶୀଳନ ଉପରାନ୍ତ ଜାଣିହୁଏ । ବିଚିତ୍ରଜୀବନ ଚର୍ଯ୍ୟା, ଅଭୁତପୂର୍ବ ଆତ୍ମମନ୍ଥନ, ପ୍ରକୃତି ଓ ସଂସ୍କୃତିକୁ ଏକ ସୂତ୍ରରେ ବାନ୍ଧି ରଖିବା ପାଇଁ ଯୁଗ ଯୁଗ ଧରି କରି ଆସିଥିବା ପ୍ରଚେଷ୍ଟାର ପ୍ରତିଫଳନ; ଆତ୍ମା-ପରମାତ୍ମା ମଧ୍ୟରେ ସଂଯୋଗ ସ୍ଥାପନ; ଇହଲୋକ-ପରଲୋକ ସହ ନିଜକୁ ସଂସ୍ଥାପନ । ଭୟ-ଭକ୍ତି-ଭ୍ରାନ୍ତି ସମସ୍ତକୁ ଏକିକୃତ କରି ତଦନୁରୂପ ନିଜ ଜୀବନଚର୍ଯ୍ୟା, ପରମ୍ପରାକୁ ଗତିଶୀଳ କରିବା; ଧର୍ମ, ଧାର୍ମିକ ପରିବେଶ, ତତ୍‌ସମ୍ପର୍କିତ ଉପକରଣ, ସଂସାଧନ ସଂଯୋଜନ; ଏସବୁକୁ ଲକ୍ଷ୍ୟ କଲେ ଆମକୁ ଅଭିଭୁତ ହେବାକୁ ପଡ଼େ । ସଭ୍ୟତାର ଉନ୍ମେଷକାଳରୁ ଏମାନେ ନିଜକୁ କେତେ ବିଜ୍ଞ, ଜିଜ୍ଞାସୁ, ସନ୍ଧାନି ଓ ବିଶ୍ୱାସୀ କରି ତୋଳିଥିଲେ ଯାହା ଅଦ୍ୟାବଧି ତାଙ୍କ ସଂସ୍କୃତିକୁ ପଥ ପ୍ରଦର୍ଶନ କରି ଆସିବା ସହ ଅନ୍ୟମାନଙ୍କ ପାଇଁ ଆଜି ବି ଆଶ୍ଚର୍ଯ୍ୟ ହୋଇରହିଛି ।

ବହୁ ବର୍ଣ୍ଣା ସଂସ୍କୃତିର ଏହିସବୁ ବିଭବ ମଧ୍ୟରୁ ତାଙ୍କ ପର୍ବପର୍ବାଣି ଅନେକ ବୈଚିତ୍ର୍ୟରେ ପୂର୍ଣ୍ଣ । ଗୋଷ୍ଠୀକୁ ଗୋଷ୍ଠୀ, ଭୌଗଳିକ ଅଞ୍ଚଳକୁ ନେଇ ଭିନ୍ନ ଭିନ୍ନ ପରମ୍ପରା ଓ ପର୍ବପର୍ବାଣିରେ ସମୃଦ୍ଧ ଜନଜାତି ନିଜକୁ ଶୃଙ୍ଖଳିତ ଓ ଧର୍ମ ପରାୟଣ କରିବାକୁ ଖଞ୍ଜି ଯାଇଛନ୍ତି ଅପାର ସମ୍ପଦା ସମୂହ । ଯାହା କୋରାପୁଟ ଅଞ୍ଚଳରେ ପ୍ରଚଳିତ, ସେହି ଗୋଷ୍ଠୀ ଯଦି,

| | | |
|---|---|---|
| ୧୯. | କଡ୍ଡୁ ପରବ | ୬୭ |
| ୨୦. | ଯମ ପୂଜନ ପରବ | ୭୧ |
| ୨୧. | ଘଟ ପରବ | ୭୩ |
| ୨୨. | ପଣ୍ଡ ପରବ | ୭୭ |
| ୨୩. | ବାଲିଯାତରା | ୮୦ |
| ୨୪. | ବିହନ ପୋତା ପରବ, ବିଛା ପାର୍‌ବୁ | ୮୫ |
| ୨୫. | ଉଆଁସ ପରବ | ୮୯ |
| ୨୬. | ମଣ୍ଡେଇ | ୯୨ |
| ୨୭. | ଡାଗଡା ପରବ | ୯୬ |
| ୨୮. | ଜୟପୁରରେ ଦଶହରା | ୯୯ |
| ୨୯. | ପରବ 'ଫୁଲଯାତରା' | ୧୦୫ |
| ୩୦. | ପୋତାଗଡର ଦଶହରା | ୧୦୮ |
| ୩୧. | ପୁଷ୍ ପୁନେଇ | ୧୧୧ |
| ୩୨. | ବଣ୍ଡାଙ୍କ ପରବ ସୁମ୍‌ମେ | ୧୧୭ |
| ୩୩. | ବଡ ଯାତ୍ରା | ୧୨୧ |
| ୩୪. | ଚଇତ ପରବ | ୧୨୬ |
| ୩୫. | ଦଶମନ୍ତପୁରର ଦଶହରା | ୧୩୨ |

# ଘଣ୍ଟ ପରବ

ବହୁବର୍ଷ ପୂର୍ବେ ନାରାୟଣପାଟଣାରେ ରାଜ ପରିବାର ବାସ କରୁଥିଲେ । ବିବାହର ଅନେକ ବର୍ଷ ପରେ ରାଜାଙ୍କ ଘରେ ରାଣୀଙ୍କ ଔରସରୁ ଏକ ଲାଙ୍ଗୁଡ଼ ଥିବା ପୁତ୍ର ଜାତ ହେଲା । ଜନ୍ମ ହେବା ପରେ ସେହି ପୁତ୍ର ଆମ୍ବାପର୍ବତ ଆଡକୁ ଚାଲିଗଲା । ରାଜାଙ୍କର ୧୦୮ଜଣ ରାଣୀଥିଲେ, ସେମାନଙ୍କ ଔରସରୁ ମଧ୍ୟ ପୁତ୍ର ସନ୍ତାନ ଜନ୍ମ ନେଲେ, ରାଜାଙ୍କର ମୃତ୍ୟୁ ପରେ ୧୦୮ ରାଣୀ ସତୀଖାଲ ଠାରେ ସତୀ ହୋଇ ମୃତ୍ୟୁ ବରଣ କଲେ । ରାଜାଙ୍କ ପୁତ୍ର ସନ୍ତାନ ଏବଂ ବଂଶଧରମାନେ ରାଜାଙ୍କ ମୃତ୍ୟୁ ପରେ ପ୍ରଥମେ ନାରାୟଣ ପାଟଣାରୁ ନନ୍ଦପୁର ଆସି ରାଜ୍ୟ ଶାସନ କଲେ ପରବର୍ତ୍ତୀ ସମୟରେ ସେ ଜୟପୁର ସମସ୍ଥାନ୍ (ରାଜ୍ୟ)କୁ ଚାଲିଆସି ରାଜତ୍ୱ କଲେ । ରାଜାଙ୍କ ଇଷ୍ଟ ଦେବୀ ଥିଲେ ଗଡ଼ଚଣ୍ଡି ସେ ହେଲେ ଭଗବତୀ । ନାରାୟଣପାଟଣାରଗଡ଼ ରକ୍ଷାକର୍ତ୍ତୀ ଏବଂ ଆରଧ ଦେବୀ ଭଗବତୀ ଅଟନ୍ତି । ଗଡ଼ଚଣ୍ଡିଙ୍କର ଦୁଇଭଉଣୀ । ବଡ଼ ଭଉଣୀଙ୍କ ଝିଅ ହେଲେ ଚଇତ୍ରାଇ ଏବଂ ବୁଢ଼ୀଠାକୁରାଣୀ । ଚୈତ୍ରାଇ ଦେବୀଙ୍କ ଉଉଣୀମାନେ ହେଲେ ଅଗ୍ନିକୁମାରୀ, ଦୁଇଜଣ ସାରିଆ ପାଲମା;- ବୁଢ଼ୀଠାକୁରାଣୀଙ୍କ ଆଠ ଭଉଣୀ । ଚୈତ୍ରାଇ ହେଉଛନ୍ତି ରକ୍ଷାକର୍ତ୍ତୀ ତେଣୁ ସେ ବାଉଁଶବୁଦା ମୂଳରେ ପୂଜା ପାଇଥାନ୍ତି ଖଣ୍ଡା ରୂପରେ । ଘଣ୍ଟ ପର୍ବ ହିନ୍ଦୁ ନବବର୍ଷର ଦ୍ୱିତୀୟ ସପ୍ତାହର ସୋମବାର ଦିନରେ ଆରମ୍ଭ ହୁଏ । ବନ୍ଧୁଗାଁର ନିଲା ପର୍ବ ହେଉଛି ପ୍ରଧାନ ପର୍ବ । ପୂଜା ଆରମ୍ଭ ପୂର୍ବରୁ ଗାଁର ସମସ୍ତ ବ୍ୟକ୍ତିଙ୍କୁ ଜଣାଇଦିଅନ୍ତ ଯେ ବୁଢ଼ୀଠାକୁରାଣୀ ଆଠ ଭଉଣୀଙ୍କ ସହିତ ପ୍ରଥମେ ଗୁଡ଼ି ବା ଅସ୍ଥାୟୀ ମନ୍ଦିରକୁ ଆସିବେ ପରେ ଚୈତ୍ରାଇ ଠାକୁରାଣୀ ଆସିବେ । ପାଲକୋଣ୍ଡା ସାହିର ରାସ୍ତାର ଅପର ପାର୍ଶ୍ୱରେ ଆସ୍ଥାୟୀ ମନ୍ଦିର ତିଆରି କରାଯାଏ । ଆମ୍ବାପର୍ବତ ତଳେ ବୁଢ଼ୀଠାକୁରାଣୀଙ୍କର ସ୍ଥାୟୀ ମନ୍ଦିର ରହିଥାଏ । ପ୍ରଥମେ ଅସ୍ଥାୟୀ ମନ୍ଦିରକୁ ବୁଢ଼ୀଠାକୁରାଣୀଙ୍କ ସହ ଆଠ ଭଉଣୀଙ୍କୁ ବାଉଁଶ ଚାଙ୍ଗୁଡ଼ିରେ ସିନ୍ଦୁର, ଫୁଲ, କଳାଚଢ଼ି, କଳାମାଳୀ, ଦର୍ପଣ, କଦଳୀ, ଧୂପକାଠି ଝାଞ୍ଜ, ଢୋଲ, ତାମ୍ର ବାଦ୍ୟ ମହୁରୀ ବଜାଇ ବାଜା ବାଜଣା ସହିତ ଆମନ୍ତ୍ରଣ କରାଯାଏ । ଠାକୁରାଣୀ ଆମନ୍ତ୍ରଣ ପାଇ ଅସ୍ଥାୟୀ ମନ୍ଦିରକୁ ପ୍ରବେଶ କରନ୍ତି । ସେହିଦିନ ମନ୍ଦିରରେ ଅନ୍ନଭୋଗ ହୋଇଥାଏ । ତାକୁ କେବଳ ବାଜା ବାଲାମାନେ ଖାଇଥାନ୍ତି । ପିତଳ ମାଠିଆରେ ଘୋଡ଼ଣୀ ସହ ଲାଗିଥାଏ ପିତଳଦୀପ । ସେଥିରେ ସଳିତା, ତେଲ ଢ଼ଳାଯାଏ

ଏବଂ ଦୀପ ଜଳାଯାଏ । ଆଗରେ ପିତଳ ଫୁଲ ଗଙ୍ଗଡ଼ି ଧରି ଜଣେ ଚାଲିଥାଏ ତା ପଛକୁ ୯ ଜଣ ଚାଲିଥାନ୍ତି ପିତଳ ମାଠିଆ ମୁଣ୍ଡରେ ଧରି ଆଗରେ ବାଜା ବାଜଣା ବାଜୁଥାଏ ପଛରେ ଦଶଜଣ ଘଣ୍ଟଧାରୀ ମୁଣ୍ଡରେ ପିତଳ ଗଗୁଡ଼ି ଏବଂ ପିତଳ ମାଠିଆ ସହ ଦୀପ ଧରି ଚାଲିଥାନ୍ତି । କେଉଁଠି କେଉଁଠି ଦୁଇଟି କଳସୀକୁ ହଳଦୀ ବୋଳି ଠାକୁରାଣୀଙ୍କ ଆଖି ଏବଂ ଜିଭ ଲଗାଯାଏ ଏବଂ କଳସୀ ଉପରେ ରୂପା ମୁକୁଟ ବନ୍ଧାଯାଏ, ସେଦିନ କଳସ ଧାରଣା କରିଥିବା ବ୍ୟକ୍ତି ନୂଆ ଲୁଗା ପିନ୍ଧିଥାନ୍ତି । କିନ୍ତୁ ନାରାୟଣ ପାଟଣାରେ ଏହି ପର୍ବଟି ଜାକଜମକରେ ହୁଏ ! ..ଙ୍ଗଳବାର ଦିନ ସେମାନଙ୍କ ବିଶ୍ରାମଦିନ, ବୁଧବାର, ଗୁରୁବାର, ଶୁକ୍ରବାର ଦିନ ଠାକୁରାଣୀ ନାରାୟଣପାଟଣାର ସମସ୍ତ ସାହି ପରିକ୍ରମା କରନ୍ତି । ଶନିବାର ଦିନ ଠାକୁରଣୀ ଗାଁର ତିନିଜଣ ମୁଖିଆ କୁମୁଟିଘର, ରେଞ୍ଜର, ଥାନାର ବଡ଼ବାବୁ, ତହସିଲଦାର, ବିଡ଼ିଓ ଘରକୁ ଯାଇ ଆଦେଶ ଦେଇଥାନ୍ତି । ମୋର ବଡ଼ଭଉଣୀ ଚୈତ୍ରାଇ ଠାକୁରାଣୀକୁ ଆମନ୍ତ୍ରଣ କରିବ ଏବଂ ସମ୍ମାନରେ ଆଣିବ ଏବଂ ସ୍ୱାଗତ କରିବ । ରବିବାର ଦିନ ଅପରାହ୍ନରେ ଚାରିଟା ସମୟରେ ତହସିଲଦାରଙ୍କ ଘର ସାମନାରେ ଗୋବର ଲିପାପୋଛା, କଣ୍ଟାଦୋଳି ତିଆରି ହୋଇଥାଏ । ପ୍ରଥମେ କଣ୍ଟା ଦୋଳି ଆଗରେ କୁକୁଡ଼ା ସହିତ ନିଡ଼ିଆ, କଦଳୀ ଧୂପଦୀପ ଦେଇ ପୂଜା କରାଯାଏ । ୧୦ଜଣ ଘଣ୍ଟଧାରୀ କଣ୍ଟା ଦୋଳିରେ ଝୁଲିଥାନ୍ତି । ରାତି ଆଠଟା ସମୟରେ ଗାଁ ବନ୍ଧାକାର୍ଯ୍ୟ ଆରମ୍ଭ ହୁଏ । ଗାଁ ବନ୍ଧା ଗାଁ ଅର୍ଥ ଗାଁର ସାହି, ଗଳିରେ ରହିଥିବା ଚିରୁଗୁଣୀ ଡ଼ାହାଣୀ, ଗୁଣି ଗାରିଡ଼ି, ପିଶାଶୁଣୀ ପ୍ରଭୃତି ଆସୁରିକ ଶକ୍ତିକୁ ଆୟତ କରି ଏକାଠି ବନ୍ଧାଯାଇ ଗାଁ ବାହାରେ ସେ ଗୁଡ଼ିକୁ ଏକତ୍ରିତ ଛାଡ଼ିଦେବା, ପୂଜା ବା ଘରର ଜଣେ ବ୍ୟକ୍ତି ଉପବାସ ରହି ଏହି ଗାଁ ବାନ୍ଧିବା କାର୍ଯ୍ୟ କରିଥାଏ । ଗାଁ ବାନ୍ଧିବା ବ୍ୟକ୍ତି ଦୁଇଟି ଛୋଟ ମାଠିଆ ଧରିଥାଏ ଗୋଟିଏ ହାତରେ ଧରିଥିବା ମାଠିଆରେ କ୍ଷୀରଥାଏ, ଅନ୍ୟ ମାଠିଆରେ ହଳଦିପାଣି ମିଶା ପାଣିଥାଏ । ତିନିଜଣ ବ୍ୟକ୍ତି ଅସ୍ଥାୟୀ ମନ୍ଦିରକୁ ଯାଇଥାନ୍ତି । ମାଠିଆ ଧରିଥିବା ବ୍ୟକ୍ତି ଜଣକ ମଝିରେ ରହେ ଏବଂ ଦୁଇଜଣ ତାର ପାଖରେ ରହନ୍ତି । ତିନିଜଣ ମିଶି ଆସୁଥିବା ଶକ୍ତିର ଦମନ ପାଇଁ ମନ୍ଦିର ପାଖରେ ପୂଜା କରିଥାନ୍ତି ଏହି ସମୟରେ ନାରାୟଣପାଟଣାର ବିଜୁଳି କଟାଯାଏ ସବୁଆଡେ ଶୁନ୍‌ଶାନ ହୁଏ ଏବଂ ଅନ୍ଧାର ହୋଇଯାଏ । ପୂଜାସ୍ଥଳୀକୁ ଧଳା ଚଦର କନା ଦ୍ୱାରା ଘୋଡ଼ାଇ ରଖାଯାଏ । ସାଥିରେ ଆଣିଥିବା ଦୁଇ ମାଠିଆ ପାଣି ଓ କ୍ଷୀର, ସିନ୍ଦୁର, ନିଡ଼ିଆ, କଦଳୀ ଧୂପକାଠି, ହଳଦୀଖଣ୍ଡ ଏବଂ ଅନ୍ୟାନ୍ୟ ସାମଗ୍ରୀ ରଖି ପୂଜା କରାଯାଏ । ଗାଁ ବାନ୍ଧିବା ଲୋକ କୁକୁଡ଼ା ଚମଡ଼ା ଅନ୍ତଃନଳୀରେ ନିର୍ମିତ ପଇତା ପିନ୍ଧିଥାନ୍ତି ସେ ଦୁଇ

ହାତରେ ବାମ ପଟରୁ ଧରିଥିବା ମାଠିଆକୁ ଡ଼ାହାଣ ପଟ ଏବଂ ଡ଼ାହାଣ ପଟ ଧରି ମାଠିଆକୁ ବାମପଟରେ ଧରନ୍ତି । ସାଥିରେ ଆସିଥିବା ଦୁଇଜଣ ବ୍ୟକ୍ତି କାଖତଳେ ବେତଧରିଥାନ୍ତି, ଗୋଟିଏ ହାତରେ ଚଙ୍ଗୁଡ଼ିରେ ଫୁଲ ହଳଦୀମିଶା ଚଉଳ ଧରି ଅନ୍ୟ ହାତରେ ଗାଁର ସାହି ସାରା ହଳଦୀମିଶା ଚଉଳକୁ ବିଞ୍ଚି ବିଞ୍ଚି ଚାଲିଥାନ୍ତି ପଛରେ ଦୁଇହାତରେ ଦୁଇଟି ମାଠିଆ ଧରି ଗାଁ ବନ୍ଧା (ଗାଁ ବାନ୍ଧିବା) ଲୋକଚାଲିଥାଏ ତା ପଛରେ ପୂଜାରୀ ଘରର ଦଶଜଣ ଲୋକ ଯାଇଥାନ୍ତି ସେମାନଙ୍କର ବିଶ୍ୱାସ ଯେ ଆସୁରୀ ଶକ୍ତି ରାଗି ଯାଇ ଗାଁ ବାନ୍ଧିବା ଲୋକକୁ ଟାଣି ନେଇ ଯାଇପାରେ ତେଣୁ ଲୋକକୁ ରକ୍ଷା କରିବା ପାଇଁ ଦଶଜଣ ଲୋକ ଦରକାର । ଗାଁ ମୁଣ୍ଡରେ ଦୁଇଘଣ୍ଟା ପରେ ଆସୁରୀ ଶକ୍ତି ଦମନ ହୁଏ । ଅସ୍ଥାୟୀ ମନ୍ଦିରକୁ ସମସ୍ତେ ଫେରିଥାନ୍ତି । ସେଠାରେ ବାଉଁଶ ଚଙ୍ଗୁଡ଼ିରେ ଫରୁଆ, ହଳଦୀ, କୁଙ୍କୁମ, ଦର୍ପଣ, କଳାମାଳୀ, କଳାକାଚ ରଖାଯାଇଥାଏ । ସମସ୍ତ ପୂଜା ସାମଗ୍ରୀ ଧରି କୁକୁଡାକୁ ଧରି ଚୈତ୍ରାଇ ଠାକୁରାଣୀଙ୍କୁ ଆମନ୍ତ୍ରଣ କରିବା ପାଇଁ ବାଉଁଶ ବୁଦାମୂଳକୁ ସାଥିରେ ଦିହୁଡି ବାଜା ବାଜାଣା ଧରି ଦୁଇଜଣ ବ୍ୟକ୍ତି ସାଥିରେ ଯାଇଥାନ୍ତି । ଚୈତ୍ରାଇ ଠାକୁରାଣୀଙ୍କ ପୂଜାସ୍ଥଳୀକୁ ଯିବା ସମୟରେ ଦୁଇଟି ସ୍ଥାନରେ ପୂଜା କରାଯାଏ । ପ୍ରଥମ ସ୍ଥାନରେ ପୂଜା କରିବା ପରେ ଦ୍ୱିତୀୟ ସ୍ଥାନରେ କୁକୁଡାକୁ ଚଉଳ ଖାଇବାକୁ ଦିଆଯାଏ ଯଦି ଚଉଳ କୁକୁଡା ଖାଇଦିଏ ତେବେ ଦେବୀ ପ୍ରସନ୍ନ ହୋଇ ବାଉଁଶ ବୁଦାରୁ ଫୁଲ ଚଙ୍ଗୁଡ଼ିକୁ ଆସିଲେ ବୋଲି ଧରାଯାଏ । ଫୁଲ ଚଙ୍ଗୁଡ଼ିକୁ ଧରି ପ୍ରଥମ ପୂଜା ସ୍ଥଳୀକୁ କୁକୁଡା ସହିତ ପୂଜାରୀ ଫେରିଆସେ । ସେତେବେଳେ ପ୍ରାୟ ରାତ୍ର ଦୁଇଟା ବାଜିଯାଏ । ଫୁଲ ଚଙ୍ଗୁଡିକୁ ଧରି ପୂଜାରୀ ଅସ୍ଥାୟୀ ମନ୍ଦିରକୁ ଆସନ୍ତି । ମନ୍ଦିର ଭିତରକୁ ପୂଜାରୀ ବ୍ୟତିତ ଅନ୍ୟ କାହାକୁ ଛାଡି ଦିଆଯାଏ ନାହିଁ । ଅସ୍ଥାୟୀ ମନ୍ଦିରରେ ଚୈତ୍ରାଇ ମାଁ, ଅଗ୍ନିକୁମାରୀ ଦୁଇଭଉଣୀ ସାରିଆପାଲମା ସହିତ ବୁଢ଼ୀଠାକୁରାଣୀ ଏବଂ ତାଙ୍କର ଆଠ ଭଉଣୀ, ଫୁଲ ଚଙ୍ଗୁଡ଼ି ଦେବୀ ସମସ୍ତେ ରାତିରେ ଏକାଠି ରୁହନ୍ତି । ପାଲୋକୋଣ୍ଡା ସାହିର ଅସ୍ଥାୟୀ ମନ୍ଦିରରେ ରାତ୍ରି ଦୁଇଟାରେ ପାହାଡ଼ା ପଡ଼େ ମହୁରୀ, ଢ଼ୋଲ, ତାମ୍ପ ଦିହୁଡ଼ି ସହିତ ବାଣ ଫୁଟାଯାଏ ଲୋକମାନେ ମାଁକୁ ନିମନ୍ତ୍ରଣ କରନ୍ତି । ପୂଜାରୀ ଧୂପଦୀପ ଦେଇ ରୀତିନୀତି ଅନୁସାରେ ପୂଜା କରିଥାନ୍ତି । ପୂର୍ବେ ରାଜାଙ୍କ ସମୟରେ ରାଜପରଂପରା ଅନୁଯାୟୀ ଦିହୁଡ଼ି, ବୋଦୁ (୧୫ରୁ ୨୦ଟି ବାଉଁଶ ଏକାଠି କରି ଦଉଡ଼ିରେ ବନ୍ଧାଯାଏ ତାପରେ ଦଉଡ଼ିକୁ ଏକାଠି କରି ସେଥିରେ ନିଆଁ ସଂଯୋଗ କରାଯାଏ) ଲୁପାତୁରୀ, ରୂପା ଛତା ଏବଂ ତୋପ ଫୁଟାଯାଏ । ରାସ୍ତା ସାରା ପାହାଡ଼ା ପଡ଼େ ରାସ୍ତାରେ ଆଗରେ ରାଜ ପୁରୋହିତ ଶ୍ଳୋକ ବୋଲି ଚାଲୁଥାନ୍ତି । ତୋପ ସଲାମି ଦିଆଯାଏ । ଆଜିକାଲି ଗାଁର ମୁଖିଆ, ତହସିଲଦାର ପଛରେ ଚାଲିଥାନ୍ତି ।

ମନ୍ଦିର ବାହାରେ ହଳଦିପାଣି ପକାଯାଏ, ପାହାଡା ପଡେ। ପୁରୁଷ ଘଣ୍ଟଧାରୀମାନଙ୍କୁ ବିବାହିତା ନାରୀ ରୂପରେ ସଜ୍ଜା ଯାଇଥାଏ ଏବଂ ଫୁଲରେ ସଜିତ କରାଯାଏ ସେଠାରେ ପାରା ବଳି ଦିଆଯାଏ। ତାପରେ ଅସ୍ଥାୟୀ ମନ୍ଦିରରୁ ଚଉଦଜଣ ଘଣ୍ଟଧାରୀ ଫୁଲ ଘଇଟ୍ରି ଦେବୀ ସହିତ ଅସ୍ଥାୟୀ ମନ୍ଦିରରୁ ବାହାରି ତହସିଲଦାର ଘରକୁ ଯାଇଥାନ୍ତି ସେଠାରେ ଗୁଡ଼ପଣା ପିଇଥାନ୍ତି ସମସ୍ତ ଠାକୁରାଣୀ। ପୂର୍ବେ ରାଜଉଆସରେ ଠାକୁରାଣୀମାନେ ପଣା ପାଣି ପିଉଥିଲେ। ତାପରେ ସାନ କୁମୁଟି, ଥାନା ବାବୁ, ଆରଆଇ, ଜମିଦାର ଘରକୁ ଯାଇ ସମସ୍ତ ଠାକୁରାଣୀ ପୂଜା ପାଇଥାନ୍ତି। ବଡ଼ କୁମୁଟି ଘର ଆଗରେ କଣ୍ଟା ଦୋଳି ତିଆରି ହୋଇଥାଏ ସେଥିରେ ଚୈତ୍ରାଇ ଠାକୁରାଣୀ, ତିନି ଭଉଣୀଙ୍କ ସାଥିରେ ଦୋଳି ଖେଳନ୍ତି। ଅଧାଘଣ୍ଟା ସେଠାରେ ରହି ଭୋଗଖାଇ ଆନନ୍ଦରେ ଠାକୁରାଣୀ ଘଣ୍ଟଧାରୀମାନେ ସାହି ସାରା ବୁଲିଥାନ୍ତି। ତହସିଲ ଅଫିସ ଆଗରେ ସୋମବାର ଦିନ ଅସ୍ଥାୟୀ ମୁଣ୍ଡିଆ ତିଆରି ହୋଇଥାଏ ସେଠାରେ ଭୋଗ ହୁଏ ତାପରେ ଅସ୍ଥାୟୀ ମନ୍ଦିରକୁ ଫେରନ୍ତି। ମଙ୍ଗଳବାର ଦିନ ସମସ୍ତେ ଠାକୁରାଣୀମାନେ ପାଲକୋଣ୍ଡା ସାହିରେ ପରିକ୍ରମା କରିଥାନ୍ତି। ଗାଁର ମୁଖିଆକୁ ଡ଼ାକି କହିଥାନ୍ତି ବୁଧବାର ଦିନ ଆମେ ଭଉଣୀମାନେ ମାଁ ଘରୁ ଶାଶୁଘରକୁ ଯିବୁ। ଆମ ଶାଶୁଘରକୁ ସମସ୍ତେ ଆସିବ ଆମର ନିମନ୍ତ୍ରଣ ରହିଲା। ଏହି ପର୍ବ ଚାଲିଥିବା ସମୟରେ କାହା ଘର ତାଲା ବନ୍ଦ ହୁଏ ନାହିଁ କିମ୍ବା ଚୋରୀ ହୁଏ ନାହିଁ ଘର ଖୋଲାଥାଏ। ଲୋକଙ୍କ ବିଶ୍ୱାସ ଠାକୁରାଣୀ ଲୋକମାନଙ୍କ ସାହା ଭରସା ଅଛନ୍ତି। ବୁଧବାର ଦିନ ଠାକୁରାଣୀ ଡ଼ହ ଡ଼ହ ନିଆଁରେ ଚାଲିଥାନ୍ତି। ମାନସିକ ଧାରୀ ବ୍ୟକ୍ତିମାନେ ମାଁଙ୍କ ନାମ ଧରି ନିଆଁରେ ଚାଲିଥାନ୍ତି। ଏହି ସମୟରେ ପୂଜା କରାଯାଏ। ମାଁ ଘରୁ ଶାଶୁଘରକୁ ବୁଢ଼ୀଠାକୁରାଣୀ ଆଠଜଣ ଭଉଣୀଙ୍କ ସାଥିରେ ଯିବା ସମୟରେ ମହିଳାମାନେ ସାଥିରେ ଯାଇ ସ୍ଥାୟୀ ମନ୍ଦିରରେ ଛାଡି ଆସନ୍ତି। କିନ୍ତୁ ଚୈତ୍ରାଇ ଠାକୁରାଣୀ ନିଜ ପୀଠକୁ ଯିବା ସମୟରେ ମହିଳାମାନଙ୍କୁ ବାରଣ ରହିଛି ସାଥିରେ ଯିବା ପାଇଁ ଏପରି କି ବାଉଁଶ ବୁଦା ତଳେ ରହିଥିବା ଖଣ୍ଡାକୁ ପୂଜା କରିବା ପାଇଁ ମଧ୍ୟ ମହିଳାମାନଙ୍କୁ ବାରଣ କରାଯାଇଥାଏ। ଚୈତ୍ରାଇ ଠାକୁରଣୀକୁ କେବଳ ପୁରୁଷ ପୂଜାରୀ ପୂଜା କରିଥାନ୍ତି। ଚୈତ୍ର ମାସରେ ବିଭିନ୍ନ ରୋଗରେ ମଣିଷ ପଡ଼ିଥାଏ। ଚୈତ୍ରାଇ ଠାକୁରାଣୀଙ୍କ ଦୟାରେ ସମସ୍ତେ ବନ୍ୟଜନ୍ତୁ, ରୋଗରୁ ମୁକ୍ତି ପାଇଥାନ୍ତି ବୋଲି ସମସ୍ତଙ୍କର ବିଶ୍ୱାସ ରହିଛି।

କୋଟପାଡ଼, ନବରଙ୍ଗପୁର ଜିଲ୍ଲାରେ ଆମନତ୍ୟମାନେ ଘଣ୍ଟା ପର୍ବ କରିଥାନ୍ତି। ଘଣ୍ଟପର୍ବକୁ ଅମନାତ୍ୟମାନେ ଭିନ୍ନ ପ୍ରକାରେ ପୂଜା କରିଥାନ୍ତି। ଗାଁରେ ଘଣ୍ଟକୁ ପୂଜାରୀ ଓ ତାଙ୍କ

ପରିବାରର ଅନ୍ୟ ଜଣେ ସ୍ତ୍ରୀ ଗାଁ ସାରା ଘଣ୍ଟ ବୁଲାଇଥାନ୍ତି । ଠାକୁରାଣୀ ଓ ପରଦେଶୀ ଦେବୀଙ୍କ ନିମନ୍ତେ ଦୁଇଗୋଟି ନୂଆ କଳସୀ ଅଣାଯାଏ । ଏହି ଦୁଇଟି କଳସୀ ଉପରେ ହଳଦି ବୋଳାଯାଏ । ହଳଦି ବୋଳିବା ପରେ ଗୋଟିଏ କଳସୀରେ ଠାକୁରାଣୀଙ୍କ ରୂପାରେ ତିଆରି ଆଖି ଏବଂ ଜିଭ ଲଗାଯାଏ । ଅନ୍ୟ କଳସୀରେ ପରଦେଶୀ ଦେବୀଙ୍କ ଆଖି ଲଗାଯାଏ ଉଭୟ କଳସୀରେ ରୂପା ମୁକୁଟ ବନ୍ଧଯାଏ । ଏହାପରେ ନଡ଼ିଆ, ଧୂପଦୀପ ଦେଇ କଳସୀ ଦୁଇଟିକୁ ଫୁଲମାଳରେ ସଜ୍ଜିତ କରି ପୂଜା କରାଯାଏ । ପ୍ରଥମେ ପୂଜା ନାୟକ ଘରେ ହୁଏ । ତା'ପର ପୂଜା ପୂଜାରୀ ଘରେ ହୁଏ । ଠାକୁରାଣୀ ଘଣ୍ଟକୁ ପୂଜାରିଣୀ ମୁଣ୍ଡରେ ଧରିଥାନ୍ତି ଏବଂ ପରଦେଶୀ ଠାକୁରାଣୀକୁ ଅନ୍ୟ ଜଣେ ସ୍ତ୍ରୀ ମୁଣ୍ଡରେ ଧରିଥାନ୍ତି । ସେଦିନ ସେମାନେ ଉପବାସ ରହିଥାନ୍ତି ଏବଂ ନୂଆଲୁଗା ପିନ୍ଧନ୍ତି । ପରଦେଶୀ ଘଣ୍ଟ ଏବଂ ଠାକୁରାଣୀ ଘଣ୍ଟ ବଜାଇବା ପୂର୍ବରୁ ବାଜା ଶଙ୍ଖ ଇତ୍ୟାଦି ବାଜେ ତାପରେ ଯାତ୍ରା ଚାଲିଥାଏ ତାପରେ ଜଣେ ଅବିବାହିତା ଝିଅ ନୂଆ କଳସୀରେ ବନ୍ଦନ ଜଳକୁ ଆମ୍ବ ଡ଼ାଳରେ ରାସ୍ତା ସାରା ଛିଞ୍ଚି ଛିଞ୍ଚି ଚାଲିଥାଏ । ଚନ୍ଦନ ଜଳ ରାସ୍ତା ସାରା ପଡିବା ପରେ ଠାକୁରାଣୀ ଘଣ୍ଟ ଏବଂ ପରବେଶୀ ମାଁଙ୍କ ଘଣ୍ଟ ରାସ୍ତା ଉପରେ ଯାଏ ପ୍ରଥମେ ପଣ୍ଡା ଘରକୁ ... ଦୁହେଁ ଯାଇଥାନ୍ତି ସେଠାରେ କୁକୁଡା ଏବଂ ନଡିଆ ପୂଜା ହୁଏ । ତାପରେ ଗାଁ ସାରା ଘଣ୍ଟ ବୁଲି ବୁଲି କୁକୁଡା, ନଡ଼ିଆ, କଦଳୀ ଧୂପଦୀପ ପୂଜା ପାଇଥାନ୍ତି । ଶେଷରେ ମନ୍ଦିରକୁ ଠାକୁରାଣୀ ଏବଂ ପରଦେଶୀ ମା ଯାଇଥାନ୍ତି ସେଠାରେ ଛେଳି, ମେଣ୍ଢା, କୁକୁଡ଼ା ବଳି ଦିଆଯାଏ ଶେଷରେ ଘଣ୍ଟ ଯାତ୍ରା ଶେଷ ହୁଏ । ତାପର ଦିନ ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ପଶୁବଳି ମାଂସ ଆନନ୍ଦରେ ଖାଇଥାନ୍ତି ।



# "ବଣ୍ଡାମାନଙ୍କ "ସୁ ସୁଗିଗେ" ବା ମାଘ ପରବ"

ବଣ୍ଡାମାନଙ୍କ ମାଘପର୍ବକୁ "ସୁସୁଗିଗେ" କୁହାଯାଏ । ଏହି ପର୍ବ ବାରଜଙ୍ଗାର "ଆଣ୍ଡରା" ଗୋଷ୍ଠୀ ତଥା ଆଣ୍ଡ୍ରା ହଲ୍ "ଆରକ୍" ଗୋଷ୍ଠୀ ବଣ୍ଡାମାନେ ପାଳନ କରିଥାନ୍ତି । "ସୁସୁ" ଶବ୍ଦର ଅର୍ଥ ହେଲା ଧାନ ଗୁଣ୍ଡେଇବା ବା ବିକ୍ଷିପ୍ତ ହୋଇପଡିଥିବା ଧାନକୁ ଏକତ୍ରିତ କରିବା । ଏହି ପର୍ବ ପାଳନ କରିବା ବିଷୟରେ ଗୋଟିଏ କିମ୍ବଦନ୍ତୀ ରହିଅଛି । ମୁଦୁଲିଜାତି "ବୁରସୁ "ପାହାଡରେ" ବଣ୍ଡାକ୍" ଅଞ୍ଚଳରେ ମୁଦୁଲିପଡା (ବଡ଼ଗାଁ) ତିଆରି କଲେ । ମୁଦୁଲିପଡ଼ାରେ କିରଶାନ୍ ଗାଦବା ଲୋକମାନେ ଏକତ୍ରିତ ହୋଇ ଋଷବାସ କରିବା ପାଇଁ ଠିକ୍ କଲେ । ସିସାକୁ ଧରଣୀ ପୂଜା କରିବାକୁ ଆମନ୍ତ୍ରଣ କରାଗଲା । ଧଙ୍ଗଡା ମାଝୀକୁ ବଇଦ ପାଇଁ ଡ଼କାଗଲା ସେଠାରେ ଉର୍ବର ଜମି ଓ ଡଙ୍ଗର ରହିଥିବା ଯୋଗୁଁ ମାଣ୍ଡିଆ, ସୁଁଆ ଭଲ ଫସଲ ହେଲା । ଗୋଟିଏ ବର୍ଷ ମାଣ୍ଡିଆ ସୁଆଁ ଫସଲ ହେଲା ନାହିଁ । ଗାଁରେ ଭାଳେଣି ପଡିଲା । ବଡଠାକୁର ଗାଁର ନାୟକ ପୁଜାରୀକୁ ସ୍ୱପ୍ନାଦେଶ ଦେଲେ ବୁର୍କା (ମୁଦୁଲି) ଦାଡିଂମ୍ ଯାଇ ଦାଁ ତୁନ୍ ବାକୁକୁ ସାଥିରେ ଆଣିଲେ ଗାଁରେ ସେ ଧାନ ବିହନ ପୂଜା କରିବ । ସେହି ବିହନକୁ ସମସ୍ତେ ବାଣ୍ଟି ଘର ଧାନ ବିହନ ସହିତ ମିଶାଇ ଜମିରେ ବୁଣିବ, ପହ୍ଲାଧାନ ରୋଇବ । ତା' ଫଳରେ ଧାନ ମାଣ୍ଡିଆ ଅଧିକ ପରିମାଣରେ ଅମଳ ହେବ । ସକାଳେ ବଡ ନାୟକ (ବୁର୍କା ମୁଦୁଲି) ସ୍ୱପ୍ନାଦେଶ କଥା ସମସ୍ତଙ୍କୁ ଗାଁରେ କହିଲା । ବାକୁକୁ ଡାକିବା ପାଇଁ ଦାଁ ଡିମ୍ ଗାଁକୁ ବାହାରିଲା । କିନ୍ତୁ ଜଙ୍ଗଲ ରାସ୍ତାରେ ସେ ବାଟ ଭୁଲିଗଲା । ନିଜ ଗାଁକୁ ପୁଣିଥରେ ଫେରି ଆସିଲା । ଏଥର ବୁର୍କା ମୁଦୁଲି ସାଥିରେ ଗାଁରୁ ନାଗା ଦାଁ ଡିମ୍ ଯିବାକୁ ବାହାରିଲା ବହୁତ କଷ୍ଟରେ ଦୁହେଁ ଦାଁ ଡ଼ିମ୍ ଗାଁରେ ପହଞ୍ଚିଲେ । ବାବୁକୁ ଋଷ କରିବା ପାଇଁ ଜମିକୁ ଯାଇଥିଲା । ଦୁହେଁ ବାକୁକୁ ଡାକିବା ପାଇଁ ଜମିକୁ ଗଲେ ସେଠାରେ ଆଚମ୍ବିତ କଥା ଦେଖିଲେ ବାବୁକୁ ଲଙ୍ଗଳରେ ଗୋଟିଏ ଜୁଆଳିରେ ବଳଦକୁ ବାନ୍ଧି ଅନ୍ୟ ଜୁଆଳିରେ ମହାବଳ ବାଘକୁ ବାନ୍ଧି ଜୁଆଳିରେ ବଡ ନାଗ ସାପକୁ ଦଉଡି ଭାବେ ବାନ୍ଧି ସେଠାରେ ଜମି ନାହିଁ ଋରିଆଡେ ପଥର ପଡିଛି ତାହା ଉପରେ ବାକୁ ଋଷ କରୁଛୁ ଭୟଭୀତ ହୋଇ ବାକୁର ଘରକୁ ଫେର ବୁର୍କା ନାଗା ଦୁହେଁ ଘରେ ଦେଖିଲେ ବାକୁର ସ୍ତ୍ରୀ ପୁଅକୁ ଶୁଆଇ ତାର ସ୍ତ୍ରୀ ପାଣି ଆଣିବାକୁ ଯାଇଛି । ଏହା ସୁବର୍ଣ୍ଣ ସୁଯୋଗ ଭାବି ଦୁହେଁ ବାକୁର ପୁଅକୁ ଚୋରାଇ ଆଣିଲେ ବାକୁର

ସ୍ତ୍ରୀ ପୁଅକୁ ନ ଦେଖି ବାକୁ ପାଖକୁ ଦୌଡ଼ିଗଲା । ସମସ୍ତ କଥା ଶୁଣିବା ପରେ ବାକୁ ପୁଅକୁ ଖୋଜି ଖୋଜି ସ୍ତ୍ରୀ, ବାଘ, ବଳଦ, ନାଗସାପ, ଲଙ୍ଗଳ ସହିତ ବଡ ଗାଁ (ମୁଦୁଲିପଡା)ରେ ପହଞ୍ଚିଲା । ବାକୁଙ୍କୁ ଦେଖି ମୁଦୁଲିପଡାର ଲୋକେ ଆନନ୍ଦିତ ହୋଇ ବାକୁଙ୍କୁ ଠାକୁର ପୂଜକ ଭାବରେ ରହିବାକୁ କହିଲେ । ବାକୁ ବିହନ ଧାନକୁ ଏକାଠି କରି ବଡ଼ଠାକୁରଙ୍କ ପାଖରେ ପୂଜା କଲା । ମୁଦୁଲି ବାକୁଙ୍କୁ ମାଣ ଦେଲା ଏବଂ ତା ସହିତ ମାନ୍ଦ୍ରା ସଞ୍ଜ ଯୋଗକଲା । ସେ ଦିନଠାରୁ ବାକୁର ନାମ ବାକୁନ୍ ମାନ୍ଦ୍ରା ହେଲା । ମୁଦୁଲି କିର୍ଶାନି ବାକୁ ଆଣିଥିବା ଯୋଗୁଁ ସେମାନେ ପରସ୍ପର ମିତ୍ର ବସିଲେ ଏବଂ ଏକାଠି ବସି ଚରୁ ଅନ୍ନ ଖାଇଲେ । ସେଦିନ ଠାରୁ ମାଘ ସୋମବାର ଦିନ ଧାନ ମପାଯାଏ ଏବଂ ବଡ଼ଠାକୁରଙ୍କ ପାଖରେ ମାନ୍ଦ୍ରା ସଂଜ୍ଞା ଧାରୀ ଲୋକେ ପୂଜା କରିଥାନ୍ତି । ଧାନ ବିହନ "ଶୁଗୁକେର୍" ପୂଜା କରିବା ଫଳରେ ଭଲ ଚାଷ ହେଲା । ବାକୁଙ୍କୁ ମୁଦୁଲି ପ୍ରଥମେ ବର୍ତ୍ତମାନ ଶିବ ମନ୍ଦିର ଥିବା "ବୁର୍ ସୁଂ" ପାହାଡରେ ଘର କରି ରହିବା ପାଇଁ ବ୍ୟବସ୍ଥା କରିଥିଲେ । ବାକୁର ବଂଶ ବୃଦ୍ଧି ହେବା ଫଳରେ "ବୁର୍ ସୁଂ" ପାହାଡ ତଳକୁ ଝରଣା କୂଳରେ ସେମାନେ ଦୁଇ ସାହି ତିଆରି କଲେ । ବର୍ତ୍ତମାନ ସେହି ଅଞ୍ଚଳରେ ମାନ୍ଦ୍ରାମାନଙ୍କ ସଂଖ୍ୟା ତିନିଶହରୁ ଉର୍ଦ୍ଧ୍ୱ ଅଟେ । ବାକୁ ଏବଂ ବାକୁର ସ୍ତ୍ରୀ ଗରୁମ୍ ଶାମା (ପାରେଙ୍ଗା ଭାଷା) ରେ କଥା ହେଉଥିଲେ କିନ୍ତୁ ବାକୁର ପୁଅ ବଣ୍ଡା ଭାଷା ରେମଶାମ୍‌ରେ କଥା ହେଉଥିଲା । କାଳକ୍ରମେ ପାରେଙ୍ଗା ଭାଷା ଲୋପ ପାଇଲା ସମସ୍ତେ ବଣ୍ଡା ଭାଷାରେ କଥା ହେଲେ । ଥରେ ବାଘ, ବଳଦ, ନାଗସାପ ଲଙ୍ଗଳକୁ ଚାଷ କରିବାକୁ ନେଇ ଅସୁବିଧାର ସମ୍ମୁଖୀନ ହୋଇଥିବା ଗୋଷ୍ଠୀକୁ ସହାୟତା କଲା । ସେ ଦିନଠାରୁ ଦାଁତିପଡା ଗାଁର ମଙ୍ଗଳ ମାନ୍ଦ୍ରା ନିଜକୁ ପାରେଙ୍ଗା ଭାବରେ ପରିଚିତ କଲା । ତେଣୁ ଆଜିଯାଏ ମଙ୍ଗଳା ମାନ୍ଦ୍ରାର ଘର ସମ୍ମୁଖରେ ବାବୁ ଆଣିଥିବା ଲଙ୍ଗଳ ଜୁଆଳି ରଖାଯାଇ ଅଛି । ତାକୁ ପବିତ୍ର ସ୍ଥାନ ରୂପେ ପୂଜା କରାଯାଉଛି । "ସୁସୁପର୍ବ" ସେଠାରେ ପାଳନ କରାଗଲା । ଏହି ପର୍ବ ଆରମ୍ଭ ପୂର୍ବରୁ ମାନ୍ଦ୍ରା, ମୁଦୁଲି, ବିର୍ଶାନ୍ତି, ଅଙ୍ଗଡା ମାଝି, ସିସା ସମସ୍ତେ ଏକତ୍ର ବସି ପୂଜା ବିଷୟରେ ଆଲୋଚନା କରିଥାନ୍ତି ଏହି ସଭାସ୍ଥଳକୁ "ସୁସୁଲାୟିବେର୍" କୁହାଯାଏ । ପୂଜାରେ ଖର୍ଚ୍ଚ ହେଉଥିବା ଧାନ ଚାଉଳ, ଛେଳି, କୁକୁଡ଼ା କ୍ରୟ ପାଇଁ ବଡ଼ ନାୟକ (ମୁଦୁଲି) ଦାୟିତ୍ୱ ନେଇଥାଏ । ତେଣୁ ବନ୍ଦଗୁଡ଼ା ଗାଁର ମଝି ନାଳ ଜମି ଦୁଇଟିରେ ଧାନ ଚାଷ କରାଯାଏ । ମୁଦୁଲି ପାଟଖଣ୍ଡା ଓଲ୍ଲାଭବ, ବଡନାୟକ ପୂଜା କରିବା, ମାନ୍ଦ୍ରା ଧାନ ବିହନ ପୂଜା କରିବା କିର୍ଶାନି ପୂଜା ଭୋଗ ଚରୁ ଅନ୍ନ "ସରୁଜାଂ" ରାନ୍ଧିବା ଦାୟିତ୍ୱ

ନେଇଥାନ୍ତି । ମୁଦୁଲି ବାରଜାଙ୍ଗାର ମୁଷ୍ଟାଦାର ବା ମୁଠାଦାର ଭାବରେ ମାଦ୍ରାମାନେ ସୁସୁ ପର୍ବର ପୂଜକ ଏବଂ କିରଶାନ୍ ମଧ୍ୟ ପୂଜକ ଏବଂ ବାରିଃ ବା ଚଲାନ୍ ବଂଶାନୁକ୍ରମେ କାର୍ଯ୍ୟ ତୁଲାଇଥାନ୍ତି । ଧାନ ବିହନ "ସୁସୁଜଶେ" ପର୍ବ ମାଘ ମାସର ପ୍ରଥମ ସୋମବାର ଦିନ ୧୧ଟା ସମୟରେ ମୁଦୁଲିପଡା "ମୁନାଙ୍ଗମ୍"ର ମୁଠାଦାର ନାଏକ ଘର ଦାଣ୍ଡରେ "ଆଡାରୁଂ" ମାଣ ମପା ଯାଏ "ସୁସୁ ପର୍ବ"ର ଆରମ୍ଭ ହୁଏ । ଲାୟିବେରିରେ ପ୍ରାୟ ଦିନ ୧୦ଘଣ୍ଟା ମଧ୍ୟରେ "ବାରଜାଙ୍ଗାର୍" ବାରଟି ଗାଁର ପ୍ରତ୍ୟେକ ନାୟକ ନିଜ ନିଜ ଗାଁରୁ ସାଥିରେ କେରଂଗୁ (ଋଉଳ), ସୁଆଁ ଋଉଳ(ରିଗ୍ରିଂ) ଦୁଇ ତିନି କିଲୋ ଆଣିଥାନ୍ତି । ଅନ୍ୟ ଗାଁରୁ ନାୟକମାନେ ସାଥିରେ ମଦ ଆଣିଥାନ୍ତି । ମୁଦୁଲିପଡା ଗାଁର ନାୟକ ବା ମୁଖିଆ ଦାଁତିପଡା ଗାଁକୁ ଯାଇ ମାଦ୍ରା ପୂଜାରୀ ଏବଂ ତାର ସହଯୋଗୀକୁ ସମ୍ମାନ ସହିତ ଡାକି ଆଣିଥାନ୍ତି ବଡ ନାୟକ ଘର ଦାଣ୍ଡରେ ମାଣରେ ଋଉଳ ମପାଯାଏ । ସେଠାରେ ଧୂପ ଦୀପ କୁକୁଡା ଋଉଳ ସଂଗେ ପୂଜା କରି ପ୍ରତ୍ୟେକ ଗାଁର ନାଏକମାନେ ଆଣିଥିବା ଋଉଳକୁ ଦୁଇମାଣ ଲେଖାଏଁ ମାପି ଅଲଗା ରଖାଯାଏ ଅଧିକା ସୁଆଁ ବାଜରାକୁ ସେହି ଗାଁର ଲୋକମାନେ ପରସ୍ପର ମଧ୍ୟରେ ବାଣ୍ଟିଥାନ୍ତି । ବାରଜାଙ୍ଗା ଗାଁରେ ମପାଯାଇ ଥିବା ଶସ୍ୟକୁ ବଡନାୟକ ନିଜ ଘରେ ପେଣ୍ଡମ୍ ପ୍ରସ୍ତୁତ କରି ସମସ୍ତ ଗାଁର ନାୟକ, ଅନ୍ୟ ଗାଁରୁ ଆସିଥିବା ଗଣମାନ୍ୟ ବ୍ୟକ୍ତିମାନଙ୍କୁ ପେଣ୍ଡମ୍ ବାଣ୍ଟିଥାଏ । ପୂଜା ପାଇଁ ଛେଳି (ଗିମେ), କୁକୁଡା (ଗିସିଂ), ଘୁଷୁରି (ଗୁବ୍ବ), ହାଣ୍ଡି (କ୍ଙୁଲ) କିଣିବା ଏବଂ ବାଜାର ବ୍ୟବସ୍ଥା କରିବା ପାଇଁ ସମସ୍ତେ ଲାୟିବେର୍ ବୈଠକରେ ଆଲୋଚନା କରିଥାନ୍ତି । ମାଘମାସ ପ୍ରଥମ ସୋମବାର ଦିନ ୧୦ ଘଣ୍ଟା ସମୟରେ ବଣ୍ଡା ଅଞ୍ଚଳର ସମସ୍ତ ଗ୍ରାମବାସୀ ସଫା ସୁତୁରା ହୋଇ ଲୁଗା ପିନ୍ଧି ପୁରୁଷମାନେ ଧନୁତୀର, ବାଡି, ଟାଙ୍ଗିଆ ଧରି ଏବଂ ଲାଉ ତୁମ୍ୱାରେ ସଲପ, ହାଣ୍ଡିଆ, ପେଣ୍ଡମ ସହିତ ମୁଦୁଲିପଡାର ସୁନାରେମ ଠାକୁରଙ୍କ ବୃକ୍ଷମୂଳେ ଏକତ୍ରିତ ହୁଅନ୍ତି । ମାନ୍ଦ୍ରା ପୂଜକ ସେହିଦିନ ଉପବାସ ରହିଥାଏ । ମୁଦୁଲି କିରସାନି ପୂଜକ ମିଶି ପବିତ୍ର ଅନ୍ନ ସରୁଦଂ ରାନ୍ଧିଥାନ୍ତି ଏଥିରେ ବ୍ୟବହାର ହେଉଥିବା ପାଣି (ଡାକ୍) କାଠ (ସୁଅଁ) କୁ କିରସାନି ବ୍ୟବସ୍ଥା କରେ । ସୁସୁ ପର୍ବରେ ବାଉଁଶପଡା ଗଡାଇଲେ ଓ "ଗୁସୁଂ" ଗାଁର ଲୋକମାନଙ୍କର ଭୂମିକା ରହିଥାଏ । ସୁସୁ ପର୍ବରେ ବଳି ପଡୁଥିବା ଛେଳିକୁ ପ୍ରଥମ ବର୍ଷ ବାଉଁଶପଡ଼ା ଗ୍ରାମର ଲୋକେ ଦ୍ୱିତୀୟ ବର୍ଷ ଗୁସୁଂ ଗାଁର ଲୋକମାନେ ବଳି ଦେଇଥାନ୍ତି । ମୁଦୁଲିପଡାର ମୁଦୁଲି ବୃକ୍ଷର କୋରଡରୁ ମହାପ୍ରଭୁ ପାଟଖଣ୍ଡାକୁ ଓହ୍ଲାଇବା ପରେ ପୂଜା କରାଯାଏ ପୂଜା ପରେ ପୁଣି ଥରେ ସେହି କୋରଡରେ ମୁଦୁଲି ରଖିଦିଏ । ପାଟ ଖଣ୍ଡା ଓହ୍ଲାଇବା ପରେ ମାଦ୍ରା ହଳଦୀ ପାଣିରେ

ଗାଧୋଇ ହଳଦୀ ଚଉଳ, ଧୂପ ଅଣ୍ଡା କୁକୁଡ଼ା ଛେଳି ବଳି ଦେଇ ନୂଆ ଧାନ ବିହନକୁ ମାଣରେ ଦୁଇଥର ମାପି ଥାଏ ଏବଂ ଦୁଇଥର ହାତ ଆଞ୍ଜୁଳିରେ ମାପିଥାଏ ଥରେ ସମସ୍ତ ଧାନକୁ ହାତ ଆଞ୍ଜୁଳାରେ ଧରି ତାକୁ ପୂଜା କଲାପରେ ଉପରକୁ ହାତ ଉଠାଇ ଚାରିଆଡେ ବିଞ୍ଚି ଦେଇଥାଏ । ସେହି ବିଞ୍ଚା ହୋଇଥିବା ଧାନକୁ ସମସ୍ତ ଗାଁର ଲୋକମାନେ ଗୋଟାଇ ଯତ୍ନ ସହକାରେ ନିଜ ନିଜ ଗ୍ରାମକୁ ନେଇ ନିଜର ବିହନ ଧାନ ସହିତ ମିଶାଇ ଜମିରେ ବୁଣିଥାନ୍ତି । ପୂଜାର ଏହି ବିହନ ଧାନକୁ "ସୁମୁକେର୍" କୁହାଯାଏ । ମୁଦୁଲିପଡ଼ାରେ ସୁସୁଗିଗେ ପର୍ବ ଶେଷ ହୋଇଥାଏ । ଏହାପରେ ବାରଜଙ୍ଗ, ଅଣ୍ଡ୍ରାହଲ ଗ୍ରାମ ଗୁଡିକରେ ପୂର୍ବ ନିର୍ଦ୍ଧାରିତ ଦିନ ବାରଗୁଡିକରେ ସୁସୁଗିଗେ ପର୍ବ ହୋଇଥାଏ । ଗୀତ ଗାଇଗାଇ ନାଚିଥାନ୍ତି"

ଚୁଗ ସାତକେ ଥଇ ଗୁଗୁରଡକେ କାଇ
ଟାଂ ଡାକ୍ ସା ଡ଼କେ ବାଇନେ
ସୁସୁମ୍ କେନଂ ଉଡ଼ାଗ କେନଂଡ଼ାୟି
ସୁରଡ କେନାଂ ଡାୟିନେ

ଗୀତ ନାଚ ପରେ ପୂଜାରୀ ଗାଆଙ୍ଗକୁ ତେଲ ଲୁଣ ପିଆଜ ନ ପକାଇ ରାନ୍ଧିଥାଏ । ସେହି ଗାଆଙ୍ଗରୁ ମୁଠାଏ ଦେଇ ନାଚ ହେଉ ଥିବା ସ୍ଥାନରେ ବିଞ୍ଚି ଦେଇଥାଏ ତାପରେ ଗାଁର ଲୋକମାନେ ଶୁଖାଇଥିବା ସମସ୍ତ ଶସ୍ୟକୁ ଏକାଠି କରି ନିଜ ଘରକୁ ନେଇଥାନ୍ତି ସୁସୁପର୍ବ ପରେ ପୁରୁଷ ମାନେ ଜମିକାମ କରିଥାନ୍ତି ।



# ଫଗୁଣ ତାଣ୍ଡାରି ପରବ

କୋରାପୁଟ ଜିଲ୍ଲାରେ ଦୁରୁଆ ଜନଜାତି ବୈପାରୀଗୁଡା, କୁନ୍ଦୁରା, କୋଟପାଡ, ତେନ୍ତୁଳିପଦର ଭାଲୁଗୁଡା, ବାଲିଗୁଡା ବିଭିନ୍ନ ଅଞ୍ଚଳରେ ବାସ କରିଥାନ୍ତି । ଦୁରୁଆମାନେ ହୁଣ୍ଡିମାତା, ବରକାମିନି ମାତା, ମାଉଳି ମାଁ, ପାତଳ ଦେଇ, ବୀରକାମକୁ ପୂଜା କରିଥାନ୍ତି । ଗୁପ୍ତେଶ୍ୱର ନିକଟରେ ବହିଯାଉଥିବା କୋଲାବ ନଦୀର ଅନ୍ୟ ପାଖରେ ରହିଥିବା ଛତିଶଗଡରେ ମଧ୍ୟ ଦୁରୁଆମାନେ ବାସ କରିଥାନ୍ତି । ଫଗୁଣ ତାଣ୍ଡାରି ପର୍ବ ଦୁରୁଆମାନଙ୍କ ସ୍ୱତନ୍ତ୍ର ପର୍ବ ଭାବରେ ପରିଚିତ ହୋଇଥାଏ । ନିଜସ୍ୱ ରୀତି ନୀତିରେ ଏହି ପର୍ବ ପାଳନ କରାଯାଏ । ପ୍ରଥମେ ଦିଶାରୀ ପାଞ୍ଜି ଦେଖି ତିଥି ନିର୍ଦ୍ଧାରିଣ କରେ । ଫଗୁଣ ମାସର ଅମାବାସ୍ୟା ପରେ ତୃତୀୟ ତିଥିରେ ଏହି ପର୍ବ ପାଳନ କରାଯାଏ । ମଦ ପୂଜା ହିଁ ଏହି ପର୍ବର ବିଶେଷତ୍ୱ ରହିଛି । ଆଦିବାସୀମାନେ ବିବାହ, ଶିଶୁର ନାମକରଣ, ମୃତ୍ୟୁଦିବସରେ ମଦ୍ୟ କରିଥାନ୍ତି । ଅନେକ ଆଦିବାସୀ କୁହନ୍ତି - ଆଦିବାସୀମାନେ ମଦ, ରକ୍ତର ବ୍ୟବହାର କରୁନଥିଲେ ଯେତେବେଳେ ନୀଳମାଧବଙ୍କୁ ବିଦ୍ୟାପତି ଚୋରାଇ ନେଇଗଲେ ସେଥିରେ ନୀଳମାଧବ ଶବର ଭକ୍ତଙ୍କ ପୂଜା ପ୍ରାର୍ଥନା ଆଉ ଶୁଣିଲେ ନାହିଁ ସେ ସ୍ଥାନ ଛାଡି ନୀଳମାଧବ ଅନ୍ତଃର୍ଦ୍ଧାନ ହୋଇଗଲେ । ଶବର ରାଜା ନୀଳମାଧବଙ୍କୁ ଅନେକ ପୂଜା କରିବା ପରେ ମଧ୍ୟ ନୀଳମାଧବ ସ୍ୱସ୍ଥାନକୁ ଫେରିଲେ ନାହିଁ । ଏଥିରେ ଶବର ରାଜା ବିଶ୍ୱାବସୁ କ୍ରୋଧିତ ହୋଇଗଲେ, ଶବରମାନଙ୍କ ପୂଜା ପ୍ରାର୍ଥନା ଗ୍ରହଣ କରିବାଯାଏ ଭଗବାନଙ୍କର ପୂଜା ପାଇଁ ରକ୍ତ ଓ ମଦକୁ ବ୍ୟବହାର କରିବା ପାଇଁ ଠିକ୍ କଲେ । ସେହିଦିନ ଠାରୁ ପ୍ରତ୍ୟେକ ଆଦିବାସୀ ସଂପ୍ରଦାୟ ଭଗବାନଙ୍କ ନାମରେ ଆଜି ପର୍ଯ୍ୟନ୍ତ ମଦ, ମାଂସ, ରକ୍ତ ଦେଇ ପୂଜା କରି ଆସୁଛନ୍ତି । ସେମାନେ ଲନ୍ଧା, ପେଣ୍ଡମ, ତେନ୍ତୁଳି, ମହୁଲି, ସଲପକୁ ମଦ ରୂପେ ବ୍ୟବହାର କରିଥାନ୍ତି । ତାଣ୍ଡାରି ପୂଜା ପୂର୍ବରୁ ନୂଆ ମହୁଲ ବଣକୁ ଯାଇ ଦୁରୁଆ ଆଦିବାସୀମାନେ ସଂଗ୍ରହ କରି ରଖିଥାନ୍ତି । ଦୁରୁଆମାନେ କାଠକୁ କାଠରେ ଘଷି ନିଆଁ ବାହାର କରନ୍ତି ସେହି ନିଆଁକୁ ନୂଆ ଚୁଲ୍ଲୀରେ କାଠ ରଖି ଜଳାନ୍ତି । ନୂଆହାଣ୍ଡି ଏବଂ କାଠକୁ କାଠରେ ଘଷି ପ୍ରସ୍ତୁତ ହୋଇଥିବା ନିଆଁରେ ମହୁଲିରୁ ମଦ ପ୍ରସ୍ତୁତ କରାଯାଏ । ସେହି ମଦରେ ତାଣ୍ଡାରି ପର୍ବର ଶୁଭାରମ୍ଭ ହୋଇଥାଏ । ଯୁବକମାନେ ଜଙ୍ଗଲକୁ ଯାଇ ଗୁନ୍‌ମାରି ଗଛକୁ କାଟି ଆଣନ୍ତି । ଏହି

ଗଛକୁ ଗାଁର ମଝି ରାସ୍ତାରେ ପୋତାଯାଏ ଗୁନ୍‌ମାରି ଗଛର ଶାଖା ପ୍ରଶାଖା ରହିଥିଲେ ମଧ୍ୟ ସେଥିରେ ଗୋଟିଏ ହେଲେ ପତ୍ର ନଥାଏ ଗୁନ୍‌ମାରି ଗୋଟିଏ ଥୁଣ୍ଟା ଗଛ । ଦୁରୁଆ ଯୁବତୀ (ଧାଙ୍ଗିଡୀ)ମାନେ ଏହି ଗଛର ଶାଖା ପ୍ରଶାଖାରେ ବିଭିନ୍ନ ପ୍ରକାର ଫୁଲମାଳ ତିଆରି କରି ମଣ୍ଡଣି(ସଜ୍ଜିତ) କରିଥାନ୍ତି । ଏହି ପର୍ବରେ ଯେଉଁ ନୃତ୍ୟ କରାଯାଏ ତାହା ଦଣ୍ଡାହୁଲିଆ ନୃତ୍ୟ ସହିତ ପ୍ରାୟ ସମାନ । ପ୍ରଥମେ ନୃତ୍ୟ ପାଇଁ ବ୍ୟବହୃତ ବାଦ୍ୟ ଯନ୍ତ୍ରକୁ ଗୁନ୍‌ମାରି ଗଛ ମୂଳରେ ଲିପାପୋଛା କରି ରଖାଯାଏ । ବାଦ୍ୟଯନ୍ତ୍ରଗୁଡିକ ହେଲା ଗୟଳ ଶିଙ୍ଗରେ ପ୍ରସ୍ତୁତ ଶିଙ୍ଗା ବାଇଦ, ଟାମକୋ, ବଂଶୀ, ବାଉଁଶକୁ ଦେଢ଼ଫୁଟରୁ ଦୁଇଫୁଟ ଲମ୍ୱାକାଟି ସେଥିରେ ଦଣ୍ଡା ତିଆରି ହୋଇଥାଏ ବାଉଁଶ ଖଣ୍ଡର ଅଧାଯାଏ ଋରି ଫାଳିଆ କରି କଟାଯାଇ ଥିବା ସ୍ୱତନ୍ତ୍ର ବାଦ୍ୟ ଯନ୍ତ୍ର । ଏହି ସମସ୍ତ ବାଦ୍ୟ ଯନ୍ତ୍ରକୁ ଗୁନ୍‌ମାରି ଗଛ ମୂଳେ ରଖାଯାଏ । କାଠରେ କାଠକୁ ଘଷି ପୁଣିଥରେ ନିଆଁ ବାହାର କରାଯାଏ ସେହି ନିଆଁକୁ ଏବଂ ମହୁଲିରୁ ପ୍ରସ୍ତୁତ ମଦକୁ ରଖି ଦିଶାରୀ ଶୁଭ ମୁହୂର୍ତ୍ତ ଦେଖି ଗଛ ମୂଳରେ ପୂଜା କରାଯାଏ । ପୂଜା ହେବା ପରେ ଗାଁର ଯୁବକମାନେ ବିଭିନ୍ନ ଗ୍ରାମକୁ ନୃତ୍ୟ ପରିବେଷଣ ପାଇଁ ଦଳ ଦଳ ହୋଇ ବାହାରିଥାନ୍ତି । ସେମାନେ ନୃତ୍ୟକୁ ଯିବା ପୂର୍ବରୁ ହୁଣ୍ଡି ଦେବତାଙ୍କ ନିକଟରେ ମଦ ଢ଼ାଳି ପୂଜା ପାଠ କରି ଶିଙ୍ଗ ବାଇଦ ବଜାଇ ମୁହଁରେ ରଙ୍ଗବୋଳି, ମୁଣ୍ଡରେ ମୟୁରଚୂଳ ଲଗାଇ ହାତରେ ଦଣ୍ଡାଧରି ପାଦରେ ଘୁଙ୍ଗୁରୁ ବାନ୍ଧି ନୃତ୍ୟ ପାଇଁ ବିଭିନ୍ନ ଗ୍ରାମକୁ ଯାଇଥାନ୍ତି । ସେମାନେ ଯେଉଁ ଗାଁରେ ପହଞ୍ଚିଥାନ୍ତି ସେଠାରେ ଗାଁର ଲୋକମାନେ ସ୍ୱାଗତ କରିଥାନ୍ତି, ତାପରେ ଦାଣ୍ଡରେ ନୃତ୍ୟ ଆରମ୍ଭ ହୋଇଥାଏ । ଗାଁର ଲୋକମାନେ ନାଚଦଳର ପ୍ରତ୍ୟେକ ବ୍ୟକ୍ତିଙ୍କ ଖାଇବା ରହିବା ସୁବିଧା କରିଥାନ୍ତି ଏହା ଫଳରେ ଗାଁ ଗାଁ ମଧ୍ୟରେ ସୁସଂମ୍ପର୍କ ବନ୍ଧୁତା ସ୍ଥାପନ ହୋଇଥାଏ । ଏମାନେ ବିଭିନ୍ନ ଭଙ୍ଗୀରେ ବାଉଁଶ ଦଣ୍ଡାରେ ସ୍ୱତନ୍ତ୍ର ଶବ୍ଦ କରି ଦଣ୍ଡାରେ ଦଣ୍ଡମାରି ନୃତ୍ୟ କରିଥାନ୍ତି । ଦୋଲ ପୂର୍ଣ୍ଣିମା ପରଦିନ ସେମାନେ ନିଜ ନିଜ ଗ୍ରାମକୁ ଆସନ୍ତି କିନ୍ତୁ ଗାଁର ଲୋକମାନେ ସେମାନଙ୍କୁ ଗାଁ ଭିତରକୁ ପ୍ରବେଶ କରିବାକୁ ଦିଅନ୍ତିନାହିଁ ଗାଁ ଲୋକଙ୍କ ବିଶ୍ୱାସ ରହିଥାଏ ଯେ ଏମାନେ ବିଭିନ୍ନ ଗାଁରେ ନୃତ୍ୟ କରିବା ଫଳରେ ଅନ୍ୟ ଗାଁର ଭୂତପ୍ରେତ ନୃତ୍ୟ ଦଳ ସହିତ ଋଲି ଆସିଥାନ୍ତି ତେଣୁ ନୃତ୍ୟ ଦଳକୁ ପ୍ରଥମେ ମଦ ପିଇବାକୁ ଦିଆଯାଏ ସେମାନେ ମଦପିଇ ମାତାଲ ହୋଇ ଦିନସାରା ଗାଁ ବାହାରେ ନାଚୁଥାନ୍ତି ସୂର୍ଯ୍ୟାସ୍ତ ପରେ ନୃତ୍ୟ ଦଳ ନାଚି ନାଚି ଗାଁ ଭିତରକୁ ପ୍ରବେଶ କରିଥାନ୍ତି । ଗୁନମାରି ଗଛ ମୂଳେ ଆଣିଥିବା ସମସ୍ତ ବାଦ୍ୟ ଯନ୍ତ୍ର ନୃତ୍ୟ ଦଳ ରଖି ଦିଅନ୍ତି

ତାହା ସେଠାରେ ପୂଜା କରାଯାଏ । ଗୁନ୍‌ମାରି ଗଛ ମୂଳେ ନଡ଼ିଆ ମଦ ଭୋଗ ଲାଗେ । କୁକୁଡ଼ା, ଛେଳି, ମେଣ୍ଢା, ଘୁଷୁରୀ ବଳି ଦିଆଯାଏ । ଦିଶାରୀ ପୂଜା ପରେ ସମସ୍ତଙ୍କୁ ମାଣ୍ଡିଆରେ ତିଆରି ମଦ, ଲନ୍ଦା, ପେଣ୍ଡମ ପିଇବାକୁ ସମସ୍ତ ନୃତ୍ୟଦଳଙ୍କୁ ଦିଏ ଲୋକମାନେ ସେଠାରେ ଏକତ୍ର ହୋଇ ରାତିରେ ମଦ ଓ ମାଂସ ଭୋଜି କରି ଖାଇଥାନ୍ତି ରାତି ସାରା ନାଚ ହୋଇଥାଏ । ପାହାନ୍ତିଆରେ ସୂର୍ଯ୍ୟୋଦୟ ପୂର୍ବରୁ ନୃତ୍ୟଦଳରେ ଭାଗ ନେଇଥିବା ସମସ୍ତ ଯୁବକ ଗୁନ୍‌ମାରି ଗଛକୁ କାନ୍ଧେଇ କୋଲାବ ନଦୀ ନିକଟକୁ ଯାଇଥାନ୍ତି, ସେଠାରେ ଦିଶାରୀ ପୂଜା କରିଥାଏ । ସେଠାରେ ଚରୁଭାତ ଦିଶାରୀ ରାନ୍ଧିଥାଏ, ନିତିଆ ଧୂପଦୀପ ମଦ ଓ ଚରୁଭାତକୁ ଏବଂ ସମସ୍ତ ବାଦ୍ୟଯନ୍ତକୁ ଗୁନ୍‌ମାରି ଗଛ ତଳେ ରଖି ଦିଶାରୀ ପୁଣି ଥରେ ପୂଜା କରି ମଦ ପ୍ରତ୍ୟେକ ବାଦ୍ୟ ଯନ୍ତରେ ଢ଼ାଳାଯାଏ । ପୂଜା ସରିବା ପରେ ନୃତ୍ୟ ଦଳ ସମସ୍ତ ବାଦ୍ୟଯନ୍ତ୍ର ଏବଂ ଗୁନ୍‌ମାରି ଗଛକୁ କାନ୍ଧରେ ନେଇ ନାଚିନାଚି ଗୀତ ଗାଇଗାଇ ସଲପ ପିଇ କୋଲାବ ନଦୀରେ ବିସର୍ଜନ କରି ଘରକୁ ଫେରିଥାନ୍ତି, ଗାଁରେ ସେମାନଙ୍କୁ ସମ୍ମାନ କରାଯାଏ ପୁଣି ଥରେ ଭୋଜି ଭାତ କରାଯାଇ ଭବ୍ୟସମ୍ବର୍ଦ୍ଧନା ଜଣାଯାଇ ତାଣ୍ଡାରି ପର୍ବ ଶେଷ ହୋଇଥାଏ ।

***



# ବଜାର ପରବ

ବଜାର ପର୍ବ ଭତ୍ରା ସମାଜର ଏକ ନିଆରା ପର୍ବ। ଏହି ପର୍ବ ନବରଙ୍ଗପୁର ଜିଲ୍ଲାର ଡାବୁଗାଁ, ପାପଡ଼ାହାଣ୍ଡି, କୋଷାଗୁମୁଡା, ଝରିଗାଁ, ତେନ୍ତୁଳିଖୁଣ୍ଟି ବ୍ଲକରେ ପାଳନ କରାଯାଏ। କୋରାପୁଟ ଜିଲ୍ଲାର କୁନ୍ଦୁରା ବ୍ଲକରେ ଜିରାଗୁଡା, ହେରଗୁଡା, ସାଗରଗୁଡା, ଛାଞ୍ଚଡ଼ାଗୁଡ଼ାରେ ଅଧିକ ପରିମାଣରେ ଭତ୍ରାଲୋକ ବାସକରନ୍ତି। ଏମାନଙ୍କ ଧର୍ମ, ପୂଜାପର୍ବ, ଧର୍ମଧାରଣା ଅନ୍ୟ ଆଦିବାସୀମାନଙ୍କ ଠାରୁ ଉନ୍ନତ। ଏମାନେ ନିଜ କଥିତ ଭାଷାରେ ଓଡ଼ିଆ ଭାଷାର ବ୍ୟବହାର କରିଥାନ୍ତି। ଭତ୍ରା ସମାଜରେ ଗାଁର ମୁଖିଆକୁ ନାୟକ କୁହାଯାଏ। ସେ ଗାଁର ଯାନିଯାତ୍ରା ପ୍ରଭୃତି କରିଥାନ୍ତି। ତାଙ୍କର କଥାକୁ କେହି ଅମାନ୍ୟ କରନ୍ତି ନାହିଁ। ଭାତ ନାୟକ ମୁଖ୍ୟତଃ ପୂଜାରୀ ସଂପ୍ରଦାୟର। ଗାଣ୍ଡା ଗାଁ ଗାଁ ବୁଲି ବେହରଣ ପୂଜା ଯାତ୍ରା ଯାନି ବିଷୟରେ ଗାଁ ଲୋକଙ୍କୁ ସୂଚିତ କରିଥାଏ। ଚଲାଣ ରାଜସ୍ୱ ଆଦାୟ କରିବା ସମସ୍ତ କାର୍ଯ୍ୟ କରିଥାଏ। ପୂଜାରୀ ପବିତ୍ର ଭାବରେ ନିଜକୁ ସଜ୍ଜିତ କରି ଗାଁର ଦେବାଦେବୀ ପୀଠରେ ପୂଜା କରି ଗାଁ ବାସୀଙ୍କ ମଙ୍ଗଳାକାମନା କରି ପୂଜାକରେ। ଦିଶାରୀ ପାଞ୍ଜି ଦେଖି ପୂଜାପର୍ବର ଯୋଗ ଦେଖି ତିଥିବାର ଜଣାଏ। ଶିରା (କାଳସୀ)ର ଶରୀର ଭିତରକୁ ଦେବତା ଆସେ। ମନ୍ତ୍ର ଉଚ୍ଚାରଣ କରି ସେ ଚିତ୍କାର କରି ଦୋହଲି ଦୋହଲି ମଣିଷ ଭିତରେ ଥିବା ଡୁମାକୁ ବାହାର କରେ। ଗୁରୁମାଇ ଶିରାମାନେ ଯାହା କରିପାରନ୍ତି ନାହିଁ ଗୁରୁମାଇମାନେ ସେ କାମ କରିଥାନ୍ତି। ଗୁଣିଆମାନେ ଲୋକଙ୍କ ହିତପାଇଁ କାମ କରିଥାନ୍ତି।

ବଜାର ପର୍ବ ପୂର୍ବରୁ ଫାଲ୍‌ଗୁନ ମାସର ପୂର୍ଣ୍ଣିମା ପରେ ଜିରାଗୁଡା ଗ୍ରାମର ଭତରାମାନେ ପୂଜାରୀ ନାୟକ, ଗାଣ୍ଡା, ଚଲାଣ ଭାତନାୟକ ଦିସାରା, ଶିରା ଗୁରୁମାଇ ଏକାଠି ପର୍ବର ଦିନବାର ଠିକ୍ କରନ୍ତି ଯେଉଁ ସମସ୍ତେ ଏକତ୍ରିତ ହୋଇାନ୍ତି ସେ ସ୍ଥାନକୁ ବେହରଣ ବା ବେରଣ କୁହାଯାଏ। ଚୈତ୍ର ମାସର ମଙ୍ଗଳବାର ଦିନ କିମ୍ବା ଶନିବାର ନିନ ପାଞ୍ଜି ଦେଖି ଦିସାରୀ ଦିନବାର ଠିକ୍ କରେ। ବେରଣରେ ଚାନ୍ଦା କେତେ ଆଦାୟ ହେବ ପୂଜା ପାଇଁ ପୂଜା ସାମଗ୍ରୀ ଛେଳି, ପାରା, କୁକୁଡା କିଣାଯିବ ସେ ସମସ୍ତ ଦାୟିତ୍ୱ ନାୟକ ନେଇଥାନ୍ତି। ଗାଣ୍ଡା ପୂଜା ସମୟ ସ୍ଥିର ପରେ ଗାଁ ସାରା ବୁଲି କାର୍ଯ୍ୟକ୍ରମ ସ୍ଥିର

କରିବା ବିଷୟରେ ସମସ୍ତ ବିବରଣୀ ଲୋକମାନଙ୍କୁ ଜଣାଇ ଦିଏ । ଏହି କାର୍ଯ୍ୟ ପାଇଁ ଗାଁ ଲୋକମାନେ ଧାନ, ଚାଉଳ, ବିରି, ମାଣ୍ଡିଆ, ପଇସା ଗାଣ୍ଡାକୁ ଦେଇଥାନ୍ତି । ପୂଜାର ପୂର୍ବଦିନ ଗାଁ ଠାକୁରାଣୀଙ୍କ ମନ୍ଦିର ଲିପାପୋଛା ହୋଇଥାଏ । ଗାଁ ଦେବୀଙ୍କ ଲାଠି ପ୍ରସ୍ତୁତ କରାଯାଏ । ଲାଠି ବିଭିନ୍ନ କପଡା ସୁସଜ୍ଜିତ ବାଉଁଶ ଲାଠି ତାକୁ ମନ୍ଦିର ଚୂଡ଼ା (ଚୂଳ)ରେ ବାନ୍ଧି ଦିଆଯାଏ । ପୂଜା ଦିନକୁ "ସେବାବାଟ" କୁହାଯାଏ । ପୂଜାରୀ ପରଦିନ ଶ୍ୱେତ ବସ୍ତ୍ର ପିନ୍ଧି ଶୁଦ୍ଧ ପବିତ୍ର ମନରେ ସକାଳ ଏଗାରଟା ସମୟରେ ଫୁଲ, କ୍ଷୀର, ଦୀପ, ଧୂପ, ନଡ଼ିଆ, କଦଳୀ, କୁକୁଡା, ପାରା ଧରି ଗ୍ରାମଦେବୀ ମା ଠାକୁରାଣୀ ପାଖରେ ପହଞ୍ଚିଯାଏ । ତା'ପରେ ଦିସାରୀ, ଚନ୍ଦନ, ଘିଅ, ଗୁଡ଼, ବେଲପତ୍ର ଖଇ ମୁଆଁ ନେଇ ପହଞ୍ଚିଯାଏ । ଗ୍ରାମଦେବୀଙ୍କ ଆସ୍ଥାନ ସମ୍ମୁଖରେ ବାନା ତିଆରି କରାଯାଏ । ବାନା ହେଉଛି ବିଭିନ୍ନ ରଙ୍ଗର ମୁରୁଜ ସହିତ କଳାଗୁଣ୍ଡ ଏବଂ ଚାଉଳକୁ ଚୂନା ମିଶାଇ ଥିବା ମୁରୁଜ । ତା'ପରେ ସମସ୍ତ ପୂଜା ସାମଗ୍ରୀକୁ ପୂଜାରୀ (ଦିସାରୀ) ରଖିବ । ଠାକୁରାଣୀଙ୍କ ସମ୍ମୁଖରେ ଝୋଟି ଉପରେ ଧୂପ, ଦୀପ, କଦଳୀ, ନଡ଼ିଆ, ଖଇ ମୁଆଁ ପାଞ୍ଚଟା ରଖିବା ପରେ ଖଇମୁଆଁ ଉପରେ ବେଲପତ୍ର ଏବଂ ଚାଉଳ ରଖାଯାଏ । ତା' ଉପରେ କ୍ଷୀର ପକାଯାଏ । ଆଧାର ଭୋଗ ଆଗରୁ ପ୍ରସ୍ତୁତ କରି ରଖାଯାଇଥାଏ । ଆଧାର ଭୋଗ କଦଳୀ, କ୍ଷୀର, ଗୁଡ଼, ମହୁ, ଲିଆରେ ପ୍ରସ୍ତୁତ ଭୋଗ । ସେହି ଆଧାର ଭୋଗକୁ ପୂଜାରୀ ଏବଂ ଦିସାରୀ ଏକତ୍ର ମିଶ୍ରଣ କରି ହାତରେ ଚକଟି ଗୋଲ ଗୋଲ ବା ତିନିକୋଣିଆ ମୁହାଁ ତିଆରି କରି ଶିଆଳୀ ଦନାରେ ରଖିବ ଏହାକୁ "ଆଧାର ଚକୁଳି" କୁହାଯାଏ । ପୂଜା ପ୍ରସ୍ତୁତି ପର୍ବ ଶେଷ ହେଲା ପରେ ପୂଜାରୀ ମନ୍ତ୍ର ଉଚ୍ଚାରଣ କରିବେ, ମାଙ୍କ ପାଖରେ ସ୍ତୁତି ପଢ଼ିବେ, ଜଣାଣ ଗାଇବେ । "ଲିଙ୍ଗରାଜ ବାହାବନି ଗୁପତ ଶରଣୀ ବାଘମା ଦେବତା" ଅଧାଘଣ୍ଟା ମନ୍ତ୍ର ପଢ଼ିଲା ପରେ କହିବେ ମା ଆମେ ରାସ୍ତାରେ ଯାଉଥିବୁ ଭଲ ମନ୍ଦରେ ସହାୟ ହୁଅ, ତୁମକୁ ବଳୀ ଦେଲୁ ହାତଗୋଡ଼ ଭଲ ରଖ । "ଅନ୍ଧରି ବନକୁ ବଲିବନି ମାରିଲୁ ବାସଚନ୍ଦନ ଛନ୍ଦନା ଗାଇଲୁ ବନ୍ଦନା ଗାଇଲୁ ଛାଡ଼ିଲା ଦେବୀ ବନ୍ଧନ ସବୁର ଜନ ଖୁଟ ପଲାସେ ରାହୁର ଜନମ ଗାଛେ କେତେ ଦୋହରିବି ଦେବୀ ଦେବତା ସବୁ ଦେବ ସାକ୍ଷୀ ଅଛେ" । ମାଙ୍କୁ ପୁଣି ଥରେ ବନ୍ଦନା ଗାଇ କହୁଥାନ୍ତି । ଗାଁ ଓ ଦେଇ ମାତା କଙ୍କାଳ ଦେବତା, ବୁଢ଼ୀ ଠାକୁରାଣୀ, ବଞ୍ଜନାରନି ମାତା ସାତ ଭଉଣୀ ଭୀମା ବିଭିଷନ, ବାମନ ଦେଇ, ପାଟ ଦେବତା, ବାବୁ ବଉଁରିଆ ବୀର ଜାହାର ଜାହାର ସୋନା ଦେଇଗୋ ଆଜ ମତେ ରକ୍ଷାକର ଭୋଗ ଦିଅ ମାଇ ତାଲି ଓ ତିବି ନବସରେ ପୂଜାଦେବି । ଏମିତି ଭାବରେ ଶ୍ରୁତି

ଓ ଇଣାଣ କରି ଗାଁର ଲୋକମାନଙ୍କ ହିତହେଉ ବୋଲି ପୂଜା କରିବ । ପୂଜା ସରିବା ପରେ ଗାଁର ସମସ୍ତ ଏକତ୍ରିତ ହୋଇ ହାତରେ କ୍ଷୀରମିଶା ଚାଉଳ ଦେବୀଙ୍କ ମସ୍ତକରେ ପକାଇବେ । ତା'ପରେ ସାଥିରେ ଆଣିଥିବା କୁକୁଡାକୁ ଚାଉଳ ଖୁଆଇବେ । ପ୍ରତ୍ୟେକ ଲୋକ କହୁଥିବେ "ତୁ ଯଦି ମାଁ ସତଥିବୁ ତେବେ କୁକୁଡା ଚାଉଳ ଖାଇ ଦେବ" । ତା'ପରେ କୁକୁଡା ଚାଉଳ ଖାଇଲା ପରେ ଦେବୀ ନିକଟରେ ବଳୀ ଦିଆଯିବ । ଶେଷରେ ମେଣ୍ଢାକୁ ସିନ୍ଦୁର, ଚନ୍ଦନ, ଫୁଲମାଳ ବେକରେ ଦେଇ ପୂଜା କରାଯିବ । ତା'ପରେ ମେଣ୍ଢାକୁ ବଳୀ ଦିଆଯିବ । ବଳୀପରେ ପୂଜା ଶେଷ ହୋଇଥାଏ । ଗ୍ରାମର ଲୋକମାନେ ଏକତ୍ରିତ ହୋଇ ମାଂସ ଭାତ ଖାଇ ନାଚଗୀତ କରି ରାତି ସାରା ଆନନ୍ଦ ଉଲ୍ଲାସରେ ଆବାଳ ବୃଦ୍ଧ ବନୀତା ସମସ୍ତେ ସାଇଲୋଡି ଗୀତଗାଇ ରାତ୍ରି କଟାଇ ବଜାର ପର୍ବ ଶେଷ କରିଥାନ୍ତି ।

***



# ଜୟପୁରର ରଥଯାତ୍ରା

ଜୟପୁର – ପ୍ରାକୃତିକ ସୁଷମାମଣ୍ଡିତ ଓ ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ଧରିତ୍ରୀ, ବିଶାଳ ଜଳରାଶିର ଉତ୍ସ ଜଗନ୍ନାଥ ସାଗର, ସତୀ ପର୍ବତ (ନାକଟି ଡ଼ଙ୍ଗର) ଧାତୁ ପଥର ଗଡାଘର ବଣ୍ଡାମାଳି (ମାଳି ପର୍ବତ) ଯେଉଁଠି ରହିଛି ସୂର୍ଯ୍ୟକାନ୍ତ, ଚନ୍ଦ୍ରକାନ୍ତ, ଇନ୍ଦ୍ରନୀଳ ମଣିର ଅମୂଲ୍ୟ ଧାତୁ । ବଣ୍ଡାମାଳି ପର୍ବତ ମହେନ୍ଦ୍ର ପର୍ବତମାଳାକୁ ସୂର୍ଯ୍ୟ ବରୁଣ ଯାହାକି ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରାଣ କେନ୍ଦ୍ର । ମହାରାଜ ବିକ୍ରମ ଦେବଙ୍କ ସମୟରେ ଏହି ସହରରେ ଶିକ୍ଷା, ସଂସ୍କୃତି, ଯାନିଯାତ୍ରାର ଉନ୍ନତି ଘଟିଥିଲା । ଜଗନ୍ନାଥ ମନ୍ଦିର ତଥା ଶ୍ରୀ ବଲ୍ଲଭ ନାରାୟଣଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ନାରାୟଣ ମନ୍ଦିରର ଫଳକରେ ଲିଖିତ ଅଛି – ଶ୍ରୀ ବଲ୍ଲଭ ନାରାୟଣ, ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା । ବିଜୟନ୍ତେ ଶ୍ରୀ ଶାଳି ବାହନ ଶତାବ୍ଦୀ ୧୮୩୫ ପିଙ୍ଗଳ ନାମ ସମ୍ବତ୍ସର ଜ୍ୟେଷ୍ଠ ଶୁକ୍ଳ ଦଶମୀ ଗୁରୁବାର ଇଂରାଜୀ ୧୯୧୫ ମସିହା ମଇ ୩୧ ତାରିଖରେ ଏହି ଶ୍ରୀ ବଲ୍ଲଭ ନାରାୟଣ ମନ୍ଦିର ନିର୍ମାଣ ପୂର୍ଣ୍ଣ ହେଲା । ଶ୍ରୀ ମହାନ ରାଜା, ମନ୍ଦିର କରାୟିତ ସହ, ଶ୍ରୀ ବିକ୍ରମଦେବ ବାହାଦୂର, କେ.ସି.ଆଇଇ ଜୟପୁର ସମସ୍ଥାନ ନିର୍ମାଣ କର୍ମ ସମୀକ୍ଷକ ଲିଙ୍ଗରାଜ ପାତ୍ର ।

ଏହି ଫଳକରୁ ଅନୁମାନ କରାଯାଏ ରାଜାଙ୍କ ଅମଳରୁ ରଥଯାତ୍ରା ଆରମ୍ଭ ହୋଇଥିଲା । ରଥଯାତ୍ରା ବେଳେ ପିଲାମାନେ କାଠ ହାତୀ ଖେଳୁଥିଲେ ସେଥିରେ ପଟାଥାଏ । ପଟାତଳେ ୪ଟି ଚକ ଲାଗିଥାଏ ଯାତ୍ରାରେ ପିନ୍ଧିବା ପାଇଁ ରାଜାଙ୍କ ଘରୁ ରାଜ ପରିଷଦଙ୍କ ଘରକୁ ସୁନାର ଅଳଙ୍କାର ପଠାଯାଏ । ପରିଷଦର ମହିଳାମାନେ ସେହି ଅଳଙ୍କାର ପିନ୍ଧି ଯାତ୍ରା ଦେଖିବାକୁ ଆସନ୍ତି । ଯାତ୍ରା ସରିଗଲେ ସେମାନେ ସମସ୍ତ ଅଳଙ୍କାର ରାଜ ଦରବାରକୁ ଫେରାଇ ଦେଇଥାନ୍ତି । ଜୟପୁର ମହାରାଜା ପୁରୀ ମହାରାଜଙ୍କର ଅନୁଗତ ଥିଲେ ଏବଂ ତାଙ୍କୁ ସମ୍ମାନ କରୁଥିଲେ । ପୁରୀରୁ ଆଜ୍ଞା ନେଇ ଜୟପୁର ରାଜା ରଥଯାତ୍ରା ଆରମ୍ଭ କରିଥିଲେ । ସ୍ନାନପୂର୍ଣ୍ଣମା ଦିନ ସକାଳୁ ସେବାୟତମାନେ ମନ୍ଦିର ଭିତରେ ଥିବା କୂଅରୁ ୧୦୮ ରୂପା ଗରାରେ ପାଣି ସଂଗ୍ରହ କରିଥାଆନ୍ତି । ଠାକୁରଙ୍କ ନୀତି ନିୟମ ସରିବା ପରେ ରାଜା ସୁସଜ୍ଜିତ ହାତୀରେ ବସି ଶଙ୍ଖ, ମହୁରୀ, ଢ଼ୋଲ ଏବଂ ପଟୁଆର ସହ ଜଗନ୍ନାଥ ମନ୍ଦିରରେ ପ୍ରବେଶ କରିବା ପରେ ସ୍ନାନ ପୂର୍ଣ୍ଣମା କାର୍ଯ୍ୟ ଆରମ୍ଭ ହେଉଥିଲା । ପୁରୀରେ ସ୍ନାନ ପୂର୍ଣ୍ଣମା ପରେ ଠାକୁର ଅଣସର ଘରକୁ ଯାଇଥାନ୍ତି ଭକ୍ତମାନେ ଅଲାରନାଥଙ୍କୁ ଦର୍ଶନ କରିବା ପାଇଁ ଯାଇଥାନ୍ତି, ସେହିପରି ଜୟପୁରରେ ଭକ୍ତମାନେ ଜଗନ୍ନାଥ ମନ୍ଦିର

ପରିସରରେ ରହିଥିବା ଶ୍ରୀ ବଲ୍ଲଭ ନାରାୟଣଙ୍କୁ ଦର୍ଶନ କରିଥାନ୍ତି । ରାଜାଙ୍କ ଅମଳରେ ରାଜାଙ୍କ ଆଦେଶ କ୍ରମେ ଆଖ ପାଖ ଅଞ୍ଚଳରୁ ଆଦିବାସୀମାନେ କାଠ ସଂଗ୍ରହ କରି ବୈଶାଖ ମାସ ଶୁକ୍ଲପକ୍ଷ ଅକ୍ଷୟ ତୃତୀୟା ଦିନ ଜୟପୁରରେ କାଠ ସହ ପହଞ୍ଚିଥାନ୍ତି ସେହି ଦିନ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ । କାଠ ଆଣିଥିବା ଆଦିବାସୀମାନଙ୍କୁ ରାଜା ରଥଯାତ୍ରା ଦିନ ଶାଢ଼ୀ ବାନ୍ଧନ୍ତି ଏବଂ ଇନାମ ଆକାରରେ ରୂପା ଟଙ୍କା ଦେଇଥାନ୍ତି । ଆଷାଢ଼ ଶୁକ୍ଲପକ୍ଷ ଅମାବାସ୍ୟା ତିଥିରେ ନେତ୍ର ଉତ୍ସବ ପାଳନ କରାଯିବା ସମୟରେ ମନ୍ଦିରରୁ ବାଜାବାଜଣା ପଟୁଆର ସହିତ ନେତ ନେଇ ରଥ ଉପରେ ଚଢ଼ାଯାଏ । ରାଜା ରଥ ଚୂଳରେ ନେତ ବନ୍ଧାଳିକୁ ନୂତନ ଧୋତି ଏବଂ ରୂପା ଟଙ୍କା ଦେଇ ସମ୍ମାନ କରନ୍ତି । ପୂର୍ବକାଳରେ ରଥ ଟାଣିବା ପାଇଁ ବ୍ୟବହୃତ ଶିଆଳି ଦଉଡିକୁ ଲୋକମାନେ ସଂଗ୍ରହ ରଜି ମୋଟା ଦଉଡି ତିଆରି କରୁଥିଲେ ରଥର ଦୁଇ ପଟେ ବନ୍ଧାଯାଉଥିବା ଶିଆଳି ଦଉଡି ମଝିରେ ୨ଫୁଟରୁ ୪ ଫୁଟ ବ୍ୟବଧାନରେ ଶାଳ କାଠ ଦିଆଯାଉଥିଲା ରଥକୁ ୪ଜଣ ହାତୀ ରଥକୁ ଟାଣୁଥିଲେ ରଥ ନିର୍ମାଣ ସମୟରେ ମହାରଣା ପ୍ରଥମେ ଆସି ଅଖକୁ ଶୁଭଦିଅନ୍ତି, ରାଜ ପୁରୋହିତ ସେଠାରେ ପୂଜାର୍ଚ୍ଚନା କଲାପରେ ଅଖକାମ ଆରମ୍ଭ ହୁଏ, ପ୍ରତିପଦା ଦିନ ରଥରେ ଧ୍ୱଜା ବନ୍ଧାଯାଏ, ରଥରେ ଦଧିନଉତି ବସାଇବା ପରେ ରଥର ସମସ୍ତ କାମଶେଷ ହୁଏ । ଶୁକ୍ଲ ଦ୍ୱିତୀୟା ଦିନ ପହଣ୍ଡି ବିଜୟ ଯାତ୍ରା ଆରମ୍ଭ ହୁଏ । ମନ୍ଦିର ମଧ୍ୟରେ ବିଧି ପୂର୍ବକ ତିନି ଠାକୁର ବା ସ୍ନାନଦି ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ ପରେ ଦଇତାପତିମାନେ ପ୍ରଥମେ ଶଙ୍ଖ, ଘଣ୍ଟ, ମୃଦଙ୍ଗ, କାହାଳି ଧ୍ୱନିରେ ରଥ ଉପରେ ଗୀତ ଗାଇଗାଇ ଠାକୁରଙ୍କୁ ପହଣ୍ଡି ବିଜେ କରିଥାନ୍ତି । ସାମନ୍ତରା ସାହିର ସମସ୍ତ ଲୋକମାନେ ଜଗନ୍ନାଥ ମନ୍ଦିରରୁ ଠାକୁର ବାହାରିବା ଠାରୁ ରଥରେ ବିଜୟ ପର୍ଯ୍ୟନ୍ତ ରାସ୍ତାସାରା ପୂଜାର୍ଚ୍ଚନା କରିଥାନ୍ତି ଗଗନ ପବନ ହୁଳହୁଳି ଶଙ୍ଖଧ୍ୱନିରେ ମୁଖରିତ ହୋଇଉଠେ । ଦଇତା ପତିମାନେ ପହଣ୍ଡି ବିଜେ ବେଳେ ଗାଇଥାନ୍ତି ।

"କରନ୍ତି ନେତ୍ର ଉତ୍ସବ କମଳାସାଇଁ
କରନ୍ତି ଦର୍ଶନ ସର୍ବେ ଦେବତା ରହି
କମଳେ ଭୁଜେ ଶଙ୍ଖ ଚକ୍ର ବିରାଜେ
କରନ୍ତି ଦର୍ଶନ ସର୍ବେ ଦେବତା ରହି"

ଦଇତା ପତିମାନେ 'କ' ଅକ୍ଷର ଠାରୁ 'ପ' ଅକ୍ଷର ପର୍ଯ୍ୟନ୍ତ ଗୀତ ଗାଇ ଚଳନ୍ତି

ପ୍ରତିମାଙ୍କୁ ପହଣ୍ଡି ବିଜେ କରିଥାନ୍ତି । ପହଣ୍ଡି ବିଜେ ସମୟରେ ବ୍ରହ୍ମାସାହି, ଡେରାସାହି, ସାମନ୍ତରାସାହି, ଲାଲସାହିର ଲୋକମାନେ ଅଂଶଗ୍ରହଣ କରିଥାନ୍ତି । ବିଗ୍ରହମାନଙ୍କୁ ସୁନାରୀ ଦଇତା ପତିମାନେ ଏକତ୍ର ହୋଇ ତିନି ଠାକୁରଙ୍କୁ ଗୀତ ଗାଇଗାଇ ରଥର ଚାରିପଟେ ପରିକ୍ରମଣ କରିବା ପରେ ଚଳନ୍ତି ପ୍ରତିମାଙ୍କୁ ରଥାରୋହଣ କରିଥାନ୍ତି । ରଥରେ ଉପବିଷ୍ଟ ଦେବତାମାନଙ୍କର ବସ୍ତ୍ର ପରିବର୍ତ୍ତନ ହୁଏ ଏବଂ କଳେବର ଫୁଲମାଳରେ ମଣ୍ଡିତ ହୋଇଥାଏ । ରଥଯାତ୍ରାର ଏକ ପରମ୍ପରା ହେଉଛି "ପାଟା" । ଅନ୍ୟଶବ୍ଦରେ ଏହାକୁ ଟେଣ୍ଡର ବା ଆଦାୟ କୁହାଯାଏ । ରଥ ଉପରକୁ ଠାକୁରମାନେ ଆସିବା ପୂର୍ବରୁ "ପାଟା" ଡକାଯାଏ । ସୁନାରୀ ସାହି ଓ ସାମନ୍ତରାସାହି ମଧ୍ୟରୁ ଯେ କୌଣସି ଗୋଟିଏ ସାହି ପାଟା ନେଇଥାନ୍ତି । ପାଟା ନେଇଥିବା ସାହିର ଦଇତା ପତିମାନେ ସେହି ବର୍ଷ ରଥ ଉପରେ ପୂଜା କରିଥାନ୍ତି ପୂଜା ସମୟରେ ଆଦାୟ ହେଉଥିବା ନଡିଆ, କଦଳୀ, ଦକ୍ଷିଣାକୁ ପାଟାନେଇଥିବା ସାହିର ଲୋକ ନେଇଥାନ୍ତି । ସେହିଦିନ ଠାକୁରମାନେ ରଥ ଉପରେ ରହିଥାନ୍ତି । ରାତିପ୍ରାୟ ବାରଟା ପର୍ଯ୍ୟନ୍ତ ରଥରେ ପୂଜାର୍ଚ୍ଚନା ହେଉଥାଏ । ପାଟା ନେଇଥିବା ଲୋକମାନେ ପୂଜାର୍ଚ୍ଚନା କରୁଥାନ୍ତି ସେହିପରି ବାହୁଡା ଦିନ ମଧ୍ୟ ପାଟା ଡକାଯାଏ ଏହିପରି ୩ ଥର ପାଟା ପକାଯାଏ । ମିଳିଥିବା ଅର୍ଥକୁ ସାହିରେ ବଣ୍ଟାଯାଏ । ପାଟାରୁ ମିଳିଥିବା ଅର୍ଥକୁ ସାହିର ଉନ୍ନତି ପାଇଁ ଖର୍ଚ୍ଚ କରାଯାଏ । ଏହା ରାଜା ରାଜୁଡା ସମୟରୁ ଚାଲିଆସିଛି । ଆଜିକାଲି ପାଟାର ସମସ୍ତ ଅର୍ଥକୁ ସାମନ୍ତରା ସାହି ଓ ସୁନାରୀ ସାହିର ଲୋକଙ୍କ ମଧ୍ୟରେ ବାଣ୍ଟି ଦିଆଯାଉଛି । ମହାରାଜାଙ୍କ ଅମଳରେ ରଥର ଉଚ୍ଚତା ୨୨ ହାତ ଥିଲା । ଏଥିରେ ୧୬ଟି ଚକ ଲାଗିଥିଲା ଏବଂ ୫ଟି ଦଉଡି ରଥରେ ବନ୍ଧା ଯାଇଥିଲା । ରଥଟଣା ସମୟରେ ଜୟପୁର ରାଜ୍ୟରେ ଲୋକ ସଂଖ୍ୟା କମ୍ ଥିବା ଯୋଗୁଁ ରଥର ପଛରୁ ୩ଟି ହାତୀ ଠେଲୁଥିଲେ । ହାତୀ ଧକ୍କା ଫଳରେ ବେଠିଆମାନେ (ରାଜାଙ୍କ ଆଜ୍ଞାଧାରୀ ଚାକର) ରଥକୁ ଟାଣୁଥିଲେ, ଦୁଇଜଣ ହାତୀ ମଧ୍ୟ ଟାଣୁଥିଲେ । ବେଠିଆମାନେ ଭାତିଆ (ଖାଦ୍ୟ ଏବଂ ପାଉଣା) ପାଉଥିଲେ । ସେହି ସମୟରେ ୪ଟି ରଥ ତିଆରି ହେଉଥିଲା । ବଡରଥ ସର୍ବୋଚ୍ଚ ଉଚ୍ଚତା ବିଶିଷ୍ଟ ଏବଂ ରଥରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ସୁଦର୍ଶନ ବିଜେ କରୁଥିଲେ । ମଝିଆ ରଥରେ ପତିତପାବନ ବିଜେ କରନ୍ତି । ରଥର ଉଚ୍ଚତା ୧୨ ହାତ ଏବଂ ତାହା ଚାରିଚକ ବିଶିଷ୍ଟ । ତୃତୀୟ ରଥ (ସାନରଥ) ପୁରୁଣାଗଡରେ ଥିବା ଜଗନ୍ନାଥ ମନ୍ଦିର ଉଦ୍ଦେଶ୍ୟରେ ନିର୍ମାଣ କରାଯାଏ । ରଥ ତିଆରି ହେବାପରେ ପୁରୁଣାଗଡକୁ ପଠାଯାଏ । ପୁରୁଣାଗଡରେ ଜଗନ୍ନାଥ ମନ୍ଦିର ନୀଳକଣ୍ଠେଶ୍ୱର ମନ୍ଦିର ବେଢ଼ା ମଧ୍ୟରେ ରହିଛି । ସେଠାରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନଙ୍କୁ ରଥରେ ବିଜେ କରାଯାଏ

ସେଠାରେ ଶ୍ରୀଗୁଣ୍ଡିଚା ଦିନ ପୁରୀରେ ଯେଉଁଦିନ ରଥଟଣା ଯାଏ ସେହିଦିନ ରଥ ଟଣାଯାଏ । ନୀଳକଣ୍ଠେଶ୍ୱର ମନ୍ଦିରରୁ ରଥ କାଳିକା ମନ୍ଦିର ପର୍ଯ୍ୟନ୍ତ ଟଣାଯାଏ । ସେଠାରେ ଆଡପମଣ୍ଡପ ତିଆରି ହୋଇଥାଏ, ଠାକୁରଙ୍କୁ ବାହୁଡା ପର୍ଯ୍ୟନ୍ତ ସେଠାରେ ରଖାଯାଏ ଏବଂ ବାହୁଡା ଯାତ୍ରା କରାଯାଏ । ଚତୁର୍ଥ ରଥ ହେଉଛି ଶ୍ରଦ୍ଧାରଥ ମହାରାଜା ନିଜ ପୁତ୍ର ରାମକୃଷ୍ଣ ଦେବଙ୍କ ସକାଶେ ତିଆରି କରୁଥିଲେ । ସେହି ରଥରେ ଛୋଟ ତିନି ଠାକୁର ବିରାଜମାନ ହେଉଥିଲେ । ରାଜଶାସନର ଅବସାନ ପରେ ଶ୍ରଦ୍ଧାରଥ ବନ୍ଦ ହୋଇଗଲା । ଜୟପୁର ସହରରେ ଶ୍ରୀ ଗୁଣ୍ଡିଚା ପରଦିନ ରଥ ଟଣାଯାଏ ପହଣ୍ଡି ବିଜେ ଦିନ ଓ ରଥଟଣା ଦିନ ଜୟପୁରର ଆଖପାଖ ଅଞ୍ଚଳରୁ ଆଦିବାସୀ ପୁରୁଷ ମହିଳା ଧାଡି ବାନ୍ଧି ଯାତ୍ରା ଦେଖିବାକୁ ଆସିଥାନ୍ତି । ନାଚଗୀତରେ ଜୟପୁର ରାଜ୍ୟ ମୁଖରିତ ହୋଇ ଉଠେ ବିଭିନ୍ନ ରଙ୍ଗ ବେରଙ୍ଗ ପୋଷାକ ଫୁଲରେ ମଣ୍ଡିତ ହୋଇ ହାତରେ ମୟୁରପୁଚ୍ଛ ଧରି ହାତକୁ ହାତ ଛନ୍ଦି ରାଜ ଦାଣ୍ଡରେ ପୁରୁଷ ଓ ସ୍ତ୍ରୀ ମେଳି ହୋଇ ଡେମ୍‌ସା ନାଚି ନାଚ ଧାଡିବାନ୍ଧି ଚାନ୍ଦି ଡେମସା ଚାଲିଥାନ୍ତି । ଫୁଲ ଫଳ ଧରି ଭକ୍ତମାନେ ଜୟପୁର ରାଜଦାଣ୍ଡରେ ଏକତ୍ରିତ ହୁଅନ୍ତି । ପହଣ୍ଡିବିଜେ ଦିନ ରାଜା ପ୍ରଥମେ ରୁପା ଝାଡୁରେ ରଥ ଉପରେ ଛେରା ପହଁରା କରିଥାନ୍ତି ଏବଂ ତାପରେ ରଥ ଉପରକୁ ରାଜ ପରିଷଦ ଯାଇଥାନ୍ତି । ତିନିଠାକୁର ରୁପା ଅଳଙ୍କାରରେ ମଣ୍ଡିତ ହୋଇଥାନ୍ତି । ଜୟପୁର ରାଜାଙ୍କର ସୁନାର ଅଭାବ ନଥିଲା । କିନ୍ତୁ ପୁରୀ ଠାକୁର ସୁନା ଅଳଙ୍କାର ପିନ୍ଧୁଥାବ ଯୋଗୁଁ ସମ୍ମାନ ରକ୍ଷା କରିବା ପାଇଁ ଜୟପୁରରେ ଠାକୁର ରୁପା ଅଳଙ୍କାର ବ୍ୟବହାର କରୁଥିଲେ ।

ଜୟପୁର ବଡଦାଣ୍ଡ ଜନଗହଳି ହୋଇ ଉଠେ । ଆଦିବାସୀ ଓ ଅଣଆଦିବାସୀ ଏକତ୍ର ଶ୍ରୀଜଗନ୍ନାଥଙ୍କ ରୂପ ଲାବଣ୍ୟରେ ବିମୋହିତ ହୋଇଯାନ୍ତି । ରଥ ବାଙ୍କମଠ (ଆଡପ ମଣ୍ଡପ)ରେ ପହଞ୍ଚେ । ଶ୍ରୀ ଗୁଣ୍ଡିଚା ଦିନ ଜୟପୁରରେ ରଥଟଣା ହୁଏନାହିଁ । ଏ ବିଷୟରେ ଅନେକ କଥା ରହିଛି । କେହି କେହି ମତବ୍ୟକ୍ତ କରିଥାନ୍ତି ଯେ ମହାରାଜା ଜୟପୁର ରାଜ୍ୟରେ ପ୍ରଥମେ ରଥଯାତ୍ରା କରିବା ପାଇଁ ପୁରୀ ଗଜପତି ମହାରାଜଙ୍କୁ ଅନୁରୋଧ କରିଥିଲେ ଏବଂ ଜଣେ ପତ୍ର ବାହାକୁ ପୁରୀ ପଠାଇଥିଲେ । ପତ୍ର ବାହକ ପୁରୀ ଗଜପତି ମହାରାଜଙ୍କ ଠାରୁ ଆଦେଶ ଆଣିବା ସମୟରେ ଗୋଟିଏ ଦିନ ଡେରି ହୋଇଯାଇଥିଲା ତେଣୁ ମହାରାଜା ଜୟପୁରରେ ଗୋଟିଏ ଦିନ ଡେରିରେ ରଥ ଟାଣିବା ପାଇଁ ଆଦେଶ ଦେଇଥିଲେ । ଅନେକ କହନ୍ତି ଜୟପୁର ମହାରାଜା ପ୍ରଜାବତ୍ସଳ ଥିଲେ । ପାଟ ମହାଦେଇ ଓ ପ୍ରଜାମାନେ ରାଜମହଲ ସାମନାରେ ଚଳନ୍ତି ପ୍ରତିମାଙ୍କୁ ପୂଜା କରିବାକୁ ଚାହିଁଲେ, ତେଣୁ ଗୋଟିଏ ଦିନ ବିଳମ୍ବ ହେଲା । ରାଣୀ ରାତିରେ ଦାସୀ ପୋଇଲିମାନଙ୍କ ସହିତ

ପହଡଘେରା ଡେରାବାଡ(ପାଟଶାଢ଼ି ବାଡ) ଦେଇ ଚଳନ୍ତି ପ୍ରତିମାଙ୍କୁ ଦର୍ଶନ କରିବାକୁ ଯାଉଥିଲେ । ଅନେକ କହନ୍ତି ପଗଡି ବାନ୍ଧୁ ବାନ୍ଧୁ କଚେରୀ ବେଳ ଗଡିଗଲା ପରେ ରାଜା ନିଜର ନିତ୍ୟକର୍ମ ସାରି ଆସିବା ସମୟରେ ଡେରି ହୋଇଯାଇଥିଲା ଏବଂ ବେଳ ଗଡିଯାଇଥିଲା ଛେରା ପହଁରା ପାଇଁ ରାଜା ଉପାସ ରହୁଥିଲେ, ତେଣୁ ଗୋଟିଏ ଦିନ ଡେରି କରାଯାଇଥିଲା । ରାଜାଙ୍କ ସମୟରେ ଶାନ୍ତ ପରିବେଶରେ ରଥଟଣା ଯାଉଥିଲା । ରାଜାଙ୍କ ଶାସନର ଅବସାନ ପରେ ରାଜ ପୁରୋହିତ ଛେରା ପହଁରା କରୁଥିଲେ । ତାଙ୍କ ପରେ ପୂଜକ ବିଘ୍ନରାଜ ପଣ୍ଡା ପ୍ରଥମେ ଛେରା ପହଁରା କରିଥିଲେ । ବର୍ତ୍ତମାନ ତାଙ୍କ ବଂଶଧରମାନେ ରଥରେ ଛେରା ପହଁରା କରୁଛନ୍ତି । ପହଣ୍ଡି ବିଜେ ଦିନ ଜଗନ୍ନାଥ ମନ୍ଦିରରୁ ଠାକୁର ବାହାରିବା ପରେ ବ୍ରହ୍ମାସାହି ସାମନ୍ତରାସାହିର ପ୍ରତ୍ୟେକ ଘରେ ଧୂପ ଦୀପ ନୈବେଦ୍ୟ ଦେଇ ପୂଜା କରାଯାଏ, ହୁଳହୁଳି ଶଙ୍ଖ ଧ୍ୱନିରେ ଚର୍ତୁଦିଗ ପ୍ରକଂପିତ ହୋଇ ଉଠେ । ପହଣ୍ଡି ବିଜେ ଦିନ ଅଧରପଣା ହୁଏ, ଏହି ପଣାରୁ କିଛି ଅଂଶ ରଥର ଅଖ, ଚକ ଚାରିଦିଗରେ ଥିବା କାଠ ଉପରେ ପକାଯାଏ । ପରେ ବଳକା ଥିବା ପଣାକୁ ସେବାୟତମାନେ ପରସ୍ପର ବାଣ୍ଟି ନେଇଥାନ୍ତି । ରାଜାଙ୍କ ଅମଳରେ ଅଧରପଣା ରଥର ପ୍ରତ୍ୟେକ କାଠରେ ପଡୁଥିଲା । ଏହି ପୂଜା ରାତି ୧୨ଟାରେ ହୋଇଥାଏ । ତାପରଦିନ ରଥଟଣା ହୋଇ ବାଙ୍କ ମଠ (ଆଡପ ମଣ୍ଡପ)ରେ ପହଞ୍ଚିଥାଏ । ଏଠାରେ ଲକ୍ଷଲକ୍ଷ ଜନତା ରଥରେ ତିନି ଠାକୁରଙ୍କୁ ଦର୍ଶନ କରି ରଥ ଦଉଡି ସ୍ପର୍ଶ କରି ନିଜ ନିଜକୁ ଧନ୍ୟ ମନେକରନ୍ତି । ସେଠାରୁ ବାଙ୍କମଠକୁ ତିନି ଠାକୁରଙ୍କୁ ଅଣାଯାଏ ଏବଂ ପୁରୀ ମନ୍ଦିରର ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା କରାଯାଏ ଏବଂ ଠାକୁରଙ୍କୁ ଦଶ ଅବତାର ବେଶରେ ସୁସଜ୍ଜିତ କରାଯାଏ । ହେରା ପଞ୍ଚମୀ ଦିନ ସେଠାରେ ଆରିଷା ଭୋଗ ହୁଏ । ସେବାୟତମାନଙ୍କ ମଧ୍ୟରେ ରହିଥାନ୍ତି ପାଇକ, ପାତ୍ରୀ, ପୂଜାରୀ, ସୁଆର, ଗଉଡ । ମହାଲକ୍ଷ୍ମୀ ଠାକୁରାଣୀ ହେରାପଞ୍ଚମୀ ଦିନ ରୂପା ପାଲିଙ୍କିରେ ବସି ଛତ୍ର ଚାମର ସହିତ ଆଡପ ମଣ୍ଡପକୁ ଆସନ୍ତି । ବହୁଡା ଦିନ ଦଇତା ପତିମାନେ ରଥଟଣା ପୂର୍ବରୁ ତିନିଠାକୁରଙ୍କୁ "କ" ଅକ୍ଷରଠାରୁ "କ୍ଷ" ଅକ୍ଷର ପର୍ଯ୍ୟନ୍ତ ଗୀତ ଗାଇ ରଥର ଚାରିପଟେ ବୁଲାଇ ରଥାରୂଢ଼ ବା ରଥରେ ବିଜେ କରାଇଥାନ୍ତି । ବାହୁଡା ଦିନ ଚୈତନ୍ୟ ମନ୍ଦିର (ମାଉସୀ ମା' ଘର) ସମ୍ମୁଖରେ ରଥ ଅଟକିଯାଏ । ସେଠାରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ତିନିଠାକୁର ମାଉସୀ ମାଁଙ୍କ ହାତରୁ ପୋଡପିଠା ଖାଇଥାନ୍ତି । ରାତିର ନିଶାର୍ଦ୍ଧରେ ବିଭୀଷଣ ଲଙ୍କା ଗଡରୁ ମଲ୍ଲୀମାଳ ନେଇ ଆସି ଠାକୁରଙ୍କୁ ଅର୍ପଣ କରିଥାଏ ବୋଲି ଲୋକକଥା ରହିଛି । ସକାଳେ ଜୟପୁରବାସୀ ଠାକୁରଙ୍କ ଆଗରେ ମଲ୍ଲୀମାଳ ଏବଂ ସୁବାସିତ ମଲ୍ଲୀ ପଡିଥିବା ଦେଖିଥାନ୍ତି । ତା'ପରଦିନ ରଥଟଣା ହୋଇ

ରଥ ରାଜମହଲ ନିକଟକୁ ଆସେ । ସେଠାରେ ରଥରେ ଠାକୁର ବିଜେ କରିଥାନ୍ତି ଏବଂ ଲୋକମାନଙ୍କୁ ଦର୍ଶନ ଦେଇଥାନ୍ତି । ଏକାଦଶୀ ଦିନ ଠାକୁରଙ୍କର ବା ସୁନାବେଶ ହୋଇଥାଏ । ଆଗକାଳରେ ରାଜା ରୂପାବେଶ କରୁଥିଲେ କିନ୍ତୁ ଆଜିକାଲି ପ୍ରଥମେ ରୂପାବେଶ ହୁଏ ସେଥିରେ ସୁନା ବେଶ ମଧ୍ୟ କରାଯାଏ । ରାତିରେ ଠାକୁରଙ୍କୁ ଦଇତାପତିମାନେ ମନ୍ଦିରକୁ ବିଜେ କରେଇଥାନ୍ତି । ଜଗନ୍ନାଥଙ୍କୁ ସାମନ୍ତରାସାହିର ଦଇତାପତିମାନେ ମନ୍ଦିରକୁ ନେଇଥାନ୍ତି । ବଳଭଦ୍ର ଓ ସୁଭଦ୍ରାଙ୍କୁ ସୁନାରୀ ସାହି ଏବଂ ଦାସ ସାହିର ଦଇତାପତିମାନେ ମନ୍ଦିରକୁ ନେଇଥାନ୍ତି । ସମାନ୍ତରାସାହିର ଅମଳ ବୃଦ୍ଧ ବନିତା ରାତି ସାରା ଉଜାଗର ରହି ଆବାଳ ଦେବତା ତିନିଜଣଙ୍କୁ ଭୋଗ ଧୂପ ଦୀପ ଦେଇ ରାସ୍ତା ସାରା ପୂଜା କରିଥାନ୍ତି ଜୟପୁର ସହର ରାତିସାରା ଆନନ୍ଦ ଉଲ୍ଲାସରେ ପୁରିଉଠେ । ଦେବସ୍ନାନ ପୂର୍ଣ୍ଣିମା, କୋଠଭୋଗ, ଗୁଣ୍ଡିଚ୍ଚା ଭୋଗ, ବାହୁଡା ଭୋଗ ଏବଂ ନତିଆକୁ ସାମନ୍ତରାସାହି ଓ ସୁନାରୀସାହିର ଦଇତାପତି, ସୁଆରମାନେ ପରସ୍ପର ମଧ୍ୟରେ ଭାଗ କରିନେଇଥାନ୍ତି । ରାଜାଙ୍କ ଅମଳରେ ସେବାୟତମାନଙ୍କୁ ଭାତିଆ, ଟଙ୍କା, ଖାଦ୍ୟ ବସ୍ତ୍ର, ବାସଗୃହ ଯୋଗାଇ ଦିଆଯାଉଥିଲା । ବର୍ତ୍ତମାନ ଦେବୋତ୍ତର ବିଭାଗ ଅଧିନରେ ରହିଥିବା ଯୋଗୁଁ ସେମାନେ ଅଭାବ ଅନାଟନରେ କାଳାତିପାତ କରୁଛନ୍ତି । ବର୍ତ୍ତମାନ ରଥର ଉଚ୍ଚତା ୨୦ହାତ ଏଥିରେ ଆଠଟି ଚକ ରହିଛି । ଦିନେ ଜୟପୁର ଥିଲା ବାଣିଜ୍ୟର ପେଣ୍ଠସ୍ଥଳୀ । କିନ୍ତୁ ଜୟପୁରବାସୀଙ୍କ ଜୀବନକୁ ସରସ, ସୁନ୍ଦର, ସାର୍ଥକ ସ୍ୱପ୍ନକୁ ସାକାର କରିବା ପାଇଁ ସଂପ୍ରତି ଏକମାତ୍ର ଏକାନ୍ତ ସାମର୍ଥ୍ୟଯୁକ୍ତ ପ୍ରେରଣାପ୍ରଦ ଜଗନ୍ନାଥ ଚେତନାର ଭୂୟୋ ବିକାଶ ଆବଶ୍ୟକ ।

***





# ବିଜ ପୁଟନି ଯାତ୍ରା

ଆଦିବାସୀଙ୍କ ପର୍ବ ପର୍ବାଣୀ ମୁଖ୍ୟତଃ କୃଷି ଭିତ୍ତିକ ପର୍ବ । ନବରଙ୍ଗପୁର ଜିଲ୍ଲା, ବୋରିଗୁମା ଓ କୋଟପାଡ ଅଞ୍ଚଳରେ ଏହି ପର୍ବ ଅମାନତ୍ୟମାନେ ପାଳନ କରିଥାନ୍ତି । ଏହି ପର୍ବରେ ଦିଶାରୀ, ପୂଜାରୀ, ଗଣ୍ଡା, ଚାଲାଣଙ୍କ ମୁଖ୍ୟ ଭୂମିକା ରହିଥାଏ । ଚୈତ୍ରମାସରେ ଏହି ପର୍ବପାଳିତ ହୋଇଥାଏ । ବିଜ ପୁଟନି ଯାତ୍ରା ପୂର୍ବରୁ ଦିଶାରୀ ପାଞ୍ଜି ଦେଖି ଶୁଭଦିନ ଓ ତାର ଠିକ୍ କରି ପୂଜାରୀକୁ ଜଣାଏ । ଏହାପରେ ଗାଁର ସମସ୍ତ ଲୋକଙ୍କୁ ଗାଁର ବେଅରଣରେ ଏକାଠି ଉପସ୍ଥିତ ହୋଇଥାନ୍ତି । ଗଣ୍ଡା ବେଅରଣ ସମୟ ନିର୍ଦ୍ଦିଷ୍ଟ କଥା ଗାଁ ସାରା ବୁଲି ଜଣାଇଥାଏ । ବେଅରଣରେ ପୂଜାରୀ ଗାଁ ନାୟକ, ଦିଶାରୀ, ଗ୍ରାମବାସୀ ଏକାଠି ହେବାପରେ ଗାଁରେ କେଉଁ ଦିନ ବିଜ ପୁଟନି ଯାତ୍ରା ଠିକ୍ କରାଯିବ, ଚାନ୍ଦା ଆଦାୟ ଦାୟିତ୍ୱ କାହାକୁ ଦିଆଯିବ ଏବଂ କେଉଁ କେଉଁ ପୂଜା ସାମଗ୍ରୀ କିଣାଯିବ ଏହିପରି ଭାବରେ ଗ୍ରାମବାସୀମାନଙ୍କ ମଧ୍ୟରେ ପୂଜା ଦାୟିତ୍ୱ ବାଣ୍ଟି ଦିଆଯାଏ । ଯାହାକୁ ଯାହା ଦାୟିତ୍ୱ ଦିଆଯାଏ ଗ୍ରାମବାସୀ ନିଜ ନିଜ ଭିତରେ ସେହି କାମକୁ ସୁଚାରୁରୂପେ କରିଥାନ୍ତି । ବିଜ ପୁଟନି ଯାତ୍ରା ଆଦ୍ରା କିମ୍ବା ସ୍ୱାତୀ ନକ୍ଷତ୍ର ଚୈତ୍ର ମାସରେ ଅନୁଷ୍ଠିତ ହୁଏ ଏବଂ ଏହି ପର୍ବରେ ଗାଁରେ ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ ।

ପ୍ରଥମେ ସ୍ୱାତୀ କିମ୍ବା ଆଦ୍ରା ନକ୍ଷତ୍ରରେ ଗାଁର ପ୍ରତ୍ୟେକଙ୍କ ଘରୁ ବିହନ ବିଜେ ସଂଗ୍ରହ କରାଯାଇଥାଏ ସେହିଦିନ ସନ୍ଧ୍ୟାରେ ପ୍ରତ୍ୟେକ ପରିବାରର ଜଣେ ଜଣେ ପୁରୁଷ ସଦସ୍ୟ ଘରେଖାଇ ସାରିବା ପରେ ନିଜକୁ ଶିଆଳି ପତ୍ରରେ ପୁଡା ବାନ୍ଧନ୍ତି । ପୁଡା ବାନ୍ଧିବାରେ ସ୍ୱାତନ୍ତ୍ରତାରେ ରହିଥାଏ । ପ୍ରଥମେ ପରିବାରର ଜଣେ ପୁରୁଷ ସଦସ୍ୟ କୁଲାରେ ବିହନ ଧାନକୁ ରଖି ଧୂପ, ଦୀପ ଦେଇ ପୂଜା କରିଥାଏ । ତାପରେ ତିନି ଚାରୋଟି ଡେମ୍ପ ଥିବା ଶିଆଳି ପତ୍ରକୁ କୁଲାରେ ରଖେ ନିଶ୍ୱାସ ବନ୍ଦ କରି ସେ ତିନି ଆଞ୍ଜୁଳା ଧାନ ନେଇ ପ୍ରତ୍ୟେକ ଶିଆଳି ପତ୍ରରେ ରଖି, ଚାରୋଟି ପତ୍ରରେ ୧୨ ଆଞ୍ଜୁଳା ଧାନ ରଖାଯିବା ପରେ । ପ୍ରତ୍ୟେକ ଶିଆଳି ପତ୍ର ଡେମ୍ପକୁ ବାହାରେ ରଖି ଶିଆଳି ଦଉଡିରେ ପୁଡା ବନ୍ଧାଯାଏ । ଶିଆଳି ପତ୍ରର ଡେମ୍ପରେ ଫୁଲ, କାଗଜ ତିଆର ଛୋଟ ମହୁରୀ ବାଜା ଏବଂ ପିଆଜ ବନ୍ଧାଯାଇଥାଏ ଏହାକୁ ବିହନ ଚିପଟି କୁହାଯାଏ । ତାପରେ ଶିଆଳି ପତ୍ରରେ ବନ୍ଧାଯାଇଥିବା

ପୁଡ଼ିଆ ନେଇ ଶାଳ ପତ୍ର ଦନାରେ ରଖିଯାଇଥିବା ଦୁଇ କିମ୍ବା ତିନି ଆଞ୍ଜୁଳା ଚାଉଳ, ଦୁଇଟଙ୍କାରେ ସେହି ପୁଡ଼ିଆକୁ ରଖାଯାଏ । ଶାଳ ପତ୍ର ଦନା ସହ ଶିଆଳି ପତ୍ରର ପୁଡ଼ିଆକୁ ରାତ୍ରିରେ ପ୍ରତ୍ୟେକ ପରିବାରର ଜଣେ ପୁରୁଷ ସଦସ୍ୟ ବିଜ ପୁଟନି ଦେବତାଙ୍କ ପଥର ଶିଳା ତଳେ ରଖିଦିଏ । କେଉଁ ଆବାହନ କାଳରୁ ଚାରୋଟି କଳସୀ ପୋତା ଯାଇଥାଏ । ପ୍ରତ୍ୟେକ କଳସୀରେ ଅନେକଗୁଡ଼ିଏ ଶାଳ ଗ୍ରାମ ରଖାଯାଇଥାଏ । ପ୍ରଥମ କଳସୀ ଗ୍ରାମ ଠାକୁରାଣୀ ନାମରେ, ଦ୍ୱିତୀୟ କଳସୀ ବେଣ୍ଟଦେବତା, ତୃତୀୟ କଳସୀ ଚାହୁତ୍ତୁମା, ଚତୁର୍ଥ କଳସୀ ଭୀମା ଓ ଧାନି ଦେବତା ନାମରେ ବର୍ଷବର୍ଷ ଧରି ପୂଜା ପାଇଥାନ୍ତି । ବିଜ ପୁଟନି ପୂଜା ପୂର୍ବେ ଦିନ ବିଜ ପୁଟନି ଦେବତାଙ୍କ ପୂଜାସ୍ଥଳୀକୁ ମାଟି ଗୋବର ଦ୍ୱାରା ଲିପାଯାଇଥାଏ । ଗାଁର ପ୍ରତ୍ୟେକ ଘରୁ ଆଣିଥିବା ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ବିହନ ପୁଡ଼ିଆ ଦନାକୁ ଅଲଗା କରି ପୂଜାସ୍ଥଳୀରେ ରଖି ଦେଇଥାନ୍ତି । ରାତିସାରା ପୂଜାସ୍ଥଳୀ ବାଜା ବାଜଣା, ମନ୍ତ୍ରରେ ମୁଖରତ ହୋଇ ଉଠେ । ପ୍ରତ୍ୟେକ ଘରୁ ବିହନ ପୁଡ଼ିଆ ଦନା ପହଞ୍ଚିଲା ପରେ ପୂଜାରୀ ପୂଜାସ୍ଥଳୀରେ ହୋମ କରିଥାନ୍ତି । ହୋମ ହେଲା ପରେ ସେଠାରେ ଛେଳି, ମେଣ୍ଢା, କୁକୁଡ଼ା, ପାରା ବଳି ଦିଆଯାଏ । ବଳି ଦେବାପରେ ବିଜପୁଟନି ଦେବତା ସନ୍ତୁଷ୍ଟ ହୋଇଥାନ୍ତି ବୋଲି ଲୋକଙ୍କର ବିଶ୍ୱାସ ରହିଛି । ତାପରେ ବିଜ ପୁଟନି ଦେବତାଙ୍କ ପଥର ତଳେ ପୋତା ଯାଇଥିବା ଚାରୋଟି କଳସୀକୁ ବାହାର କରାଯାଇ ପୂଜା କରାଯାଇଥାଏ । ଶାଳଗ୍ରାମଗୁଡ଼ିକୁ ହଳଦୀ ଏବଂ କଞ୍ଚା କ୍ଷୀରରେ ଧୂଆଯାଏ ଯଦି କଳସୀରେ ଅଧିକ ସଂଖ୍ୟକ ଶାଳଗ୍ରାମ ଦେଖାଯାଏ ତେବେ ଲୋକଙ୍କ ବିଶ୍ୱାସ ସେହି ବର୍ଷ ଭଲ ବର୍ଷା ହୁଏ, ରୋଗ ବ୍ୟାଧି ହୁଏ ନାହିଁ, ଅଘଟଣ ଘଟେ ନାହିଁ, ଭଲ ଶିକାର ହୋଇଥାଏ । ଯଦି କଳସୀରେ ଶାଳଗ୍ରାମ ଦେଖାଯାଏ ନାହିଁ ତେବେ ଲୋକଙ୍କର ବିଶ୍ୱାସ ସେହିବର୍ଷ ମରୁଡ଼ି ପଡ଼େ ଏବଂ ଗାଁରେ ଅଘଟଣ ଘଟିଥାଏ । ଗାଁ ଲୋକଙ୍କ ଆଗରେ କଳସୀକୁ ଖୋଲାଯାଇଥାଏ । ଯଦି ଶାଳଗ୍ରାମ ଗ୍ରାମ ଠାକୁରାଣୀ କଳସୀରେ ଅଧିକ ଦେଖାଯାଏ ତେବେ ଗ୍ରାମଦେବୀ ଖୁସୀ ଅଛନ୍ତି ଧରାଯାଏ । ଯଦି ଶାଳଗ୍ରାମ ଭୀମା ଦେବତା ଧାର୍ନି ଦେବତାଙ୍କ କଳସୀରେ ଅଧିକ ଦେଖାଯାଏ ତେବେ ଭଲ ବର୍ଷା ହୁଏ ଧରାଯାଏ । ଯଦି ଶାଳ ଗ୍ରାମ ସୋରଟି ଦେବତା ଏବଂ ରାହୁତ୍ତୁମା ଦେବତା କଳସୀରେ ଅଧିକ ଦେଖାଯାଏ ସେହି ବର୍ଷ ଧାନ ଫସଲ ଭଲ ହୁଏ ବୋଲି ଧରାଯାଏ । ଯଦି ଶାଳଗ୍ରାମ ବେଣ୍ଟ ଦେବତାଙ୍କ କଳସୀରେ ଅଧିକ ଦେଖାଯାଏ ତେବେ ଶିକାର ଭଲ ହୁଏ ବୋଲି ଧରାଯାଏ ।

ବିଜ ପୁଟନି ପୂଜା ପୂର୍ବରୁ କେହି ଯଦି ଏହି କଳସୀ ଘରୋଟିକୁ ବାହାର କରିଥାଏ ତେବେ ତାର ମୃତ୍ୟୁ ହୁଏ ବୋଲି ଲୋକଙ୍କର ଧାରଣା ରହିଛି । ପୂଜା ସରିବା ପରେ କଳସୀଗୁଡିକୁ ପୁଣିଥରେ ବିଜ ପୁଟନି ଦେବତାଙ୍କ ପଥର ତଳେ ଶାଳଗ୍ରାମଗୁଡିକ ସହିତ ପୋତି ଦିଆଯାଏ । ପୁଣି ବର୍ଷେ ପରେ ବିଜ ପୁଟନି ଯାତ୍ରା ଦିନ ଏହି ଘରୋଟି କଳସୀକୁ ପୂଜା କରାଯାଏ । ରାତ୍ରିରେ ପୂଜା ଶେଷ ହେବାପରେ ବଳି ପଡୁଥିବା ସମସ୍ତ ପକ୍ଷୀ ଓ ପଶୁ ମାଂସକୁ ଗୋଟିଏ ପାତ୍ରରେ ରାନ୍ଧି ଠାକୁରଙ୍କୁ ଭୋଗ ରୂପେ ସମସ୍ତ ଗ୍ରାମବାସୀ ଏକାଠି ବସି ଖାଇଥାନ୍ତି । ସକାଳେ ହେଲେ ପିଲାମାନେ କାଠ, ବାଉଁଶ ଦଉଡି ଦ୍ୱାରା ରାସ୍ତା ଅବରୋଧ କରିଥାନ୍ତି ଏବଂ ଟଙ୍କା ପଇସା ଚାଉଳ ଇତ୍ୟାଦି ରାସ୍ତାରେ ଯିବା ଲୋକଙ୍କ ଠାରୁ ଆଦାୟ କରିଥାନ୍ତି ଏହାକୁ "ପାକର ଛେକିବା" କୁହାଯାଏ । ଯଦି କୌଣସି ବ୍ୟକ୍ତି ଟଙ୍କା ପଇସା ଦେଇନଥାଏ ତା ଉପରେ ରଙ୍ଗ ମାଟିର କାଦୁଅ ପିଙ୍ଗି ଦିଅନ୍ତି । ଏହି କାର୍ଯ୍ୟ ଦିନ ସାରା ଚାଲିଥାଏ ସନ୍ଧ୍ୟା ହୋଇଗଲେ ଏହି ପ୍ରକ୍ରିୟା ବନ୍ଦ ହୋଇଯାଏ । ପୂଜାରୀ ଦେବତା ବିଜ ପୁଟନିଙ୍କ ପୂଜାସ୍ଥଳୀରେ ତା ପରଦିନ ଧାନ ବୁଣିବା ପାଇଁ ଦିନ ଧାର୍ଯ୍ୟ କରିଥାନ୍ତି । ଗ୍ରାମର ତିନିଜଣଙ୍କ ନାମ ରାଶି ଅନୁସାରେ ବିଭିନ୍ନ ବିହନ ଧାନ ପୂଜାରୀ ଆଣିଥାନ୍ତି । ସମୟ ଦେଖି ଏହି ତିନିଜଣ ଗ୍ରାମର ଲୋକଙ୍କ ମଧ୍ୟରୁ ଜଣକୁ ପୂଜାରୀ ପୂଜା ବିହନ ପ୍ରଦାନ କରିଥାନ୍ତି । ପୂଜାରୀ ଯେଉଁଠି ବସି ପୂଜା କରିଥାନ୍ତି ଆଗରେ ଗୋଟିଏ କାଦୁଅ କୁଣ୍ଡ ରଖାଯାଇଥାଏ । ପ୍ରଥମେ ତିନିଜଣ ଗ୍ରାମର ଲୋକମାନେ ପୂଜାରୀ ସେମାନଙ୍କୁ ଧାନ ବିହନ ପ୍ରଦାନ କରି କାଦୁଅ କୁଣ୍ଡରୁ କାଦୁଅ ବାହାର କରି ସେମାନଙ୍କର ପିଠିରେ କାଦୁଅ-କାଦୁଅ ବୋଲି ଦେଇଥାନ୍ତି । ତା'ପରେ ଗ୍ରାମର ସମସ୍ତ ବ୍ୟକ୍ତି ଜଣେ ଜଣେ ଆସି ପୂଜାରୀ ଠାରୁ ବିହନ ଧାନ ଗ୍ରହଣ କରିଥାନ୍ତି ଏବଂ ସେହି ବ୍ୟକ୍ତି ପିଠିରେ ପୂଜାରୀ ବୋଲି ଦେଇଥାନ୍ତି । ଏହି ପର୍ବ ହେଉଛି ଦେହରେ କାଦୁଅ ଓ ରଙ୍ଗ ମାଟି ବୋଳା ବୋଳିର ପର୍ବ ବିହନ ଧାନ ଗ୍ରହଣ କରିବା ପରେ ସମସ୍ତେ ଘରେ ବିହନ ଧାନ ସହ ଅନ୍ୟାନ୍ୟ ବିହନ ଧାନ ରଖି ତା ପରଦିନ ଜଳରେ ବୁଣିଥାନ୍ତି । ବିହନ ଧାନ ଗ୍ରହଣ କରିବା ପରେ ପ୍ରତ୍ୟେକ ଗ୍ରାମବାସୀ ପଟୁଆର, ବାଜା ବାଜଣା ସହ କାଦୁଅରେ ଦେହରେ ରଙ୍ଗ ବୋଳି ପ୍ରଥମେ ନାୟକ ଘରକୁ ଯାଇ ବିହନ ଧାନ ଦେଇଥାନ୍ତି । ନାୟକ ଘରେ ସମସ୍ତଙ୍କୁ ଟଙ୍କା ଦେଇଥାନ୍ତି ତାପରେ ନାଚିନାଚି ପୂଜାରୀ ଘରକୁ ଯାଇ ବିହନ ଧାନ ଦେଇଥାନ୍ତି । ତାପରେ ଦିଶାରୀ ଘରକୁ ଯାଇବିହନ ଧାନ ଦେଇଥାନ୍ତି । ତାପରେ ଗଣ୍ଡା ଘରକୁ, ଚଲାଣ ଘରକୁ ଯାଇଥାନ୍ତି । ଗ୍ରାମବାସୀମାନେ ନାୟକ, ଦିଶାରୀ, ପୂଜାରୀ ଘରେ ଯାଇଥିବା ଟଙ୍କାକୁ ଏକତ୍ରିତ କରିଥାନ୍ତି ।

ସେହି ଟଙ୍କାରେ ସମସ୍ତେ ଏକାଠି ଭୋଜି ଭାତ କରନ୍ତି ଏବଂ ପୂଜା ସାମଗ୍ରୀ କିଣିଥାନ୍ତି । ବିଜ ପୁଟନି ଦେବତାଙ୍କ ମନ୍ଦିରକୁ ଯାଇ ପୁଣିଥରେ ପୂଜା କରିଥାନ୍ତି । ଏହିପରି ଭାବରେ ବିଜ ପୁଟନି ଯାତ୍ରା ଶେଷ ହୋଇଥାଏ । ଆଦିବାସୀମାନଙ୍କ ବିଶ୍ୱାସ ବିଜ ପୁଟନି ଯାତ୍ରା ହେଉଛି ବର୍ଷା, ଭଲ ଫସଲ, ଶିକାରର ଯାତ୍ରା ।

***



# ବାଘ ପୂଜନ ପରବ

ଲମତା ପୁଟ ଅଞ୍ଚଳରେ ବାଘ ପୂଜନ ପରବ ଗାଦବାମାନେ ପାଳନ କରନ୍ତି। ବାଘ ପୂଜନ ପରବ ସାଧରଣତଃ ପୂର୍ଣ୍ଣିମା ପରେ ଶ୍ରାବଣ ମାସରେ ପାଳନ କରାଯାଏ। ଶ୍ରାବଣ ମାସ ବା ବନ୍ଦାପନା ମାସର ପ୍ରଥମ ରବିବାର ଦିନରେ ଗ୍ରାମର ଗାଣ୍ଡା, ବାରିକ, ପୂଜାରୀ, ଦିଶାରୀ ଏକତ୍ର ବସି ଏହି ଦିନକୁ ତିଥି ରୂପରେ ଠିକ୍ କରିଥାନ୍ତି। ପ୍ରଥମେ ଗାଣ୍ଡା, ଚଲାନ ପୂଜା ଦିବସକୁ ଗାଁରେ ଜଣାଇଦିଏ ତାପୂର୍ବରୁ ଚଲାନ ଘରଘର ବୁଲି ପ୍ରତ୍ୟେକଙ୍କ ଘରୁ ଚାନ୍ଦା ଆଦାୟ କରିଥାନ୍ତି, ଚାଉଳ ମଧ୍ୟ ଆଦାୟ କରାଯାଇଥାଏ ଦୁଇ ଦିନ ପୂର୍ବରୁ ଦିଶାରୀ ସମସ୍ତ ପୂଜା ଦିନରେ କିଣିବା ପାଇଁ ହାଟକୁ ଯାଏ ଏବଂ ସେଠାରୁ ବଡା(ଗୋରୁ) ଗୋଟିଏ ଘୁଷୁରି, ଗୋଟିଏ ଖଇରା କୁକୁଡା ଗୋଟିଏ, ଧଳା କୁକୁଡା ଗୋଟିଏ, ଅଣ୍ଡା ଗୋଟିଏ, ଦୀପ ତିନୋଟି, ଜଡାତେଲ, ଲାଲ ସିନ୍ଦୁର, ଲଡୁ ମୁଆଁ, ଅଗରବତୀ, ଝୁଣା ଗାଇକ୍ଷୀର କଦଳୀ କିଣି ଆଣିଥାଏ ଏବଂ ଫୁଲ ଗ୍ରାମର ବିଭିନ୍ନ ସ୍ଥାନରୁ ସଂଗ୍ରହ କରି ଆଣିଥାଏ। ପ୍ରଥମେ ପୂଜା ସ୍ଥାନଟି ଗାଁର କିଛି ଦୂରରେ ତିଆରି କରାଯାଏ ଏହାକୁ ବାରିକ, ଚାଲାନ ସଫା ସୁତୁରା କରି ଗୋବର ମାଟିରେ ଲିପା ପୋଛା କରିଥାନ୍ତି। ଏହା ଗ୍ରାମର ପୂର୍ବ ଦିଗରେ ନିର୍ମାଣ କରାଯାଏ ଏହି ସ୍ଥାନକୁ "ଟଟାଖାଇ" କୁହାଯାଏ। ଗାଁର ହୁଣ୍ଡା ଦେବାତାଙ୍କ ପାଖରେ ପ୍ରଥମେ ପୂଜା କରାଯାଏ। ପାଞ୍ଚବର୍ଷ ପୂର୍ବରୁ ଏହି ଟଟାଖାଲ୍ ଅଞ୍ଚଳକୁ ପଥରର ପାଚେରୀ ଦ୍ୱାରା ଆବଦ୍ଧ କରାଯାଇଥାଏ ଏଥିରେ ଗୋଟିଏ ପ୍ରବେଶ ଦ୍ୱାରା ଥାଏ। ପାଚେରୀ ଚାରିଆଡେ ଗଛଲଗା ଯାଇଥାଏ। ପୂଜା ସ୍ଥାନଟିକୁ ଗୋବର ପାଣିରେ ଲିପା ଯିବା ପରେ ତା ଉପରେ ଝୋଟି ଅଙ୍କନ କରାଯାଏ। ବାଘ ମାମୁଁ ପାଇଁ ବିଶେଷ ସ୍ଥାନ ତିଆରି କରାଯାଇଥାଏ। ସେଠାରେ ବଳି ପାଇଁ ଭୋଗ ଗୋରୁ (ବଡା) ବଳିସ୍ଥଳ, ଘୁଷୁରୀ, ଛେଳି ମାଂସ ରଖିବାସ୍ଥଳ, ତିଆରି ହୋଇଥାଏ। ଦୁଇଟି ସ୍ଥାନ ତିଆରି କରାଯାଏ ଯେଉଁଠି କେବଳ ଦୀପ ଜଳାଯାଏ ଅନ୍ୟସ୍ଥାନଟିରେ ଦିଶାରୀ, ପୂଜାରୀ ବସି ପୂଜା କରିଥାଏ। ଏହି ପୂଜାରେ କୌଣସି ମନ୍ତ୍ର ଉଚ୍ଚାରଣ କରାଯାଏନାହିଁ। ଏହି ପୂଜାରେ ସ୍ତ୍ରୀମାନଙ୍କୁ ପୂଜାସ୍ଥଳୀକୁ ଯିବା ପାଇଁ ମନା କରାଯାଏ ଏବଂ ଭୋଗ ମଧ୍ୟ ସ୍ତ୍ରୀମାନେ ଖାଆନ୍ତି ନାହିଁ ପୂଜା ପାଇଁ କେବଳ ନିଜ ଗ୍ରାମର ଦିଶାରୀ ବା ପୂଜାରୀ ଦରକାର ହୁଏ। ଅନ୍ୟ ଗ୍ରାମର ଦିଶାରୀ ଆସି ଏହି ପୂଜା କରି ପାରିବେ ନାହିଁ ଯଦି କୌଣସି ଗ୍ରାମରେ ପୂଜାରୀ ବା ଦିଶାରୀ ନଥାନ୍ତି ସେହି ଗ୍ରାମରେ ପୂଜା ହୁଏ ନାହିଁ। ପୂଜା ସମୟରେ

ଦିଶାରୀ କୁହେ "ତତେ ପୂଜା ଦେଲି ସନି ତୁମି ମାଁଉସ ଖାଦିକରି ରୁହା ଆମର ଗାଈବା ଗଟ୍ରୁରୀ, ପିଲା ଟୋକି ମାନ୍କେ ଡାରାବୁ ନାହିଁ"। ବାଘ ହେଉଛି ଜଙ୍ଗଲର ରାଜା, ବାଘ ଗୋରୁ ଗାଈ ଛେଳି, ମେଣ୍ଢାକୁ ଗ୍ରାମବାସୀମାନେ ଚରାଇବା ସମୟରେ ଟାଣି ନେଇ ଖାଇ ଦେଇଥାଏ। ଜଙ୍ଗଲ ହେଉଛି ଆଦିବାସୀମାନଙ୍କ ବାସସ୍ଥଳୀ ସାଧାରଣତଃ ଗାଦବା ଆଦିବାସୀମାନେ ଏହି ପୂଜା କରିଥାନ୍ତି। ବାଘକୁ ସନ୍ତୁଷ୍ଟ କଲେ ବାଘ ଗାଁ ଭିତରକୁ ଆସି ଘର ଭିତରେ ବା ଗୁହାଳରେ ପଶି ଧନ ଜୀବନ ନଷ୍ଟ କରିନଥାଏ। ଯଦି ବାଘ ଗାଁରେ ପଶି ନଷ୍ଟ କରେ ତେବେ ଗାଦବାମାନେ ବିଶ୍ୱାସ କରନ୍ତି ସେମାନେ ରୋଗଗ୍ରସ୍ତ ହୋଇ ଦୁଃଖରେ କାଳାତିପାତ କରିବେ, ସେମାନେ ପାହାଡ ତଳେ ଛୋଟ ଛୋଟ ଘର ତିଆରି କରି ରହିଥାନ୍ତି ତେଣୁ ସେମାନେ ବାଘକୁ ସନ୍ତୋଷ କରିବା ପାଇଁ ପ୍ରତିବର୍ଷ ଛେଳି, ଘୁଷୁରୀ, କୁକୁଡା ଜଙ୍ଗଲରେ ମାରି ବାଘ ଉଦ୍ଦେଶ୍ୟରେ ଜଙ୍ଗଲରେ ଛାଡି ଦେଇ ଆସନ୍ତି ତିନିବର୍ଷକୁ ଥରେ ଗୋଟିଏ ଗାଈ କିମ୍ବା ଗୋରୁକୁ ଜଙ୍ଗଲରେ ବାନ୍ଧି ଆସନ୍ତି, ସେଠାକୁ ଗାଈକୁ ଖାଇବାକୁ ବାଘ ଆସିଥାଏ ଏବଂ ଘୁଷୁରୀ, କୁକୁଡା, ଗାଈକୁ ଖାଇ ଚାଲିଯାଏ। ଏହା ଫଳରେ ଗାଁ ଭିତରକୁ ବାଘ ଆସିନଥାଏ ଗାଁର ଲୋକମାନେ ଶାନ୍ତିରେ ବାସ କରନ୍ତି। ପ୍ରଥମେ ଗ୍ରାମର ଚାଲାନ, ବାରିକ ଗାଁର ପ୍ରତ୍ୟେକ ପୁରୁଷ ଲୋକଙ୍କୁ ଡାକି ପୂଜାସ୍ଥଳିକୁ ନେଇଥାଏ ଗାଣ୍ଡା ଝୋଟି ଦେଇ ଚାରୋଟି ସ୍ଥାନ ପ୍ରସ୍ତୁତ କରିଥାଏ ଏବଂ ତିନୋଟି ସ୍ଥାନରେ ଦୀପ ଜଳାଯାଏ ଧୂପ, ଦୀପ, ସିନ୍ଦୁର, ଫୁଲ ସେହି ସ୍ଥାନମାନଙ୍କରେ ରଖାଯାଏ ଜଡାତେଲରେ ଦୀପ ଜଳାଯାଏ, ଚାରୋଟି ଜଡା ତେଲଦୀପ ଚାରୋଟି ସ୍ଥାନରେ ଜଳାଇବାପରେ ସେହି ସ୍ଥାନମାନଙ୍କରେ ମଦ ଢ଼ଳାଯାଏ। ପ୍ରଥମେ ଜଳଦେବତା ବା ବରୁଣ ଦେବତା (କାମିନୀ)ଙ୍କୁ ଅଣ୍ଡା ଦ୍ୱାରା ତାପରେ ନାଗ ଦେବତାଙ୍କୁ ଖଇରା କୁକୁଡା ଦ୍ୱାରା ପୂଜା କରାଯାଏ। ଶେଷରେ ବାଘ ଦେବତା ପାଇଁ (ଖିଲକୁ) ଧଳା କୁକୁଡା, ଗୋରୁ, ଘୁଷୁରୀ, ମେଣ୍ଢା, ଛେଳିକୁ ମାରି ପୂଜା କରାଯାଏ ସେ ସବୁ ଭୋଗ ଭାବରେ ବାଘକୁ ଅର୍ପଣ କରାଯାଏ। ତାପରେ ଦିଶାରୀ ବାଘକୁ ମନେ ମନେ ସ୍ମରଣ କରିଥାନ୍ତି ନିବେଦନ କରନ୍ତି ବାଘକୁ, ତୋତେ ପୂଜା ଦେଲୁ, ମାଂସ ଖାଇ ଖୁସୀରେ ରୁହ। ଆମର ଗାଈ ଗୋରୁକୁ ମାର୍ ନାହିଁ ଗାଁର ପିଲା ଟୋକିମାନଙ୍କୁ ହଇରାଣ କରନ୍ତୁ ନାହିଁ। ସେଠାରେ ଡଗୁଭାତ ଦିଶାରୀ ରାନ୍ଧିଥାଏ ଏବଂ ବାଘ ଉଦ୍ଦେଶ୍ୟରେ ପୂଜା କରି ଗୋରୁବା ଗାଈକୁ ସେଠାକୁ ନିଆଯାଏ। ଦିଶାରୀ ବାଘକୁ ବଳି ହୋଇଥିବା ଗୋରୁକୁ ଖାଇବାକୁ ସ୍ମରଣ କରେ, ସେଠାରେ ଗୋଟିଏ ଲାଲ ରଙ୍ଗର ପତାକା ବନ୍ଧାଯାଏ ଗୋରୁକୁ ମାରିବା ପରେ ଗୋରୁ ମାଂସକୁ ପୂଜା କରାଯାଇ ସେହି ମାଂସକୁ କଟାଯାଇ

ପୂଜା ସ୍ଥାନରେ କିଛି ମାଂସ ପତାକା ତଳେ ରଖାଯାଏ ବାଘ ଉଦ୍ଦେଶ୍ୟରେ । ରନ୍ଧାଳୀ ବା ସୁରଭାଇମାନେ ସରୁଭାତ , ଘୁଷୁରି, ଛେଳିର ମାଂସକୁ ଅଲଗା ଅଲଗା ପାତ୍ରରେ ରାନ୍ଧିଥାନ୍ତି । ମାଂସ ରାନ୍ଧିବା ସମୟରେ କେତେଗୁଡିଏ ନିୟମ ରହିଛି ଯେଉଁ ଗଦବା ଗୋତ୍ର, ଜାତି ବଂଶ ବାଘ ବା ଖିଲ ହୋଇଥାଏ ସେମାନେ ଭୋଗ ହୋଇଥିବା ଜିନିଷ ଖାଆନ୍ତି ନାହିଁ କିମ୍ବା ଛୁଅନ୍ତି ନାହିଁ । ଦିଶାରୀ ପୂଜା କରେ ସେ ଜାତିରେ ଗାଦବା ହେବା ଉଚିତ । ଗୋତ୍ର, ଜାତି, ବଂଶ ସରୁଭାଇ ହିସାବରେ ଭୋଗ ବାଣ୍ଟି ରୋଷଇ କରି ଖାଇଥାନ୍ତି । ଖିଲ ଗୋତ୍ରର ଲୋକେ ବାଘକୁ ମାରନ୍ତି ନାହିଁ ଯଦି ବାଘ ପୂଜା ସ୍ଥଳୀରେ ଦେଖାଯାଏ ତାକୁ ଲୋକମାନେ ମୁଣ୍ଡିଆ ମାରନ୍ତି ବାଘ ଲୋକଙ୍କୁ କିଛି କରେ ନାହିଁ । ଅଲଗା ରୋଷଇ ହୋଇଥିବା ଖାଦ୍ୟକୁ ଗୋତ୍ର,ବଂଶ ଅନୁସାରେ ସରୁ ଭାଇମାନେ ରାନ୍ଧିଥାନ୍ତି । ଅଧିକ ମାଂସ ପୂଜାସ୍ଥାନରେ ବାଘ ପାଇଁ ଛାଡି ଦେଇ ସନ୍ଧ୍ୟାରେ ପୂର୍ବରୁ ସମସ୍ତେ ଟଟାଖାଲ ବା ପୂଜାସ୍ଥଳୀକୁ ଛାଡ଼ିଥାନ୍ତି । ପାରେଙ୍ଗା ଜନଜାତି ମଧ୍ୟ ପୂଜା କରିଥାନ୍ତି ଏବଂ ସରୁଭାତ ଅଲଗା ରାନ୍ଧି ଖାଇଥାନ୍ତି । ଗାଦବାମାନଙ୍କ ବିଶ୍ୱାସ ରହିଛି ପୂଜାଦିନ ରାତ୍ରିରେ ବାଘ ଆସି ସମସ୍ତ ମାଂସ ଖାଇଥାଏ । ବାଘ ପୂଜା କରିବା ଦ୍ୱାରା ଲୋକମାନେ ଜ୍ୱର ବ୍ୟାଧିରୁ ରକ୍ଷା ପାଇଥାନ୍ତି । ଏହି ପୂଜା କୌଣସି କୌଣସି ଗ୍ରାମରେ ଟଙ୍କା ଅଭାବରୁ ତିନିବର୍ଷକୁ ଥରେ କରାଯାଏ । କିନ୍ତୁ ପ୍ରତିବର୍ଷ ଏହି ପୂଜା କରାଯାଇଥାଏ ପ୍ରତି ଗ୍ରାମରେ କୌଣସି ଗ୍ରାମରେ ବାଘ ଦେବତା ମନ୍ଦିର ନଥାଏ ଜଙ୍ଗଲ ଭିତରେ ଖୋଲା ସ୍ଥାନରେ ବାଘ ପୂଜା କରାଯାଇଥାଏ । ଶେଷରେ ବନ ଦେବତାଙ୍କ ପୂଜା କରାଯାଇଥାଏ ।

***



# ବିରିପାଣି ଯାତରା

ଦୁଇଶବ ବର୍ଷ ପୂର୍ବେ ଜୟପୁର ରାଜ୍ୟରେ ସ୍ୱଳ୍ପ ବର୍ଷା ଯୋଗୁଁ ଭଲ ଫସଲ ହେଲା ନାହିଁ, ମରୁଡି ପଡିବା ସମ୍ଭବନା ରହିଥିଲା । ଜୟପୁର ମହାରଜା ରାମଚନ୍ଦ୍ର ଦେବଙ୍କୁ ଦେବୀଙ୍କ ସ୍ୱପ୍ନାଦେଶ ହେଲା ବର୍ଷା ପାଇଁ ପୂଜାପାଠ ଏବଂ ଯଜ୍ଞର ଆୟୋଜନ କରିବା ପାଇଁ ରାଜା ପୂଜା ପାଠର ଆୟୋଜନ କଲେ ଯଜ୍ଞ କରାଗଲା । ଯଜ୍ଞର ଉଦ୍‌ଯାପନ ପରେ ଭଲ ବର୍ଷା ଭଲ ଫସଲ ହୋଇଥିଲା । ବିଶ୍ୱାସ ଓ ପରଂପରାକୁ ଆପଣେଇବାଥିବା ଆଦିବାସୀମାନେ ଆଜି ମଧ ଗଡପଦର ଗ୍ରାମର ଭଲବର୍ଷା ଭଲ କୃଷି, ଏବଂ ଗ୍ରାମକୁ ବିଭିନ୍ନ କୋପ ଦୃଷ୍ଟି, ଦୃଷ୍ଟ ଶକ୍ତି ଏବଂ ବନ୍ୟଜନ୍ତୁଙ୍କ ଦୌରାତ୍ମରୁ ରକ୍ଷା ପାଇବା ପାଇଁ ମାଁ ବିରପାଣି ଦେବୀଙ୍କୁ ଆରାଧନା କରିଥାନ୍ତି । ବର୍ଷାର ପ୍ରାକ୍ ସୂଚନା ମିଳୁଥିବା ସମୟରେ ପ୍ରତ୍ୟେକବର୍ଷ ଜ୍ୟେଷ୍ଠ ମାସରେ ବର୍ଷା ହେବା ପାଇଁ ଆଦିବାସୀମାନେ ବିରିପାଣି ଯାତ୍ରା ପାଳନ କରିଥାନ୍ତି । ଲୋକଙ୍କ ବିଶ୍ୱାସ ରହିଛି ଜ୍ୟେଷ୍ଠ ମାସରେ ଧରଣୀରାଣୀ ବା ଧରତରୀ ମାତା ବିମୁଗ୍ଧ ବା ଚାତକଟି ପରି ଅପେକ୍ଷା କରିଥାଏ ପ୍ରଥମ ବାରି ବିନ୍ଦୁ ପାଇଁ ଜ୍ୟେଷ୍ଠର ପ୍ରଚଣ୍ଡ ରୌଦ୍ରତାପରେ ମାଟି ମାଁ ଅସ୍ଥିର ହୋଇଉଠେ, ମଣିଷ ଠାରୁ କୀଟ ପତଙ୍ଗ ସମସ୍ତେ ଅସହାୟ ହୋଇଯାଇଥାନ୍ତି । ସେତେବେଳେ ଆଦିବାସୀମାନେ ବିଶ୍ୱାସ କରନ୍ତି ରୌଦ୍ରତାପରୁ ରାଜ୍ୟକୁ ବଞ୍ଚାଇବା ପାଇଁ କେବଳ "ମାଁ ବୀରପାଣି" ଏକମାତ୍ର ଭରସା ଦେବୀଙ୍କୁ ପୂଜା କଲେ ନିଶ୍ଚୟ ବର୍ଷା ହେବ ଏହି ନିଆରା ଯାତ୍ରାକୁ "ଗଙ୍ଗା ଦଶହରା" ଯାତ୍ରା ମଧ କୁହାଯାଏ । ପରମ୍ପରା ଅନୁଯାୟୀ ଏହି ଯାତ୍ରାରେ ବୀରପାଣି ଏବଂ ଗ୍ରାମ ଦେବୀଙ୍କୁ ପୂଜା କରାଯାଇଥାଏ । ଜୟପୁର ସହରଠାରୁ ଉତ୍ତର ଦିଗରେ ସାତ କିଲୋମିଟର ଦୂରରେ "କଣ୍ଡାମାଳି" ପାହାଡ ଅବସ୍ଥିତ ସେଠାରେ ବୀରପାଣି ଦେବୀଙ୍କ ମୁଖ୍ୟ ପୀଠସ୍ଥଳୀ ରହିଛି । ଜଙ୍ଗଲରେ ପାହାଡଯି ପରିପୂର୍ଣ୍ଣ କଣ୍ଡାମାଳି ପାହାଡର ମଧଭାଗରେ ପ୍ରାୟ ବାରଶହ ଫୁଟ ଉଚ୍ଚରେ ମାଁ ବୀରପାଣି ଦେବୀଙ୍କ ମନ୍ଦିର ରହିଛି । ସେଠାକୁ ଯିବା କଷ୍ଟ କର ହୋଇଥାଏ । ପୀଠସ୍ଥଳୀକୁ ଯିବା ପାଇଁ ଗୋଡି ପଥର ରାସ୍ତା ଅତିକ୍ରମ କରିବାକୁ ପଡେ ରାସ୍ତା ବନ୍ଧୁର ହୋଇଥିବା ଯୋଗୁଁ ସମସ୍ତ ଭକ୍ତ ସେଠାକୁ ଯିବା ସମ୍ଭବପର ହୋଇନଥାଏ । ଭକ୍ତଙ୍କ କହିବାନୁଯାୟୀ କେବଳ ଲାଠାଧାରୀ ପୂଜକମାନଙ୍କ ଦେହରେ ଦେବୀ ଆଶ୍ରିତ ରହିଥିବା ଯୋଗୁଁ ସେମାନେ ଦଶରୁ ପନ୍ଦର ମିନିଟ୍‌ରେ ଏହି ପାହାଡ ଉପରକୁ ଚଢ଼ିଥାନ୍ତି । ପରମ୍ପରା ଅନୁସାରେ ମହିଳାମାନଙ୍କୁ ଏହି ପାହାଡ଼ରେ ଚଢ଼ି ଦେବୀପୀଠସ୍ଥଳୀ ପାଖକୁ ଯିବା ବାରଣ ରହିଛି । ପାହାଡ ପର୍ବତ ଘେରା ଘଞ୍ଚ ଜଙ୍ଗଲ ଯୋଗୁଁ ସେଠାକୁ ଭକ୍ତମାନେ ପ୍ରତିଦିନ ଯିବା

ସମ୍ଭବପର ନୁହେଁ ତେଣୁ ଗଡପଦର ଗାଁରେ ବିରପାଣି ମାଁଙ୍କ ମନ୍ଦିର ତିଆରି କରାଯାଇଛି । ଜ୍ୟେଷ୍ଠ ମାସର ଅମାବାସ୍ୟା ପରେ ଏବଂ ଦେବସ୍ନାନ ପୂର୍ଣ୍ଣମାର କିଛିଦିନ ପୂର୍ବରୁ ଏହି ଯାତ୍ରା ଆରମ୍ଭ ହୋଇଥାଏ । ମାଁ ବିରିପାଣି ମନ୍ଦିରର ପୂଜକ ବା ଦିଶାରୀ ଯାତ୍ରା ପାଇଁ ତିଥିବାର ଗଣନା କରି ପ୍ରତିବର୍ଷ ଜୁନ୍ ମାସର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହର ଶନିବାର ଦିନ ଯାତ୍ରା ପାଇଁ ଦିନ ସ୍ଥିର କରିଥାନ୍ତି । ଯାତ୍ରାର ଦିନକ ପୂର୍ବରୁ ଗଡପଦର ଗାଁର ପ୍ରତ୍ୟେକ ଘର ରଙ୍ଗମାଟି, କଳାମାଟି, ଧଳା ମାଟିରେ ଲିପା ପୋଛା କରାଯାଏ । ଗ୍ରାମବାସୀମାନେ ଏକତ୍ରିତ ହୋଇ ମନ୍ଦିର ପ୍ରାଙ୍ଗଣକୁ ସଫାସୁତୁରା କରିଥାନ୍ତି । ପରମ୍ପରା ଅନୁଯାୟୀ ଯାତ୍ରାର ପୂର୍ବଦିନରୁ ଆଖପାଖ ଗାଁରୁ ଗ୍ରାମବାସୀମାନେ ଛେଳି, ମେଣ୍ଢା, କୁକୁଡା, ନଡିଆ, ଲିଆମୁହଁ, ଫୁଲ, କଦଳୀ ଇତ୍ୟାଦି ପୂଜା ସାମଗ୍ରୀ ଧରି ମନ୍ଦିର ନିକଟରେ ଆସି ଅପେକ୍ଷା କରିଥାନ୍ତି । ଶହଶହ ଗ୍ରାମବାସୀଙ୍କ ସୁଅ ଛୁଟୁଥାଏ, ଗଡପଦର ଗ୍ରାମବାସୀ ସାଥିରେ ବାଉଁଶ ଲାଠି ଧରି ପୂଜାରୀମାନେ  ଆସିଥାନ୍ତି  । ପ୍ରତ୍ୟେକ ଗ୍ରାମର ଦେବତାମାନଙ୍କ ବାଉଁଶ ଲାଠିରେ ଲାଲ ପତାକା ଏବଂ ଲାଲ କନା ବନ୍ଧା ଯାଇଥାଏ । ଯାତ୍ରାଦିନ ସକାଳେ ମାଁ ବିରିପାଣିଙ୍କ ମନ୍ଦିରରେ ଦିଶାରୀ (ପୂଜକ) ପୂଜାର୍ଚ୍ଚନା କରିବା ପରେ ଯାତ୍ରାର ସମସ୍ତ କାର୍ଯ୍ୟ ଆରମ୍ଭ ହୋଇଥାଏ । ମାନସିକଧାରୀମାନେ ଧଳା ରଙ୍ଗର ଛେଳି, ମେଣ୍ଢା, କୁକୁଡା ଦେବୀଙ୍କ ନିକଟରେ ବଳି ଦେଇଥାନ୍ତି । ଏହାପରେ ଦେବୀଙ୍କ ପ୍ରତୀକ ଲାଠିକୁ ପୂଜକ ପୂଜା କରିଥାନ୍ତି ଏବଂ ଗ୍ରାମ ପରିକ୍ରମା କରିଥାନ୍ତି । ସମସ୍ତ ଲାଠିକୁ ଧରି ଲାଠିଧାରୀମାନେ ଏବଂ ଭକ୍ତଗଣ ମାଁଙ୍କ ମୂଳପୀଠ କଣ୍ଢାମାଳି ପାହାଡର ମଧ୍ୟଭାଗକୁ ଯାତ୍ରା କରିଥାନ୍ତି । ଲାଠିଧାରୀମାନେ ଲାଠିଧରି ଯିବାବାଟରେ ରାସ୍ତାରେ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ଧାଡି ଧାଡି ହୋଇ ରାସ୍ତା ସାରା ଶୋଇଥାନ୍ତି । ଲାଠିଧାରୀମାନେ ରାସ୍ତାରେ ଶୋଇଥିବା ଲୋକମାନଙ୍କ ପେଟକୁ ପାଦରେ ଛୁଇଁ ପ୍ରତ୍ୟେକ ଲୋକଙ୍କ ପେଟକୁ ଡେଇଁ ଯାଇଥାନ୍ତି । ଗ୍ରାମର ଲୋକଙ୍କ ବିଶ୍ୱାସ ଯେ ପେଟକୁ ଲାଠିଧାରୀମାନେ ଛୁଇଁବା ଫଳରେ ସେମାନଙ୍କ ସମସ୍ତ ପେଟ ରୋଗ ଭଲ ହୋଇଥାଏ । ଲାଠିଧାରୀମାନେ କଣ୍ଢାମାଳି ପାହାଡ ମଝିରେ ଥିବା ପ୍ରାୟ ବାରଶହ ଫୁଟ ଉପରେ ପାହାଡ ମଧ୍ୟ ଭାଗରେ ଏକ ବୃତ୍ତାକାର ପଥର ଦେହରେ ରହିଥାଏ ଛୋଟବଡ ୩ଟି ଗାତ୍ର ସେହି ଗାତ୍ର ନିକଟକୁ ଯାଇ ଲାଠିଧାରୀମାନେ ଲାଠି ରଖିଥାନ୍ତି । ପ୍ରଥମେ ଦିଶାରୀ ଗାତ୍ରରେ ପୂଜା ପାଠ କରିଥାଏ ପୂଜା ପାଠ ପରେ ସେଠାରେ କାଳସି ଲାଗିଥାଏ ପୂଜାରୀ ସେହି ତିନୋଟି ଗାତ୍ରରେ କିଛି ଚଉଳ ବିଞ୍ଚି ଦେଇଥାନ୍ତି । ସାଥିରେ ନେଇଥିବା ଏକ ଧଳା ପାରାକୁ ଗାତ୍ର ଭିତରକୁ ଛାଡ଼ି ଦିଆଯାଏ । ପାରା ସମସ୍ତ ଚଉଳ ଖାଇବାପରେ ଗାତ୍ରରେ ଏକ ଘଣ୍ଟ ଶବ୍ଦ ଶୁଭିଥାଏ ଗାତ୍ରରେ ପାରା ଉଭାନ ହୋଇଥାଏ । ଏହା  ଦେବୀଙ୍କ

ଚମତ୍କାରିତା ବୋଲି ପୂଜକ କହିଥାନ୍ତି । ଏହାପରେ ମାଁଙ୍କ ମୂଳପୀଠ ଗାତ୍ରମାନଙ୍କରୁ ସ୍ୱତଃ ଜଳ ନିର୍ଗତ ହୋଇଥାଏ । ଗାତ୍ରର ଉପରେ ପାଣି ରହିଲେ ପ୍ରବଳବର୍ଷା ହେବ ମଧ୍ୟମରେ ପାଣି ରହିଲେ ମଧ୍ୟମ ଧରଣର ବର୍ଷା ହେବ ଏବଂ ଯଦି ପାଣି ନିମ୍ନ ଭାଗରେ ରହିଥାଏ ତେବେ ସ୍ୱଳ୍ପ ବୃଷ୍ଟି ହେବ ଏବଂ ରାଜ୍ୟରେ ମରୁଡି ପଡିବ ବୋଲି ଲୋକଙ୍କ ବିଶ୍ୱାସ ରହିଥାଏ ଦିଶାରୀ ଲୋକମାନଙ୍କୁ ଏହା ଜଣାଇ ଦିଅନ୍ତି । ଏହାପରେ ଦିଶାରୀ ନିର୍ଗତ ଜଳରେ ପତ୍ର ବୁଡାଇ ଭକ୍ତମାନଙ୍କୁ ପ୍ରସାଦ ଭାବରେ ସେହିଜଳକୁ ବାଣ୍ଟିଥାନ୍ତି । ଏହି ଜଳ ସେବନ କଲେ ଦୁରାରୋଗ ବ୍ୟାଧିରୁ ମୁକ୍ତି ମିଳିଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି । ସେହି ସମୟରେ ପୂଜକ ଏକ କଣ୍ଟା ଶିକୁଳି ଭକ୍ତଙ୍କୁ ଛୁଆଁଇ ଭକ୍ତମାନଙ୍କ ଆରୋଗ୍ୟ କାମନା କରିଥାନ୍ତି । ଫେରିବା ସମୟରେ ସାଥିରେ ନେଇଥିବା ଏକ ଧଳା କୁକୁଡା ଛୁଆ ଗାତ୍ର ମଧ୍ୟରେ ଛାଡି ଦିଆଯାଇଥାଏ । କୁକୁଡା ଛୁଆ ଗର୍ଭ ଭିତରକୁ ଗଲେ କବାଟ ବନ୍ଦ ହେବା ଭଳି ଏକ ଶବ୍ଦ ଶୁଣାଯାଏ । ଏହି ଶବ୍ଦ ଶୁଣିବାପରେ ଦିଶାରୀ ଜଣାଇଦିଏ, ଯେ ପୂଜା ସାର୍ଥକ ହେଲା ବରିପାଣି ମାଁ ଆମ ଗୁହାରୀ ଶୁଣିଲେ ସମସ୍ତ ଲାଠି ସହ ଲାଠୀଧାରୀ ଖୁସିରେ ଗାଁକୁ ଫେରିଥାନ୍ତି । ଲାଠିଧାରୀମାନେ ପୁଣିଥରେ ଗାଁର ମନ୍ଦିରରେ ଥିବା ଦେବୀ ଆସ୍ଥାନରେ ଲାଠି ସହ ଏକତ୍ରିତ ହୋଇଥାନ୍ତି । ସେଠାରେ ଦିଶାରୀ ସମସ୍ତ ଲାଠିକୁ ପୂଜାର୍ଚ୍ଚନା କରିଥାନ୍ତି, ନିକଟ ଗ୍ରାମରୁ ଦେବୀଙ୍କୁ ଖୁସୀ କରିବା ପାଇଁ ଭକ୍ତମାନେ ଧଳାରଙ୍ଗର ଛେଳି, ମେଣ୍ଢା, କୁକୁଡା ଧରି ଆସିଥାନ୍ତି ଏହା ସହିତ ଧଳାରଙ୍ଗର ଚୂଡି, ଶାଢ଼ୀ, ଫୁଲ, ଭୋଗ ନଡିଆ,କଦଳୀ, ମୁହାଁ ଆଣିଥାନ୍ତି । ମେଣ୍ଢା, ଛେଳି, କୁକୁଡା ବଳି ଦିଆଯାଏ ପ୍ରତିବର୍ଷ ଏହି ଯାତରା ହୋଇଥାଏ । ଧାଙ୍ଗଡା ଧାଙ୍ଗଡିମାନେ ଖଡୁକୁ ଖଡୁ ବାଡେଇ ଡୁଙ୍ଗଡୁଙ୍ଗାର ତାଳେ ତାଳେ ନାଚିଥାନ୍ତି । ରାତିରେ ଗାଁରେ ଯାତ୍ରା ହୁଏ ଏଥିରେ ବିଭିନ୍ନ ସୌଖିନ ଜିନିଷ ବିକ୍ରି ହୋଇଥାଏ । ଆଦିବାସୀମାନେ ଯାତ୍ରାରେ ପରସ୍ପର ଭାବରେ ଆଦାନ ପ୍ରଦାନ କରିଥାନ୍ତି । ରାତିସାରା ଯାତ୍ରା ହୁଏ । ଯାତ୍ରା ସରିବାପରେ ତାପର ଦିନ ନିଜ ନିଜ ଗ୍ରାମକୁ ଲାଠି ସହ ବାହୁଡି ଯାଇଥାନ୍ତି ।

***



# ଓଷା ପରବ

ଆଦିବାସୀ ବର୍ଷସାରା ନାନା ପର୍ବ ପର୍ବାଣୀ ମାଧ୍ୟମରେ ଜୀବନକୁ ଭରପୂର ଉପଭୋଗ କରିଥାଏ। ଆଦିବାସୀ ମଣିଷଯି ଆକାଶ ଭଳି ଉଦାର ମାଟି ଭଳି ସହିଷ୍ଣୁ ମଣିଷ। ଓଷାପରବ ଭାଦ୍ରଃମାସ ଶୁକ୍ଳପକ୍ଷ, ପଞ୍ଚମୀଦିନ ଆଦିବାସୀମାନେ ପାଳନ କରିଥାନ୍ତି। ଦିଶାରୀ ଯୋଗବାର ଠିକ୍ କରିବା ପରେ ପୂଜାରୀକୁ ଜଣାଇଦିଏ ପର୍ବ କେଉଁଦିନ ପାଳନ କରାଯିବ। ପୂଜାରୀ ମାହେନ୍ଦ୍ର ଲଗ୍ନ ବାହାର କରି ଧାନ କେଣ୍ଡାକୁ ଆଣିଥାଏ ଜମିରୁ। ସେହିଧାନରୁ ନୂଆ ଚାଉଳ ବାହାର କରି ପୁରୁଣା ଚାଉଳ ମିଶାଇ ଚରୁ ଭାତ ରନ୍ଧାଯିବା ପରେ କୁରେଇ ପତ୍ରରେ ଗ୍ରାମ ଦେବୀଙ୍କ ନିକଟରେ ପୂଜା କରିଥାଏ। କେହି କେହି ଏହି ପର୍ବକୁ ପରାନୂଆ ପର୍ବ ଭାବରେ ପାଳନ କରିଥାନ୍ତି। ପ୍ରଥମେ ପରାନାମରେ ଏକ ପ୍ରକାର ରଙ୍ଗର ଧାନ ଅମଳ କରାଯାଉଥିଲା। ସେହିଧାନର ଚାଉଳରେ ନୂଆଖିଆ ହେଉଥିଲା। ଆଦିବାସୀମାନଙ୍କ ଦେବତା ଶିବ ପାର୍ବତୀ ଓ ନନ୍ଦୀ(ବୃଷଭ)ଙ୍କୁ ପୂଜା ଏହି ଦିନ କରାଯାଏ। ପ୍ରଥମେ ହାଟରୁ ମାଟି ବୃଷଭ କିଣାଯାଇଥାଏ ପରାଧାନର କୁଣ୍ଡାରେ ନଡିଆକୁ ଖଣ୍ଡଖଣ୍ଡ କରି ମିଶାଯାଏ ସେଥିରେ ଗୁଡ ଚକଟି ଦିଆଯାଏ ସେହି କୁଣ୍ଡା ନଡିଆ, ଗୁଡ ମିଶିଥିବା ଭୋଗକୁ କୁରେଇ ପତ୍ରରେ ରଖାଯାଏ ମାଟିରେ ତିଆରି ବୃଷଭକୁ ହଳଦୀ ଚାଉଳର ଚିତା ଦେଇ ମୁଣ୍ଡରେ, ନୂତନ ବସ୍ତ୍ର ବୃଷଭ ଉପରେ ପକାଯାଏ କୁରେଇ ପତ୍ରରେ ଥିବା ଭୋଗକୁ ଦୀପ ଧୂପ ଦେଇ ବୃଷଭକୁ ପୂଜା କରାଯାଏ। ପ୍ରତି ଘରେ ନୂଆ ଲୁଗା ପିନ୍ଧି ଘରେ ରନ୍ଧା ହୋଇଥିବା କଖାରୁ, ସାରୁ, କଞ୍ଚାମାଛରେ ପ୍ରସ୍ତୁତ ହୋଇଥିବା ଚରୁ ଭାତକୁ କୁରେଇ ପତ୍ରରେ ରଖି ଗ୍ରାମଦେବୀଙ୍କ ପୂଜାର୍ଚ୍ଚନା ପରେ ଏକାଠି ବସି ଖାଇଥାନ୍ତି। ନୂଆବସ୍ତ୍ର ଘରର ପ୍ରତ୍ୟେକ ସଦସ୍ୟଙ୍କୁ ଘରର ମୁଖିଆ ପ୍ରଦାନ କରିଥାନ୍ତି। ଏଥିରୁ ଅନୁମାନ କରାଯାଏ ଘରର ବୟୋଜ୍ୟେଷ୍ଠଙ୍କ ପ୍ରତି ସମ୍ମାନ କିପରି ଦେବାକଥା ଆଦିବାସୀମାନେ ଜାଣିଥାନ୍ତି। ଏହି ଦିନ ନୂଆଧାନରେ ଚୂଡା ପ୍ରସ୍ତୁତ କରିଥାନ୍ତି ଏବଂ ଗୁଡ ସହିତ ମିଶାଇ ସମସ୍ତେ ଏକତ୍ରିତ ଖାଇଥାନ୍ତି। ସାରୁପତ୍ର ତରକାରୀରେ ତୁରୁଞ୍ଚା ମାଛ(ଶୁଖୁଆ) ମିଶାଇ ଏକ ପ୍ରକାର ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତ କିରିଥାନ୍ତି। ନୂଆବସ୍ତ୍ର ପିନ୍ଧି ସେମାନେ ଘରର ମୁଖିଆ ଓ ବୟୋଜ୍ୟେଷ୍ଠମାନଙ୍କୁ ପ୍ରଥମେ ମୁଣ୍ଡିଆ ମାରିଥାନ୍ତି ପରେ ପରସ୍ପର ମଧ୍ୟରେ ଜୁହାର ଭେଟ କରିଥାନ୍ତି। ଇଷ୍ଟ ଦେବତା, ଗ୍ରାମ ଠାକୁରାଣୀ, ବୃକ୍ଷଭକୁ ଭୋଗ କରିବା ପର୍ଯ୍ୟନ୍ତ ଘରର ବଡଠାରୁ ଛୋଟ ପିଲା ପର୍ଯ୍ୟନ୍ତ ଭାତ ଖାଇନ୍ତି ନାହିଁ। ଭୋଗ ହେଲାପରେ ସମସ୍ତେ

ଏକତ୍ରିତ ବସି ଅନ୍ନ ଖାଇଥାନ୍ତି । ନୂଆଖାଇ ସାରିବାପରେ ଗ୍ରାମରେ ଘର ଘର ବୁଲି ନୂଆ ଧାନରେ ତିଆରି ଚୂଡ଼ା, ଗୁଡକୁ ବାଣ୍ଟିଥାନ୍ତି, ଜୁହାର ଭେଟ ହୋଇ କହିଥାନ୍ତି ବର୍ଷକର ଫଳ ଖାଇ ଆନନ୍ଦିତ ହେଲୁ ଆର ବର୍ଷକୁ କିଏ ରହିବା କି ନାହିଁ କିଏ କହି ପାରିବା ନାହିଁ କହି ହସ ପରିହାସରେ ପରସ୍ପର ଗାଁ ସାରା ବୁଲିଥାନ୍ତି । ମଦ ଓ ମାଂସ ରାତିରେ ଖାଇ ବନ୍ଧୁ ବାନ୍ଧବ ସହିତ ଆନନ୍ଦରେ ବିତାନ୍ତି । ତାପର ଦିନ ଘରର ଚାଳ ଉପରେ ତଳିଆ ମଝିରେ ଭାତକୁ କୁରେଇ ପତ୍ରରେ ବାନ୍ଧି ପୂର୍ବ ମୁଖ କରି ରଖି ଦିଅନ୍ତି । ସେମାନଙ୍କ ବିଶ୍ୱାସ ଏହାଦ୍ୱାରା ବର୍ଷସାରା ଗ୍ରାମଠାକୁରାଣୀ ଘର ପ୍ରତି ଶୁଭ ଦୃଷ୍ଟି ରଖିଥାନ୍ତି । ଘରର ସମସ୍ତ ସଦସ୍ୟଙ୍କ ମଙ୍ଗଳ ହୋଇଥାଏ । ଛୋଟ ଛୋଟ ପୁଅ ପିଲାମାନେ ପୂଜା ହୋଇଥିବା ବୃକ୍ଷଭର ପାଦରେ ମାଟି ଚକା ଲଗାଇ ଗାଁ ଦାଣ୍ଡରେ ଗଡାଇ ଗଡ଼ାଇ ଖେଳିଥାନ୍ତି ଝିଅ ପିଲାମାନେ ମାଟିରେ ତିଆରି ରନ୍ଧନ ପାତ୍ର ଡଙ୍ଗାରେ ମିଛି ମିଛିକା ଭାତ ରାନ୍ଧି ରୋଷେଇ କରିବା ଶିକ୍ଷା କରିଥାନ୍ତି । ସଙ୍ଗାତ ବା ମିତ୍ରମାନଙ୍କୁ ଆଦିବାସୀମାନେ ପ୍ରାଣଠାରୁ ବେଶୀ ଭଲପାଇଥାନ୍ତି । ନୂଆଖିଆ ପର୍ବର ପୂର୍ବଦିନ ଗୋଟିଏ ବଡ଼ ଗୋଲେଇ ନୂଆ ଟୋକେଇ କିଣାଯାଇଥାଏ । ସେଥିରେ ନୂଆଧାନର ଚୂଡ଼ା, ନୂଆ ଗୁଡ, ମକ୍କା, ନୂଆବସ୍ତ୍ର ରଖାଯାଏ, ଟୋକେଇକୁ ସାରୁ ପତ୍ର ଦ୍ୱାରା ଢ଼ାଙ୍କି ଦିଆଯାଏ । ନୂଆଖିଆ ପରେ ଗୋଟିଏ ଭାରୁଆ ସେହି ଟୋକେଇକୁ ମିତ୍ର କିମ୍ବା ମିତ୍ର ପୁଅ ସାଥିରେ ମିତ୍ର ଘରକୁ ସମସ୍ତ ଜିନିଷ ନେଇ ଯାଇଥାଏ । ମିତ୍ର ବା ସଙ୍ଗାତ ଘରେ ମିତ୍ର ପହଞ୍ଚିଲା ପରେ ପ୍ରଥମେ ସଙ୍ଗାତ ପାଦ ପାଣିରେ ଧୋଇ, ହଳଦୀ ଚାଉଳ ମିଶା ଟିକା ସଙ୍ଗାତର ମଥାରେ ଲଗାଇ ଜୁହାର କରି ଘର ଭିତରକୁ ଡାକିଥାନ୍ତି ଏବଂ ସମସ୍ତ ଜିନିଷ ଗ୍ରହଣ କରିଥାନ୍ତି ଏହାକୁ "ପରା ଯୋଗାଡ଼" କୁହାଯାଏ । ଯୋଗାତ ଗ୍ରହଣ କରି ସଙ୍ଗାତକୁ ମଦ, ସଲପ ଦେଇ ଅତିଥି ସତ୍କାର କରିଥାନ୍ତି । ତାପରେ ନବାନ୍ନ ଖାଇବାକୁ ମିତ୍ରଙ୍କୁ ଦିଆଯାଇଥାଏ, ମାଛ, ମାଂସ, ମଦ ଦେଇ ମିତ୍ର ଘର ଲୋକ ସଂପର୍କ ବଢ଼ାଇଥାନ୍ତି । ତାପରେ ମିତ୍ର ଘରଲୋକ ଯୋଗାଡ଼ ନେଇଥିବା ମିତ୍ରଙ୍କୁ ବିଦାୟ ଦେଇଥାନ୍ତି । କିଛିଦିନ ପରେ ଆଗରୁ ଦେଇଥିବା ମିତ୍ରର ସମସ୍ତ ଜିନିଷକୁ ଧରି ଯୋଗାଡ଼ ନେଇଥିବା ମିତ୍ର ଫେରସ୍ତ କରିବାକୁ ଯାଇଥାନ୍ତି । ଏହି ଦିଆନିଆ ପ୍ରଥା ଦ୍ୱାରା ମିତ୍ରତା ସୁଦୃଢ଼ ହୋଇଥାଏ । ଯଦି ଏହି ଦିଆନିଆ ପ୍ରଥା ଗୋଟିଏ ବର୍ଷ ଡେରି ହୋଇଯାଏ ତେବେ ପରସ୍ପରର ମିତ୍ରତା ଛିନ୍ନ ହୋଇଥାଏ । ପ୍ରତିବର୍ଷ ଯାହାର ଯୋଗାଡ଼ ଆଦାନପ୍ରଦାନ ଚାଲିଥାଏ, ସେହିମାନଙ୍କ ମିତ୍ରତାର ସଂପର୍କ ବଢ଼ିଯାଏ । ଆଗରୁ ବାଲ୍ୟ ବିବାହ ପ୍ରଥା ଆଦିବାସୀମାନଙ୍କ ମଧ୍ୟରେ ରହିଥିଲା ତେଣୁ ଯେଉଁ ଝିଅର ନିର୍ବନ୍ଧ ହୋଇଯାଇଥାଏ । ନୂଆଖିଆ ଦିନ ବରଘରର

ଲୋକ କନ୍ୟାକୁ ନୂଆ ଲୁଗାପିନ୍ଧାଇ ଖାଇବାକୁ ଦେଇଥାନ୍ତି । ଶ୍ରୀ ଗୁଣ୍ଡିଚ଼ ଦିନ ଆଦିବାସୀ ଯୁବକମାନେ ଘରଣ୍ଡି ନାମକ ଏକ କାଠ ଦଣ୍ଡରେ ପାଦ ଅନୁଯାଇ ଏକ କୀଳା ପିନ୍ଧାଇ ଧରିବା ପାଇଁ ଛାତି ପର୍ଯ୍ୟନ୍ତ ଦଣ୍ଡ ଲଗାଇ ବୁଲିଥାନ୍ତି ଏବଂ ଘରଣ୍ଡି ଯୁଦ୍ଧ କରିଥାନ୍ତି । ଘରଣ୍ଡି କୀଳା ତଳେ ଖୋଳି କରି ତା ଭିତରେ ଗୋଡ ରଖି ଟିଣ ଛାପ ଦେଇଥାନ୍ତି । ତେଣୁ ପ୍ରତି କଦମାରେ ଘରଣ୍ଡିର ଝମ୍ ଝମ୍ ଶବ୍ଦ ହୁଏ । ଘରଣ୍ଡିରୁ ପଡି ଗଲେ ସେମାନେ ହାରିଯାନ୍ତି । ଏହି ଘରଣ୍ଡି ଚଢ଼ିବା ଯୁବକମାନଙ୍କୁ "ଘରଣ୍ଡିଦଣ୍ଡା" କୁହାଯାଏ । ଏହି ଘରଣ୍ଡି ଚଢ଼ିବା ଯୁବକମାନେ ଘରଣ୍ଡିକୁ ଖାଁ ଦାଣ୍ଡରେ ରଖିଥାନ୍ତି । ନୂଆଖିଆ ପରବର ପରଦିନ ପ୍ରଭାତରୁ ଉଠି ଚାଉଳ, ପରିପରିବା କୁକୁଡା ନେଇ ଗାଁ ବାହାରେ ସେହି ଦଣ୍ଡଗୁଡିକୁ ଏକତ୍ରିତ କରି ଘରଣ୍ଡି ଚଢ଼ିବା ଯୁବକମାନେ ପୂଜାର୍ଚ୍ଚନା କରିଥାନ୍ତି ଏବଂ ଗ୍ରାମ ଦେବତା ଓ ଗ୍ରାମଦେବୀଙ୍କ ଉଦ୍ଦେଶ୍ୟରେ ଖଇରା କୁକୁଡା ବଳି ଦେଇଥାନ୍ତି । ପୂର୍ବ ଦିନ ରାତିରେ ଏହି ଯୁବକମାନେ ଗାଁର ପ୍ରତ୍ୟେକଙ୍କ ବାଡିରେ ଥିବା ପରିପରିବା, ଫଳମୂଳ ଚୋରାଇ ନେଇଥାନ୍ତି । ସେହି ପରିବା, ଫଳମୂଳକୁ ସେଦିନ ରୋଷେଇ କରି ଖାଇଥାନ୍ତି । ନୂଆଖିଆ ପରିଦିନଠାରୁ ଘରଣ୍ଡି ଚଢ଼ିବା ତିଆରି କରିବା ମନାଥାଏ । ପୁଣିଥରେ ଶ୍ରୀ ଗୁଣ୍ଡିଚ଼ ଆସିଲେ ସେମାନେ ଘରଣ୍ଡି ତିଆରି କରି ଚଢ଼ନ୍ତି । ଘରଣ୍ଡି ହେଉଛି ଏକ ପ୍ରକାର ପାଦୁକା ଯାହା ଚଢ଼ି ଲୋକେ ବର୍ଷା ଦିନରେ ଯିବା ଆସିବା କରୁଥିଲେ । ବର୍ତ୍ତମାନ ଏହି ଘରଣ୍ଡି ପିନ୍ଧିବାକୁ କେହି ପସନ୍ଦ କରୁନାହାନ୍ତି ସମସ୍ତେ ଘରେ ଘରେ ଯୋତା ପିନ୍ଧୁଛନ୍ତି ଏବଂ ତାହା ପିନ୍ଧି ଯାତାୟତ କରୁଛନ୍ତି । ଘରଣ୍ଡି ଚଢ଼ିବା ସମୟରେ ଘରଣ୍ଡିରୁ ପଡି ଅନେକଙ୍କ ହାତ ଗୋଡ ଖଣ୍ଡିଆ ହେବା ସହିତ ଗୋଡ ଭାଙ୍ଗି ଯାଇଥାଏ । ନୂଆଖିଆର ପରଦିନ ଘରଣ୍ଡି ବିସର୍ଜନ କରାଯାଇଥାଏ ଏହାକୁ "ଘରଣ୍ଡି ବହଲାନି" କୁହାଯାଏ । ଗାଦବାମାନେ ନୂଆଖିଆ ପର୍ବ ବା ଓଷାପର୍ବ ଦିନ ଗୃହ ଦେବତାଙ୍କୁ ନଡିଆ, କୁକୁଡା ଗଞ୍ଜା ବଳି ଦେଇ, ତରଗା କନ୍ଦାକୁ ନୂଆଧାନରେ ମିଶାଇ "ସଗୁଭାତ" ରାନ୍ଧି ସେହି ଭୋଗକୁ ପୂଜା କରିଥାନ୍ତି । ଗୃହଦେବତାଙ୍କୁ ପୂଜାର୍ଚ୍ଚନା କରିବା ପରେ ଘରର ସମସ୍ତେ ଏକତ୍ର ନୂଆଲୁଗା ପରିଧାନ କରି ଏକାଠି ବସି ଶିଆଳି ପତ୍ରରେ ନୂଆ ଖାଇଥାନ୍ତି । ନୂଆଧାନ ପୁରୁଣା ଚାଉଳରେ ଚରୁଭାତ ପ୍ରସ୍ତୁତ କରିଥାନ୍ତି ଏବଂ ସେହି ଅନ୍ନକୁ ପୂଜା କରିଥାନ୍ତି ହୁଣ୍ଡୀ ଦେବତା ପାଖରେ, ଗୃହ ଦେବତାଙ୍କୁ ପୂଜା କଲାପରେ, ପୂଜାରୀ ଧଳା କୁକୁଡା, ନଡିଆ ନେଇ ଗାଁ ମୁଣ୍ଡରେ ଗ୍ରାମ ଦେବତାଙ୍କୁ ପୂଜାକରି "ବଉଳାଣି ପୂଜା" କରିଥାଏ ସୂର୍ଯ୍ୟ ପୂଜା ମଧ୍ୟ କରିଥାନ୍ତି ।

ଗଣ୍ଡମାନେ ଏହି ପର୍ବରେ ଦେବୀ ଦେବତାଙ୍କୁ ଛେଳି, କୁକୁଡା ବଳି ଦେଇ ନୂଆଚାଉଳରେ ଭାତ ରାନ୍ଧି ପୂଜା କରିଥାନ୍ତି ବନ୍ଧୁ ବାନ୍ଧବଙ୍କୁ ଘରକୁ ଡାକି ଜୁହାର ଭେଟ

ହୋଇଥାନ୍ତି । ଏହି ପର୍ବରେ "କୁକୁଡ଼ା ଡ଼ାଲ"କୁ ଖାଇଥାନ୍ତି । ଭତରା ସଂପ୍ରଦାୟରେ ନୂଆଖାଇ ବା ଓଷାପରବରେ ମାମୁଁଘରକୁ ଭଣଜା ଆସିଥାଏ । ଏହି ସମୟରେ ଡଙ୍ଗରଧାନ ପାଚେ ଏହି ଧାନରୁ ଚୂଡ଼ା ତିଆରି ହୋଇଥାଏ ତାହା ଗାଁର ଧରତନୀ ମାତାକୁ ଅର୍ପଣ କରାଯାଏ  ଭଣଜା ଖୁସୀରେ ଗୀତ ଗାଏ

ପିତା କାନ୍ଧାକେ ପାତଲ୍ ଚାନୁତା
ନୁଆଜୁନା ଗାୟଲୁ ମାମା
କୁଆର ବେଟ୍ ହେଇ ଦଖୁତା
ଅୟତୋ ଅୟ ବୋ ଲାବେ
କମଲା ପାନି ଅରୁଆ ଚାଉଲ ନିକଲାବେ
ରାତି ଗୁଲର ପଦି ଗାଇ ଗାଇ
ଟୋଣ୍ଡ ଦୁକ୍ ଲାବେ
ଅରୁଆ ଚାଉଲ ଧନି କମାରେ
ପେଟ୍ ପୁଲାଛନାଗୀ
ନଂଦୀ ନାୟ କମାରେ ।

ମଦ, ମାଂସ ଖାଇ ଖୁସୀରେ ଦିନ ବିତାଇଥାନ୍ତି । ସେମାନେ ନିଜେ ସେହିଦିନ ନୂଆ ଲୁଗା ପିନ୍ଧି । ବନ୍ଧୁ ବାନ୍ଧବଙ୍କୁ ମଧ୍ୟ ନୂଆ ଲୁଗା ଦେଇଥାନ୍ତି । ଏଥିରୁ ଅନୁମାନ କରାଯାଏ ଆଦିବାସୀମାନେ ଗୋଷ୍ଠୀ ଜୀବନକୁ ଭାରୀ ଭଲ ପାଇଥାନ୍ତି । ଆଜିର ମଣିଷଟି ଆଧୁନିକର ଦ୍ୱାହି ଦେଇ ପରିବାର, ଜ୍ଞାତି କୁଟୁମ୍ବଠାରୁ, ବାପା ମାଁଠାରୁ ବହୁଦୂରରେ ରହି, ଛୋଟ ପରିବାର ଭିତରେ ବୁଡ଼ି ରହି ନିଜର କଥା ଚିନ୍ତା କରୁଛି । ଏହି ଏକାକୀ ମଣିଷମାନେ ଯନ୍ତ୍ର ସଭ୍ୟତା ମୋହ ଓ ପ୍ରାଚୁର୍ଯ୍ୟର ନାଗଫାଶରେ ଆଜି ବନ୍ଦୀ ହୋଇ ପଛପଟ ହେଉଛନ୍ତି । ସେମାନେ ଆଦିବାସୀମାନଙ୍କ ପର୍ବ ପର୍ବାଣୀରୁ କିଛିଟା ଶିଖିବା ଦରକାର । ସମାଜର କଲ୍ୟାଣ ପାଇଁ ଆମେ ସମସ୍ତେ ପରସ୍ପର ପ୍ରତି ସହଯୋଗ, ସହାନୁଭୂତିର ମନ୍ତ୍ର ନେଇ ଆଗେଇ ଚାଲିବା ଦରକାର ।



# ଦିଆଲୀ ପରବ

ଆଦିବାସୀମାନଙ୍କ ପର୍ବ ମଧ୍ୟରେ ଦିଆଲୀ ପର୍ବ ଅନ୍ୟତମ । ଦିଆଲୀ ପର୍ବର ପ୍ରାୟ ୧୦ ଦିନ ପୂର୍ବରୁ ଗାଁର ମୁଖିଆମାନଙ୍କୁ ନେଇ ବେରନ୍ (ସଭା) ହୋଇଥାଏ । ଗାଁର ଗଣ୍ଡା, ଜାନି ଚଲାଣ, ନାୟକ, ଜାନି, ପୂଜାରୀ ଏହି ବେରନ୍ (ସଭା)ରେ ଯୋଗ ଦେଇଥାନ୍ତି । ପର୍ବ ପାଳନ କରିବା ପୂର୍ବରୁ ଗ୍ରାମର ବିଭିନ୍ନ ଦେବାବେଦୀ ପୀଠରେ ପଶୁପକ୍ଷୀ ବଳି ଦେଇ ପୂଜାର୍ଚ୍ଚନା କରି ସନ୍ତୁଷ୍ଟ କରିବା ଆଲୋଚନା ହୁଏ ଏବଂ  କେଉଁ ଦେବାଦେବୀଙ୍କୁ ବଳି ଦିଆଯିବ ସେ ବିଷୟରେ ମଧ୍ୟ ଆଲୋଚନା କରାଯାଏ । ଏହି ପଶୁବଳି ପ୍ରଥାକୁ ବଉଲାଣି କୁହାଯାଏ । ବଉଲାଣିର ସମସ୍ତ ଖର୍ଚ୍ଚ କାଟକୁ ଘରପିଛା ଚାନ୍ଦା ପଡିଥାଏ । ଏହି ଚାନ୍ଦାକୁ ସାରି କୁହାଯାଏ । ଗାଁର ଗୁରୁ ମାଇ ବା ଦିଶାରୀ ଚାଉଳ ବାଛି ଶୁଭଦିନ ବାର, ଦିଆଲୀ ପର୍ବ ପାଇଁ ସ୍ଥିର କରିଥାଏ । ଦିଆଲୀ ପର୍ବ ପାଳନର ଚାରିଦିନ ପୂର୍ବରୁ ସବୁ ସାରି (ଚାନ୍ଦା) ଆଦାୟ କରି ଛେଳି, ମେଣ୍ଢା, କୁକୁଡା,  କିଣି ଆଣିବା ପରେ ଦେବ ଦେବୀଙ୍କ ନିକଟରେ ବଉଲାଣି କରାଯାଏ । ଏହି ବଉଲାଣିରେ ଗାଁର ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ଭାଗ ନେଇ ଥାନ୍ତି । ପଶୁବଳି ସହିତ ମଦମଧ ଦେବୀ ପୀଠକୁ ବୁନ୍ଦା ବୁନ୍ଦା କରି ପକାଯାଏ । ଗୁରୁମାଇ କୁକୁଡାକୁ ଚାଉଳ ଦିଏ । କୁକୁଡାର ଆଗରେ ଚାଉଳ ମୁଠେ ଧରି କୁକୁଡାକୁ ଧରି ଜାନି ଭକ୍ତ ଚାଉଳକୁ କୁକୁଡାକୁ ଖାଇବା ପାଇଁ ବିଭିନ୍ନ ଦେବଦେବୀଙ୍କ ନାମ ଧରି ମନ୍ତ୍ର ବୋଲିଥାଏ । ଯଦି ମନ୍ତ୍ର ଉଚ୍ଚାରଣ ବେଳେ କୁକୁଡା ଶୀଘ୍ର ଆସି ଚାଉଳ ଖାଇଯାଏ ତାହା ହେଲେ ସେହି ବର୍ଷ ଦିଆଲୀ ପର୍ବ ସୁରୁଖୁରୁରେ ଭଲରେ ହେବ ଏବଂ ଗାଁର ମଙ୍ଗଳ ହେବ ବୋଲି ଲୋକଙ୍କର ଦୃଢ ବିଶ୍ୱାସ ରହିଥାଏ । ଛେଳି, ମେଣ୍ଢାକୁ ମଧ୍ୟ ପତ୍ର ଖାଇବାକୁ ଦେଇ ବଳି ଦିଆଯାଇଥାଏ । ବଳି ପରେ ପଶୁପକ୍ଷୀର ମାଂସକୁ ଏକାଠି ରନ୍ଧା ଯାଇଥାଏ । ସେହି ମାଂସକୁ ସମସ୍ତେ ଏକାଠି ମିଶି ଖାଇଥାନ୍ତି । ଚାରି ପାଞ୍ଚଦିନ ଆଗରୁ ନିଜ ଘର ଦ୍ୱାରା ଲିପିଥାନ୍ତି । ପୁଅ ଝିଅ ମାନଙ୍କ ପାଇଁ ବଜାରରୁ ନୂଆ ଲୁଗାପଟା କିଣି ଆଣନ୍ତି । ପୁରୁଷମାନେ ନିଜ ନିଜର ଇଷ୍ଟ ଦେବୀ ତଥା ମୃତବ୍ୟକ୍ତିଙ୍କୁ ବଳି ଦେବାପାଇଁ କୁକୁଡା ଆଣି ଦିଆଲୀ ଦିନ ନିଜ ଗମ୍ଭିରା ଘରେ ବଳି ଦେଇଥାନ୍ତି । ପ୍ରତିବର୍ଷ କାର୍ତ୍ତିକ ମାସର ଦ୍ୱିତୀୟ, ପଞ୍ଚମୀ, ଦଶମୀ, ସପ୍ତମୀ ତିଥି ମଧ୍ୟରେ ପାଳନ କରାଯାଏ । ପୁରାଣ ଶାସ୍ତ୍ରରେ ଏହି ପର୍ବକୁ "ଗୋଷ୍ଠାଷ୍ଟମୀ" ନାମରେ ପୂଜା କରାଯାଏ । ପର୍ବର ଦିନ ଠିକ୍ ହେଲାପରେ ଚଲାଣ ବା ଗଣ୍ଡା ଗାଁରେ ବୁଲି

ଦିଆଲୀ ପର୍ବର ଦିନ ଘୋଷଣା କରିଥାଏ । ପର୍ବର ପୂର୍ବ ଦିନକୁ "ଗେଟାଦିନ" ଓ ପର୍ବ ଦିନକୁ "ଖିଶଡି ଦିନ" ଏବଂ ଶେଷଦିନକୁ "ବାସି ଦିଆଲି" ବୋଲି କୁହାଯାଏ । ଗୋରୁ ଜଗୁଆଳିମାନଙ୍କୁ ଗଉଡିଆ ଏବଂ ଗାଇ ମାଲିକ ମାନଙ୍କୁ ଗୋ-ପତ୍ୟା କହିଥାନ୍ତି । ଗୋ ପତ୍ୟାଙ୍କୁ ସନ୍ତୋଷ କରିବା ପାଇଁ ଗଉଡିଆମାନେ ଛେଳି, ମେଣ୍ଢା, ଘୁଷୁରୀ, କୁକୁଡା ଆଣି ନିଜ ନିଜ ଘରେ ରଖିଥାନ୍ତି । ଏହି ପର୍ବ ଦିନ ଗଉଡିଆମାନେ ଗାଇ ଚରାଇବା ପାଉଣା ପାଇଥାନ୍ତି । ଗୋରୁ ଚରାଇବା ଦିନଠାରୁ ପ୍ରତ୍ୟେକ ଦିନ ଗୋ-ପତ୍ୟା ଘରୁ ଗଉଡିଆ ଭାତ, ତରକାରୀ ଜାଉ ଆଣିଥାଏ । ଏହି ପର୍ବଦିନ ଗଉଡିଆର ମେଲାଣି ହୋଇଥାଏ । ଗେଟାଦିନ କୁମ୍ଭୀ ଗଛର ଦଉଡିକୁ, କାନ୍ଦୁଁ (ବୁତାମ୍) କଷାୟ କରି ଦଉଡି କୁ ଚିତ୍ରିତ କରାଯାଏ ତାହାକୁ "ଗେଟା ଦଉଡି" କହିଥାନ୍ତି । ବଳଦ ବେକରେ ଗେଟା ଦଉଡି ବନ୍ଧାଯାଏ ଏବଂ ଗାଇର ବେକରେ ସୁଇ ନାମକ ଏକ ସାଦା ଧଳା ଦଉଡି ବନ୍ଧାଯାଏ । ଗେଟା ଦିନ ରାତିରେ ଗଉଡିଆ ତାର ଇଷ୍ଟ ଦେବୀଙ୍କୁ ପୂଜାବଳୀଦେଇ ବାଜା ବା ଜଣା ସହ ଗୋ-ଗୋଷ୍ଠକୁ ନାଶତାଶ ପାଇଁ ବା ରକ୍ଷା କରିବାପାଇଁ ଗୋଷ୍ଠରେ ଏକ ଦେଶୀ କୁକୁଡା ଅଣ୍ଡାବଳୀ ଦେଇ ଗୋ-ପତ୍ୟାମାନଙ୍କ ଘର ଘର ବୁଲି ଗାଇ ଗୋରୁଙ୍କୁ ଗେଟା ଓ ସୁଇ ବନ୍ଧନ କରିଥାଏ । ଏହି ଦିନ ସନ୍ଧ୍ୟାରେ ଚୁଡା ଓ ଗୁଡ ଗୋ-ପତ୍ୟା ଘର ମାନଙ୍କର ଗଉଡ଼ିଆର ସ୍ତ୍ରୀକୁ ଦିଆଯାଇଥାଏ । ଗୋ-ପତ୍ୟାର ସ୍ତ୍ରୀ ଗେଟାଦିନ ଓଳିଏ ଉପବାସ ରହି ଚୁଡା ଓ ଗୁଡ ସହ ଗୋଟିଏ ଗେଟା ଓ ଗୋଟିଏ ସୁଇ କୁ ଗଉଡିଆଠାରୁ ଗ୍ରହଣ କରି ତାହାକୁ ନିଜର ଇଷ୍ଟ ଦେବ ଦେବୀ ପାଖରେ ପୂଜା କରି ଗେଟା ଓ ସୁଇକୁ ବଳଦ ଏବଂ ଗାଇର ବେକରେ ବାନ୍ଧି ଦେଇଥାନ୍ତି । ସେହି ସମୟରେ ଗଉଡିଆର ସ୍ତ୍ରୀକୁ  ଏକ କୁଲା ଧାନ ସହ ଚଉପତିରେ ଅରୁଆ ଚାଉଳ ଓ କିଛି ପଇସା ଦେଇଥାନ୍ତି । ଛେଳି, ମେଣ୍ଢା, ଘୁଷୁରି, ପାରା, ହଂସ, କୁକୁଡା ମଧ ଦେଇଥାନ୍ତି । ଗେଟା ଦିନ କେନ୍ଦୁ ବାଡି କାଟି ଆଣି ତାହାକୁ ଚିତ୍ରିତ କରି ଗଉଡିଆମାନେ ଧରିଥାନ୍ତି । ଏହି ବାଡିକୁ "ବାନ ଡାଙ୍ଗ" କୁହାଯାଏ । ଗେଟି ଡାଲା ବାଉଁଶ ପାତିଆରେ ତିଆରି ହୋଇଥାଏ । ସେଥିରେ ରଙ୍ଗମାଟି ବୋଳାଯାଇଥାଏ ଏବଂ ସେହି ଡାଲାରେ ଚାଉଳ ଚୁନାରେ ଝୋଟି ଚିତ୍ରିତ କରାଯାଇଥାଏ । ଗଉଡିଆମାନେ ବାନା ଡାଙ୍ଗ ଧରି ବାଜା ବାଜଣା ସହ ନାଚି ନାଚି ନାଶ ନାଶ କହି ହିଆ ବୋଲି କୁହାଟ ମାରି ଗୋ-ପତ୍ୟା ଘରକୁ ଯାଇଥାନ୍ତି ଏବଂ ଘର ଆଗରେ ନାଚିଥାନ୍ତି । ଗଉଡିଆମାନଙ୍କର ପ୍ରଧାନ ଦେବତା "ରଣା ବା ଶେଣିଆ" ନାମରେ ଏକ ଖଣ୍ଡା, ଓ ଢାଲ ତିଆରି ହୋଇଥାଏ । ସେହି ଖଣ୍ଡା ଓ ଢାଲକୁ ଗେଟା ଦିନ ରାତ୍ରିରେ ପୂଜା ବଳି ଦିଆଯାଇଥାଏ । ଗଉଡିଆମାନେ

ଖଣ୍ଡା ଓ ଢାଲକୁ ଧରି "ଖେମତା ନୃତ୍ୟ" କରିଥାନତି । "ଖିଶତି ଦିନ" ଗଉଡିଆ ମାନେ ଦେହରେ ରଙ୍ଗମାଟି ବୋଳି ହୋଇଥାନ୍ତି । ଗୋ-ପତ୍ୟାମାନେ ଗଉଡିଆମାନଙ୍କୁ ମୁଣ୍ଡରେ ଗାମୁଛା ଡାଲରେ ଧାନ ଭର୍ତ୍ତିକରି ସେମାନଙ୍କୁ ଦେଇଥାନ୍ତି ଏବଂ କିଛି ପଇସା ଦେଇଥାନ୍ତି । ବର୍ଷସାରା ଖରା, ବର୍ଷା, ଶୀତ ସହି ଯେଉଁ ଅକ୍ଲାନ୍ତ ପରିଶ୍ରମ କରି ଗାଈଗୋରୁଙ୍କୁ ଚରାଇଥାଏ ସେହି ପରିଶ୍ରମର ଏହାକୁ ପୁରସ୍କାର ବୋଲି ଧରି ନେଇ ଏହାକୁ "କଣ୍ଡା ମତ୍ତି" କୁହାଯାଏ । ଦିଆଲୀ ପର୍ବଦିନ କୁ ଖିଶିତି ଦିନ କୁହାଯାଏ । ଖିଶତି ଦିନ ସକାଳୁ ଗୋ-ପତ୍ୟାମାନେ ନିଜ ନିଜ ଗୋରୁଙ୍କୁ ନିନେ କିମ୍ୱା ପିଲାମାନଙ୍କୁ ଚରାଇବା ପାଇଁ ପଠାଇଥାନ୍ତି । ଗୋରୁ ଗାଈଙ୍କୁ ଗାଧୋଇ ଗୋ-ଶାଳକୁ ଓ ଗୋ-ଖାଦ୍ୟ କୁଣ୍ଡକୁ ସଫା ସୁତୁରା କରି ଗୋବର ପାଣିରେ ଧୋଇ ଗାଇ ଗୁହାଳର କାନ୍ଥକୁ ରଙ୍ଗମାଟି ରେ ଲିପି ଝୋଟି ଦିଆଯାଇଥାଏ । ଦାଣ୍ଡ ଦୁଆରରୁ ଗୋ-ଶାଳ ପର୍ଯ୍ୟନ୍ତ ରଙ୍ଗ ମାଟିରେ ଲିପି ତା ପରେ ଗାଈର ପାଦ ଚିହ୍ନ କରାଯାଇଥାଏ । ମଝିରେ ଲାଲ ମାଟିର ବୃତ୍ତ ଅଙ୍କନ କରାଯାଇଥାଏ । ଖିଶତି ବା ଦିଆଲି ପର୍ବ ଦିନ ଗୋରୁ ଗାଇ ମାନଙ୍କର ବେକରେ ଘଣ୍ଟି, ଘାଗୁଡି, ବିଭିନ୍ନ କାଚର ମାଳ ବନ୍ଧା ଯାଇଥାଏ । ସେହିଦିନ ଗୋ-ପତ୍ୟାର ସ୍ତ୍ରୀ ଉପବାସ ରହି ଖିଚିଡି ଭୋଗ କରିଥାନ୍ତି । ବର୍ଷ ଯାକ ଯାହା ଯାହା ଫସଲ ଆମଦାନୀ ହୋଇଥାଏ ସେ ସମସ୍ତ ଜିନିଷ ଖିଚିଡି ଅନ୍ନରେ ପଡିଥାଏ । ଗୋ ପତ୍ୟାମାନଙ୍କୁ ଗଉଡିଆ ସଲପ, ମଦ, ହାଣ୍ଡିଆ ଦେଇଥାଏ । ଗଉଡିଆ ପାଇଥିବା ସମସ୍ତ ଜିନିଷକୁ "ଗଉଡିଆ ମାନ୍ତି" କହିଥାନ୍ତି । ସେଦିନ ଗୋରୁ ଗାଇମାନଙ୍କୁ ହଳଦି ପାଣିରେ ଗୋଡ ଧୂଆଯାଏ । ମୁଣ୍ଡରେ ହଳଦି ଚାଉଳରେ ଚିତା ସିନ୍ଦୁର, ଚନ୍ଦନ ଟୋପା, ଲଗାଯାଏ ଧୂପ, ଦୀପ, ଫୁଲ ଦେଇ ପୂଜା କରାଯାଏ । ଘରର ସମସ୍ତ ବ୍ୟକ୍ତି ପିଲା ଠାରୁ ବୁଢା ପର୍ଯ୍ୟନ୍ତ ଗୋରୁ ଗାଈଙ୍କ ଗୋଡତଳେ ମୁଣ୍ଡିଆ ମାରିଥାନ୍ତି । ନୂଆ କୁଲା, ଟୋକେଇରେ ରନ୍ଧା ଯାଇଥିବା ଖେଚିଡିକୁ ଗାଈଗୋରୁଙ୍କୁ ଖାଇବାକୁ ଦିଆଯାଇଥାଏ । ଖିଚିଡି ଦିନ ଧାନ କେଣ୍ଡାରେ ବିଭିନ୍ନ ଫୁଲବାନ୍ଧି ଏକ ପ୍ରକାର ମୁକୁଟ ତିଆରି କରାଯାଏ । ସେହି ମୁକୁଟକୁ ସେଲା ବୋଲି କୁହାଯାଏ । ସେହି ସେଲାକୁ ଗଉଡିଆମାନେ ନାଚି ନାଚି କୁହାଟ ମାରି ଆସି ଗୋ-ପତ୍ୟାର ଗୋ-ଶାଳାରେ ବା ଗୁହାଳରେ ବାନ୍ଧିଥାନ୍ତି । ଦିଆଲୀ ପର୍ବଦିନ ଖିଶତି ଦିନର ପରଦିନକୁ ବାସି ଦିଆଲୀ କୁହାଯାଏ । ଗୋ-ପତ୍ୟା ମାନଙ୍କୁ ଖୁସୀ କରିବା ପାଇଁ ଗଉଡିଆମାନେ ଚୂଡା, ଗୁଡ, ମଦ, ସଲପ ଦେଇଥାନ୍ତି । ଗୋ-ପତ୍ୟାମାନେ ଗଉଡିଆ ମାନଙ୍କୁ ପୁଣି ଥରେ ଏକବର୍ଷ ପାଇଁ ଗାଇ ଗୋରୁ ଚରାଇବା ଦାୟିତ୍ୱ ଦେଇଥାନ୍ତି । ଗଉଡିଆମାନଙ୍କୁ ମାସିକ ବେତନ ଦେଇ ଗୋ-ପତ୍ୟାମାନେ ଗାଇ ଚରାଇବାକୁ

ଗଉଡିଆମାନଙ୍କୁ ଦେଇଥାନ୍ତି । ତାହାକୁ "ଚରେଇ" ବୋଲି କୁହାଯାଏ ।

ବିଭିନ୍ନ ସମ୍ପ୍ରଦାୟର ଆଦିବାସୀମାନେ ଦିଆଲୀ ପର୍ବରୁ ବିଭିନ୍ନ ପ୍ରକାର ପାଳନକରିଥାନ୍ତି । ପରଜା ସମ୍ପ୍ରଦାୟର ଆଦିବାସୀମାନେ ଦିଆଲୀ ପର୍ବକୁ ଜାବ ଜକମରେ ପାଳନ କରିଥାନ୍ତି ।

***



# ମେରିଆ ପରବ

ବହୁ ପୁରାତନ କାଳରୁ ଭୂତପ୍ରେତ, ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆଦିବାସୀମାନଙ୍କ ମଧ୍ୟରେ ଦେବଦେବୀ ପାଖରେ ନରବଳୀ ଦେବା ପ୍ରଥା ପ୍ରଚଳନ ଥିଲା । ଆଦିବାସୀମାନେ ଭାବନ୍ତି ଟାଙ୍ଗରା ଭୂମିକୁ ସୁଜଳା, ସୁଫଳା କରିବା ପାଇଁ ମାଟି ଦେବତାଙ୍କୁ ବଳୀ ଦେବା ଦରକାର । ତେଣୁ ସେମାନେ ପ୍ରତିବର୍ଷ ଗୋଟିଏ ଗୋଟିଏ ମଣିଷ ମାରି ତା'ର ରକ୍ତ ମାଟିରେ ଛିଞ୍ଚୁ ଥିଲେ । ଏହାଯେ କେବଳ ଓଡ଼ିଶା ଆଦିବାସୀଙ୍କ ମଧ୍ୟରେ ସୀମିତ ଥିଲା ତା'ନୁହେଁ । ଭାରତର ଆଦିବାସୀ ଏବଂ ବିଦେଶର ଆଦିବାସୀମାନଙ୍କ ମଧ୍ୟରେ ଏହି ପ୍ରଥା ପ୍ରଚଳନ ଥିଲା । ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ରାଜା ରାଜୁଡାମାନେ ନୂତନ ଦୁର୍ଗ ନିର୍ମାଣ, ଯୁଦ୍ଧ ଯାତ୍ରା, ଦଶହରା, ଯୁଦ୍ଧରୁ ବିଜୟୀ ହେଲାପରେ ନିଜ ନଅରର ଇଷ୍ଟ ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ମେରିଆ ବଳି ଦେଉଥିଲେ । ସେ ସମୟରେ ତନ୍ତ୍ର ପୂଜାର ବହୁଳ ପ୍ରଚଳନ ଯୋଗୁଁ ଏହାର ପ୍ରସାର ହୋଇଥିଲା । ନରବଳୀ ପ୍ରଥା ରାଜା ମହାରାଜାଙ୍କ ପରେ ବ୍ରିଟିଶ ଶାସନ ସମୟରେ ଲୋପ ପାଇଲା । କିନ୍ତୁ ଆଦିବାସୀମାନେ ଗୁଣି ଗାରେଡ଼ି, ତନ୍ତ୍ର ବିଦା, ଭୂତପ୍ରେତରେ ବିଶ୍ୱାସ ରଖିଥିବା ଯୋଗୁଁ, ରୋଗରୁ ମଣିଷଙ୍କୁ ଗୃହପାଳିତ ପଶୁଙ୍କୁ ରକ୍ଷା କରିବା ପାଇଁ ଡାକ୍ତରଙ୍କ ପାଖକୁ ନଯାଇ ଦିଶାରୀ, ଗୁଣିଆ ଉପରେ ଅଧିକ ନିର୍ଭର କରି ଚେରମୂଳ ଖାଇ ସୁସ୍ଥ ହୋଇଥାନ୍ତି ବୋଲି ବିଶ୍ୱାସ କରନ୍ତି । ସେଥିପାଇଁ ସୁସ୍ଥ ହେଲାପରେ ପଶୁପକ୍ଷୀ ବଳୀ ନିଜ ହୁଣ୍ଡି ଦେବତା ପାଖରେ ଧରଣୀ ପେନୁ ପାଖରେ ଦେଇ ସୁଖରେ କାଳାତିପାତ କରନ୍ତି ବୋଲି ସେମାନେ ଭାବିଥାନ୍ତି । ନରବଳୀ ସମାପ୍ତ ହେଲା ପରେ ଆଦିବାସୀମାନେ ମେଣ୍ଢା, ଛେଳି, କୁକୁଡା, ଘୁଷୁରୀ ଦେବାଦେବୀଙ୍କ ନିକଟରେ ବଳି ଦେଇ ମେରିଆ ପର୍ବ ପାଳନ କରି ଆସୁଛନ୍ତି ।

ଆଦିବାସୀମାନେ ଜମିରେ ବିହନ ବୁଣିବା, ହଳକରିବା, ଧାନ ବୁଣିବା, ଧାନ ଅମଳ ହେବା, ଭଲ ଚାଷ ପାଇଁ ଧାନ କାଟିବା, ବର୍ଷାର ଆଗମନ ପାଇଁ ବିଭିନ୍ନ ସମୟରେ ପୂଜା ପର୍ବ ପାଳନ କରିଥାଆନ୍ତି । ମାଲକାନାଗିରର ମୋଟୁ, ପଦ୍ମଗିରି, ପଡ଼ିଆ, କୋରାକୋଣ୍ଡା ଅଞ୍ଚଳରେ କୋୟାମାନେ ମେରିଆ ପର୍ବ ପାଳନ କରିଥାନ୍ତି । ଏହା ବ୍ୟତୀତ ବୈପାରୀଗୁଡାରେ ମଧ୍ୟ ଏହି ପର୍ବ ଯାକଜମକରେ ପାଳନ କରାଯାଏ । ଅକ୍ଟୋବର ମାସର ଦଶହରା ସମୟରେ ଏହି ପର୍ବ ପାଳନ କରାଯାଏ । ଏହି ପର୍ବର ଦେବୀ ହେଉଛନ୍ତି

ମାଉଁଳୀ ଠାକୁରାଣୀ । ମାଲକାନାଗିରିର ବିଭିନ୍ନ ସ୍ଥାନରୁ ବାଉଁଶ ଲାଠି ଯାହାର ଲମ୍ବ ୪୦ ଫୁଟ ଥାଏ, ଏହା ଶାଳିମ୍ଭ ବାଉଁଶରେ ତିଆରି । ଏହାର ଅଗରେ ନାଲି, ଧଳା ରଙ୍ଗର କନା ବନ୍ଧା ଯାଇଥାଏ ଏବଂ ସେଥିରେ ମୟୁରପୁଚ୍ଛ ବନ୍ଧା ଯାଇଥାଏ । ପ୍ରତ୍ୟେକ ବାଉଁଶରେ କେତେଗୁଡ଼ିଏ ପିତଳ ଘଣ୍ଟି ବନ୍ଧା ଯାଇଥାଏ । ବାଉଁଶକୁ ଧରିଥିବା ଲୋକମାନେ ମୁଣ୍ଡକୁ ହଲାଇ ହଲାଇ ଚାଲିଥାନ୍ତି । ଏହାକୁ ଓ୍ୱାଲୁପୁ କୁହାଯାଏ । ଏହାକୁ ହାତରେ ଧରି ୪ଟି ଅଞ୍ଚଳର ମୁଠା ସର୍ଦ୍ଦାରଙ୍କ ଲାଠି ଦେବୀ ଡଙ୍ଗରର ଇଷ୍ଟଦେବୀ ମାଉଁଳୀ ଠାକୁରାଣୀଙ୍କ ମନ୍ଦିର ନିକଟରେ ପହଞ୍ଚି ଥାଆନ୍ତି । ସେଠାରେ ମେରିଆ ପୂଜା କରାଯାଏ ଏବଂ ବଳୀ ପହଞ୍ଚି ଥାଆନ୍ତି । ସେଠାରେ ମେରିଆ ପୂଜା କରାଯାଏ ଏବଂ ବଳୀ ଦିଆଯାଏ ।

ମେରିଆ ପର୍ବରେ ପୂର୍ବେ ଦୁଇଜଣ ଯୁବକଯୁବତୀଙ୍କୁ ବଳି ଦିଆଯାଉଥିଲା । କିନ୍ତୁ କ୍ୟାପଟେନ ନେକ୍‌ନେଇଲ ମେରିଆ ସମୟରେ ପହଞ୍ଚି ଏହି ଯୁବକଯୁବତୀଙ୍କୁ ମେରିଆ ବଳୀରୁ ରକ୍ଷା କରିଥିଲେ ଏବଂ ୪ଟି ମୁଠା ସର୍ଦ୍ଦାରଙ୍କୁ ଡକାଇ ରାଣୀ ବାଙ୍ଗରାଦେବୀ ସମେତ ସମସ୍ତଙ୍କୁ ମେରିଆ ବଳୀ ବା ନରବଳୀ ବନ୍ଦ କରିବା ପାଇଁ ଶପଥ କରିଥିଲେ । ଏହି ନରବଳୀ ବିଷୟରେ ଗୋଟିଏ କାହାଣୀ ରହିଛି । ମାଉଁଳୀ ଠାକୁରାଣୀଙ୍କ ମନ୍ଦିର ଆଗରେ ଚାରିଟି କାଠ ଖୁବ୍ ମଜବୁତ୍ ହୋଇ ପୋତାଯାଏ । ଚାରିଟି କାଠର ଦୁଇଟି ଯୁବକ (ଟୁରା) ଦୁଇଟି ଯୁବତୀ (ଟୁରୀ)ଙ୍କୁ ମଦ ନିଶାରେ ମାତାଲ କରି ଏହି ଚାରୋଟି କାଠରେ ବନ୍ଧା ଯାଇଥାଏ । ସମସ୍ତେ ହଳଦୀ ତେଲ ଲଗାଇ ସ୍ନାନ କରି ବେକରେ ମେରିଆ ଫୁଲମାଳ ପିନ୍ଧିଥାନ୍ତି । ଆଖପାଖ ଅଞ୍ଚଳର କୋୟାମାନେ ଦଳ ହୋଇ କାଠଫାଳିଆ, ଟାଙ୍ଗିଆ, ଛୁରୀ, କାତି ହାତରେ ଧରି ବଂଶୀ ବଜାଇ, ମଇଁଷୀ ଶିଙ୍ଗର ତାଳେ ତାଳେ ନାଚି ମଦ ପିଇ ମାତାଲ ହୋଇ ଭୟଙ୍କର ଶବ୍ଦ କରି ଧାଇଁ ଧାଇଁ ଆସି ଏହି ଚାରିଜଣ ଯୁବକ ଯୁବତୀଙ୍କ ଦେହରେ ଘଷି ହୋଇ ଧାଇଁ ଚାଲି ଯାଆନ୍ତି । କୋୟାମାନେ ସମସ୍ତେ ପାଗବାନ୍ଧି ସେଥିରେ ମୟୁର ପକ୍ଷୀର ଚୂଳ ଲଗାଇଥାନ୍ତି । କେହି କେହି ମଇଁଷି ଶିଙ୍ଗ ମୁଣ୍ଡରେ ବାନ୍ଧି, ସମ୍ବର, ହରିଣ ଶିଙ୍ଗ ମୁଣ୍ଡରେ ବାନ୍ଧି ଦେହକୁ କଳା ରଙ୍ଗରେ ଚିତ୍ରିତ କରି ସେଥିରେ ଧଳାରଙ୍ଗ ଚିହ୍ନ କରି ନାଚିନାଚି ଆସିଥାନ୍ତି । କୋୟା ରମଣୀ ମାନେ ମୁଣ୍ଡରେ ଜଡ଼ା ତେଲ ଲଗାଇ କିମ୍ବା ଟୋଲ ତେଲ ଲଗାଇ ଏକାଠି ଠିଆ ହୁଅନ୍ତି । ସମସ୍ତେ ଲନ୍ଦା, ସଲପ ପିଇ ନିଜକୁ ହଜାଇ ଦେଇଥାନ୍ତି । ତା'ରେ ଡଙ୍ଗରର ପାଟରାଣୀ ବାଙ୍ଗରାଦେବୀ, ମନ୍ତ୍ରୀ, ମୋଟୁ ପଦ୍ମଗିରି, ପଡ଼ିଆ ସର୍ଦ୍ଦାର ମାନେ ନିଜ ନିଜ ଲାଗି ବାହାକଙ୍କ ସହିତ ସେଠାରେ ପ୍ରବେଶ କରିଥାଆନ୍ତି । ଜାନି (ପୂଜାରୀ) ଚାରିଜଣ

ସହିତ ମୁଖ୍ୟ ପୂଜାରୀ (ଜାନି) ମେରିଆ ବଳି ପଡୁଥିବା ଟୁରା ଟୁରୀଙ୍କୁ ତିନିଥର ପ୍ରଦକ୍ଷଣ କରିଥାଏ । ମାଣିକେଶ୍ୱର ଦେବତାଙ୍କୁ ପ୍ରାର୍ଥନା କରେ ତୁମେ ନଳୀ ଦେଉଛ, ଖଣ୍ଡା ଦେଉଛ, ଆମେ ଆମ ହାତରେ ଧରିଥିବା ଟାଙ୍ଗିଆକୁ ଖଣ୍ଡା କରିଦିଅ । ଏହି ମେରିଆ ବଳୀକୁ ଆନନ୍ଦ ସହକାରେ ଗ୍ରହଣ କରି ସନ୍ତୁଷ୍ଟ ରୁହ ଆମକୁ ଫିରିଙ୍ଗୀ ଏବଂ ଜୟପୁର ମହାରାଜାଙ୍କ ଅତ୍ୟାଚାରରୁ ରକ୍ଷାକର । ଆମ ଜମିରେ ଭଲ ଏବଂ ବେଶୀ ଫସଲ ତୁମେ ଦିଅ । ତୁମକୁ ଆମେ ରକ୍ତ ଦେଉଛୁ ଆମକୁ ତୁମେ ହିଁ ସହାୟ କହି ମୁଖିଆ ଜାନୀ (ପୂଜାରୀ) ହାତରେ ଧରିଥିବା ଟାଙ୍ଗିଆକୁ ମେରିଆମାନଙ୍କ ବେକରେ ଲଗାଇ ଛୁଆଇଁ, ମୁଠାଦାର ଜାନୀମାନଙ୍କୁ ବଳୀ ପାଇଁ ଆଦେଶ ଦେଇଥାନ୍ତି । ମୁଠାଦାରଜାନୀ ମେରିଆ କାତିରେ ମେରିଆ ଯୁବକଯୁବତୀଙ୍କ ମୁଣ୍ଡରୁ ଗଣ୍ଡି ଅଲଗା କରିଦିଏ । ମେରିଆ ଖମ୍ବରେ କଟାମୁଣ୍ଡ ସେମିତି ଝୁଲି ରହିଥାଏ । ମେରିଆମାନଙ୍କ ଗଣ୍ଡିକୁ ଖଣ୍ଡ ଖଣ୍ଡ କରି ମାଂସ କାଟି ସମସ୍ତେ ନିଜ ନିଜର ଗାଁକୁ ଲାଠି ସହିତ ଫେରିଥାନ୍ତି । ରାଣୀ ବାଙ୍ଗରାଦେବୀ ଗାଁର ସମସ୍ତ ବ୍ୟକ୍ତିଙ୍କ ସହିତ ନିଜ ନଅରକୁ ଫେରିଥାଆନ୍ତି । ତା'ପରେ ମେରିଆ ପର୍ବ ଶେଷ ହୁଏ । ଇଂରେଜ ଶାସନ କ୍ୟାପଟେନ୍ ନେକ୍‌ନେଇଲ ମେରିଆ ପର୍ବରେ ନରବଳୀ ପ୍ରଥା ବନ୍ଦ କରିବା ପରେ ସେହି ଦିନଠାରୁ ମେରିଆ ପର୍ବରେ ମେଣ୍ଢା ଓ ଛେଳି ବଳୀ ଦେବା ପ୍ରଥା ରହି ଆସୁଛି । କୋୟାମାନେ ଏହି ପର୍ବରେ ନିଜକୁ ସମ୍ବର, ହରିଣୀ, ମଇଁଷି, ବାଘ ବେଶରେ ସଜାଇ ଶିଙ୍ଗ ବାଇଦରେ ତାଳେ ତାଳେ ସଲପ, ଲନ୍ଦା (ମଦ) ନିଶାରେ ମାତାଲ ହୋଇ ନାଚି ନାଚି ଦେବତଙ୍ଗର ପର୍ବତକୁ ଆସନ୍ତି । ଏହି ପର୍ବତଟି ଗୋଟିଏ ବୁଢ଼ା ମଣିଷ ହାତରେ ଧରିଥିବା ଶୁଖିଲା ମହୁଲ ବୁଜୁଳା, କୁକୁର ଗୋଟିଏ ଠେକୁଆକୁ ଗୋଡ଼ାଇବା ଦୃଶ୍ୟ ପଥରର ଚାରିଆଡେ ଚିତ୍ରିତ ହୋଇଥିବା ଭଳି ଏବେ ମଧ ଦେଖାଯାଏ । ଏଠାରେ ମାଉଁଲି ଠାକୁରାଣୀ ପୂଜା ପାଇଥାନ୍ତି ।

ଆଜି ମଧ କୋୟାଙ୍କ ବିଶ୍ୱାସ ମେରିଆବଳୀ (ମେଣ୍ଢା, ଛେଳି) ବଳି ଯଦି ମାଉଁଲୀ ମାଁଙ୍କୁ ଦିଆନଯାଏ, ତେବେ ଗାଁର ବିପଦ ପଡ଼ିବ, ଲୋକମାନେ ରୋଗଗ୍ରସ୍ଥ ହେବେ ଏବଂ ଗାଁ ଜନଶୂନ୍ୟ ହେବ । କୋରାପୁଟ ଜିଲ୍ଲାର ବୈପାରୀଗୁଡାରେ ଭୂମିଆମାନେ ଏହି ପର୍ବ ମାଘ ମାସରେ ପାଳନ କରିଥାନ୍ତି । ପାହାଡ ନିକଟରେ ମାଁ ବୀରଖମ୍ବଦେବୀ ରହିଥାନ୍ତି ଗୃହପାଳିତ ପଶୁଙ୍କୁ ରକ୍ଷାକରିବା ପାଇଁ ମେରିଆ ବଳୀ ଦିଆଯାଏ । ଏହି ବିଷୟରେ କାହାଣୀ ରହିଛି ଥରେ ଭୂମିଆ ଯୁବକମାନେ ସାଥି ହୋଇ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ । ସେମାନେ ଗୁମ୍ଫାରେ ଆଶ୍ରୟ ନେଉଥାନ୍ତି । ଜଣେ ଭୂମିଆ ଯୁବକ ତାଳପତ୍ର

(ଧାରୁଆ ଘାସ)ରେ ଅନ୍ୟ ଜଣେ ଯୁବକକୁ ହାଣି ଦେଲା । ମୁଣ୍ଡ ଓ ଗଣ୍ଡି ଯୁବକର ଅଲଗା ହୋଇଗଲା । ସେତେବେଳେ ଯୁବକ ଦେଖିଲା ସେଠାରେ ଘାସ ନାହିଁ । ସେହି ଘାସ ଖଣ୍ଡାରେ ପରିଣତ ହୋଇଯାଇଛି । ଖଣ୍ଡାଟି ରକ୍ତରେ ଜୁତୁବୁତୁ ହୋଇ ଭୂମିରେ ପଡ଼ିଛି । ସେହିଦିନଠାରୁ ସେଠାରେ ବୀରଖମ୍ବ ଠାକୁର ଉଭାହେଲେ ଏହି ପାଟ ଖଣ୍ଡାକୁ ଠାକୁର ରୂପେ ପୂଜା କରାଗଲା । ସେଠାରେ ପର୍ବପାଳନ କରାଗଲା ।

ରାୟଗଡା ଜିଲ୍ଲାର ନିୟମଗିରିରେ ପର୍ବତମାଳାରେ ଡଙ୍ଗରିଆ କନ୍ଧମାନେ ବାସକରନ୍ତି । ଏମାନଙ୍କର ଅନେକ ବିଶ୍ୱାସ ରହିଛି ମେରିଆ ପର୍ବରେ ଜାନି ଧରନୀପେନୁକୁ ଆବାହନ କରିଥାନ୍ତି । ଏହି ପର୍ବ ମାଘ ମାସରେ ମଙ୍ଗଳବାର ଦିନ ମଣ୍ଡଳ, ଜାନି, ମାଝୀ, ପୂଜାରୀ, ଦିଶାରୀ ଦିନବାର ଠିକ୍ କରନ୍ତି । ଦୁଇଟି ମେଣ୍ଢା ଏବଂ ଛେଳିକୁ ଗାଁ ଦେବୀ ନିକଟରେ ମେରିଆ ଖମ୍ବରେ ବନ୍ଧା ଯାଇଥାଏ । ବେଜୁଣୀ ମନ୍ତ୍ରପାଠ କରେ । ଜାନୀ ମେରିଆ ଖମ୍ବ ନିକଟରେ ଯାଇ ଧୂପଦୀପ ଦେଇ ପୂଜା କରିଥାଏ । ଗାଁରେ ପ୍ରତ୍ୟେକ ଘରେ "ଡୁନା" ଥାଏ । ଡୁନା ଏକ ଫୁଟ ଲମ୍ବର ବାଉଁଶ ନଳୀ ଯାହାର ଗୋଟିଏ ପାର୍ଶ୍ୱ ଖୋଲାଥାଏ ଅନ୍ୟ ପାର୍ଶ୍ୱ ମାଟିରେ ପୋତା ଯାଇଥାଏ । ଲୋକମାନେ ସେହି ନଳୀ ଭିତରେ ଟଙ୍କା, ପଇସା ରଖିଥାନ୍ତି । ନଳୀଟି ପଇସାରେ ଭର୍ତ୍ତି ହୋଇଗଲେ ତା'ର ଖୋଲା ପାର୍ଶ୍ୱକୁ କନା ଗୁଡାଇ କନା ଦ୍ୱାରା ବନ୍ଦ କରି ଦିଆଯାଏ ଏବଂ ସେଥିରେ ଶିଆଳି ପତ୍ର ଘୋଡାଇ ବନ୍ଦ କରାଯାଏ । ପରେ ତାକୁ ନିଆଁରେ ସେକିବା ପରେ ଘର ଭିତରେ ଥିବା ପୂର୍ବ ପୁରୁଷଙ୍କ ଉପାସନା ସ୍ଥାନରେ ମାଟିତଳେ ପୋତି ଦିଆଯାଏ ଏବଂ ଏହି ଡୁନା ହୋଇଯାଏ ଦେବୀ ସୀତାପେନୁ (ଲକ୍ଷ୍ମୀ ଦେବୀ) ଏହି ଡୁନାକୁ ଲାଉ ତୁମ୍ବା ଭିତରେ ରଖି ସାତଦିନ ପର୍ଯ୍ୟନ୍ତ ପୂଜା କରାଯାଏ । ତା'ପରେ ତାକୁ ଘରର ଚାଳରେ ଖୋସି ଦିଆଯାଏ । ବେଜୁଣୀ ମାନେ ଉତ୍ତରାଧିକାରୀ ଭାବରେ ସ୍ୱାମୀଠାରୁ ଗୋଟିଏ ଡୁନା ପାଇଥାନ୍ତି ଏବଂ ଗୁଣି ଗାରେଡି ଶିକ୍ଷା କରିଥିବା ସମୟରେ ଗୁରୁଙ୍କ ଠାରୁ ଆଉ ଗୋଟିଏ ଡୁନା ପାଇଥାନ୍ତି । ଯେଉଁ ସ୍ତ୍ରୀମାନଙ୍କ ପିଲାଛୁଆ ନଥାନ୍ତି, ସେମାନେ ଗୁଣି ଗାରେଡ଼ି ବିଦ୍ୟା ଶିକ୍ଷା କରିଥାନ୍ତି ପାଟ ବେଜୁଣୀ ଠାରୁ । ପାଟ ବେଜୁଣୀ ଶିଷ୍ୟକୁ ଗୁଣିଗାରେଡି ଶିଖାଇବା ସମୟରେ ଆଉ ଗୋଟିଏ ଡୁନା ଦେଇଥାଏ । କନ୍ଧ ସ୍ତ୍ରୀ ମାନଙ୍କ ବିଶ୍ୱାସ ଯଦି ସ୍ୱାମୀଠାରୁ କୌଶଳ କ୍ରମେ ଦୁଇଟି ଡୁନା ମିଳିଯାଏ ତେବେ ସେମାନେ ବନ୍ଧ୍ୟା ଦୋଷରୁ ପରଜନ୍ମରେ ମୁକ୍ତି ହୋଇଥାଏ । ମେରିଆ ପର୍ବ ଦିନ ମେରିଆ ପଡ଼ିଆରେ ସମସ୍ତେ ଘରୁ ମେରିଆ ପୂଜା ସମୟରେ ଦୁଇଟି ଡୁନା ଆଣି ସେଠାରେ ପୂଜା କରିଥାନ୍ତି । ଏହି ଡୁନାକୁ ସୀତା ପେନୁ ନାମରେ ପୂଜା

କରାଯାଏ । ଜାନୀ ହିଁ ଡଙ୍ଗରିଆ କନ୍ଧଙ୍କ ପାଇଁ ପବିତ୍ର ପୁରୁଷ । ସେ ଯଦି ଡୁନାକୁ ସ୍ୱର୍ଶ୍ୟ କରେ ତେବେ ଘର ଧନଧାନ୍ୟରେ ପୂର୍ଣ୍ଣ ହୋଇଯାଏ ବୋଲି ସେମାନଙ୍କ ବିଶ୍ୱାସ ରହିଛି । ମେରିଆ ପର୍ବରେ ଜାନି ଘର ଘର ବୁଲି ଡୁନାକୁ ସ୍ୱର୍ଶ୍ୟ କରେ । ତା'ପରେ ଡୁନାକୁ ମେରିଆ ପର୍ବ ଦିନ ଗୋଟିଏ ଗୋପନୀୟ ସ୍ଥାନରେ ପୋତି ଦିଆଯାଏ । ଯଦି କାହା ପାଖରେ ଡୁନା ନଥାଏ ତେବେ ତା'ର ଅପମୃତ୍ୟୁ ହୁଏ ବୋଲି ସେମାନଙ୍କ ବିଶ୍ୱାସ । ମେରିଆ ପର୍ବ ପୂର୍ବରୁ ପୁଷ ପୁନେଇ ପରେ ବହୁ ବେଜୁଣୀ ଏକତ୍ରିତ ହୋଇ ନୂଆ ଡୁନା ପ୍ରସ୍ତୁତ କରିବା ପାଇଁ ପୂଜା କରିଥାନ୍ତି ଏବଂ ଯାହା ପାଖରେ ଡୁନା ନଥାଏ ତାକୁ ନୂଆ ଡୁନା ପ୍ରଦାନ କରିଥାନ୍ତି । ମେରିଆ ପର୍ବରେ ଡୁନାରେ ଟଙ୍କା ପଇସା ଭର୍ତ୍ତି କରିବାକୁ ଜାନୀ ଓ ବେଜୁଣୀ ସୀତାପେନୁକୁ ଧରଣୀ ପେନୁ ସହିତ ଆରାଧନା କରିଥାଏ । ମେରିଆ ପର୍ବ ଶେଷରେ ଛେଳି ଓ ମେଣ୍ଢା (ମେରିଆ)କୁ ବଳି ପରେ ଗାଁ ଲୋକମାନେ ଏକତ୍ରିତ ହୋଇ ଗାଁ ମୁଣ୍ଡ ଶେଷର ମେରିଆକୁ ଛାଡ଼ି ନିଜ ନିଜ ଘରକୁ ଡୁନା ସହିତ ଖୁସିରେ ଫେରିଥାନ୍ତି । ଗାଁରେ ଭୋଜି ଭାତ ହୁଏ ନାଚ ଗୀତରେ ହାଣ୍ଡିଆ ପିଇ ରାତି ବିତାଇଥାନ୍ତି ।

***



# ତିଜାବାର୍ଲି ପରବ

ଓଡ଼ିଶାର କେଟ ପାଡ ଅଞ୍ଚଳ ଯାହାକି ଦିନେ ଉତ୍ର ରାଜାଙ୍କ ଅଧିନରେ ଥିଲା । ୧୩୩୦ ଖ୍ରୀଷ୍ଟାବ୍ଦରେ କୋଟାପାଡରେ ନାଗ ବଂଶୀ ରାଜା ବିକ୍ରମ ଶାସନ କରୁଥିଲେ । ୱାରାଙ୍ଗଲର ରାଜା ଅନ୍ନମ୍ ଦେବ ବସ୍ତର ଜୟକରି କୋଟପାଡ ଜୟ କରିଥିଲେ । ତାପରେ ବିକ୍ରମ୍ ଅନ୍ନମ୍ ଦେବଙ୍କ ବଶ୍ୟତା ସ୍ୱୀକାର କରି ସାମନ୍ତରାଜା ରୂପେ ରହିଲେ ଏବଂ କୋଟପାଡ ଗଡ ସ୍ୱାଧିନତା ହରାଇ ବସ୍ତର ରାଜ୍ୟ ଅଧିନସ୍ଥ ହେଲା । ଏହି ଅଞ୍ଚଳରେ ହଲଓ୍ୱି, ଦୁରୁଆ, ମାଡ଼ିଆ, ଆଦିବାସୀ ବାସ କରନ୍ତି । ବସ୍ତରର ଶାସନ ସମୟରୁ କୋଟ ପାଡ ଅଞ୍ଚଳରେ ମାଉଁଲୀ ଶକ୍ତିପୀଠ ରହିଛି । ଏହା ଓଡ଼ିଶା ଏବଂ ଛତିଶ ଗଡର ପ୍ରହରୀ ରୂପେ ବିଦ୍ୟମାନ । ଏହି ଶକ୍ତି ପୀଠର ପୂଜାରୀ ହେଉଛନ୍ତି ହଲଓ୍ୱି ସଂପ୍ରଦାୟର ଆଦିବାସୀ । ଗାଁର ସମସ୍ତ ବ୍ୟକ୍ତି ଏକାଠି ପୂଜାର ପୂର୍ବଦିନ ବସି ଦିନବାର ଠିକ୍ କରିଥାନ୍ତି । ଏହି ପୂଜା, ପୂଜା ବିଧାନ ସହ ଭାଦ୍ରବ ଶୁକ୍ଳ ତୃତୀୟା ଦିନ ଆରମ୍ଭ ହୋଇଥାଏ । ତିଜାବାର୍ଲି ପୂଜାର ପ୍ରମୁଖ ପୂଜାରୀ ହେଉଛନ୍ତି ଜଣେ ମହିଳା ତାଙ୍କୁ ଗୁରୁମାଇ କୁହାଯାଏ । ଗୁରୁମାଇ ପ୍ରଥମେ ହର ପାର୍ବତୀ, ଶ୍ରୀ ଗଣେଶ ଜନ୍ମ  ମା ଦୁର୍ଗତି ନାଶିନୀ ଦୁର୍ଗାଙ୍କର ଆବାହନ କରିଥାନ୍ତି । ଗୁରୁମାଈ ଏକ ନିର୍ଦ୍ଦିଷ୍ଟ ପରିବାରର ଆଧ୍ୟାତ୍ମିକ ଭାବ ସଂପନ୍ନ ପୁରୁଖା ମହିଳା । ସେ ମାଉଂଲୀମାଙ୍କୁ ପୂଜା କରିଥାନ୍ତି । ମାଉଁଲୀ ମା ମା କନକମଣି ମାଉଲୀ ରୂପରେ କୋଟ ପାଡ ଅଞ୍ଚଳରେ ପୂଜା ପାଇଥାନ୍ତି । ଏହି ପୂଜାରେ ପାଟଖଣ୍ଡା ଓ ଶୂଳ ପୂଜା କରାଯାଏ । ମାଙ୍କ ପୂଜା ସହ ଭୈରଭ ଦେବଙ୍କ ଯୋଗଦାନ କରାଯାଏ ଏହି ପୂଜା ଆଶ୍ୱିନ ମାସ ଶୁକ୍ଳ ପ୍ରତିପଦା ଏବଂ ସପ୍ତମୀ ପର୍ଯ୍ୟନ୍ତ ଚାଲିଥାଏ । ଦଶହରା ସମୟରେ ବ୍ରାହ୍ମଣମାନେ ପୂଜା, ହୋମ, ଚଣ୍ଡୀପାଠ ଏବଂ ଶକ୍ତିପୂଜା କରିଥାନ୍ତି । ତିଜାବାର୍ଲି ପୂଜା ସମୟରେ ମାଁ କନକମଣି ମାଉଁଲୀଙ୍କ ହୁକୁମ ଅନୁସାରେ ଉଦିଷ୍ଟ ବାଲି ପଡିଆଠାରେ ଥିବା ଏକ ମୁହାଁ ଅନ୍ଧାର ଘରେ ବାଲିଚାଙ୍ଗୁଡିରେ ବିଧିପୂର୍ବକ ଚାଉଳ ବୁଣାଯାଏ ଏବଂ ମାଙ୍କ ଆଦେଶ କ୍ରମେ ସେହି ଚାଉଳରୁ ଗଜା ବାହାରେ । ବାଲିଚାରା ହୁଏ ଏବଂ ଚାଙ୍ଗୁଡିଏ ବାଲି ଶୀତ ଚାଙ୍ଗୁଡ଼ିଏ ହୋଇ ମାଁ ସେଠାରେ ଆଶିଷ ଦେଇଥାନ୍ତି । ଅନେକ ମତ ପ୍ରଦାନ କରନ୍ତି । ମାଉଁଲୀ ମାଁ ନିଜେ ସେଠାରେ ଉଭାହୋଇଥାନ୍ତି । ମହାଳୟା ଅମାବାସ୍ୟା ଦିନ ନିଶାର୍ଦ୍ଧରେ ବାଲି ଭଟ୍ଟା ନିକଟସ୍ଥ ଏକ ଖୋଲା ନିରୋଳା ସ୍ଥାନରେ ଭୈରଭ ଦେବଙ୍କର ଲାଠି ଓ ଧ୍ୱଜା ସ୍ଥାପନ

କରାଯାଏ । ମାଁ କନକମଣି ମାଉଲୀ ଅଶ୍ୱରେ ବସି ସର୍ବପ୍ରଥମେ କୋଟ ପାଡର ଅଧିଷ୍ଠାତ୍ରୀ ଦେବୀ ମା ଶୀତଳାଙ୍କୁ ଆମନ୍ତ୍ରଣ କରିଥାନ୍ତି । ଶିବ ମନ୍ଦିରର ପଶ୍ଚିମ ପଟେ ଦମୟନ୍ତୀ ସାଗର ରହିଛି । ସେହି ସାଗରରେ ପ୍ରଥମେ ଆସି ମା କନକମଣି ମାଉଁଲୀ ପାଦ ଧୋଇ ଥାନ୍ତି । ତା'ପରେ କୋଟପାଡରେ ଥିବା ସମସ୍ତ ପାର୍ଶ୍ୱଦେବୀ, ଯୋଗିନୀମାନଙ୍କୁ ଆବାହନ କରିଥାନ୍ତି । ଶେଷରେ ନିଜ ପୀଠରେ ବିଜେ ହୋଇଥାନ୍ତି । ଆଶ୍ୱିନ ମାସ ପ୍ରତିପଦାଠାରୁ ମାଙ୍କ ନବରାତ୍ରି ପୂଜା ଆରମ୍ଭ ହୋଇଥାଏ । ଏହା ତନ୍ତ୍ର ପୂଜା ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜାବିଧି ସମ୍ପାଦିତ ହୁଏ । ମାଙ୍କ ପାରଂପରିକ ପୂଜକ ଗୁରୁମାଈ ଏବଂ ହଲଓ୍ୱି ସଂପ୍ରଦାୟର ପୂଜକ ବାହ୍ୟପୀଠରେ ପୂଜା ଅର୍ଚ୍ଚନା କରନ୍ତି । ଭୈରବ ଧ୍ୱଜା ସ୍ଥାପନ ସହ ପୂଜକମାନେ ନିଷ୍ପାପର ପୁରୁଖା ବ୍ୟକ୍ତିମାନଙ୍କ ପାରମ୍ପରିକ ପୂଜାର ନିର୍ବିଘ୍ନ ସମ୍ପାଦନର ସଂକଳ୍ପ କରି ଯୋଗମୁଦ୍ରାରେ ବସିଥାନ୍ତି । ଏହାକୁ ଯୋଗୀ ବସା କୁହାଯାଏ । କନକମଣି ମାଉଁଲୀଙ୍କ ଦଶହରା ବିଜେ ପୂର୍ବରୁ ମାଙ୍କ ପୀଠରେ ପୋଡ଼ବଳି ଦିଆଯାଏ । ଏହି ବଳି ଗାଁର ଏକ ନିର୍ଦ୍ଦିଷ୍ଟ ପରିବାର ବ୍ୟକ୍ତିମାନେ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ବର୍ତ୍ତମାନ ପୋଡ଼ବଳି ବଦଳରେ ମେଣ୍ଢାବଳି ଦିଆଯାଉଛି । ଏହାକୁ ପ୍ରକ୍ଷଣ ପର୍ବ କୁହାଯାଏ । ଏହି ପର୍ବପରେ ମା ମାଉଁଲୀ ଏବଂ ଭୈରଭ ଦେବଙ୍କର ଅପୂର୍ବ ସଂଯୋଗରେ ବିଜୟ ଉତ୍ସବ ହୋଇଥାଏ । ବିଜୟ ଉତ୍ସବର ଶେଷ ସମୟରେ ସମସ୍ତ ଭକ୍ତଙ୍କୁ ଅରିଷ୍ଟ, ଆସୁରୀ ଶକ୍ତିଦମନ, ମନ୍ଦଦୃଷ୍ଟିରୁ ରକ୍ଷା କରିବା ପାଇଁ ମାଙ୍କ ଆଦେଶ ଗୁରୁମାଈ ମାଗିଥାନ୍ତି । ମାଁ ପ୍ରସନ୍ନ ହୋଇ ଆଜ୍ଞାମାଳ ପ୍ରଦାନ କରିଥାନ୍ତି । ତାପରେ ମାଁଙ୍କ ଆଦେଶ ଅନୁସାରେ ଦଶରୁ ପନ୍ଦର ପାରାମାନଙ୍କୁ ଅଣାଯାଏ । ପାରାଙ୍କ ଦ୍ୱାରା ମା କନକମଣି ମାଉଲୀ ଏବଂ ଭୈରଭ ଦେବଙ୍କ ଧ୍ୱଜାବା ଲାଠିର ମଧ୍ୟ ଦେଇ ପଛମୁହାଁ କରି ଦୂରକୁ ପାରାମାନଙ୍କୁ ଉଡେଇ ଦିଆଯାଏ । ଏହା ଫଳରେ ମାଁ ଭକ୍ତ ମାନଙ୍କୁ ଜଣାଇ ଦିଅନ୍ତି ମାଁ ଙ୍କ ମହିମାରେ ସମ୍ମୋହିତ ପାରା ଗୁଡିକ ଶାନ୍ତିର ବାର୍ତ୍ତା ଦେଇ ଦୂରକୁ ଫେରିଗଲେ, କୋଟପାଡ ଏବଂ ଆଖ ପାଖ ଅଞ୍ଚଳରେ ସୁଖ ଶାନ୍ତି ଫେରି ଆସିଲା । ସମସ୍ତେ ଖୁସୀରେ ଦଶହରା ପଡ଼ିଆକୁ ଫେରି ଆସନ୍ତି ସେଠାରେ ମା'ଙ୍କ ସହିତ ମିଶି ନବାନ୍ନ ଖାଇଥାନ୍ତି । ଏଠାରେ ମଧ୍ୟ ଅଖଣ୍ଡ ଦୀପ ଜଳାଯାଏ ପାଟ ଖଣ୍ଡା, ପୂଜା କରାଯାଏ । ଆଜ୍ଞାମାଳକୁ ପୂଜା କରାଯାଏ । ସେବାୟତ ବା ଗୁରୁମାଈ ମା'ଙ୍କ ସହିତ କଥାବାର୍ତ୍ତା କରେ । ମାଁ ଙ୍କର ସେ ସବୁ କଥା ଭକ୍ତଙ୍କୁ ଜଣାଇଥାନ୍ତି । ତେଣୁ ଗୁରୁମାଈ ଯାହା କୁହନ୍ତି ଲୋକମାନେ ଅକ୍ଷରେ ଅକ୍ଷରେ ପାଳନ କରିଥାନ୍ତି । ପ୍ରତ୍ୟେକଙ୍କ ତୁଣ୍ଡରେ ସେହି ଗୋଟିଏ କଥା ମାଁ ଏକଥା କହିଛି, ମାଁ ଏକଥା କରିବା ପାଇଁ ମନା କରିଛି । ମାଁ ଏମିତି କରିବାକୁ



ଇଚ୍ଛା କରିଛି । ସତେ ଯେମିତି ମାଉଁଲୀ ମାଁଙ୍କ ଇଚ୍ଛା ଓ ଇଙ୍ଗିତରେ ସାରା ଅଞ୍ଚଳ ଚଳପ୍ରଚଳ ହେଉଛି । ସେଥିପାଇଁ ସମସ୍ତେ ମାଁ କନକମଣି ମାଉଁଲୀ ପାଖରେ ନିଜକୁ ସମର୍ପିତ କରିଥାନ୍ତି । ଆଜିମଧ୍ୟ ଲୋକମାନଙ୍କ ମଧ୍ୟରେ ସେହି ବିଶ୍ୱାସ ରହିଅଛି ।





# ବଉଁଲାଣି ପରବ

ଆଦିବାସୀମାନେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାର ନବରଙ୍ଗପୁର ବରିଗୁମା, କୋଟପାଡ, ଉମରକୋଟ, ଦଶମନ୍ତପୁର ପ୍ରଭୃତି ସ୍ଥାନରେ ବଉଁଲାଣୀ ପରବ ପାଳନ କରାଯାଏ । ଆଷାଢ ମାସର ଶେଷରେ ବାହୁଡା ଯାତ୍ରା ପରେ ମଙ୍ଗଳବାର ଦିନ କିମ୍ବା ଶନିବାର ଦିନ ଏହି ପୂଜା ପାଳନ କରାଯାଏ । ଗାଁ ଠାକୁରାଣୀ, ବୁଢାରାଜା ଦେବତା, ହୁଣ୍ଡୀ ଘରେ ଗାଁର ଲୋକମାନେ ଏକତ୍ରିତ ହୋଇ ପୂଜା ପାଇଁ ଦିନ ବାର ଠିକ୍ କରନ୍ତି । ଦିଶାରୀ, ଭାତ ନାୟକ, ଚଲାଣ ହୁଣ୍ଡୀ ଘରେ ପ୍ରଥମେ ନଡିଆ, କଦଳୀ, ଧୂପ, ଦୀପଦେଇ ପୂଜା କରାଯାଏ । ପୂଜା ପୂର୍ବରୁ ସେମିଳି କାଠରେ ଗୋଟିଏ ରଥ ତିଆରି କରାଯାଏ । ରଥରେ ଗାରୋଟି ପାହାଚ କିମ୍ବା ସାତଟି ପାହାଚ ତିଆରି କରାଯାଏ, ରଥକୁ କଳା ଧଳା, ନାଲି, ହଳଦିଆ ରଙ୍ଗ ଦ୍ୱାରା ସଜା ଯାଇଥାଏ । ସେହି ରଥକୁ ଗ୍ରାମର ବାହାରେ ତିନି ଛକ ସ୍ଥାନରେ ରଖି ପୂଜା କରାଯାଏ । ସେଠାରେ ଧୂପ ଦୀପ, ମଦ ଓ କୁକୁଡା ବଳି ଦିଆଯାଏ । ଗ୍ରାମବାସୀମାନେ ଗାଁ ଶେଷରେ ଖୋଲା ସ୍ଥାନକୁ ଯାଇଥାନ୍ତି । ସେଠାରେ ଗଛ ରହିଥାଏ । ଏହି ସ୍ଥାନକୁ ସଫା ସୁତୁରା କରିଥାନ୍ତି । ଗଉଡମାନେ ପୁରୁଣା ପଘା, ଗୋବର ଫିଙ୍ଗା ଯାଉଥିବା କୁଲା, ଡାଲା, ପୁରୁଣା ଝାଡୁ, ପୂର୍ବରୁ ସଂଗ୍ରହ କରି ରଖିଥାନ୍ତି । ବଉଁଲାଣୀ ପୂଜା ସ୍ଥାନରେ ରହିଥିବା ଗଛରେ କୁଲା ଛାଞ୍ଚୁଣୀ ଝୁଲାଇ ଦେଇଥାନ୍ତି । ଗଉଡମାନେ ଏବଂ ଗାଁ ଲୋକମାନଙ୍କ ବିଶ୍ୱାସ ଏହା ଫଳରେ ଗାଁର ଗାଈଗୋରୁ ରୋଗରୁ ମୁକ୍ତ ହେବେ ଏବଂ ଭଲ ଚାଷବାସ ହେବ । ସେହିଦିନ ଠାରୁ ନୂଆ ପଘା, ନୂଆ ଗୋବର ଫିଙ୍ଗିବା ଟୋକେଇ, ନୂଆ ଝାଡୁ ବ୍ୟବହାର କରାଯାଏ । ତାପରେ ପୂଜାସ୍ଥଳକୁ ପୁଣିଥରେ ଲିପା ପୋଛା କରାଯାଏ । ଦିଶାରୀ ପୂଜାକାର୍ଯ୍ୟ ଆରମ୍ଭ କରେ । ଗାଁ ସାରାଲୋକ ସେଠାରେ ଉପସ୍ଥିତ ହୋଇଥାନ୍ତି । ଦିଶାରୀ ହୁଣ୍ଡୀ ଠାକୁରାଣୀଙ୍କୁ ହାତଯୋଡି ଜଣାଏ । ମାଁ ଅନ୍ୟ ଗ୍ରାମରୁ ଆସିଥିବା ଦେବଦେବୀ ଆମ ଗାଁରୁ ଚାଲି ଯାଅ ବୋଲି ଜଣାଇ ଦିଅନ୍ତୁ । ବସନ୍ତ ମିଳିମିଳା ବିଭିନ୍ନ ରୋଗ ବୈରାଗରୁ ଗାଁକୁ ରକ୍ଷା କରିବା ପାଇଁ ପୁଣିଥରେ, ହାତଯୋଡି ଅନୁରୋଧ କରେ ଗାଈ ଗୋରୁଙ୍କୁ ରୋଗ ମୁକ୍ତ କରିବା ପାଇଁ ହାତଯୋଡି ଶରୀରୁ ହଲାଇ ହଲାଇ ଥରକୁ ଥର ପ୍ରାର୍ଥନାରେ ଜଣାଉଥାଏ । ଏହି ପୂଜା ଅନେକ ସମୟ ଚାଲିଥାଏ । ଧୂପଦୀପରେ ସ୍ଥାନଟି ମହକୁ ଥାଏ । ସେଠାରେ ଦିଶାରୀ

ନଡିଆ, କଦଳୀ, ଧୂପଦୀପ ଦେଇ ପୂଜା କରେ ଶେଷରେ ଛେଳି, ମେଣ୍ଢା, ହଂସ, କୁକୁଡାକୁ ଦିଆଯାଏ । ବଳି ପଡ଼ିବାରେ ପୂଜା ସ୍ଥାନରେ ମଦ ଢଳାଯାଏ । ଦିଶାରୀ ମନ୍ତ୍ରିତ ପାଣିକୁ ଗୋରୁ ଗାଈ ଓ ଛୋଟ ଛୋଟ ପିଲାମାନଙ୍କ ଉପରେ ଛିଞ୍ଚିଥାଏ । ଶେଷରେ ରାତ୍ରିରେ ନାଚଗୀତ ହୁଏ ଏବଂ ବଳି ପଡ଼ିଥିବା ପଶୁ ପକ୍ଷୀମାସଂକୁ ସେଠାରେ ରନ୍ଧାଯାଏ । ପଶୁ ପକ୍ଷୀ, ପୁରୁଷ ଓ ସ୍ତ୍ରୀ ସମସ୍ତେ ଏକତ୍ରିତ ବସି ତାହାକୁ ପୂଜା ସ୍ଥଳରେ ଖାଇଥାନ୍ତି । ଯଦି କିଛି ଖାଦ୍ୟ ବଳିଯାଏ ତାକୁ କେହି ଘରକୁ ନିଅନ୍ତି ନାହିଁ । ପୂଜା ସ୍ଥଳରେ ମାଟିତଳେ ପୋତି ଦିଅନ୍ତି । ଏହାକୁ ଗୋଲିପୁର ବଡଁଲାଣି ବୋଲି କୁହାଯାଏ । ଗାଁର ଇଷ୍ଟ ଖଣ୍ଡନ ପାଇଁ ଏହି ବଡଁଲାଣି ଯାତ୍ରା ହୋଇଥାଏ । ଗାଦବା, ଭୂଇଁଆ ଲୋକମାନେ ଏହି ପର୍ବକୁ ନିଆରା ଭାବରେ ପାଳନ କରିଥାନ୍ତି । ଶିମିଳି ଗଛର କାଠରେ ରଥ ତିଆରି କରନ୍ତି ଏବଂ ଗୋଟିଏ ଡଙ୍ଗା, ତିଆରି କରିଥାନ୍ତି । ରଥ ଉପରେ ବାଉଁଶରେ ଛତା ଲଗାଇଥାନ୍ତି । ରଥରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ବସାଇ ଗାଁ ଦାଣ୍ଡରେ ଟାଣି ଟାଣି ନେଇଥାନ୍ତି । ସେହି ରଥକୁ ଗ୍ରାମ ଦେବୀଙ୍କ ନିକଟରେ ସନ୍ଧ୍ୟାରେ ପହଞ୍ଚାଇଥାନ୍ତି । ଗ୍ରାମଦେବୀଙ୍କୁ ସନ୍ତୁଷ୍ଟ କରିବାପାଇଁ ସେଠାରେ ଛେଳି, ମେଣ୍ଢା, ହଂସ, କୁକୁଡା, ବଳି ଦିଆଯାଏ । ଗ୍ରାମବାସୀମାନେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ପାଖରେ ନଡିଆ, କଦଳୀ ଭୋଗ ଦେଇଥାନ୍ତି । ଦିଶାରୀ ସମସ୍ତ କାର୍ଯ୍ୟ କରିଥାଏ । ଧାଙ୍ଗଡ଼ା ଧାଙ୍ଗିଡ଼ି ଆଙ୍ଗିତୀମାନେ ବାଜାର ତାଳେ ତାଳେ ମଦ ପିଇ ମସଗୁଲ୍ ହୋଇ ନାଚୁଥାନ୍ତି । ବାଜାର ଶବ୍ଦ ଢେମ୍‌ସା ନାଚରେ ବେଶ ପୀଠ ଉତ୍ସବ ମୁଖର ହୋଇଥାଏ । ବାହୁଡ଼ା ଯାତ୍ରା ପରେ ଏହି ପର୍ବ ହୋଇଥିବା ଯୋଗୁଁ ଚିତାଲାଗି ଅମାବାସ୍ୟାରେ ସେହି ରଥକୁ ଭଙ୍ଗାଯାଏ । ବଡଁଲାଣୀ ଯାତ୍ରାରେ ସମସ୍ତ ଆଦିବାସୀଙ୍କ ବିଶ୍ୱାସ ଏହା ଫଳରେ ଗ୍ରାମର ମଙ୍ଗଳ ହୋଇଥାଏ । ମାଲକାନଗିରିର ମାତିଲ ଅଞ୍ଚଳରେ ଏହି ଯାତ୍ରା ଦିନ ଗାଁର ସମସ୍ତ ପୁରୁଷ ଏକତ୍ରିତ ହୋଇ ଜଙ୍ଗଲକୁ ଯାଇ ସେମିଳିଗଛ କାଟି ଆଣିଥାନ୍ତି । ଏହି ସେମିଳିକାଠରେ ଏକ ରଥ ତିଆରି କରାଯାଏ । ଏହି ରଥ ପ୍ରସ୍ତୁତ ହେଲାପରେ ସେଥିରେ ଗୋଟିଏ ମାଟି କଣ୍ଢେଇ ପ୍ରତିଷ୍ଠା କରାଯାଏ । ରଥ ସହ ମାଟି କଣ୍ଢେଇ କୁ ଗାଁ ଦେବୀ ନିକଟକୁ ଶୋଭାଯାତ୍ରା ସହିତ ଅଣାଯାଏ । ଗାଁ ଦେବୀ ଠାକୁରାଣୀ ନିକଟରେ ପୂଜାର୍ଚ୍ଚନା ପରେ ଗାଁର ତିନିଛକ ରାସ୍ତାକୁ ଅଣାଯାଏ । ଏହି ତିନି ରଥରେ ୧ କି.ମି. ଦୂରରେ ଜଙ୍ଗଲ ରହିଥାଏ । ସେଠାରେ ଧୂପ, ଦୀପ, କଦଳୀ ନଡିଆଦେଇ ପୂଜା କରାଯାଏ । ସେଠାରେ ମାଉଁଲଣୀମାଁଙ୍କ ଉଦ୍ଦେଶ୍ୟରେ ଛେଳି, କୁକୁଡା, ଘୁଷୁରୀ ବଳି ଦିଆଯାଏ । ଏହା ଫଳରେ ରୋଗବ୍ୟାଧିରୁ ଲୋକମାନେ ରକ୍ଷା ପାଇବେ ବୋଲି ଲୋକଙ୍କ

ବିଶ୍ୱାସ ରହିଅଛି । ତାପରେ ମାଂସକୁ ସେଠାରେ ରୋଷେଇ କରି ଖାଇଥାନ୍ତି । ଏହା ଫଳରେ ଗାଁରେ ଶୁଖଶାନ୍ତି ହେବ ବୋଲି ଲୋକଙ୍କ ବିଶ୍ୱାସ । ସେହି ସ୍ଥାନରେ ରାତିରେ ଦେଶିଆ ନାଚ ହୁଏ । ସାଧାରଣତଃ ମାସର ପ୍ରଥମ ବୁଧବାର ଦିନ ଏହି ବର୍ଷ ପାଳନ କରିଥାନ୍ତି ।

***



# କଳସୀ ଯାତ୍ରା

ମାଁ ଗଙ୍ଗା ଦେଇ ଠାକୁରାଣୀଙ୍କ କଳସୀ ଯାତ୍ରା ଅନ୍ୟତମ ଚୈତ୍ରମାସରେ ଏହି ଯାତ୍ରା ମଣ୍ଡେଇ ପଡିଆରେ ହୋଇଥାଏ । ରାଇଘରର ଭିତରଗଡ଼ ଗଙ୍ଗଭାରଣ୍ଡଠାରେ କଳସୀ ଯାତ୍ରା ଅନୁଷ୍ଠିତ ହୋଇଥାଏ । ରାଜରାଜୁଡା ଅମଳରୁ ରାଇଘରରେ ଆରମ୍ଭ ହୋଇଥିଲା । ପୂଜା ଆରମ୍ଭ ହେବା ପୂର୍ବରୁ କଳସୀ ବନ୍ଧାକାର୍ଯ୍ୟ ଆରମ୍ଭ ହୁଏ । କଳସୀକୁ ସ୍ୱତନ୍ତ୍ର ଭାବରେ ଜଣେ କୁମ୍ଭାର ୨ ଦିନ ଉପବାସ ରହି ସ୍ୱତନ୍ତ୍ର ଜାଗାରୁ ମାଟି ଆଣି କଳସୀ ତିଆରି କରିଥାନ୍ତି । କଳସୀ ତିଆରି ହେବାପରେ ପୂଜାରୀ କଳସୀ ଭିତରେ ଧାନ, ଗୁଆ ଫୁଲ ଓ ଦୁବ ପକାଇ କଳସୀକୁ ପୂଜା କରି କଳସୀ ବନ୍ଧା ପର୍ବ ଆରମ୍ଭ କରେ କଳସୀ ବନ୍ଧା ହେବା ପରେ ତାହାକୁ ପୁଣିଥରେ ପୂଜା କରାଯାଇଥାଏ । ଚୈତ୍ର ମାସର ପ୍ରଥମ ମଙ୍ଗଳବାର ଦିନ ପରମ୍ପରା ଅନୁଯାୟୀ କଳସୀକୁ ରାଜାଙ୍କ ଭିତରଗଡକୁ ନିଆଯାଏ । ସେଠାରେ ନେଙ୍ଗିକୁଳ, ପାତ୍ରକୁଳ,



ଗଇଁତାକୁଳ, ସୋମରୀକୁଳ ଡେଙ୍ଗୁରି ମାଣ୍ଡିଆ ଗ୍ରାମରୁ ପୂଜାରୀଙ୍କ ଘରୁ ଅଣାଯାଇଥିବା ଧାନ ଓ ଅନ୍ୟପୂଜା ସାମଗ୍ରୀ ରଖାଯାଏ । ଠାକୁରାଣୀଙ୍କ ପୂଜାରୀ ଓ ମାଉଲୀ ମାଁଙ୍କ ପୂଜାରୀ କଳସୀକୁ ୯ ଖିଅ ସୁତାରେ ବାନ୍ଧି ଖଜୁରି ପତ୍ରରେ ଏକ ମୁକୁଟ ତିଆରି କରି କଳସୀରେ ବାନ୍ଧିଥାନ୍ତି ତାପରେ ସେଥିରେ କାଠଚମ୍ପା ଫୁଲ ଦୁଇ ଚାରିମାଳ ଦେଇ ସଜା ଯାଇଥାଏ । ପୂଜାରିଣୀ ପିଙ୍ଗଲ ରାଜଗଣ୍ଡ ଏହି କଳସ ଧରିଥାନ୍ତି । ପିଙ୍ଗଲ ରାଜଗଣ୍ଡ ପିନ୍ଧିବା ପାଇଁ କଳା ଘାଗରା, କଉଡି ଓ ବିଭିନ୍ନ ଅଳଙ୍କାର ଭିତରଗଡରୁ ଅଣାଯାଏ । ସେହି ସବୁ ପରିଧାନ କରିବା ପାଇଁ ପିଙ୍ଗଲ ରାଜଗଣ୍ଡକୁ ନେଙ୍ଗକୁଳ, ପାତ୍ରକୁଳ ଓ ପାଟାରିଆ ବଂଶର ସ୍ତ୍ରୀମାନେ ସାହାଯ୍ୟ କରିଥାନ୍ତି । ସେମାନେ ପୂଜାରିଣୀକୁ ସମସ୍ତ ଅଳଙ୍କାର ପୋଷାକ ପିନ୍ଧାଇବା ପରେ ଭିତରଗଡକୁ ଆଣି କଳସକୁ ପୂଜାର୍ଚ୍ଚନା କରନ୍ତି । ପୂଜାରିଣୀ ଦେହରେ ଗଙ୍ଗାଦେଇ ଠାକୁରାଣୀ ପ୍ରବେଶ କରିଥାନ୍ତି ତାପରେ ପୂଜାରଣୀ କଳସକୁ ମୁଣ୍ଡରେ ଧରି ଗାଁ ପରିକ୍ରମା କରିଥାନ୍ତି । ଏହି ଉତ୍ସବ ୯ ଦିନ ଧରି ଚାଲିଥାଏ ଶେଷଦିନ ବିଭିନ୍ନ ଗାଁରୁ କୁରୁଟି, ବାଉଁଶ ଲାଠି ଆସି ମଣ୍ଡେଇ ପଡିଆରେ ଏକତ୍ରିତ ହୋଇଥାଏ । ସେଠାରେ ଯାତ୍ରା ଚାଲିଥାଏ, ମିନାବଜାର, ଦୋଲି, ସର୍କସରେ ଲୋକମାନେ ଖୁସୀ ହୋଇ ଆତ୍ମହରା ହୋଇ ପଡନ୍ତି । ଢେମସା ନାଚ, ମହୁଲି ନିଶାର ତାଳେ ତାଳେ ଭୁଲିଯାଆନ୍ତି ନିଜର ସ୍ଥିତି ଦୁଃଖ ଏବଂ ଏକତ୍ରିତ ହୋଇ ଆନନ୍ଦ ଉଲ୍ଲାସରେ ସମୟ ବିତାନ୍ତି ।

***

# ହାଣ୍ଡି ପରବ

ଅଭିଭକ୍ତ କୋରାପୁଟ ଜିଲ୍ଲାର ହାଣ୍ଡିପର୍ବ ବା ଠାକୁରାଣୀ ପର୍ବର ସ୍ୱାତନ୍ତତା ରହିଛି । ଏହିପର୍ବ ଗ୍ରୀଷ୍ମ ଋତୁରେ ବୈଶାଖମାସରେ କରାଯାଏ । ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଜିଲ୍ଲାର ଠାକୁରାଣୀ ପର୍ବର ସମଞ୍ଜସ୍ୟ ରହିଛି କିନ୍ତୁ ରାୟଗଡା ଜିଲ୍ଲାରେ ଏହି ପର୍ବ ଭିନ୍ନ ଶୈଳୀରେ ପାଳନ କରାଯାଏ । ଏହି ପର୍ବରେ ଠାକୁରାଣୀ ମାନେ ପ୍ରତ୍ୟେକ ଗାଁରୁ ମନ୍ଦିର ଛାଡି ଦାଣ୍ଡମଝିକୁ ଆସି ପୂଜା ପାଇଥାନ୍ତି । ଠାକୁରାଣୀ ମାଁ ଗାଁ ଲୋକଙ୍କୁ ବିପଦ ଆପଦରେ ରକ୍ଷା କରିଥାନ୍ତି ବୋଲି ଆଦିବାସୀମାନଙ୍କ ବିଶ୍ୱାସ । ଫସଲ ଅମଳ ପରେ ଆନନ୍ଦ ଉଲ୍ଲାସରେ ଏହିପର୍ବ ପାଳନ କରିଥାନ୍ତି । ପୂଜକଙ୍କୁ ବେଜୁ କୁହାଯାଏ । କେତେ ଖଣ୍ଡ ଗାଁ ପାଇଁ ଜଣେ ଜଣେ ବେଜୁ ରହିଥାନ୍ତି । ବେଜୁମାନେ "ହାଣ୍ଡିପୂଜାର" ସମସ୍ତ ଦାୟିତ୍ୱ ନେଇଥାନ୍ତି । ଆଦିବାସୀମାନେ ବେଜୁମାନଙ୍କୁ ଦେବତା ରୂପେ ମାନିଥାନ୍ତି, ଗାଁର ଲୋକମାନେ ଠାକୁରାଣୀ ପର୍ବ ବା "ହାଣ୍ଡିପର୍ବ"କୁ କେଉଁଠି ପାଞ୍ଚଦିନ, କେଉଁଠି ତିନିଦିନ, କେଉଁଠି ସାତଦିନ ଧରି ପାଳନ କରିଥାନ୍ତି । ଏହି ପରବର ପ୍ରଥମ ଦିନରେ "ବେଜୁ" ନିଜକୁ ଠାକୁରାଣୀ ମନ୍ଦିରକୁ ଯାଇଥାନ୍ତି । ତା ପଛେ ପଛେ କୁମାରୀ ଝିଅମାନେ କଳସୀ ହାଣ୍ଡି ଧରି ମନ୍ଦିର ଭିତରକୁ ଯାଇଥାନ୍ତି । ଗାଁର ଆବାଳ ବୃଦ୍ଧ ଜନତା ଏହି ଶୋଭା ଯାତ୍ରାରେ ଭାଗ ନେଇଥାନ୍ତି । ଢ଼ାମ୍ପ(ଗଙ୍ଗୁ), ଡୁଡୁମ୍, ମହୁରୀ ଆଦି ବାଦ୍ୟ ଯନ୍ତ୍ରର ତାଳେ ତାଳେ ନୃତ୍ୟରେ ବେଜୁ ଗାଁ ଠାକୁରାଣୀ ମନ୍ଦିରକୁ ଯାଇଥାଏ । ବେଜୁ କଳଶାଢ଼ୀ ପିନ୍ଧି ହାତରେ ଖଣ୍ଡା ଧରିଥାନ୍ତି । ବେଜୁ ଦେହରେ ଠାକୁରଣୀ ମାଆଁ ଆବିର୍ଭାବ ହୋଇଥାନ୍ତି ବୋଲି ଆଦିବାସୀଙ୍କ ବିଶ୍ୱାସ ଏବଂ ବାଉଁଶ ତିଆରି ଘଙ୍ଗୁଡ଼ିରେ ଚାଉଳ, ହଳଦୀ, ଅଁଳା, କଳାକାଚ, ସିନ୍ଦୁର ରଖି ତା ମଧ୍ୟରେ ଦେବୀଙ୍କୁ ପ୍ରତିଷ୍ଠା କରାଯାଇଥାଏ । ଏହି ଘଙ୍ଗୁଡ଼ିକୁ ଗାଁର ମୁଖିଆ ମୁଣ୍ଡରେ ଧରିଥାନ୍ତି । ଦେବୀଙ୍କୁ ମନ୍ଦିରରୁ ଗାଁର ମଝିଦାଣ୍ଡକୁ ଆଣିଲା ବେଳେ ତାମ୍ପ, ଡୁଡୁମର ଶବ୍ଦରେ ସମସ୍ତେ ମସଗୁଲ ହୋଇ ନାଚିଥାନ୍ତି । ଏହି ଶୋଭାଯାତ୍ରାକୁ "ପାଦଅଣା" କୁହାଯାଏ । ଗାଁର ମଝି ଦାଣ୍ଡରେ ପୂର୍ବରୁ ବାଉଁଶ ତିଆରି ଘର ପ୍ରସ୍ତୁତ କରାଯାଇଥାଏ । ସେଠାରେ ଗୋବର ଦ୍ୱାରା ତଳ ଅଂଶକୁ ଲିପା ଯାଇଥାଏ ଏବଂ ରଙ୍ଗ ବେରଙ୍ଗର ମୁରୁଜରେ ଝୋଟି ତିଆରି କରାଯାଇଥାଏ । ସେହି ସ୍ଥାନରେ ଠାକୁରାଣୀଙ୍କ ଫୁଲ ଘଙ୍ଗୁଡି, କଳସୀ ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରି ରଖାଯାଏ । ପ୍ରଥମେ ସେଠାରେ ଫୁଲ ଘଙ୍ଗୁଡ଼ି ସ୍ଥାପନ କରାଯିବା ପରେ ବେଜୁ ସେଠାରେ ଖଣ୍ଡାଧରି ନୃତ୍ୟ କରିଥାନ୍ତି ।

ବେଜୁ ନାଚ କରିବା ସମୟରେ ହାତରେ ଖଣ୍ଡା, ମୟୁରଚୂଳ, କଳଷ, କାଉଡି ଧରି ନାଚ କରିଥାନ୍ତି । ବେଜୁ ନାଚ ପରେ ଗାଁର କେତେଜଣ ବ୍ୟକ୍ତି ମୁହଁରେ ବିଭିନ୍ନ ରଙ୍ଗ ବୋଳି ହୋଇ ବିଭିନ୍ନ ପ୍ରକାରର ଗୀତ ଗାଇ ତାମ୍ପ, ଡୁଡୁମ, ମହୁରୀର ତାଳେ ତାଳେ ନାଚିଥାନ୍ତି । ହାଣ୍ଡି ପର୍ବର ଶେଷଦିନ ବେଜୁ ନାଚ ସହ ଗାଁର କୁମାରୀମାନେ ଫୁଲରଙ୍ଗୁଡ଼ି କଳଷ ଧରି ଗାଁର ଠାକୁରାଣୀ ମନ୍ଦିରକୁ ଯାଇଥାନ୍ତି । ବେଜୁ ମନ୍ଦିର ଭିତରକୁ ଯିବା ସମୟରେ ରାସ୍ତାରେ ନୂଆ ଲୁଗା ବିଛାଯାଇଥାଏ । ବେଜୁଙ୍କ ଦେହରେ ଦେବୀ ପ୍ରବେଶ କରିଥିବା ଯୋଗୁଁ ବେଜୁର ପାଦତଳେ ପଡ଼ି ସମସ୍ତେ ଜୁହାର ହୋଇ ମନସ୍କାମନା ପୂରଣ ପାଇଁ ବିନତି କରିଥାନ୍ତି । ଦେଜୁ ମନ୍ଦିରକୁ ଯିବା ସମୟରେ ରାସ୍ତାସାରା ଶିଶୁମାନଙ୍କୁ ଏବଂ ପିଲାମାନଙ୍କୁ ରାସ୍ତାରେ ଶୁଆଇ ଦିଆଯାଏ । ବେଜୁ ନାଚି ନାଚି ଯିବା ସମୟରେ ପିଲାମାନଙ୍କୁ ଡେଇଁ ଡେଇଁ ଚାଲିଥାଏ ଏବଂ ପାଦରେ ପିଲାମାନଙ୍କୁ ସ୍ପର୍ଶ କରୁଥାଏ । ବେଜୁର ପାଦ ପିଲାଙ୍କ ଉପରେ ପଡ଼ିଲେ ପିଲାଙ୍କ ରୋଗ ବ୍ୟାଧି ଦୂର ହୋଇଯାଏ ବୋଲି ଆଦିବାସୀଙ୍କର ବିଶ୍ୱାସ ରହିଛି । ମନ୍ଦର ନିକଟରେ ପହଞ୍ଚିଲା ପରେ ବେଜୁ ଦେବୀଙ୍କ ମନ୍ଦିରରେ ଦେବୀଙ୍କୁ ପୁନଃସ୍ଥାପନ କରିଥାନ୍ତି । ହଳଦୀ, ଅଁଳା, ଫୁଲରଙ୍ଗୁଡି କଳାମାଳି, କାଚ, କଳାଲୁଗା ଠାକୁରାଣୀଙ୍କୁ ମନ୍ଦିରରେ ଦିଆଯାଏ ପୂଜା ଶେଷ ଦିନ ଛେଳି, ମେଣ୍ଢା, କୁକୁଡ଼ା ବଳି ଦିଆଯାଏ । ବେଜୁ କଣ୍ଟା ଦୋଳିରେ ବସି ଆନନ୍ଦରେ ଦୋଳି ଖେଳିଥାଏ ଏବଂ ମଝିରେ ମଝିରେ କୁହାଟ ମାରୁଥାଏ । ଗାଁର ଲୋକମାନେ ଏକତ୍ରିତ ହୋଇ ମଦ, ହାଣ୍ଡିଆ, ମହୁଲୀ, ପେଣ୍ଡମ ପିଇ ଆନନ୍ଦରେ ମାଂସ ଭୋଜି ଖାଇ ପାରମ୍ପାରିକ ବାଦ୍ୟର ତାଳେ ତାଳେ ନାଚି ରାତି ବିତେଇ ଥାନ୍ତି । ଏହି ପର୍ବ ଅଭିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୈଶାଖମାସ ଚୈତ୍ର ମାସରେ ପାଳନ କରାଯାଏ । ଏହି ପର୍ବ ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ପାଳନ ହେଲେ ମଧ୍ୟ ସେମାନଙ୍କର ପୂଜା ଓ ପାଳନ ବିଧିରେ ସାମାନ୍ୟ ଭିନ୍ନତା ପରିଲକ୍ଷିତ ହୋଇଥାଏ । ଏହି ପର୍ବରେ ସମସ୍ତେ ଏକତା ସୂତ୍ରରେ ବାନ୍ଧି ହୋଇଥାନ୍ତି ।



# ଟୋକିମରା ପରବ

ଟୋକିମରା ପରବ ଏକ କୃଷି ଭିତ୍ତିକ ପର୍ବ ଭଲ ବର୍ଷା ପାଇଁ ଶସ୍ୟ ଅମଳ ପାଇଁ ଧରଣୀ ପେନୁ ବା ଧରଣୀ ଦେବୀଙ୍କ ଉଦ୍ଦେଶ୍ୟରେ ଏହି ପର୍ବ ପାଳନ କରାଯାଏ । ଏକ ଅନନ୍ୟ ପରମ୍ପରାର ପର୍ବ । ଲୋକଶ୍ରୁତି ଅନୁସାରେ ଏକଦା ଗ୍ରାମରେ ଅନାବୃଷ୍ଟି ହେବାରୁ ଫସଲ ହାନି ଘଟିଥିଲା । ଲୋକେ ଖାଇବାକୁ ନପାଇ ପୋକମାଛି ଭଳି ମରିଲେ ଏହାର ସମାଧାନ ପାଇଁ ସମସ୍ତେ ମିଶି ଚିନ୍ତାକଲେ । ଦେବୀ ଶକ୍ତି ପ୍ରଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ଲୋକେ ଆତଙ୍କିତ ହେଲେ । କିଭଳି ଦେବୀଙ୍କୁ ଶାନ୍ତ କରାଯିବ ସେ ନେଇ ଆଲୋଚନା ଚାଲିଥାଏ ଏଭଳି ପରିସ୍ଥିତିରେ ଗ୍ରାମ ଦେବତାଙ୍କ ପୂଜକ(ଜାନି)ଙ୍କୁ ଧରତରି ମାତା/ଧରଣୀ ଦେବୀ ସ୍ୱପ୍ନାଦେଶ ଦେଲେ ଯେ ଦେବୀଙ୍କ ଖୁଣ୍ଟ (ଆସ୍ଥାନ)ରେ ଏକ ଟୋକୀ (ଅପ୍ରାପ୍ତ ବୟସ୍କା) ବାଳିକାକୁ ବଳି ଦେଇ ତା'ର ମାଂସକୁ ନେଇ ନିଜ ନିଜ ଗ୍ରାମ ଦେବତାଙ୍କ ଆସ୍ଥାନରେ ପୋତିଲେ ଖୁସି ହୋଇ ଧରଣୀ ଦେବୀ ଶୁଭଫଳ ଦେବେ । ଏ ନେଇ ଜାନି ଗ୍ରାମର ସମସ୍ତ ବାସିନ୍ଦାଙ୍କ ସହ ଅଲୋଚନା କଲେ ସମସ୍ତଙ୍କ ପରାର୍ମଶ ଅନୁସାରେ ଏକ ଟୋକି ଯୋଗଡ଼ କରାଗଲା ।

ସେହି ଅନୁସାରେ ପୌଷମାସ ପୂର୍ଣ୍ଣମା ପ୍ରଥମ ରବିବାର ଦିନ ଧାର୍ଯ୍ୟ ହେଲା । ଏଥାପଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ଦେବୀ ଗୁରୁମା (ଗୁରୁ ମାଇ)ଙ୍କ ଶରୀରରେ ସବାର ହୋଇ ଜାନୀକୁ ସମସ୍ତ ପ୍ରକାର ନିର୍ଦ୍ଦେଶ ଦେଲେ ନିକଟରେ ଥିବା ଦିଶାରୀ (ଆଦିବାସୀ ପୁରୋହିତ) ଦେବୀଙ୍କ କଥାକୁ ଲୋକଙ୍କୁ ଜଣାଇଲେ । ସେହି ଅନୁସାରେ ଗ୍ରାମବାସୀ ବିଭିନ୍ନ ବଳିର ବ୍ୟବସ୍ଥା କରିଥିଲେ ଓ ବଳି ଦିଆଯିବା ପରେ ସମସ୍ତ ଅଞ୍ଚଳ ଶାନ୍ତିରେ ରହିଲା । ତେଣୁ ସେହି ଦିନଠାରୁ ଏହି ପର୍ବ ପରମ୍ପରା ଅନୁସାରେ ପୌଷ ପୂର୍ଣ୍ଣମା ପୂର୍ବ ରବିବାର ପାଳିତ ହୋଇ ଆସୁଛି । ଏହି ପର୍ବ ପାଳନ ପାଇଁ ପୌଷମାସ ଶେଷ ସାତଦିନ ଆଦିବାସୀ ପରିବାରରେ ଆନନ୍ଦ ଓ ଉତ୍ସାହ ଲାଗି ରହିଥାଏ । ଲୋକଙ୍କ ମଧ୍ୟରୁ ଶୁଣାଯାଏ ଟୋକିମରା ପର୍ବର ଏକବର୍ଷ ପୂର୍ବରୁ ଦୂର ଗାଁରୁ ଟୋକୀକୁ ଖୋଜାଗଲା ଏବଂ ସେହି ଟୋକୀକୁ ଆଣି ଗାଁରେ ପୂଜକ (ଦାନି) ଘରେ ରଖଗଲା ।

ଗାଁର ଲୋକମାନେ ଟୋକୀକୁ ପାଳି କରି ପ୍ରତିଦିନ ଭଲ ଭଲ ଖାଦ୍ୟ ଖାଇବାକୁ ଦେଲେ ଟୋକୀ ଭଲ ଖାଦ୍ୟ ଖାଇବା ଫଳରେ ହୃଷ୍ଟ ପୁଷ୍ଟ ହୋଇ ଟୋକି ବଢ଼ିଲା ଦିନକୁ ଦିନ ସୁନ୍ଦର ଦିଶିଲା । ଟୋକି ଜାନି ଘରେ ସୁଯୋଗ ଖୋଜୁଥିଲା ସମୟ ସୁବିଧା ଦେଖି

ଜାନି ଘର ଛାଡି ଚାଲିଯିବ । ଦିନେ ଜାନି ଘର ଲୋକେ ବିଲକୁ କାମ କରିବାକୁ ଯାଇଥାନ୍ତି କବାଟ ଖୋଲି ଟୋକି ଘରୁ ଲୁଚି ଚାଲିଗଲା । ଜାନି ଆସି ଦେଖନ୍ତି ଟୋକି ଘରଛାଡି ଚାଲିଯାଇଛି ଖୋଜାଖୋଜି ହେଲା କିନ୍ତୁ ଟୋକିର ପତ୍ତା ମିଳିଲାନି । ପର୍ବ ଦିନ ପାଖେଇ ଆସୁଥାଏ ଗାଁରେ ଭାଳେଣୀ ପଡ଼ିଲା ଶେଷରେ ସ୍ଥିର ହେଲା ଜାନି ନିଜ ଝିଅକୁ ଟୋକିମରା ପରବ ଦିନ ବଳି ଦେବ । ଶେଷରେ ଦାନିର ଅପ୍ରାପ୍ତ ବୟସ୍କା ଝିଅକୁ ବଳୀ ଦିଆଗଲା । ଇଂରେଜ ଶାସନ ସମୟରେ ନର ବଳି ପ୍ରଥା ଉଠାଗଲା କିନ୍ତୁ ଆଜି ପର୍ଯ୍ୟନ୍ତ ଅଭିଭକ୍ତ କୋରାପୁଟ ଜିଲ୍ଲାରେ ରାୟଗଡା, ଉମରକୋଟ ଅନେକ ଅଞ୍ଚଳରେ ଏହି ପର୍ବ ପାଳନ କରାଯାଏ ବର୍ତ୍ତମାନ ଟୋକିକୁ ବଳି ଦିଆଯିବା ପରିବର୍ତ୍ତେ ଗଡ୍‌ରା(ମେଣ୍ଢା) ବଳି ଦିଆଯାଉଛି ।

କନ୍ଧ ସମ୍ପ୍ରଦାୟରେ ଟୋକିମରା ପର୍ବର ୭ ଦିନ କନ୍ଧ ପରିବାରର ସମସ୍ତେ ଧରଣୀ ପୂଜା କରିଥାନ୍ତି ଶୁକ୍ରବାର ଦିନ ଆଦିବାସୀମାନେ ବାଦ୍ୟର ତାଳେ ତାଳେ ନାଚି ନାଚି ଧରଣୀ ଦେବୀଙ୍କ ପୀଠକୁ ଯାଇଥାନ୍ତି । ସେଠାରେ ପୂର୍ବ ବର୍ଷରେ ପୋତା ହୋଇଥିବା ଦେବୀଙ୍କ(ଅସ୍ତ୍ର) ଅସ୍ତ୍ର କଣ୍ଡରୀକୁ ବାହାର କରି ମାର୍ଜଣା କରିବାରେ ପୂଜାର୍ଚ୍ଚନା କରିଥାନ୍ତି । ଏହା ପରେ ଦେବୀଙ୍କ କଣ୍ଡରୀକୁ ଜାନି ଧରି ବାଜା ସହ ଗ୍ରାମର ସମସ୍ତ ପରିବାର ଘର ଘରକୁ ଭ୍ରମଣ କରିଥାଏ । ସେଠାରେ ପୂଜାର୍ଚ୍ଚନା କରାଯାଏ ଏବଂ ଯିଏ ଯାହା ମନାସିଥାନ୍ତି କଣ୍ଡରୀ ନିକଟରେ କୁକୁଡା, ଅଣ୍ଡା ବଳୀ ଦିଆଯାଇଥାଏ । ଏହାକୁ "କଣ୍ଡରୀ ବୁଲା" କୁହାଯାଏ । ଶନିବାର ଦିନ ପ୍ରତି ପରିବାର ସୂର୍ଯ୍ୟ ଦେବତାଙ୍କୁ ଗାଁ ମୁଣ୍ଡରେ ଯାଇ ପୂଜା କରିଥାନ୍ତି ସେତେବେଳେ ଶନି ଦେବତାଙ୍କୁ ମଧ୍ୟ ଗୋଟିଏ ଗଛ ନିକଟରେ ସ୍ଥାପନ କରି ପୂଜା କରିଥାନ୍ତି । ରବିବାର ସକାଳେ ମୁଡପେନ ନେଇ ଟୋକୀ ପଡୁଥିବା ଧରଣୀ ଖୁଣ୍ଟ ପାଖକୁ ନିଆଯାଏ । ପରବର୍ତ୍ତୀ ସମୟରେ ଗଡ୍‌ରା ବା ଟୋକିକୁ ଗ୍ରାମଗୁଡିଠାରୁ ଧରଣୀ ଖୁଣ୍ଟ ପାଖକୁ ନିଆଯାଏ । ଏହି ସମୟରେ ଏହି ଗଡ୍‌ରା ମାଂସ ପାଇଁ କନ୍ଧମାନଙ୍କ ମଧ୍ୟରେ ପରସ୍ପର ଟଣାଓଟରା ହୋଇଥାଏ ଏବଂ ଦ୍ୱନ୍ଦ ସୃଷ୍ଟି ହୋଇଥାଏ ।

ସମସ୍ତ ବୃଦ୍ଧ ସଲପ ମଦ ପିଇ ବିଭିନ୍ନ ନିଶାଦ୍ରବ୍ୟ ଆକଣ୍ଠ ପାନ କରିଥାନ୍ତି । ଅତ୍ୟଧିକ ମଦ୍ୟପାନ ଯୋଗୁଁ ହିତାହିତାଜ୍ଞାନ ଭୁଲି ପରସ୍ପରକୁ ବାଡ଼ିରେ ବାଡ଼େଇ ଅଶାନ୍ତି ପରିବେଶ ସୃଷ୍ଟି କରିଥାନ୍ତି, ରକ୍ତାକ୍ତ ମଧ୍ୟ ହୋଇଥାନ୍ତି । ସେହି ମାଂସକୁ ଆଣି ନିଜ ନିଜର ଜମିରେ ପୋତିଥାନ୍ତି । ଯିଏ ଯେତେ ଅଧିକ ଗଡ୍‌ରା ମାଂସ ଜମିରେ ପୋତିଥାଏ ସେ ଭାବିଥାଏ ସେହି ଜମିରେ ସେ ଅଧିକ ଫସଲ ହୋଇଥାଏ । ଟୋକି ପର୍ବର ପରବର୍ତ୍ତୀ

ଦିନକୁ ଧାଙ୍ଗରୀ ଦୋଲା ପରବ କୁହାଯାଇଥାଏ । ଏହି ପର୍ବ ଦିନ ହେଉଥିବା ତ୍ରୁଟି ମାର୍ଜନା ପାଇଁ ଗ୍ରାମବାସୀ ଅନ୍ୟ ଗ୍ରାମବାସୀଙ୍କ ନିକଟରେ ଗୁହାରି ଜଣାଇଥାନ୍ତି ।

ନିଜ ନିଜ ମଧ୍ୟରେ ସହଯୋଗ ନିବେଦନ କରିଥାନ୍ତି ଓ ମଉଜମଜ୍‌ଲିସିରେ ନାଚ ଗୀତ ଗାଇ ଉପଭୋଗ କରିଥାନ୍ତି ।

***





# ଟାକୁ ପରବ

ଆଦିବାସୀଙ୍କ ଟାକୁ ପର୍ବ ଶ୍ରାବଣ ମାସରେ ପାଳନ କରାଯାଇଥାଏ । ଚୈତ୍ର ମାସରେ ଚୈତ୍ରପର୍ବ ସମୟରେ ଗ୍ରାମଦେବୀଙ୍କ ନିକଟରେ ଆମ୍ବ ପୂଜା କରାଯାଇଥାଏ । ପୂଜା ପୂର୍ବରୁ କେହି ଆଦିବାସୀ ଆମ୍ବ ଖାଇ ନଥାନ୍ତି । ଆମ୍ବ ପୂଜାର ତିନିଦିନ ପୂର୍ବରୁ ଠାକୁରାଣୀ କାଳିଶୀ ପାଲିଙ୍କି ଏବଂ ଲାଠି ସହିତ ଗ୍ରାମର ଘର ଘରବୁଲି ଠାକୁରାଣୀ ଭୋଗ ଖାଇଥାନ୍ତି ପ୍ରତ୍ୟେକ ଘର ଦୁଆର ମୁହଁରେ ମୁରୁଜରେ ଝୋଟି ଦିଆଯାଇ ଥାଏ । ଧୂପ ଦୀପ ଦେଇ ଗାଁର ଠାକୁରାଣୀଙ୍କୁ ପୂଜା କରାଯାଏ ଠାକୁରାଣୀ ପାଲଙ୍କି ଲାଠିକୁ ଆମ୍ବ ପୂଜା କରିଥାନ୍ତି ପାରା, କୁକୁଡା, ମେଣ୍ଢା ବଳି ଠାକୁରାଣୀଙ୍କୁ ଦିଆଯାଇଥାଏ । ଏହିଦିନ ଆମ୍ବ ପୂଜା କରି ଭୋଗ ଦେଇଥାନ୍ତି ପରେ ବଳି ପଡିଥିବା କୁକୁଡା, ମେଣ୍ଢା, ପାରାର ମାଂସକୁ ରାନ୍ଧି ପ୍ରସାଦ ରୂପେ ଖାଇଥାନ୍ତି । ଛୋଟ ପାଲିଙ୍କି ତିଆରି ହୋଇଥାଏ ସେଥିରେ ଫୁଲ, ଧୂପ ଦୀପ, ଓ କୁକୁଡା ଅଣ୍ଡା ଦେଇ ପୂଜା କରାଯାଇଥାଏ ଗାଁ ସାରା ପରିକ୍ରମା କରି ନିଛାଟିଆ ସ୍ଥାନରେ ବିସର୍ଜନ କରିଥାଏ । ଚୈତ୍ର ମାସଠାରୁ ଆଦିବାସୀମାନେ ଆମ୍ବ ଖାଇସାରି ଆମ୍ବ ଟାକୁଆ ସଂଗ୍ରହ କରିବା ଆରମ୍ଭ କରିଥାନ୍ତି । ଆମ୍ବ ଟାକୁଆ ବସ୍ତା ବସ୍ତା ସଂଗ୍ରହ ହୋଇ ସମସ୍ତଙ୍କ ଘରେ ରଖିଥାନ୍ତି ଆମ୍ବ ଟାକୁଆରୁ କୋଇଲି ବାହାର କରି ଶୁଖାଇ ଗୁଣ୍ଡ କରି ତାକୁ ସାଇତି ରଖିଥାନ୍ତି । ଟାକୁ ପର୍ବକୁ ଖାଦ୍ୟର ପର୍ବ କୁହାଯାଏ । ଏହି ପର୍ବରେ ଧାରା ଶ୍ରାବଣର ପୂର୍ଣ୍ଣମା ଦିନ ଗାଁର ସମସ୍ତ ଏକାଠି ହୋଇ ଗାଁ ମଣ୍ଡପରେ ଗୁଣ୍ଡ ହୋଇଥାନ୍ତି । ପେଦା (ପୂଜାରୀ)ଙ୍କ ଉପସ୍ଥିତିରେ ଓ୍ୱାଡେ (ଗୁଣିଆ) ଦିନ ବାର ଦେଖି ଲଗ୍ନ ସ୍ଥିର କରେ । ଶ୍ରାବଣମାସରେ ବର୍ଷା ହୋଇଥାଏ ଭୀଷଣ ବର୍ଷାରେ ସେମାନେ ବାହାରକୁ ଯାଇ କାମଧନ୍ଦା କରି ପାରନ୍ତି ନାହିଁ ପେଟ ଭୋକକୁ ସମ୍ଭାଳିନପାରି ଏହି ଆମ୍ବ ଟାକୁଆକୁ ଖାଇଥାନ୍ତି । ଆଦିବାସୀମାନେ କୌଣସି ଖାଦ୍ୟଶସ୍ୟକୁ ଖାଦ୍ୟ ରୂପେ ବ୍ୟବହାର କରିବା ପୂର୍ବରୁ ଡଙ୍ଗରଦେଇଙ୍କୁ ଅର୍ପଣ କରି ପୂଜାର୍ଚ୍ଚନା କରିଥାନ୍ତି । ପ୍ରତ୍ୟେକ ଗାଁରେ ଡଙ୍ଗରଦେବୀଙ୍କ ଆସ୍ଥାନ ଗାଁ ମୁଣ୍ଡର ଆମ୍ବଗଛ ମୂଳେ ରହିଥାଏ । ଓ୍ୱାଡେ ଲଗ୍ନ ସ୍ଥିର କରିବା ପରେ ଗାଁର ଲୋକମାନେ ଚୈତ୍ରମାସଠାରୁ ଆରମ୍ଭକରି ବୈଶାଖ, ଜ୍ୟେଷ୍ଠମାସରେ ଯେଉଁ ଆମ୍ବ ଟାକୁଆଗୁଡିକ ସଂଗ୍ରହ କରିଥାନ୍ତି ତାହାକୁ ଗୋଟିଏ ବାଉଁଶ ଗୁଲିରେ ଆଣି ଆମ୍ବ ଗଛମୂଳରେ ରଖିଥାନ୍ତି । ସେହି ସମୟରେ ଜଙ୍ଗଲରୁ ଓଲୁଅ ଏବଂ ସୁନାରୀ ଗଛ ଅଣାଯାଇ ଆମ୍ବଗଛ ମୂଳେ ପୂଜା ସ୍ଥାନରେ ପୋତାଯାଏ । ପ୍ରଥମେ ଡଙ୍ଗରଦେବୀଙ୍କ ନିକଟରେ ଘୁଷୁରୀ, ଛେଳି,

ବତକ, ପାରା ବଳି ଦିଆଯାଏ । ତାପରେ ନଡିଆ, କଦଳୀ ଭୋଗ ଦିଆଯାଏ । ଏହି ପର୍ବରେ ଆଦିବାସୀମାନେ ସଲପ, ପେଣ୍ଡମ, ମହୁଲୀ ନିଶାରେ ମସଗୁଲ ହୋଇ ବାଦ୍ୟ ଏବଂ ଢ଼େମ୍‌ସାର ତାଳେତାଳେ ଧାଙ୍ଗଡା ଧାଙ୍ଗିଡିମାନେ କାନ୍ଧକୁ କାନ୍ଧ ମିଶାଇ ନାଚିନାଚି ବେଦମ ହୋଇଯାନ୍ତି । ବଣ୍ଡା ଘାଟିର ଆଦିମ ଜନଜାତିମାନଙ୍କ ଏହି ପର୍ବ ଅତି ଆନନ୍ଦର ପର୍ବ । ଆମ୍ବ ଟାକୁଆରୁ କୋଇଲି ବାହାର କରି ତାକୁ ଚୂନା କରି ଆଦିବାସୀମାନେ ରଖିଥାନ୍ତି ସେଥିରେ ମାଣ୍ଡିଆ ଚୂନା ମିଶାଇ ଜାଉ କରନ୍ତି । ଚାଉଳ ଗୁଣ୍ଡରେ କୋଇଲି ଗୁଣ୍ଡ ମିଶାଇ ଏକ ପ୍ରକାର ସ୍ୱାଦିଷ୍ଟ ଚକୁଳି ପିଠା ପ୍ରସ୍ତୁତ କରନ୍ତି । ପର୍ବଦିନ କୋଇଲି ପିଠା ଏବଂ ଜାଉ ମାଣ୍ଡିଆରେ କୋଇଲି ମିଶାଇ ଖାଇଥାନ୍ତି । ବଳି ପଡିଥିବା ପଶୁପକ୍ଷୀର ମାଂସ ସେଥିରେ ମିଶାଇ ରନ୍ଧା ଯାଇ ଗାଁର ପ୍ରତ୍ୟେକ ପରିବାର ଏକାଠି ବସି ଖାଇଥାନ୍ତି, ଭାବର ଆଦାନ ପ୍ରଦାନ ପରସ୍ପର ମଧ୍ୟରେ କରିଥାନ୍ତି । ଘରେ ଖାଇବାକୁ ଧାନ, ଚାଉଳ ନଥାଏ କିନ୍ତୁ ସେଥିପ୍ରତି କାହାର ଭ୍ରୂକ୍ଷେପ ନଥାଏ । ମାଣ୍ଡିଆ, କାନ୍ଦୁଲ, ଆମ୍ବ ଟାକୁଆର ଚୂନା ଏବଂ କୋଇଲି ଚୂନାକୁ ଆନନ୍ଦରେ ଜାଉ ଓ ପିଠା ତିଆରି କରି ଖାଇଥାନ୍ତି ଏବଂ ଖୁସିମନରେ ନାଚଗୀତରେ ଜୀବନ ବିତାଇଥାନ୍ତି । ଏହି ପର୍ବରେ ପରଜାମାନେ "ଟାକୁପିଠା" ତିଆରି କରିଥାନ୍ତି । ଆମ୍ବ ଟାକୁଆକୁ ଶୁଖେଇ ସେଥିରୁ କୋଇଲିକୁ ବାହାର କରାଯାଏ । ସେହି କୋଇଲିକୁ ଗରମ ପାଣିରେ ସିଝାଯାଏ, କୋଇଲି ସିଝି ଗଲାପରେ ଏଥିରୁ ବର୍ଷାପାଣି ବାହାର କରାଯାଏ, ତାପରେ ସିଝା କୋଇଲିକୁ ବଟାଯାଏ । ଏହାକୁ ଛୋଟ ଛୋଟ ପିଠା କରି ଦୁଇଟି ଶରଗି ପତ୍ରରେ ଘୋଡାଇ ଏକ ମାଟି ହାଣ୍ଡିରେ ସିଝାଯାଏ ପୂର୍ବରୁ ଚୁଲିରେ ବସି ଥିବା ମାଟି ହାଣ୍ଡିରେ ପାଣି ଦିଆଯାଇ ସେଥିରେ କାଠି କୁଟା ବିଛେଇ ଦିଆଯାଏ । ଏହା ଉପରେ ପତ୍ରରେ ଘୋଡାଇ ଥିବା ପିଠାଗୁଡିକୁ ଥାକ ଥାକ କରି ହାଣ୍ଡି ଭିତରେ ସଜେଇ ରଖାଯାଏ । ପିଠା ସିଝିଗଲେ ବାହାର କରି ଖାଇବାକୁ ଦିଆଯାଏ । ଆଦିବାସୀମାନେ ଟାକୁ ପରବରେ ଲନ୍ଦା, ମହୁଲି, ପେଣ୍ଡମ୍ ପିଇ ମାତାଲ ହୋଇ ନାଚ ଗୀତରେ ମାତିଥାନ୍ତି । କନ୍ଧମାନେ ଆମ୍ବ ଟାକୁଆ ପର୍ବ ଭିନ୍ନ ଭାବରେ ପାଳନ କରିଥାନ୍ତି । ସେ ସମୟରେ ବାଘ ରଡି ବନସ୍ତରୁ ଶୁଭୁଥାଏ । ବାଘକୁ ଶାନ୍ତ କରିବାକୁ କନ୍ଧ ଦିଶାରୀ ରୋହିଣୀ ଯୋଗରେ ଏହି ପର୍ବ ପାଳନ କରିବାକୁ ପାଞ୍ଜିଦେଖି ଗାଁର ସମସ୍ତ ବ୍ୟକ୍ତିଙ୍କୁ ଜଣାଇ ଦେଇଥାନ୍ତି । ପୂଜା ଦିନ ଦିଶାରୀ ଗୋଟିଏ କୁକୁଡା ଛୁଆ ଏବଂ ଆମ୍ବ ଟାକୁଆ ଓ ଗୋଟିଏ କଂସାଥାଳି ପୂଜା ସ୍ଥଳରେ ରଖି ପୂଜା କରେ । ତାପରେ କୁକୁଡ଼ା ଛୁଆର ବେକ ଛିଣ୍ଡାଇ ଭୂଇଁରେ ରକ୍ତ ଢ଼ାଳେ, ରନ୍ଧା ମଦ ସେଥିରେ ଢ଼ାଳିଥାଏ ରାସ୍ତା ମଝିରେ ଆଣ୍ଠୁଏ

ଉଚ୍ଚର ଛାମୁଣ୍ଡିଆ ଉପରେ ଫୁଲ, କୁକୁଡା ଅଣ୍ଡା ମୁରୁଜ ଥୋଇ ଗାଁ ଶେଷରେ ବଣ ପାଖରେ ଢ଼ୋଲ, ମାଦଳ ବାଜା ବଜାଯାଏ । ସେଠାରେ ଜାନି ଓ ଦିଶାରୀ ଘଣ୍ଟା ଘଣ୍ଟା ଧରି ବଡ ପାଟିରେ ମନ୍ତ୍ର ଉଚ୍ଚାରଣ କରୁଥାନ୍ତି । ଗାଁର ଶେଷରେ ରହିଥିବା ଗଛମୂଳେ ବାଘ ଦେହ ସଦୃଶ ଚିତ୍ରିତ ହୋଇଥିବା କାଠରେ ତିଆରି ଖଣ୍ଡା ରଖାଯାଇଥାଏ । ଗୁରୁମାଈ ଗାଁର ଦାଣ୍ଡକୁ ଯାଇ ହଳଦୀ ଗୁଣ୍ଡ ଓ ଚାଉଳ ପକାଇ ଟାକୁଆକୁ ଛେଚି ପ୍ରଥମେ ପୂଜା କରିଥାଆନ୍ତି, କଂସା ଥାଳିରେ ସେହି ଟାକୁଆ ରଖାଯାଏ ସେଥିରେ ହଳଦୀ ଚାଉଳ ରଖି ଦୁଇଟି ଛୋଟ ଥାଳୀ ଉପରେ ଗୋଟିଏ ନୂଆ ଲୁଗା ରଖି ଥାଳିକୁ ସେହି ଦାଣ୍ଡରେ ରଖିଥାନ୍ତି । ପ୍ରଥମେ ନାୟକ ଜାନି ଘରୁ ପୂଜା କରିବା ପରେ ଚାଉଳ ଆଣିଥାନ୍ତି, ଚାଉଳକୁ ରାତ୍ରିରେ ବଣରେ ରାନ୍ଧି ସାରିବାପରେ ଗାଁ ଲୋକମାନେ ଏକତ୍ରିତ ହୋଇ ଖାଇଥାନ୍ତି । ପରଦିନ ପ୍ରତ୍ୟେକ ଯୁବକ ଯୁବତୀ ଗୋଟିଏ ବାଡିଧରି ପ୍ରତ୍ୟେକ ଘରର ଚାଳକୁ ବାଡେଇ ବାଡେଇ ଚାଲିଥାନ୍ତି ସେମାନେ ଭାବନ୍ତି ଭୂତପ୍ରେତ ଥିଲେ ଏହି ବାଡିରେ ବାଡେଇବା ଦ୍ୱାରା ଭୂତପ୍ରେତ ବାଡି ସହିତ ସାଥିରେ ଚାଲିଆସନ୍ତି । ଯୁବକ ଯୁବତୀମାନେ ସମସ୍ତ ବାଡିକୁ ଗାଁ ମୁଣ୍ଡରେ ଛାଡି ଘରକୁ ଫେରିଥାନ୍ତି । ଗାଁର ପ୍ରତ୍ୟେକ ବ୍ୟକ୍ତି ପୁଣିଥରେ ଏକତ୍ରିତ ହୋଇ ଆମ୍ବ କୋଇଲିରୁ ଜାଉ ପ୍ରସ୍ତୁତ କରିବା ପରେ ତେନ୍ତୁଳି ମଞ୍ଜିର ଭିତରେ ଶସରୁ ମଧ ଜାଉ ପ୍ରସ୍ତୁତ କରି । ଦୁଇପ୍ରକାର ଜାଉକୁ ଆନନ୍ଦର ସହିତ ଏକାଠି ମିଶି ଖାଇଥାନ୍ତି । ପେଣ୍ଡମ୍ ପିଇ ହସ ଖୁସିରେ ଟାକୁ ପର୍ବକୁ ଉପଭୋଗ କରନ୍ତି ।

***



# ବଣ୍ଡାମାନଙ୍କ ପାଟଖଣ୍ଡା ଯାତରା

ମାଲକାନଗିରି ଯେଉଁଠି ମଣିଷ ସବୁଜ, ସୁନ୍ଦର ପରିବେଶରେ ବିହ୍ୱଳିତ ହୋଇଥାଏ, ଆଦିବାସୀ ଲଳନାର ଆଖିର ଅଳସ ଚାହାଣୀ, ପାହାଡର ନୀରବ କଥା ଓ କଳ ନିନାଦିନୀ ଝରଣାରେ ସୃଷ୍ଟି ହୁଏ ଅପରୂପ ସୌନ୍ଦର୍ଯ୍ୟର ଫୁଆରା । ତାମସା ନଦୀ ତଟରେ ବସି ଦିନେ ମହାକବି କାଳିଦାସ ସୃଷ୍ଟି କରିଥିଲେ ମେଘଦୂତ । ମାଲ୍ୟବନ୍ତଗିରିର ପ୍ରତିଟି ଅଂଶ ରହିଥିଲା ତାଙ୍କ କବିତାର ପ୍ରତିଟି ଶବ୍ଦରେ ଅନେକ କହନ୍ତି ଏହି ତମସା ନଦୀ ତଟରେ ବସି ସୃଷ୍ଟି କରିଥିଲେ ବାଲ୍ମିକୀ ପୃଥିବୀର ପ୍ରଥମ କାବ୍ୟ । ପାଣ୍ଡବମାନେ ଅଜ୍ଞାତବାସ ସମୟରେ ଏହି ମାଲ୍ୟବନ୍ତର ଅରଣ୍ୟରେ ବାସ କରୁଥିଲେ । ତେଣୁ ଆଜି ମଧ ସେଠାରେ ଆଦିମ ଆଦିବାସୀମାନେ କୃଷ୍ଣ, ଅର୍ଜୁନ ଓ ଭୀମଙ୍କୁ କାନାମ୍‌ରାଜୁ, ବାଲାରାଜୁ, ପୋତାରାଜୁ ନାମରେ ପୂଜା କରିଥାନ୍ତି । ମାଘମାସରେ ସେମାନେ ଭୀମୁଡୁ ପର୍ବ ପାଳନ କରିଥାନ୍ତି ଏବଂ ଗ୍ରାମର ସୁରକ୍ଷା ପାଇଁ ପ୍ରାର୍ଥନା କରିଥାନ୍ତି । କୁହାଯାଏ ପ୍ରତି ଗ୍ରାମରେ ରହିଥିବା ପାଣ୍ଡବଏରୁ(ପୋଖରୀ) ପାଣ୍ଡବମାନେ ବ୍ୟବହାର କରୁଥିଲେ । "ପାଟଖଣ୍ଡା ପର୍ବ" ବଣ୍ଡାମାନେ ମାଘ ମାସରେ ମୁଦୁଲିପଡାରେ ପାଳନ କରିଥାନ୍ତି । ସେମାନେ ବିଶ୍ୱାସ କରନ୍ତି ଅଜ୍ଞାତବାସ ସମୟରେ ପାଣ୍ଡବମାନେ ମୁଦୁଲିପଡାରେ ଥିବା ଏକ ବଟବୃକ୍ଷ କୋରଡରେ ନିଜର ସମସ୍ତ ଖଣ୍ଡା ଲୁଚାଇ ରଖିଥିଲେ । ସେଠାରୁ ସମସ୍ତ ଅସ୍ତ୍ର କାଢ଼ି ନେବା ସମୟରେ ଏହି ଖଣ୍ଡା ଛାଡି ଯାଇଥିଲେ ।

ଅନେକ କୁହନ୍ତି, ପ୍ରଭୁ ରାମଚନ୍ଦ୍ର ଚଉଦବର୍ଷ ବନବାସ ସମୟରେ ଦଣ୍ଡକାରଣ୍ୟରେ ବିଚରଣ କରୁଥିବାବେଳେ ବଣ୍ଡାମାନଙ୍କ ଆଦର ଅଭ୍ୟର୍ଥନାରେ ବହୁତ ପ୍ରୀତ ହୋଇଥିଲେ । ସେଠାରୁ ବିଦାୟ ନେଲାବେଳେ ପତ୍ନୀ ସୀତା ଓ ଭ୍ରାତା ଲକ୍ଷ୍ମଣଙ୍କ ଅନୁରୋଧକ୍ରମେ ପ୍ରଭୁ ରାମଚନ୍ଦ୍ର ଏହି ଖଣ୍ଡାକୁ ବଣ୍ଡାମାନଙ୍କୁ ପ୍ରଦାନ କରିଥିଲେ । ଏମିତି ମଧ ଶୁଣାଯାଏ ନନ୍ଦପୁରରୁ ସସ୍ତ୍ରୀକ ଯୁବରାଜ ଅଜ୍ଞାତବାସ କରିବା ପାଇଁ ବଣ୍ଡା ପାହାଡ଼କୁ ଚାଲି ଆସିଥିଲେ ଯେତେବେଳେ ରାଜା ଜାଣିଲେ, ମନ୍ତ୍ରୀଙ୍କୁ ପଠାଇ ସସ୍ତ୍ରୀକ ଯୁବରାଜଙ୍କ ନନ୍ଦପୁର ଫେରାଇ ଆଣିଲେ ଓ ଏଥିରେ ବଣ୍ଡାମାନେ ଦୁଃଖରେ ଭାଙ୍ଗି ପଡିଲେ । ଯୁବରାଜ ନିଜର ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ବ୍ୟବହୃତ ଖଣ୍ଡାକୁ ବଣ୍ଡାମାନଙ୍କ ପ୍ରଦାନ କରିଥିଲେ । ସେହିଦିନଠାରୁ ବଣ୍ଡାମାନେ ଏହି ଖଣ୍ଡାକୁ ପୂଜାକରି ଆସୁଛନ୍ତି । ବଣ୍ଡାମାନେ ମୁଦୁଲିପଡା ଅନ୍ତର୍ଗତ ଏକାବନଟି ଗ୍ରାମରେ ବାସ କରନ୍ତି । ସେମାନେ ରକ୍ଷଣଶୀଳ ଓ ପରମ୍ପରା ବିଶ୍ୱାସୀ ଏଠାରେ ଉପର ବଣ୍ଡା ଓ ତଳ ବଣ୍ଡାରେ ବିଭକ୍ତ ହୋଇଥାନ୍ତି ।

ପାଟଖଣ୍ଡା ବିଷୟରେ ଯାହା ଜନଶ୍ରୁତି ଥାଉନା କାହିଁକି କେଉଁ ଅନନ୍ତକାଳରୁ ବଣ୍ଡାମାନେ ମୁଦୁଲିପଡାସ୍ଥିତ ଏକ ପର୍ବତ ଉପରେ ଥିବା ବରଗଛ କୋରଡରେ ସ୍ଥାପିତ ଏହି ପାଟଖଣ୍ଡା ଦେବତାଙ୍କୁ ଭକ୍ତି, ବିଶ୍ୱାସ, ଶ୍ରଦ୍ଧା ସହିତ ପୂଜା କରି ଆସୁଛନ୍ତି । 'ବାରଙ୍ଗାଙ୍ଗର' ବଣ୍ଡା ରାଜ୍ୟର ଦେବତା ହେଉଛନ୍ତି ପାଟଖଣ୍ଡା ଦେବତା । ମୁଦୁଲିପଡାର ପୂର୍ବତଟରେ ଗୋଟିଏ ଝରଣା ରହିଛି । ସେହି ଝରଣାର ନାଁ 'କପରସୁଆଁ' । ଦଶଫୁଟ ନିମ୍ନକୁ ଡେଇଁପଡି ସେହି ଝରଣା ସୃଷ୍ଟି କରିଛି ଗୋଟିଏ ଗାତ । ଏହି ଗାତକୁ 'ସୀତାକୁଣ୍ଡ' କୁହାଯାଏ । ପ୍ରବାଦ ରହିଛି, ସତୀ ସୀତା ଶ୍ରୀରାମଚନ୍ଦ୍ରଙ୍କ ସହିତ ବନବାସ ସମୟରେ ଏହି କୁଣ୍ଡରେ ସ୍ନାନ କରିଥିଲେ ।

ପ୍ରତିବର୍ଷ ମାଘ ପୂର୍ଣ୍ଣିମା ଦିନ ବଣ୍ଡା ପୂଜାରୀ ସିଙ୍ଗିଆକି (ସୂର୍ଯ୍ୟଦେବତା)ଙ୍କ ପାଟଖଣ୍ଡାକୁ ସ୍ନାନକରି ଶୁକ୍ଳ ବସ୍ତ୍ର ପରିଧାନ କରି ବରଗଛ କୋରଡରୁ ପାଟଖଣ୍ଡା ଦେବତାକୁ ତାଳକୁ ଆଣି ଗଛତଳ ଲିପାପୋଛା କରି ଫୁଲଫଳ ଦେଇ ପୂଜାର୍ଚ୍ଚନା କରିଥାଏ । ପାଟଖଣ୍ଡା ଦେବତାଙ୍କୁ ଗୁହାରୀ କରି କହିଥାଏ - 'ହେ ପ୍ରଭୁ ଗୋଟିଏ ପଟରେ ବାଘ ଅନ୍ୟପଟେ ଭାଲୁକୁ ସୁବର୍ଣ୍ଣ ନିର୍ମିତ ଲଙ୍ଗଳରେ ଜୁଆଳି ପକାଇ ନାଗ ସାପରେ ଦଉଡିରେ ସେମାନଙ୍କୁ ବାନ୍ଧି ଦିଅ । ପଥର ଉପରେ ବିହନ ପଡିଲେ ମଧ୍ୟ ସେଠାରେ ଧାନ ଗଛ ହେଉ ଧାନ ଗଦା ହେଉ' ପାଟଖଣ୍ଡା ଦେଢ଼ଫୁଟ୍ ଲମ୍ବ ମୂଳ ଦୁଇ ଇଞ୍ଚ ଏବଂ ଅଗ ତିନି ଇଞ୍ଚ ପ୍ରସ୍ଥର ଦୁଇପଟ ଧାର ଥିବା ବହୁ ପୁରୁଣା ଖଣ୍ଡା । ଏହି ଖଣ୍ଡା ମୁଦୁଲିପଡାର ବଣ୍ଡାକ୍‌ଙ୍କ ପାଟଖଣ୍ଡା ମହାପ୍ରଭୁ 'ସୁନାରେମ' ବଡଦେବତା ରୂପେ ପୂଜା ପାଏ । ଲୋକ କାହାଣୀ ରହିଛି ବହୁତ ଦିନ ତଳର କଥା ଥରେ ପୋଡେଇଗୁଡା ଓ ସିଲେଇଗୁଡା ଗାଁ ମଝି ମେଲାପାଦା ପଡିଆରେ ଜୟପୁର ମହାରାଜା ଏବଂ ଅନ୍ୟ ରାଜାଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା ଏବଂ ଯୁଦ୍ଧରେ ଜୟପୁର ମହାରାଜାଙ୍କୁ ବଣ୍ଡାମାନେ ସାହାଯ୍ୟ କରିଥିଲେ ଏବଂ ରାଜା ବିଜୟ ଲାଭ କରିଥିଲେ । ସେତେବେଳେ ରାଜା ବଣ୍ଡାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ସାଥିରେ ଆଣିଥିବା ମାଁ ଦୁର୍ଗାଙ୍କ ପାଟ ଖଣ୍ଡାକୁ ବଡନାଏକ ମୁଦୁଲିକୁ ଦେଇ କହିଥିଲେ ଜୟପୁର ଦଶହରା ପର୍ବକୁ ନ ଆସି ନିଜ ଗାଁରେ ଏହି ପାଟଖଣ୍ଡାକୁ ପୂଜା କରିବାକୁ । ପାଟଖଣ୍ଡା ମୁନାରେମ୍ ମହାପ୍ରଭୁ ପ୍ରଥମେ ମୁଦୁଲିପଡା ଗାଁ ସ୍ଥାପନ ହୋଇଥିବା ବୁରସଂ ପାହାଡର ପଶ୍ଚିମରେ ଏକ ବିଶାଳ ବଟବୃକ୍ଷରେ ରହୁଥିଲେ । କିନ୍ତୁ ସେଠାରେ ଗୋମାଂସ ରନ୍ଧା ହେବରୁ ସେ ସ୍ଥାନ ଛାଡି ଗାଁରେ ପୂର୍ବରେ ଥିବା ଦଡି ଓ ବଟବୃକ୍ଷର କୋରଡରେ ଯାଇ ରହିଥିବା ସ୍ୱପ୍ନରେ ଜଣାଇଲେ ବର୍ତ୍ତମାନ ମଧ୍ୟ ଜଡ଼ି ବୃକ୍ଷର କୋରଡରେ ରହି ପାଟଖଣ୍ଡା ମୁନାରେମ ପୂଜା

ପାଇ ଆସୁଛନ୍ତି । ଦିନେ ଶତାୟୁ ବଟବୃକ୍ଷ ଚେରରୁ ଉପାଡି ହୋଇ ଧରାଶାୟୀ ହେଲା । ଏହି ବୃକ୍ଷ ଉପୁଡି ଯିବା ପରେ ପାଟଖଣ୍ଡା ମହାପ୍ରଭୁଙ୍କ ସେବା କରୁଥିବା ମୁଦୁଲି ଯାହାଙ୍କୁ ଶତାୟୁ ବର୍ଷ ହୋଇଥିଲା । ସେହି ସୋମାମୁଦୁଲି (ରାଜା)ର ମଧ ମୃତ୍ୟୁ ଘଟିଥିଲା । ସବୁଠାରୁ ଆଶ୍ଚର୍ଯ୍ୟର କଥା ପାଟଖଣ୍ଡା ମହାପ୍ରଭୁ ମୁନାରେମ ବଟବୃକ୍ଷର କୋରଡରେ ଶହେ ବର୍ଷ ରହିଥିଲେ । ସୋମା ମୁଦୁଲି ମୁନାରେମ୍ (ପାଟଖଣ୍ଡା) ଦେବତାଙ୍କୁ ପୂଜା ଶହେ ବର୍ଷ ଧରି କରିଆସୁଥିଲେ । ସେ ବଣ୍ଡାକ୍‌ର ରାଜା ଥିଲେ ବନବାସୀ ରାମହା ପୁରୁଷ ସବୁଠୁ ଆଶ୍ଚର୍ଯ୍ୟ କଥା ହେଲା ଶତାୟୁ ସୋମାମୁଦୁଲିଙ୍କର ପ୍ରଥମେ ମୃତ୍ୟୁ ହେଲା କେହି ଜାଣିପାରିଲେ ନାହିଁ । ଆଜି ମଧ ବଣ୍ଡାକ୍ ଅଞ୍ଚଳ ମୁଦୁଲିପଡାରେ ଜନତା ମଧରେ ସ୍ମରଣୀୟ ହୋଇ ରହିଲା ଯେ ଏପଟେ ମୁଦୁଲିପଡାର ଶତାୟୁ ରାଜାର ମୃତ୍ୟୁ ହେଲା ସେପଟେ ପଶ୍ଚିମରେ ଥିବା ଶତାୟୁ ଗଛ ଟଳିପଡିଲା । ପାଟଖଣ୍ଡା ପୂଜାର ଆଠଦିନ ପୂର୍ବରୁ ବାରଗୋଟି ଗ୍ରାମର ନାୟକମାନେ ମୁଦୁଲିପଡାରେ ଏକାଠି ହୁଅନ୍ତି । ସାଥିରେ କୁକୁଡା ଏବଂ ଧାନ ଆଣିଥାନ୍ତି । ବଡନାୟକ ନିକଟରେ ସମସ୍ତ ଧାନ ଏବଂ କୁକୁଡା ପ୍ରଦାନ କରିଥାନ୍ତି । ପାଟଖଣ୍ଡା ପୂଜାରୀ ସେଗୁଡିକକୁ ଗ୍ରହଣ କରି ଗ୍ରାମର ନାୟକମାନଙ୍କ ମୁଣ୍ଡରେ ହଳଦୀର ଟିକାଦେଇଥାନ୍ତି । ମୁଦୁଲିପଡାର ଗ୍ରାମବାସୀମାନେ ଧୂସର ରଙ୍ଗର ଛେଳି, କୁକୁଡା, ପୂଜାସାମଗ୍ରୀ କିଣିଥାନ୍ତି । ପୂଜା ଦିନ ବାରଟି ଗ୍ରାମର ଲୋକମାନେ ମୁଦୁଲିପଡାରେ ସପରିବାର ପୂଜା ସାମଗ୍ରୀ ଧରି ଆସିଥାନ୍ତି । ମାନସିକଧାରୀମାନେ କୁକୁଡା, ପାରା ଓ ଛେଳି ମଧ ସାଥିରେ ଆଣିଥାନ୍ତି । କେହି କେହି ଚାଉଳ, ନଡିଆ, ଆମ୍ବ ଡାଳ ଆଣିଥାନ୍ତି । ପାଟଖଣ୍ଡା ପୂଜାରୀ ଘରେ ଏକତ୍ରିତ ହୋଇଥାନ୍ତି । ବାଜା ବାଜଣାରେ ଗାଁ ପୁରି ଉଠେ । ପୂଜାରୀଙ୍କ ଦୁଆରକୁ ଗୋବରରେ ଲିପା ପୋଛା ହୋଇଥାଏ ପାଟଖଣ୍ଡା ପୂଜାରୀ ସ୍ନାନ ସାରି ଲିପା ପୋଛାହୋଇ ଥିବା ସ୍ଥାନରେ ଆଠକେଜି ଧାନ ବିଛାଇ ଦେଇଥାନ୍ତି ସେହିଦାନ ଉପରେ ସିଆଳି ପତ୍ର ଦୁଇ ଧାରରେ ରଖାଯାଏ ସିଆଳି ପତ୍ର ଉପରେ ଏକ କେଜି ଲେଖାଏଁ ଧାନ ରଖାଯାଏ । ଏଇ ଦୁଇ ଧାଡିରେ ଥିବା ଧାନ ଗଦାରୁ ଗୋଟିଏକୁ 'ପାଟଖଣ୍ଡା' "ମନ୍‌ରେଗା" ମହାପ୍ରଭୁ ନାମରେ ଅନ୍ୟଟିକୁ ଧରିତ୍ରୀ ମାତାକୁ ଭାବରେ ପୂଜା କରାଯାଏ । ତାପରେ ପୂଜାରୀ ପାଟଖଣ୍ଡା ମହାପ୍ରଭୁଙ୍କୁ ଆବାହନ କରିଥାନ୍ତି । ଡିଶାରୀମାନେ ଭୂତପ୍ରେତ ନ ଆସିବା ପାଇଁ ମୟୁରପୁଚ୍ଛ ଧରି ହଲାଇ ହଲାଇ ମନ୍ତ୍ର ପାଠକରନ୍ତି । ଧରିତ୍ରୀ ମାତାକୁ ୧୨ଟି କୁକୁଡା ଗୋଟିଏ ପରେ ଗୋଟିଏ ବଳି ଦିଆଯାଏ କୁକୁଡା ରକ୍ତକୁ ଏକତ୍ରିତ କରି ଗଦା ହୋଇଥିବା ଧାନ ଉପରେ ଛିଞ୍ଚାଯାଏ । ପୂଜା ଶେଷରେ ଧାନକୁ ମୁଦୁଲିପଡାରେ ରହୁଥିବା ବଡନାୟକ

ପ୍ରତ୍ୟେକ ଗାଁର ନାୟକମାନଙ୍କୁ ପତ୍ରଦନାରେ ଭର୍ତ୍ତିକରି ବାଣ୍ଟି ଦେଇଥାନ୍ତି । ସମସ୍ତଙ୍କ ବିଶ୍ୱାସ ଯେ ଏହି ଧାନକୁ ଧାନ କିଆରୀରେ ବୁଣି ଦେଲେ ଭଲ ଚାଷ ହେବ ଏବଂ ଏହି ଧାନକୁ ଖାଇଲେ ସମସ୍ତେ ସୁସ୍ଥ ରହିବେ ପରିବାରରେ ଅଘଟଣ ହେବନାହିଁ ତାପରେ ସମସ୍ତେ ବାଜା ବଜାଇ ନାଚି ନାଚି ପାଟ ଖଣ୍ଡା ମହାପ୍ରଭୁଙ୍କ ଆସ୍ଥାନକୁ ଯାଇଥାନ୍ତି । ସେଠାରେ ସମସ୍ତେ ମିଶି ନୂଆ ପାଟଖଣ୍ଡା ପୂଜାରୀ ବାଛିବା ପାଇଁ ଆଲୋଚନା କରନ୍ତି । ସମସ୍ତେ ଯଦି ରାଜି ହୁଅନ୍ତି ପୂର୍ବବର୍ଷର ପୂଜାରୀ ହିଁ ଏହି ବର୍ଷ ପୂଜା କରିବ ତେବେ ସେହି ପାଟଖଣ୍ଡା ପୂଜାରୀ ସେହି ବର୍ଷ ପୂଜା କରନ୍ତି । ଯଦି ଲୋକମାନେ ନୂଆ ପୂଜାରୀ ବାଛିଥାନ୍ତି ତେବେ ନୂଆ ପୂଜାରୀ ମୁଣ୍ଡରେ ନୂଆ ଲୁଗା ପଗୋଡି ବନ୍ଧାଯାଏ ଏବଂ ସେ ପୂଜା କାର୍ଯ୍ୟ କରିଥାନ୍ତି । ପୂଜାରୀ ହାତଯୋଡି କୋରଡରୁ ଓହ୍ଲାଇଥିବା ପାଟଖଣ୍ଡା ଠାକୁରକୁ କୁହେ-ସତରେ ତୁମେ ଯଦି ପ୍ରଭୁଥିବ, ତେବେ ମାଣେ ଧାନକୁ ଦୁଇମାଣ କରିଦେବ ଏହା କହି କୋରଡରୁ ବାହାରିଥିବା ପାଟଖଣ୍ଡା ଦେବତାକୁ ବାଜା ବାଜଣା ମଧ୍ୟରେ ସୀତାକୁଣ୍ଡରେ ମାଜଣା କରାଯାଏ ହଳଦୀ ପାଣିରେ ସ୍ନାନ ହୁଏ । ପାଟଖଣ୍ଡା ଉପରେ ପୂଜାରୀ ୧୨ଟି ସ୍ଥାନରେ ୧୨ଟି ସିନ୍ଦୁର ଟୋପା ଲଗାଇଦିଅନ୍ତି । ଏହି ୧୨ଟି ସିନ୍ଦୁର ଟୋପାକୁ ପାଟଖଣ୍ଡା ଦେବତାଙ୍କ ୧୨ଜଣ ଶିଷ୍ୟ ବୋଲି ଧରାଯାଏ ଏହାପରେ ପୂଜାରୀ ଫୁଲ ହଳଦୀ ପାଣି, ଅରୁଆ ଚାଉଳ ଅଭିମନ୍ତ୍ରିତ କରି ଦେବତାଙ୍କ ପୂଜାର୍ଚ୍ଚନା କରିଥାନ୍ତି । ପୂଜାରୀ ପ୍ରତ୍ୟେକ ନାୟକଙ୍କ ନିକଟରୁ ସଂଗ୍ରହ କରିଥିବା ଧାନକୁ ପାଟଖଣ୍ଡା ମହାପ୍ରଭୁଙ୍କ ପାଦ ତଳେ ରଖିଦିଏ । ଦିସାରୀମାନେ ଦଳ ଦଳ ହୋଇ କୁଲାରେ ଧାନ ଧରି  ପ୍ରେତାତ୍ମା ଦ୍ୱାରା ପ୍ରଭାବିତ ହୋଇ ନାଚି ନାଚି ପ୍ରାର୍ଥନା କରନ୍ତି । ଏହାପରେ ପୂଜାରୀ ଗୋଟିଏ ଛେଳିକୁ ହାଣି ତାହାର ମୁଣ୍ଡକୁ ଧାନ ଗଦା ଉପରେ ରଖିଦେଇଥାନ୍ତି । ମାନସିକଧାରୀମାନେ ମଧ୍ୟ ପକ୍ଷୀ ପଶୁବଳୀ ଦେଇ ଧାନ ଗଦାରେ ରକ୍ତକୁ ଛିଞ୍ଚିଥାନ୍ତି । ଗୋଟିଏ ନୂଆ ବାଉଁଶ ନଳୀର ମୁହଁକୁ ଭଲ ଭାବରେ ବନ୍ଦ କରି ନିଆଁ ଭିତରେ ପୋତି ଦିଆଯାଏ । ସେହି ନଳୀକୁ ନିଆଁ ଭିତରେ କିଛି ସମୟ ରଖିଦେଲା ପରେ ବାହାର କରାଯାଏ । ନଳୀକୁ ବାହାରକୁ ଆଣି ତାକୁ ଫଟାଇ ସିଦ୍ଧ ଅନ୍ନକୁ ବାହାର କରାଯାଏ ତାହାକୁ ଚରୁ ଅନ୍ନ କୁହାଯାଏ । ଏହି ଚରୁ ଅନ୍ନକୁ ପାଟଖଣ୍ଡା ଦେବତାଙ୍କ ନିକଟରେ ପୂଜା କରାଯାଏ । ପୂଜାପରେ ବରଗଛ ମୂଳରେ ଥିବା ସ୍ଥାନରେ କଳସ ସ୍ଥାପନା କରାଯାଏ । କଳସଗୁଡିକ ନୂଆ ବାଉଁଶରେ ଅଡା, ମାଣ ପରି ତିଆରି କରାଯାଇଥାଏ । ସେହି ମାଣ, ଅଡାରେ ଧାନ ଭର୍ତ୍ତି କରାଯାଇଥାଏ । ବାରଚାଙ୍ଗର ପ୍ରତି ବଣ୍ଡା ଘରୁ ବିହନ ଅଣାଯାଏ । ସେହି ବିହନକୁ ଏକତ୍ରିତ କରି ପାଟଖଣ୍ଡା ଦେବତାଙ୍କ

ନିକଟରେ ମନ୍ତ୍ରପଢ଼ି ସମର୍ପଣ କରାଯାଏ । ପୂଜା ସମୟରେ ପୂଜାରୀ ସୀତାକୁଣ୍ଡରୁ ପବିତ୍ର ଜଳ ଲାଉ ତୁମ୍ବାରେ ଆଣି ପୂଜା କାର୍ଯ୍ୟ କରିଥାନ୍ତି । ସେଠାରେ ବଳି ଦେଲା ପରେ ସମସ୍ତେ ଭାବନ୍ତି ପାଟଖଣ୍ଡା ଦେବତା ସନ୍ତୁଷ୍ଟ ହୋଇଥାନ୍ତି ଏବଂ ତାଙ୍କର ବାରଜଣ ଶିଷ୍ୟ ମଧ୍ୟ ସନ୍ତୁଷ୍ଟ ହୁଅନ୍ତି । ବଳି ଦେଇ ଥିବା ପଶୁ ରକ୍ତ ଦିସାରୀମାନଙ୍କ ଉପରେ ଛିଞ୍ଚାଯାଇଥାଏ । ଏହା ଫଳରେ ଦିସାରୀମାନେ ପ୍ରେତାତ୍ମାମାନଙ୍କଠାରୁ ମୁକ୍ତି ପାଇଥାନ୍ତି । ପାଟଖଣ୍ଡା ପୂଜାରୀ ଏବଂ ବଡ଼ନାୟକ ପୂଜା କରିଥିବା ପଶୁପକ୍ଷୀ ମାଂସକୁ ଅନ୍ୟ ଦିସାରୀମାନଙ୍କ ସହିତ ମିଶି ରାନ୍ଧି ଖାଇଥାନ୍ତି । ଏହି ମାଂସକୁ କେବଳ ଅବିବାହିତ ପୁରୁଷମାନେ ରାନ୍ଧିଥାନ୍ତି । ରାତିରେ ବଡଭୋଜି ହୁଏ ପୁରୁଷ ସ୍ତ୍ରୀ ବୃଦ୍ଧ ବାଳୁତ ସମସ୍ତେ ଏକତ୍ରିତ ହୋଇ ଖାଇଥାନ୍ତି । କାର୍ଯ୍ୟ ଶେଷ ହେଲାପରେ ବଡନାୟକ ଗୋଟିଏ ଛୋଟିଆ ଟୋକେଇରେ ପୂଜା ହୋଇଥିବାଧାନକୁ ପ୍ରତ୍ୟେକ ପରିବାରରେ ବାଣ୍ଟି ଦିଅନ୍ତି । ଏହି ଧାନ ପ୍ରତ୍ୟେକ ପରିବାର ଲୋକ ପ୍ରସାଦ ଭାବରେ ନେଇ ସେବନ କରିଥାନ୍ତି ଏବଂ ସେମାନଙ୍କ ବିଶ୍ୱାସ ଏହା ଫଳରେ କୌଣସି ମାହାମାରୀ ରୋଗଜାତ କିମ୍ୱା ଗାଁରେ ଅଘଟଣ ଘଟେ ନାହିଁ । ପାଟଖଣ୍ଡା ଦେବତା ସନ୍ତୁଷ୍ଟ ହେଲେ ମଣିଷ ଗାଈ ଗୋରୁକୁ ବାଘ ଖାଇବନାହିଁ । ଫସଲ ଭଲହେବ ଗୋରୁଗାଈ ରୋଗାଗ୍ରସ୍ତ ହେବ ନାହିଁ । ବଣ୍ଡାମାନଙ୍କର ପାଟଖଣ୍ଡା ଦେବତାଙ୍କ ଉପରେ ରହିଛି ଅଖଣ୍ଡ ବିଶ୍ୱାସ । ଏମାନେ ଧାନଛତା ମାଣ୍ଡିଆ, ସୁଆଁ, ଅଳସୀ ରାଶି ଆଦାୟ କରିଥାନ୍ତି । ପାଟଖଣ୍ଡା ଦେବତାଙ୍କୁ ପୂଜା ସମୟରେ ବଣ୍ଡାମାନେ କହିଥାନ୍ତି ପର୍ବତ ପାହାଡରେ ବିହନ ପଡୁନା କାହିଁକି ପ୍ରଭୁ ମାଣେ ଧାନକୁ ଦୁଇମାଣ କରିଦିଅ । ସେହି ବର୍ଷ ସେମାନେ ଆନନ୍ଦରେ ପାଟଖଣ୍ଡା ଯାତ୍ରାରେ ବାଦ୍ୟର ତାଳେ ତାଳେ ନାଚି ଉଠନ୍ତି । ମୁଦୁଲିପଡା ହୁଏ ଲୋକାରଣ୍ୟ ନୃତ୍ୟ ଗୀତରେ ବନ ଭୂମି ମୁଖରିତ ହୋଇଥାଏ ।

***



# କଡୁ ପରବ

ରାୟଗଡା ଜିଲ୍ଲାର କଲ୍ୟାଣ ସିଂହାପୁର ବ୍ଲକରୁ କିଛି ରାସ୍ତା ଆଗକୁ ଗଲେ ବଡ ତୋଡ୍ରାଗ୍ରାମ ସେହି ଗ୍ରାମରେ ବାସ କରନ୍ତି ଡଙ୍ଗରିଆ କନ୍ଧ । ଡଙ୍ଗରିଆ କନ୍ଧମାନେ ସରଳ ଜଙ୍ଗଲ ଜଳ ଓ ଜମି ଉପରେ ଆଧାରିତ ସେମାନଙ୍କର ଅନେକ ପର୍ବପର୍ବାଣୀ ଗ୍ରାମର ମୁଖ୍ୟ ଜାନି ଓ ସାମ୍ତା, ଦିଶାରୀ, ବେଜୁଣି ହେଉଛନ୍ତି । କନ୍ଧମାନଙ୍କର ପର୍ବପର୍ବାଣୀର ମୁଖ୍ୟ ସୁତ୍ରଧର । କନ୍ଧମାନେ କର୍ମଠ ନିଜକୁ ଗୀତ ନାଚ ମାଧ୍ୟମରେ ଘଞ୍ଚ ଜଙ୍ଗଲ ଭିତରେ ହଜାଇ ଜୀବନକୁ ଉପଭୋଗ କରିଥାନ୍ତି । ସେମାନଙ୍କ ଦେବତା ଧାରମୁ ପେନୁ । କଡୁ ପରବ ଧାରତି ପେନୁ ଉଦ୍ଦେଶ୍ୟରେ ପାଳିତ ହୋଇଥାଏ । ଏହି ପର୍ବ ନଭେମ୍ବର ମାସ (ଦିୱିଲେଞ୍ଜୁ)ରୁ ଫେବୃୟାରୀ ମାସ (ମାହାକାଲେଞ୍ଜୁ) ମଧ୍ୟରେ ହୋଇଥାଏ । ଏହି ପର୍ବ ପୂର୍ବରୁ ତିନି ବର୍ଷକୁ ଥରେ ପାଳନ କରାଯାଉଥିଲା । କିନ୍ତୁ ଟଙ୍କା ପଇସାର ଅଭାବ ଯୋଗୁଁ ଏହି ପର୍ବ ଦଶବର୍ଷରେ ଥରେ ପାଳନ ପାଇଁ ଏକ ବର୍ଷ ଆଗରୁ ପ୍ରସ୍ତୁତ କରାଯାଏ କନ୍ଧମାନଙ୍କ ବିଶ୍ୱାସ ପେନୁକୁ ଶାନ୍ତି କରିବା ପାଇଁ ଧାରତି ମାତା ରକ୍ତ ଚାହେଁ ତେଣୁ କ୍ଡୁ ପରବ ପାଳନ କରାଯାଏ ପର୍ବର ଏକ ବର୍ଷ ପୂର୍ବରୁ ଗ୍ରାମରେ ମୁଖ୍ୟଜାନି, ସାମ୍ତ ଦିଶାରୀ, ବେଜୁଣି ଏକାଠି ବସି ପର୍ବ ପାଇଁ ପ୍ରସ୍ତୁତି ଆରମ୍ଭ କରିଥାନ୍ତି । ଏକ ବର୍ଷ ପୂର୍ବରୁ ପ୍ରତ୍ୟେକଙ୍କ ଘରୁ ଚାନ୍ଦା, ଚାଉଳ ଆଦାୟ ହୁଏ । ସମସ୍ତ ଏକତ୍ରିତ ହୋଇ ସେହି ଟଙ୍କାରେ ହାଟରୁ ପୋତ ଛେଳି ଘୁଷୁରି, କୁକୁଡ଼ା, ପାରା, ଗାଈ, ନଡିଆ, ସିନ୍ଦୁର, କଜଳ, ଶାଢ଼ୀ ମହୁଲ ମଦ କିଣି ଆଣି ରଖିଥାନ୍ତି । ଗ୍ରାମର ମଧ୍ୟଭାଗରେ ଗୋଟିଏ ଘର ରହିଥାଏ ସେଠାରେ ନଭେମ୍ବର ମାସରେ ଜାନି, ଦିଶାରୀଙ୍କୁ ଡାକି ପର୍ବର ଦାନି ଧାର୍ଯ୍ୟକରେ । ପର୍ବର ଦିନ ଠିକ୍ ହେବାପରେ ବେଜୁଣୀ ଗାଁର ମଧ୍ୟ ଭାଗରେ କାଠ ଲଗାଇ ନିଆଁ ପ୍ରସ୍ତୁତ କରନ୍ତି ସେଠାରେ କୁକୁଡାକୁ ପ୍ରଥମେ ବଳି ଦିଆଯାଏ । ସେହି ଦିନଠାରୁ ଗାଁ ଠାକୁରାଣୀ ମାଁ ମନ୍ଦିରରେ ବାଜା ବାଜଣା ଆରମ୍ଭ ହୁଏ, ଏହି ବାଜା ବାଜଣା ତିନି ଚାରି ମାସ ଧରି ଚାଲେ । ଏକ ବର୍ଷ ପୂର୍ବରୁ ପୋଡ଼ କିଣାଯାଇ ଥାଏ ତାକୁ ଭଲ ଖାଦ୍ୟ ଖାଇବାକୁ ଦିଆଯାଏ । ପ୍ରତିଦିନ ପୋଡ଼କୁ ହଳଦୀ ପାଣିରେ ଗାଧୋଇ ଦିଆଯାଏ, ସିନ୍ଦୁର, କଜଳ, ଫୁଲମାଳ ଦେଇ ପୂଜା କରାଯାଇଥାଏ । କଡୁ ପର୍ବକୁ ସଠିକ୍ ପରିଚାଳନା କରିବା ପାଇଁ ଗ୍ରାମର କୋଡିଏ ଜଣଙ୍କୁ ନେଇ ଗୋଟିଏ ଦଳ ଗଠନ କରାଯାଏ ଏହି ଦଳକୁ 'ମୁଦ୍ରାଂ ଦଳ' କୁହାଯାଏ । ବଳି ପ୍ରଥା ନିମନ୍ତେ ଅନେକ କାହାଣୀ କନ୍ଧ ସମାଜରେ ରହିଛି । ଗାଁରେ ମରୁଡି ପଡ଼ିଲା ଜମି

ଶୁଖି ଜମି ଫାଟିଗଲା ଫସଲ ହେଲାନାହିଁ । ନିଜ ଜମିରେ ଜଣେ କନ୍ଧ ବୁଢ଼ା ବସିଥାଏ । ତାକୁ ଶୂନ୍ୟବାଣୀ ହେଲା ଧରଣି ପେନୁ ରାଗିଛି ତାକୁ ରକ୍ତ ଦେଲେ ସେ ଶାନ୍ତ ହେବ ଏବଂ ବର୍ଷା ହେବ । ଭଲ ଫସଲ ହେବ । କନ୍ଧ ବୁଢ଼ା ଶୂନ୍ୟବାଣୀ ଶୁଣି ଗାଁ କୁ ଫେରିଲା । ଗାଁରେ ଜାନି, ମୁଖିଆକୁ ଏକଥା କହିଲା । ଗାଁରେ ସଭା ବସିଲା, ସମସ୍ତେ ସଭାରେ ସ୍ଥିର କଲେ କେମିତି ଭାବରେ ଧରଣିପେନୁକୁ ପୂଜା କରି ଶାନ୍ତ କରାଯିବ । ଧରଣି ପେନୁର ପୂଜା ପାଇଁ ବଳି ସାମଗ୍ରୀ ସଂଗ୍ରହ କରାଗଲା ଏବଂ ପୂଜାର ବ୍ୟବସ୍ଥା କରାଗଲା । ତାପରେ ନରବଳି ଦିଆଗଲା । ସେହି ରକ୍ତକୁ ମାଟିରେ ପକାଇବାପରେ ସେହି ବର୍ଷ ଭଲ ଫସଲ ହେଲା । ପ୍ରଚୁର ବର୍ଷା ହେଲା । ସେହିଦିନଠାରୁ କଣ୍ଡୁ ପର୍ବ ପାଳନ କରାଯାଉଛି । ବ୍ରିଟିଶ୍ ସରକାରଙ୍କ ଅମଳରେ ନରବଳି ବନ୍ଦ କରାଗଲା । କଣ୍ଡୁ ପରବର ଗୋଟିଏ ବର୍ଷ ପୂର୍ବରୁ କନ୍ଧମାନେ ନିଜ ଘରକୁ ଗୋବର ବିଭିନ୍ନ ମାଟି ରଙ୍ଗରେ ଲିପା ପୋଛା କରି କାନ୍ଥରେ ବର୍ଣ୍ଣ ଚିତ୍ର ଆଙ୍କିଥାନ୍ତି । ଗ୍ରାମର ଦାଣ୍ଡ ଓ ରାସ୍ତାକୁ ସଫା ସୁତୁରା ସେମାନେ ପର୍ବର ବର୍ଷେ ପୂର୍ବରୁ କରିଥାନ୍ତି । ବନ୍ଧୁ ବାନ୍ଧବ ମାନଙ୍କୁ ଘରକୁ ନିମନ୍ତ୍ରଣ କରିଥାନ୍ତି ନୂଆଲୁଗା ଓ ମଦ ମାଂସ ଦେଇ ବିଦାୟ କରିଥାନ୍ତି । ଘରକୁ ବନ୍ଧୁ ବାନ୍ଧବଙ୍କ ଯିବା ଆସିବା ୪ ମାସଯାଏଁ ଚାଲିଯାଏ । ସନ୍ଧ୍ୟାରେ ପର୍ବର ଦିନ ଠିକ୍ ହେବାଠାରୁ ଧାଙ୍ଗଡା ଧାଙ୍ଗିଡି ମାନେ । ଗୁର୍କି ନୃତ୍ୟରେ ବିଭୋର ହୋଇ ନାଚୁଥାନ୍ତି । ଗାଁର ମଝିରେ ନିଆଁ ଜଳୁଥାଏ ହାତକୁ ହାତ, ଅଣ୍ଟାରେ ଅଣ୍ଟାରେ ଛନ୍ଦି ଗୀତ ଗାଇ ମହୁଲି ନିଶାରେ ମାତାଲ ହୋଇ ମହୁରୀ ବାଜାର ତାଳେ ତାଳେ ନାଚୁଥାନ୍ତି । ଏହି ପର୍ବରେ ଯେଉଁ ଧାଙ୍ଗଡା ଯେଉଁ ଧାଙ୍ଗିଡିକୁ ପସନ୍ଦ କରେ ତାକୁ ସେ ଟାଣି ନେଇ ନିଜ ଘରକୁ ନେଇଯାଏ । ଏହି ନାଚଗୀତ ପୂଜା ପର୍ଯ୍ୟନ୍ତ ଚାଲିଥାଏ ।

କଣ୍ଡୁ ପରବର କିଛି ଦିନ ପୂର୍ବରୁ ମୁଦ୍ରାଂଦଲ, ଜାନି, ସାମନ୍ତ ଦିଶାରୀ, ବେଜୁଣୀ, ଏକାଠି ବସି ପର୍ବର ବିଭିନ୍ନ କାର୍ଯ୍ୟକୁ ସ୍ଥିର କରିଥାନ୍ତି । ମାସର ଗୋଟିଏ ରବିବାର ଦିନ ଟାଙ୍ଗିଆ (ଯେଉଁଥିରେ ପୋଢ଼କୁ ବଳି ଦିଆଯାଏ) କୁ ବାହାର କରାଯିବାପାଇଁ ସମୟ ସ୍ଥିର କରାଯାଏ ଏବଂ ବୁଧବାର ଦିନ କନ୍ଧମାନଙ୍କର ଶୁଭଦିନ ହୋଇଥିବାରୁ ସେହିଦିନ ପୋଢ଼ ବଳିର ସମୟ ସ୍ଥିର କରାଯାଇଥାଏ । ପୂଜାର ଦିନ, ସମୟ ଠିକ୍ ହୋଇଯିବା ପରେ ରବିବାର ସକାଳୁ ପୋଢ଼କୁ ବେଜୁଣୀ ହଳଦି ପାଣିରେ ଗାଧୋଇ ସିନ୍ଦୁର, କଜ୍ଜ୍ଳ, ଫୁଲମାଳରେ ସଜ୍ଜିତ କରି ଭୋଗ ଖାଇବାକୁ ଦେଇ ଧାରଣିପେନୁର ପୂଜା କରିଥାଏ । ରବିବାର ଦିନ ପୋଢ଼କୁ ପୂଜା କରିବାପରେ ପୋଢ଼ ଓ ବଳି ଟାଙ୍ଗିଆ ସହିତ ପୋଢ଼କୁ

ଗ୍ରାମ ପରିକ୍ରମା କରାଯାଇଥାଏ । ଗ୍ରାମର ପ୍ରତି ଘରେ ପୋଢ଼କୁ ହଳଦୀ ପାଣିରେ ଗାଧୋଇ, କଜ୍ଜ୍ୱଳ, ସିନ୍ଦୁର, ଫୁଲମାଳ ପିନ୍ଧାଇ ଦିଆଯାଏ ଏବଂ ପୂଜା କରି ଖାଇବାକୁ ଦିଆଯାଏ । ଏହି ପ୍ରକାର ପୂଜା ଦୁଇଦିନ ଗାଁ ସାରା ଚାଲେ । ମଙ୍ଗଳବାର ଦିନ ରାତ୍ରିରେ ପୂଜା ଗୃହ ବା ଜାକ୍ରୀଠାରେ ସମସ୍ତ ଗ୍ରାମବାସୀ ଏକାଠି ହୋଇଥାନ୍ତି । ମଙ୍ଗଳବାର ଦିନ ରାତ୍ରି ସମୟରେ ଧରଣି ପେନୁକୁ ପୂଜା କରାଯାଏ ଏବଂ ଛେଳି, ଘୁଷୁରି, କୁକୁଡ଼ା ବଳି ଦିଆଯାଏ । ଧରଣିପେନୁ ସେ ସବୁକୁ ଗ୍ରହଣକରେ ବୋଲି କନ୍ଧମାନଙ୍କ ବିଶ୍ୱାସ ରହିଛି । ବେଜୁଣୀ ପୂଜା କରୁଥାଏ ମାଁଙ୍କୁ ଗୁହାରୀ ଜଣାଏ ମାଁ ଗାଁର ପଶୁପକ୍ଷୀ ଭଲରେ ରହନ୍ତୁ, ଫସଲ ଭଲ ଅମଳ ହେଉ ଭଲ ବୃଷ୍ଟି ହେଉ । ତାପରେ ପୂର୍ବ ପୁରୁଷଙ୍କର ନାମ ସ୍ମରଣ କରି ଏବଂ ଧରଣିପେନୁ ଉଦ୍ଦେଶ୍ୟରେ ସେଠାରେ ପୂଜା କରେ । ମଦ ଢଳାଯାଏ । ବୁଧବାର ଦିନ ପାହାନ୍ତିଆରେ ଜାନି, ଦିଶାରୀ, ସାମ୍ତ, ବେଜୁଣୀ ମୁଦ୍ରାଂଦଳ, ଗ୍ରାମବାସୀ, ବନ୍ଧୁବାନ୍ଧବ ଜାକ୍ରୀଠାରେ ଏକତ୍ରିତ ହୋଇଥାନ୍ତି । ବାଜା ବାଜଣା ମହୁରୀରେ ଚାରିଆଡେ ପ୍ରକମ୍ପିତ ହୋଇଉଠେ । ପୋଡ କୁ ଅଣାଯାଏ ପୋଡ ରହିଥିବା ସ୍ଥାନରେ ଚାରିଆଡେ ବାଉଁଶର ବାଡ ଦିଆଯାଏ । ସୂର୍ଯ୍ୟୋଦୟ ହେବାକୁ ଅଳ୍ପ ସମୟ ଥାଏ, ଧରଣୀପେନୁଙ୍କୁ ପୋଢ଼ ବଳିପାଇଁ ପ୍ରସ୍ତୁତ କରାଯାଏ । ଜାନି, ଦିଶାରୀ ଓ ସାମ୍ତଙ୍କ ପରାମର୍ଶ ଅନୁସାରେ ପୋଢ଼କୁ ପ୍ରସ୍ତୁତ କରାଯାଇଥାଏ । ପ୍ରଥମେ ଜାନି ଓ ସାମ୍ତ ବଳି ପାଇଁ ପ୍ରସ୍ତୁତ ହୋଇଥିବା ଟାଙ୍ଗିଆକୁ ଧରି ପୋଢ଼ ନିକଟକୁ ଯାଇ ପୋଡର ବେକରେ ଟାଙ୍ଗିଆ ସ୍ପର୍ଶ କରିଥାନ୍ତି । ଏହାପରେ ସେମାନେ ସେମାନଙ୍କ ନିଜ ସ୍ଥାନକୁ ଆସିଥାନ୍ତି । ଗ୍ରାମରେ ଜ୍ୱାଇଁ ହୋଇଥିବା ବ୍ୟକ୍ତିକୁ ଡକାଯାଏ । ସେହି ବ୍ୟକ୍ତି ହାତରେ ଟାଙ୍ଗିଆ ଏବଂ ଚାଉଳ ଧରିଥାଏ । ଚାଉଳକୁ ଧରଣି ପେନୁ ନାମ ସ୍ମରଣ କରି ପୋଡର ଚାରିଦିଗକୁ ଚାଉଳ ଫିଙ୍ଗି ଦିଏ ଏବଂ ଟାଙ୍ଗିଆକୁ ମୁଣ୍ଡିଆ ମାରି ଧରଣିପେନୁ ନାମରେ ପୋଢ଼କୁ ବଳି ଦେଇଥାଏ । ଆଖ ପାଖ ଅଞ୍ଚଳର ବା ଗ୍ରାମବାସୀମାନେ ପୋଢ଼ ବଳି ସମୟ ଜାଣିବା ପାଇଁ ଗୋଟିଏ ବାଣ ଫୁଟାଯାଏ । ସେହି ବାଣ ଫୁଟିବା ଶବ୍ଦ ଶୁଣି ସମସ୍ତେ ଗ୍ରାମବାସୀ ଆସି ଜାକ୍ରୀଠାରେ ଏକତ୍ରିତ ହୋଇଥାନ୍ତି । ପୋଢ଼ର ରକ୍ତକୁ ଦନାରେ (ପତ୍ରରେ ପ୍ରସ୍ତୁତ ପାତ୍ର) ନେଇ ନିଜ ନିଜ ଗ୍ରାମକୁ ନେଇଥାନ୍ତି । ଜମିରେ ରକ୍ତ ଛିଞ୍ଚିଥାନ୍ତି । କେହି କେହି ଗ୍ରାମବାସୀ ବନ୍ଧୁବାନ୍ଧବମାନେ ଆଣିଥିବା ଟାଙ୍ଗିଆରେ ପୋଢ଼କୁ ହାଣି ସେହି ରକ୍ତଲଗା ଟାଙ୍ଗିଆକୁ ଧରି ନିଜ ଗ୍ରାମକୁ ଦୌଡ଼ି ଦୌଡ଼ି ଯାଇଥାନ୍ତି । ନିଜ ଗ୍ରାମରେ ରକ୍ତଲଗା ଟାଙ୍ଗିଆକୁ ନିଜ ଗ୍ରାମ ଜାକ୍ରୀ ଠାରେ ପାଣିରେ ଧୋଇଥାନ୍ତି । ସେହି ରକ୍ତକୁ ସେମାନେ ପରଦିନ ନିଜ ନିଜର ଧାନ କ୍ଷେତରେ ଛିଞ୍ଚିଥାନ୍ତି । ସେମାନଙ୍କ

ବିଶ୍ୱାସ ଧରଣୀପେନୁ ଆନନ୍ଦ ହୋଇ ଭଲ ବର୍ଷା କରିବେ ଏବଂ ଭଲ ଫସଲ ସେହି ବର୍ଷ ହେବ । ଗ୍ରାମରେ ବୃଦ୍ଧ, ବାଳୁତ, ଧାଙ୍ଗଡା ଧାଙ୍ଗିଡି, ସ୍ତ୍ରୀ ପୁରୁଷ ଆନନ୍ଦରେ ମଦ ପିଇ ପରସ୍ପର ପ୍ରତି ଶୁଭ ମନାସି କନ୍ଥ ପରବ କୁ ଶେଷ କରିଥାନ୍ତି ।

***



# ଯମ ପୂଜନ ପରବ

କୋରାପୁଟ ଜିଲ୍ଲାର ବୈପାରୀଗୁଡା, କୁନ୍ଦୁରା, କୋଟପାଡ, ରାୟଗଡ଼ା ଜିଲ୍ଲାର ବିଷମ କଟକ ଶୁଣିଚାମୁଣ୍ଡି ଗ୍ରାମ ଓ ଦୁର୍ଗରେ ଏହି ପୂଜା ପାଳନ କରାଯାଏ । ଆଦିବାସୀମାନେ ପୂଜା ପର୍ବ ପର୍ବାଣୀ ଗାଁର ମଙ୍ଗଳପାଇଁ, ଜଙ୍ଗଲକୁ ଜୀବଜନ୍ତୁଠାରୁ ରକ୍ଷା କରିବାପାଇଁ କେତେବେଳ ସନ୍ତାନ ସନ୍ତତିଙ୍କ ମଙ୍ଗଳପାଇଁ ନିରୋଗ ପାଇଁ କେତେବେଳେ ନିଃସନ୍ତାନଙ୍କ ସନ୍ତାନ ପାଇଁ ପାଳନ କରିଥାନ୍ତି । ଏ ସଂସାରରେ ଜନ୍ମ ନେଲେ ମଣିଷ କାହିଁକି ଦେବତା ମଧ ମୃତ୍ୟୁ ବରଣ କରିଥାନ୍ତି । ଯମରାଜାଙ୍କ ସହିତ ମଣିଷର ସଂପର୍କ ରହିଛି ବୋଲି ଆଦିବାସୀମାନେ ବିଶ୍ୱାସ କରିଥାନ୍ତି । ତେଣୁ ଯମ ପୂଜନ ପରବ ପାଳନ କରାଯାଏ । ପୂଜାର ଏକମାସ ପୂର୍ବରୁ ପୂଜାସ୍ଥଳୀ ଗାଁ ମୁଣ୍ଡର ଗୋବର ପାଣି ଓ ମାଟିଦ୍ୱାରା ଲିପା ପୋଛା କରାଯାଏ । ସେହି ସ୍ଥାନରେ ବେଲ ଡାଳରେ ଗୋଟିଏ କୁଡିଆ ତିଆରି କରାଯାଏ ଏବଂ ଯମ ଦେବତା ସ୍ଥାପନ କରାଯାଏ । ସେହି କୁଡିଆର ଚାରିଆଡେ ଗେଣ୍ଡୁଫୁଲର ଗଛ ଯେଉଁଥିରେ ଗେଣ୍ଡୁଫୁଲ ଭରି ରହିଥାଏ । ତାକୁ ଲଗାଯାଏ, ତା ପାଖରେ ପଥର ନିର୍ମିତ ଚୁଲୀ ତିଆରି କରାଯାଏ । ବେଜୁଣୀ, ଦିଶାରୀ ଗାଁ ମୁଖିଆ ଏକତ୍ରିତ ହୋଇ ପ୍ରାତଃ ସକାଳୁ ସେଠାକୁ ଯାଇ ପୂଜା ପାଇଁ ଦିନବାର ଠିକ୍ କରିଥାନ୍ତି । ଏହି ପର୍ବ ନଭେମ୍ବର ମାସରେ ହୋଇଥାଏ । ପୂଜାଦିନ କୁଡିଆ ଘର ମଝିରେ ଏକ ନୂଆ ବାଉଁଶ ଟୋକେଇ ରଖାଯାଏ । କୁଡ଼ିଆ ପାଖରେ ଥିବା ପଥର ଚୁଲ୍ଲୀରେ ନୂଆହାଣ୍ଡିରେ ବେଜୁଣୀ ପାଣି ଆଣି ସେଥିରେ ନିମ୍ବପତ୍ର, ବେଲପତ୍ର, ଗାଈକ୍ଷୀର ପକାଇ ବସାଏ । ପାଣି ଫୁଟିଯିବା ପରେ ସେମିତି ଚୁଲ୍ଲୀରେ ହାଣ୍ଡିକୁ ରଖି ସାତ ପ୍ରକାର ଫୁଲ, ସାତ ପ୍ରକାର ଫଳ, ନଡ଼ିଆ, କଦଳୀ ଧୂପ ଦୀପ ଦେଇ ବେଜୁଣୀ ମନ୍ତ୍ରପଢ଼ି ଯମ ଦେବତା ଏବଂ ଠାକୁରାଣୀକୁ ପୂଜା କରୁଥାଏ । ଏହି ପୂଜା ଅନେକ ସମୟ ଧରି ଚାଲିଥାଏ । ତାପରେ ବେଲ ଡାଳ ନିର୍ମିତ କୁଡ଼ିଆରେ ବେଜୁଣୀ ପୂଜା କରେ କୁଡ଼ିଆର ଉପର ଭାଗରେ ଗୋଟିଏ କଦଳୀ କାନ୍ଧି ସହିତ କଦଳୀ ଗଛକୁ ଆଣି ପୋତାଯାଏ । ସେଠାରେ ଧୂପ ଦୀପ ଦିଆଯାଏ । ସମସ୍ତଙ୍କୁ ବାରିକ ପୂଜାଶେଷ ହେବା ଜଣାଏ । ଗାଁ ଲୋକମାନେ ଛୋଟ ଛୋଟ ଛୁଆମାନଙ୍କୁ ଧରି ସେହି କୁଡ଼ିଆ ପାଖରେ ଏକତ୍ରିତ ହୋଇଥାନ୍ତି । ପୂଜା ପାଇଁ ମାନସିକଧାରୀ ବ୍ୟକ୍ତିମାନେ କୁକୁଡ଼ା ଛେଳି ଆଦି ବଳୀ ସାମଗ୍ରୀ ଆଣିଥାନ୍ତି । ପୂଜା ପରେ ସେଠାରେ ବେଜୁଣୀ ପ୍ରଥମେ ଦୁଇଟି ଧଳା କୁକୁଡା ଛୁଆ ଏବଂ ଗୋଟିଏ ଧଳା ପାରାକୁ ବଳିଦିଏ । ଯମ ଦେବତା ଏବଂ ମାହୁଣୀ

ଠାକୁରାଣୀ ଏହି ବଳି ପାଇ ସନ୍ତୋଷ ହୋଇଥାନ୍ତି ବୋଲି ଆଦିବାସୀଙ୍କ ବିଶ୍ୱାସ । ତାପରେ ସେଠାରେ ଲୋକମାନେ ଆଣିଥିବା କୁକୁଡା ଛେଳି, ମେଣ୍ଢାକୁ ବଳି ଦିଆଯାଏ । ଚାରିଆଡେ ବାଜା ବାଜୁଥାଏ । ଲୋକ ହୁଳହୁଳି, ଜୟକାର ଶବ୍ଦ କରୁଥାନ୍ତି । ପୂଜାପରେ ବେଜୁଣୀ ହାଣ୍ଡିକୁ ଚୁଲିରୁ ଓହ୍ଲାଇ ମନ୍ତ୍ର ପଢେ । ସେହି ମନ୍ତ୍ରିତ ପାଣି ଥଣ୍ଡା ହେଲାପରେ ପ୍ରଥମେ ବେଜୁଣୀ ଛୋଟ ଛୋଟ ଛୁଆଙ୍କ ଉପରେ ଛିଞ୍ଚିଦିଏ, ତାପରେ ନିଃସନ୍ତାନ ତଥା ଗ୍ରାମବାସୀଙ୍କ ଉପରେ ଛିଞ୍ଚିଦିଏ । ତାପରେ ବେଜୁଣୀ ସେହି ମନ୍ତ୍ରିତ ପାଣି ହାଣ୍ଡିକୁ ଧରି ଗାଁର ପ୍ରତ୍ୟେକ ଘରକୁ ଯାଇ ଘରେ ଘରେ ଛିଞ୍ଚିଥାଏ । ବେଜୁଣୀ ଘର ଘର ବୁଲିବା ପରେ ପୂଜାସ୍ଥଳକୁ ଚାଲିଆସେ । ସେଠାରେ ମାନସିକଧାରୀ ଲୋକମାନେ ଆଣିଥିବା ଛେଳି, କୁକୁଡା କୁ ବଳି ଦିଆଯାଏ ତାପରେ ମାଂସକୁ ଗାଁର ଆବାଳବୃଦ୍ଧ ବନିତା ଏକାଠି ରୋଷେଇ କରି ଏକାଠି ବସି ଖାଇଥାନ୍ତି । ଧଳା ପାରା ଏବଂ ଧଳା କୁକୁଡାର ବଳି ପଡିଥିବା ମାଂସକୁ କେହି ଖାଆନ୍ତି ନାହିଁ ତାହା ଯମଦେବତା ଓ ହୁଣ୍ଡୀ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ପୂଜାସ୍ଥଳରେ ଛାଡ଼ିଦେଇଥାନ୍ତି । ଏହି ପୂଜା ପ୍ରତିବର୍ଷ ଗାଁରେ ହୋଇଥାଏ । ବେଜୁଣୀ ମନ୍ତ୍ରିତ ଜଳ ଛିଞ୍ଚିବାର ଉଦ୍ଦେଶ୍ୟ ହେଲା ଡୁମା ବା ଭୂତପ୍ରେତର କୁ ଦୃଷ୍ଟି ଗ୍ରାମବାସୀଙ୍କ ଉପରେ ପଡିବ ନାହିଁ । ଯମ ପୂଜନ ପର୍ବ ଦ୍ୱାରା ଶିଶୁମାନେ ରୋଗମୁକ୍ତ ହୋଇଥାନ୍ତି । କଦଳୀ କାନ୍ଧି ସହିତ କଦଳୀ ଗଛ ବେଲ ଡାଳ କୁଡ଼ିଆରେ ଲଗାଇବାର ଉଦ୍ଦେଶ୍ୟ ହେଲା ପ୍ରତ୍ୟେକ ଘର ପୁଅ ଝିଅରେ ପରିପୂର୍ଣ୍ଣ ହେବ । ଅନେକ ସନ୍ତାନ ଜନ୍ମ ହୋଇ ଘର ପୂରି ଉଠିବ । ଗେଣ୍ଡୁଫୁଲ ଭଳି ପ୍ରତ୍ୟେକ ପରିବାରର ପିଲାମାନେ ବଳବାନ ଓ ସତେଜ ରହିବେ । ଅନେକ ଗ୍ରାମରେ ଏହି ପୂଜାରେ ପୁଅଝିଅମାନଙ୍କୁ ବିବାହ କରାଯାଇଥାଏ । ପୂଜାପରେ ଏକତ୍ରିତ ହୋଇ ଗ୍ରାମବାସୀମାନେ ଖାଇବା ପରେ ଖୁସି ମନରେ ଘରକୁ ଫେରିଥାନ୍ତି ।



# ଘଟ ପରବ

କୋରାପୁଟ ଜିଲ୍ଲା ଏକ ଆଦିବାସୀ ଅଧୁଷିତ ଅଞ୍ଚଳ, ହେଲେ ମଧ୍ୟ ଏହା ନିସ୍ୱର୍ଗ ସୁଷମାରେ ଭରା ମର୍ତ୍ତ୍ୟର ଅମରାବତୀ । ଏହି ଜିଲ୍ଲାର ବିଭିନ୍ନ ସ୍ଥାନରେ ଲତା, ପଲାଶ, ଆପଦ ମସ୍ତକ ପୁଷ୍ପ ମଣ୍ଡିତ ହୋଇ ସାଗର ଗର୍ଭରେ ପ୍ରବାଳ ଲତା ମାଡିଲା ଭଳି ଦିଶେ । ଘାଟି ଉପର ତଳକୁ ଋହିଁଲେ ଝରଣା, ଛୋଟ ପାଣି ଧାର ଶାଖା ପ୍ରଶାଖା ବିଶିଷ୍ଟ ରୌପ୍ୟ ଲତା ଭଳି ଅଦି ସୁନ୍ଦର, ମନୋରମ ଅଟେ । କୋରାପୁଟ ଜିଲ୍ଲାର କୋଟପାଡ ସହର ଯେଉଁଠାରେ ପ୍ରଥମେ ଧାନ ଋଷ କରାଯାଇଥିଲା, ପୂର୍ବକାଳରେ ଏହି ସହର ବସ୍ତରର ଅଂଶ ବିଶେଷ ଥିଲା । ଯାହାକୁ ଚକ୍ର କୋଟ ସାମ୍ରାଜ୍ୟ ନାମରେ ନାମିତ କରାଯାଇଥିଲା । ଏବେ ଏଠାରେ ଚକ୍ରକୋଟ ଶିବ ମନ୍ଦିର ରହିଛି । ଶିବ ମନ୍ଦିରର ପଶ୍ଚିମ ପଟେ । ଦମୟନ୍ତୀ ସାଗର ନିକଟରେ ଚକ୍ର କୋଟେଶ୍ୱରୀ (ବୁଟୁମେଶ୍ୱରୀ) ମନ୍ଦିର ରହିଅଛି । ସେ ସମୟରେ ମଧ୍ୟ ବର୍ତ୍ତମାନ ଭଳି ୧୨,୦୦୦ରୁ ଉର୍ଦ୍ଧ୍ୱ ଏକର ପରିମିତ ସହର ରହିଥିଲା । ଯେଉଁଠାରେ ବର୍ତ୍ତମାନର ତହସିଲ ଅଫିସ, କ୍ଲବ ଅଫିସ, ମୁଶାଫିର ବଙ୍ଗଳା, ଦଶହରା ପଡିଆ ଅଞ୍ଚଳ ରହିଅଛି କୋଟପାଡ ସହରରେ ରହିଥିବା ଗାଦିମାର ଦେବୀ ଅଞ୍ଚଳକୁ କଟ୍ରାଗୁଡା କୁହାଯାଉଥିଲା । କୋଟପାଡ ସହରରେ ଥିବା ମେଢ଼, ମଣ୍ଡପ, ଦୁର୍ଗ, ମନ୍ଦିର ନଅରର ଭଗ୍ନାଶେଷ ଆମକୁ ସୂଚାଇ ଦିଏ ଯେ ଦିନେ ଏଠାରେ ଉଡ୍ର ଜାତିର ପ୍ରସାର ଥିଲା । ଏଠାରେ ଥିବା ମତ୍ତବଂଶ, ଶୈଳବଂଶ, ରାଜାମାନଙ୍କ ତାମ୍ର ଶାସନରୁ ପ୍ରମାଣିତ ହୁଏ ଶୈଳ ବଂଶର ରାଜାମାନେ କୋଙ୍ଗଦରୁ ବିତାଡିତ ହୋଇ ଉଡ୍ର ଦେଶରେ ନସୁଣ୍ଡ ପାହାଡ ଅଞ୍ଚଳରେ ରାଜଧାନୀ ସ୍ଥାପନ କରିଥିଲେ । ଉଡ୍ର ରାଜାଙ୍କ ଶାସନ ସମୟରେ ମହାଭାରତ ଯୁଗରେ ରାଜା ପାଣ୍ଡୁଙ୍କୁ ଉଡ୍ର ରାଜା ହାତୀଦାନ୍ତ ଉପହାର କରିଥିଲେ । ସମୟ କ୍ରମେ ନଳବଂଶ, ଗଙ୍ଗବଂଶ, ଶୀଳା ବଂଶୀ, ନାଗବଂଶୀ ରାଜାମାନେ କୋଟପାଡ ଅଞ୍ଚଳରେ ରାଜତ୍ୱ କରୁଥିଲେ । ବସ୍ତର ଗଡର କିଛି ଅଂଶ ଏବଂ କୋଟପାଡର କିଛି ଅଂଶକୁ ଚକ୍ରକୋଟ ସାମ୍ରାଜ୍ୟ କୁହାଯାଉଥିଲା ବସ୍ତରର ରାଜା ଦଳପତ ଦେଓ ଚକ୍ରକୋଟେଶ୍ୱରୀ ମା' ଶୀତଳାଙ୍କର ପରମ ଭକ୍ତ ଥିଲେ । ଦଗଦଲପୁର ଗଡ଼ ପ୍ରତିଷ୍ଠା ଅବସରରେ ରାଜା କୋଟପାଡ଼ଗଡ଼ର ଦେବୀ କଙ୍କାଳିନୀ ଏବଂ ଶୀତଳାଙ୍କୁ ଦୁଇଟି ହାତୀ ପିଠିରେ ବସାଇ ଦଗଦଲପୁର ନେବା ସମୟରେ କୋଟପାଡ଼ଠାରୁ ଏକ କିଲୋମିଟର ଦୂରରେ ହାତୀମୁଣ୍ଡାଠାରେ ଦେବୀ ଶୀତଳା

ଏବଂ ସବାର ହୋଇଥିବା ହାତୀ ରହିଯାଇଥିଲା (ଅଣ୍ଟା ଭାଙ୍ଗିଗଲା) ରାଜାଙ୍କ ଲୋକେ ଅନେକ ଚେଷ୍ଟା କରି ମଧ ଶୀତଳା ମା'ଙ୍କ ମୂର୍ତ୍ତିଛାଡ଼ି କଙ୍କାଳିନୀ ମୂର୍ତ୍ତି ନେଇ ଚାଲିଗଲେ ସେହି ଦିନଠାରୁ ବର୍ତ୍ତମାନ କଙ୍କାଳିନୀ ଦେବୀ ଜଗଦଳପୁରରେ ରାଜନଅର ସ୍ଥିତ ଦନ୍ତେଶ୍ୱରୀ ମନ୍ଦିରରେ କୋଟପାଡଣୀ ଦୁର୍ଗା ରୂପେ ପୂଜା ପାଇ ଆସୁଛନ୍ତି । ଶୀତଳା ଠାକୁରାଣୀଙ୍କ ହାତୀମୁଣ୍ଡାରୁ ଆଣି କୋଟପାଡାର ଦେବୀ ପୂଜକ, ଯିଏକି ସେ ସମୟରେ ଦେଓ୍ୱାନ କାର୍ଯ୍ୟ ତୁଲାଉଥିଲେ ସେ କୋଟପାଡରେ ମନ୍ଦିର ପ୍ରତିଷ୍ଠା କରି ଶୀତଳା ଠାକୁରାଣୀଙ୍କୁ ପୂଜା କଲେ । ସେହି ଦିନ ଠାରୁ ମା' ଶୀତଳା କୋଟପାଡର ଅଧିଷ୍ଠାତ୍ରୀ ଦେବୀ ରୂପରେ ପୂଜା ପାଇ ଆସୁଛନ୍ତି । ୧୭୭୮ ମସିହାରେ ଜୟପୁର ମହାରାଜାବୀର ବିକ୍ରମ ତତ୍କାଳୀନ ବସ୍ତର ରାଜାଙ୍କୁ ଯୁଦ୍ଧରେ ସାହାଯ୍ୟ କରି କୋଟପାଡ ପ୍ରଗଣାର ଚୁରଚଣ୍ଡା, ଓମରକୋଟ, ପଡାଗଡ, ରାଇଘର ଉପହାର ସ୍ୱରୂପ ବସ୍ତର ରାଜାଙ୍କ ଠାରୁ ପାଇଥିଲେ । ମହାରାଜାବୀର ବିକ୍ରମ ଦେବ ମା' ଶୀତଳା ଏବଂ ଜଗନ୍ନାଥଙ୍କ ପୂଜା ବିଧି ନିମନ୍ତେ ଦେବତ୍ତର ଜମିକୁ ଖଞ୍ଜି ଦେଇଥିଲେ । ସେହି ସମୟରୁ ମା' ଶୀତଳାଙ୍କର "ଘଟଯାତ୍ରା" ଅନୁଷ୍ଠିତ ହୋଇ ଆସୁଛି । ପ୍ରଥମେ ମାଳିବଂଶର ଲୋକମାନେ ଦେବୀଙ୍କର ପୂଜା କରୁଥିଲେ ପରେ ଭତରା ଜାତିର ଲୋକମାନେ ଦେବୀଙ୍କୁ ପୂଜା ଆରାଧନା କଲେ । କୌଣସି କାରଣ ବଶତଃ ରାତାରାତି ପୂଜକ ମାଳୀବଂଶର ଏବଂ ଉତ୍ର ଜାତିର ଲୋକମାନେ କୋଟପାଡ ଛାଡି ଚାଲିଗଲେ । ଭତରା ଜାତିର ଲୋକ ବର୍ତ୍ତମାନ କାଳିଆଗୁଡା ବା ଚଲାଣଗୁଡାରେ ବସବାସ କରୁଛନ୍ତି । ଶୀତଳା ମନ୍ଦିରରେ ପୂଜା କରୁଥିବା ପୂଜାରୀଙ୍କ ପୂର୍ବ ପୁରୁଷ ଭତରାମାନେ ଏହି ମନ୍ଦିରର କାର୍ଯ୍ୟ ତୁଲାଉଥିଲେ । ପୂର୍ବ କାଳରେ ପ୍ରତିବର୍ଷ ଘଟଯାତ୍ରା ନିରାଡମ୍ବର ଭାବରେ ପାଳନ କରାଯାଉଥିଲା । ଦେବୀଙ୍କ ଘଟ ପ୍ରତି ଘର ନଅଦିନ ପର୍ଯ୍ୟନ୍ତ ବୁଲୁଥିଲେ । ଲୋକମାନେ ଦେବୀଙ୍କୁ ଭୋଗ ଦେଇ ପୂଜାର୍ଚ୍ଚନା କରୁଥିଲେ ଏବଂ ଦଶମୀ ଦିନ ବିସର୍ଜନ ହେଉଥିଲା । ସେ ସମୟରେ କୋଟପାଡ ଗଡ ଠାରେ ବାଲିଯାତ୍ରା ମଧ ହେଉଥିଲା । କୌଣସି କାରଣ ବଶତଃ ବାଲିଯାତ୍ରା ବନ୍ଦ ହୋଇଥିଲା । ୧୯୩୫ ମସିହାରେ ପରଠାରୁ କୋଟପାଡ ସହରବାସୀ ନିର୍ଣ୍ଣୟ କଲେ ଯେ ପ୍ରତି ତିନିବର୍ଷରେ ଥରେ ମା' ଶୀତଳାଙ୍କର ଘଟଯାତ୍ରା ବିଧି ଅନୁସାରେ ପାଳନ କରାଯିବ ପ୍ରତି ତିନିବର୍ଷରେ ଥରେ ପରିଚାଳନା କମିଟି ପୁରୋହିତ, ମାଳି, ପୂଜକ ଭତରା ଏକାଠି ବସି ମା'ଙ୍କ ପୂଜାର ଦିନ ଧାର୍ଯ୍ୟ କରିଥାନ୍ତି । ଘଟଯାତ୍ରାର ୨୦ ଦିନ ପୂର୍ବରୁ ମା'ଙ୍କ ପାଖରେ ଆଜ୍ଞାମାଳ ମଗାଯାଏ । ପୂର୍ବରୁ ଘଟଯାତ୍ରା ଚୈତ୍ର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଆରମ୍ଭ ହୋଇ ୧୦ ଦିନ ପର୍ଯ୍ୟନ୍ତ ଚାଲେ । ଏଗାର ଦିନାରେ

ଯାତ୍ରା ସମାପ୍ତ ହୁଏ । ୧୯୮୨ ମସିହାରେ ଏକ ଅଲୌକିକ ଘଟଣା କୋଟପାଡବାସୀଙ୍କୁ ସ୍ତମ୍ଭିତ କରିଦେଇଥିଲା । ଆଜ୍ଞାମାଳ ପାଇଁ ମା'ଙ୍କ ପାଖକୁ ପୂଜାରୀ, ଶିରା, ମାଳି ସମସ୍ତେ ଗଲେ ଗ୍ରାମ୍ୟ ଦେବୀଙ୍କୁ କିଳାଗଲା, ଦୁର୍ଗସ୍ତମ୍ଭ ପୋତାଗଲା କିନ୍ତୁ ଦେବୀଙ୍କର ଆଜ୍ଞାମାଳ ମିଳିଲାନି । ଗୋବିନ୍ଦଶିରାଙ୍କୁ ଦେବୀ ସମ୍ମୁଖରେ ବସାଗଲା ଶିରାର ଶରୀରରେ ଠାକୁରାଣୀ ପ୍ରବେଶ କଲେ । ଠାକୁରାଣୀ ପାଦ ତଳେ ପିତଳ ଥାଳି ରଖାଯାଇଥାଏ । ଠାକୁରାଣୀଙ୍କ ମୁଣ୍ଡ ଉପରେ ଥିବା ଫୁଲମାଳ ଗୋଲ ହୋଇ ଚାଉଳ ଏବଂ ଗୁଆ ସହିତ ଥାଳିରେ ପଡ଼ିଲା । ଠାକୁରାଣୀଙ୍କ ଆଜ୍ଞାମାଳ ନେବା ପରେ ଘଟଯାତ୍ରା ଆରମ୍ଭ ହୋଇଥିଲା । ଏହି ପୂଜା ବାସନ୍ତିକ ଦଶହରା ବିଧିରେ କରାଯାଏ । ବିମାନ, ଲାଠି, ଡ଼ୋଲା (ଓଜନଦାର ସିନ୍ଦୁକରେ ଶିକୁଳି ଲାଗିଥିବ) କୁରଚି, କଣ୍ଢା ଚେୟାରରେ ଗୁରୁମାଇ, ଶିରା ବସିଥିବ ସେ ସବୁକୁ ବିଭିନ୍ନ ସ୍ଥାନରୁ ଆସି ଦଶହରା ପଡିଆରେ ଏକତ୍ରିତ ହୁଏ ଆସ୍ଥାନରେ ହୋମହୁଏ ନଡ଼ିଆ କଦଳୀ, ଧୂପ ଦୀପ ଦେଇ ପୂଜା କରାଯାଏ ଏବଂ ସେଠାରେ ଘୁଷୁରି ପୂଜା ହୁଏ । ଶୀତଳା ଠାକୁରାଣୀ ମାଳି ଏବଂ ଭତରାମାନେ ଘଟଯାତ୍ରା ପୂର୍ବରୁ ମନ୍ଦିରରେ ପୂଜା କରିଥାନ୍ତି କିନ୍ତୁ ଘଟପର୍ବର ଦଶଦିନ ଯାଏ ମହାପାତ୍ର ବଂଶର ପୂଜାରୀ ପୂଜା କରିଥାନ୍ତି । ପ୍ରଥମେ ଘଟପୂଜା ପୂର୍ବରୁ କୋଟପାଡର ପ୍ରତିଷ୍ଠିତ ମନ୍ଦିର ମହିଷା ମର୍ଦ୍ଦିନୀ ମା'ଙ୍କ ପୀଠରୁ ଚକ୍ର ଏବଂ ଆଜ୍ଞାମାଳ ଅଣାଯିବା ଏବଂ ମା' ଶୀତଳାଙ୍କ ଆଜ୍ଞାମାଳ ଆଣାଯିବା ପରେ ଗ୍ରାମ୍ୟ ଦେବୀ, ପରଦେଶୀମା, ମାଉଁଲୀ, କଙ୍କାଲୁଣୀ, ଭୈରବୀଙ୍କୁ ଆମନ୍ତ୍ରଣ କରି ଆବାହନ କରାଯାଏ । ମନ୍ଦିରରେ ପୂଜା କରାଯାଏ ଏବଂ ଚାରୋଟି ଘଟହାଣ୍ଡି ଏବଂ ଦୁଇଟି ଫୁଲଟାକରା ବସାଯାଏ । ପୂଜା ଏବଂ ହୋମ ସରିବା ପରେ ସନ୍ଧ୍ୟାରେ ଘଟଯାତ୍ରାରେ ଆରମ୍ଭ ହୁଏ । ରାଜଦାଣ୍ଡ ଦେଇ ଶୀତଳା, ପରଦେଶୀ, କଙ୍କାଲୁଣୀ ମା'ଙ୍କ ତିନୋଟି ଘଟ ହାଣ୍ଡି ଏବଂ ଫୁଲ ଟାଟ ସହ ସାହିସାହି ଠାକୁରାଣୀ ପୂଜା ପାଇଥାନ୍ତି । ସହର ଚଳଚଞ୍ଚଳ ହୋଇ ଉଠେ । ପ୍ରତିଦିନ ରାଜଦଣ୍ଡ ଦେଇ ଗୋଟିଏ ଗୋଟିଏ ସାହି ପରିକ୍ରମା କରାଯାଏ । ଠାକୁରାଣୀମାନେ ଏହିପରି ଦଶଦିନ ସହର ପରିକ୍ରମା କରି ଫେରିଲାପରେ ରାତ୍ରିରେ ମନ୍ଦିରରେ ମା'ଙ୍କ ଅନ୍ନଭୋଗ ହୋଇଥାଏ । ଏହି ଦଶଦିନ ବଳିପୂଜା କରାଯାଏନାହିଁ, ଶେଷଦିନ ବିଭିନ୍ନ ଅସ୍ଥାନରୁ ଦେବୀଲାଠି ଆସିଥାଏ । ଶେଷଦିନ ପୂଜାରୀ, ଶିରା ବିଭିନ୍ନ ସ୍ଥାନରୁ ଆସିଥିବା ସମସ୍ତ ଲାଠି, କୁରଚି, ଡ଼ୋଲା, ବିମାନ ଗୋଟିଏ ସ୍ଥାନରେ ଦଶହରା ପଡିଆରେ ଏକତ୍ରିତ ହୁଅନ୍ତି ସେଠାକୁ ଠାକୁରାଣୀ ମାନଙ୍କ ଘଟଯାଏ ଏବଂ ମାନସିକ କରିଥିବା ବ୍ୟକ୍ତି ଯେଉଁମାନେ ଘରେ ଘଟ ବସାଇଥାନ୍ତି ସମସ୍ତେ ନୂଆଲୁଗା ପିନ୍ଧି, ଉପବାସ

ରହି ଘଟହାଣ୍ଡି ମୁଣ୍ଡରେ ଧରି ଦଶହରା ପଡିଆରେ ଏକତ୍ରିତ ହୁଅନ୍ତି । ଦମୟନ୍ତି ପୋଖରୀରେ ସମସ୍ତ ଦେବାଦେବୀ ଘଟ ଧରିଥିବା ସ୍ୱାମୀମାନେ ଏବଂ ଲାଠି ବାହାକମାନେ ଗୋଡ ଧୋଇଥାନ୍ତି । ଚଣା, ଶାକର ଏବଂ ଚୁଡି କିଣି ଦେବଦେବୀଙ୍କୁ ପୂଜା କରିଥାନ୍ତି । ଆସ୍ଥାନରେ ହୋମ କରାଯାଏ ନଡିଆ କଦଳୀ ପିଠାପଣା ପୂଜା କରାଯାଏ ଏବଂ ବିସର୍ଜନ ସ୍ଥାନରେ ମେଣ୍ଢା, ଛେଳି, ପାରା, ହଂସ, କୁଟୁରା ବଳି ପୂଜା ଦିଆଯାଏ । ଶେଷ ଦିନରେ ଶୁକ୍ଳବଳୀ ଏବଂ ରକ୍ତାନ୍ନ ବଳୀ ପୂଜା କରାଯାଏ । ଏହି ଘଟପର୍ବ ହେଉଛି କୁଟୁମ୍ବଜାତପର୍ବ । ଦେବାଦେବୀମାନେ ସମସ୍ତେ କୁଟୁମ୍ବମାନଙ୍କ ସହିତ ଗୋଟିଏ ସ୍ଥାନରେ ଏକତ୍ରିତ ହୁଅନ୍ତି ଏବଂ ସେମାନଙ୍କର ସୁଖଦୁଃଖକୁ ଏହି ଘଟପର୍ବ ଦିନ ବାଣ୍ଟିଥାନ୍ତି । ଆନ୍ଧ୍ରପ୍ରଦେଶକୁ ଛତିଶଗଡରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ହଜାର ଭକ୍ତ ଆସି ଏକତ୍ରିତ ହୋଇ ଘଟପର୍ବକୁ ପାଳନ କରିଥାନ୍ତି । ଏଥିରେ ଆଦିବାସୀ ଏବଂ ସାଧାରଣ ଲୋକ ଜାକଜମକରେ ଏହି ଘଟପର୍ବକୁ ପାଳନ କରିଥାନ୍ତି । କୋଟପାଡ ସହର ଉତ୍ସବ ମୁଖରିତ ହୁଏ ଏବଂ ଶେଷରେ ଘଟଯାତ୍ରା ଶେଷ ହୁଏ ।

***



# ପଣ୍ଡ ପରବ

ପାହାଡ ପର୍ବତ ଘେରା କୋରାପୁଟ ଜିଲ୍ଲା । ଯାହାର ବୃକ୍ଷଲତାର ସବୁଜିମା, ଆକାଶର ଭସା ଭସା ବାଦଲ, ଝରଣାର କୁଳୁ କୁଳୁ ତାନ ପାହାଡି ଲଳନାର ଆବିଳତା ହସ, ମନ ମତାଣିଆ ଗୀତରେ ହଜିଯାଏ ସହରୀ ମଣିଷଟିଏ । ଏହାର ସଂସ୍କୃତି, ପରମ୍ପରା, ଆଦିବାସୀ ଜୀବନ ଧାରା ଏହି ମାଟିକୁ ମହାନ କରିଗଢ଼ି ତୋଳିଛି । ଖଣିଜ ସଂପଦରେ ଭରପୂର କୋରାପୁଟ ମାଟି ଯେଉଁଠି ରହିଛି ଶୈବ, ଜୈନ, ଆର୍ଯ୍ୟ, ଦ୍ରାବିଡର ମିଳନସ୍ଥଳୀ । ଆଜି ସହରୀ ମଣିଷଟି ଯେତେବେଳେ ଇତସ୍ତତଃ ହୋଇପଡେ ଏହି ମଣିଷମାନେ ନାଚଗୀତ ଆନନ୍ଦ ଉଲ୍ଲାସରେ କେମିତି ଗୀତ ଗାଇଗାଇ ଜୀବନ ବିତାଯାଏ ତାହା ଶିଖାଇଛନ୍ତି । ଏହି କୋରାପୁଟୀଆ ମଣିଷମାନେ ଯେତେବେଳେ "ପାନିମାରିଗଲା ଝାଇଁ, ପାନିମାରିଗଲା ଝାଇଁ" ସଗୀତର ଢ଼େମସାର ତାଳେ ତାଳେ ହାତକୁ ହାତଛନ୍ଦି ଅଣ୍ଟାରେ ହାତ ବେଷ୍ଟନୀ କରି, ମଣ୍ଡଳା କୃତି ଆକାରରେ ହାତରେ ମୟୁର ଚୂଳ ମୁଠା ଧରି ଆଦିବାସୀ ଯୁବକ ଯୁବତୀ ନାଚିଆନ୍ତି ଆନନ୍ଦ ଉଲ୍ଲାସରେ ସେତେବେଳେ ବନଭୂମୀ ମୁଖରିତ ହୋଇଉଠେ । ସେମାନେ ମୟୁର ଚୂଳ ମୁଠାରେ ଗୀତ ଗାଇଗାଇ ଗୋଲାକୃତି ଭାବରେ ନାଚିଥାନ୍ତି । ଭାବୁକ ପଥିକ ନିଜର ଅବସାଦ ଭୂଲି ଯାଇ ବିଭୋର ହୋଇ ନାଚି ଉଠିଥାନ୍ତି । ଦର୍ଶକ ଅଳ୍ପ ସମୟ ପାଇଁ ପ୍ରକୃତିର ଏହି ମୋହନ ମାୟାରେ ପ୍ରଲୁବ୍ଧ ହୋଇଉଠେ । ତାର ମନରେ ଭରିଯାଏ ଅଫୁରନ୍ତ ଆନନ୍ଦ । ଡୁଡୁମାର ଜଳପ୍ରପାତ, ସ୍ୱଚ୍ଛ ଅଙ୍କାବଙ୍କା ଜଳଧାରା, ଚିତ୍ରକୋଣ୍ଡା, ଜଲାପୁଟର ଜଳଭଣ୍ଡାର, ପାତ୍ରପୁଟର ବର୍ଣ୍ଣାଢ଼୍ୟ ଶୋଭା, ବାଲିମେଳାର ପ୍ରାକୃତିକ ଦୃଶ୍ୟାବଳୀ ମନ ମୋହିନିଏ ଦର୍ଶକର ।

ଆଦିବାସୀର ବିଶ୍ୱାସ ଓ ପରମ୍ପରାରେ ବହୁ ପର୍ବପର୍ବାଣୀ ପାଳନ କରାଯାଏ । ପ୍ରକୃତି ସହ ନିଜକୁ ସାମିଲ କରିଥିବା ଏହି ଆଦିବାସୀମାନେ ଅଧିକାଂଶ ଦିନ ନାଚ ଗୀତ ମଦ ମାଂସରେ ନିଜକୁ ହଜାଇ ବିଭିନ୍ନ ପର୍ବପର୍ବାଣୀ ପାଳନ କରିଥାନ୍ତି । ବହୁପର୍ବ ପର୍ବାଣୀ ମଧ୍ୟରେ "ପଣ୍ଡ ପରବ" ଅନ୍ୟତମ । ମାର୍ଗଶୀର ମାସରେ ଏହି ପର୍ବ ସାଧାରଣତଃ ପାଳନ କରାଯାଇଥାଏ । ମାର୍ଗଶୀର ପୂର୍ଣ୍ଣମାର ଦଶଦିନ ପୂର୍ବରୁ ଜାନୀ, ଦିସାରୀକୁ ଡାକି ଦିନବାର ପର୍ବର ଠିକ୍ କରେ ଦିନବେଳା ଏହି ପର୍ବ ପାଳନ କରାଯାଏ । ପର୍ବର ଦିନ ଠିକ୍ ହେଲେ ଗାଁର ସମସ୍ତେ ଚାନ୍ଦା ଆଦାୟ କରନ୍ତି ଏବଂ ଗୋଟିଏ ମଇଁଷି/ ପୋଢ଼ କିଣିଥାନ୍ତି ଏବଂ ଜଙ୍ଗଲକୁ ଯାଇ ବନଦେବୀ ନିକଟରେ ଗୋଟିଏ କୁଡ଼ିଆ ତିଆରି କରିଥାନ୍ତି କୁଡିଆ ସମିଳି

ଗଛ କାଠରେ ପ୍ରସ୍ତୁତ କରାଯାଏ ସେହି କୁଡିଆକୁ ଖୁସୁଲିଧାବ ପିରି (ଏକପ୍ରକାର ଲମ୍ବା ଲମ୍ବା ଘାସ) ଦ୍ୱାରା ଛପର କରାଯାଏ, ସେଠାରେ ବନଦୁର୍ଗା, ଦକ୍ଷିଣକାଳୀ ସ୍ଥାପନ କରାଯାଏ । ଠାକୁରାଣୀ ମାତା ଝାକରା ଦେବୀ, ନିଶାନ ଦେବୀଙ୍କୁ ପୂଜା କରାଯାଏ ମାର୍ଗଶୀର ପୂର୍ଣ୍ଣମା ଦିନ ସକାଳ ସାତ ଘଣ୍ଟା ସମୟରେ ଗାଁର ଲୋକମାନେ ଏକତ୍ରିତ ହୋଇ କଳା କୁକୁଡା, ନଡିଆ, ଫୁଲମାଳ, ଛେଳି, ପୋଡକୁ ଧରି ଏବଂ ସାଥିରେ ବିଲରୁ ଆଣିଥିବା ବଞ୍ଚିଥିବା ଗୋଟିଏ ଧଳା ମୂଷାକୁ ନେଇ ସେହି କୁଡିଆ ପାଖରେ ପହଞ୍ଚିଥାନ୍ତି । ସେଠାରେ ଏକ ନୂଆ ହାଣ୍ଡିରେ ଏକମାଣ ଚାଉଳ ଚରୁ ରନ୍ଧାଯାଏ । ପୋଡକୁ ବାନ୍ଧିବା ପାଇଁ ଗୋଟିଏ ନାଟ ଗୋବିନ୍ଦ ଖୁଣ୍ଟ ସିମିଳୀ ଗଛ କିମ୍ବା ମୁଦେ ଗଛର କାଠରେ ତିଆରି କରାଯାଇଥାଏ । ପ୍ରଥମେ କୁକୁଡାକୁ ଚାଉଳ ଖାଇବାକୁ ଦିଆଯାଏ । ଚାଉଳକୁ କୁକୁଡା ଖାଇବା ପରେ ତୁଳାଇଥାଏ ତାପରେ କୁକୁଡାକୁ ଚରୁ ଚାଉଳ ଖୁଆଇ ଦିଆଯାଏ । କୁକୁଡା ତୁଳାଉଥାଏ ଏହାକୁ କୁକୁଡା ଟକାଇବା କୁହାଯାଏ । ନଡିଆ ବଳୀ ପୂଜା କଲାପରେ କୁକୁଡାକୁ ଗ୍ରାମ ଦେବୀମାନଙ୍କ ନିକଟରେ ବଳି ଦିଆଯାଏ ଚରୁ ରାନ୍ଧିବା ସମୟରେ ଚରୁ ଚାଉଳ ନୂଆହାଣ୍ଡିରେ ରନ୍ଧାଯାଏ ଏବଂ ବିଲର ଧଳା ମୂଷାକୁ ମାରି ଅଲଗା ହାଣ୍ଡିରେ ରନ୍ଧାଯାଏ । ଏହାପରେ ଜାନୀ ଓ ପୂଜାରୀ ପୋଢ଼କୁ ଗ୍ରାମଦେବୀ ପାଖରେ ବଳି ଦେଇଥାନ୍ତି, ସେଠାରେ ଛେଳି ମେଣ୍ଢା ମଧ୍ୟ ବଳି ଦିଆଯାଏ । ଛେଳି, କୁକୁଡ଼ା, ମଇଁଷି/ପୋଢ଼ର ରକ୍ତକୁ ସରଗୀ ପତ୍ରର ଦନାରେ ରଖାଯାଏ ଏବଂ ଠାକୁରାଣୀ ପାଖରେ ପୂଜାପାଠ କରି ସମର୍ପଣ କରାଯାଏ । ଏହି ପୂଜାକୁ ମାତା ପୂଜା କିମ୍ବା ଠାକୁରାଣୀ ପୂଜା କୁହାଯାଏ ଛେଳି ବଳି ଦେବାପରେ ପୋଡ଼ ବଳି ଦିଆଯାଏ । ପୋଢ଼ର ମୁଣ୍ଡକୁ ଗଣ୍ଡିଠାରୁ ଅଲଗା କରି ରଖାଯାଏ । ମଇଁଷି / ପୋଢ଼ର ମୁଣ୍ଡକୁ ବଣରେ ଠାକୁରାଣୀଙ୍କ ପାଖରେ ରନ୍ଧାହୁଏ ନୂଆ ହାଣ୍ଡିରେ ଏବଂ ମଦମାଂସ ଚରୁ ଭାତକୁ ସରଗି ପତ୍ରରେ ରଖାଯାଇ ଗ୍ରାମଦେବୀମାନଙ୍କୁ ପୂଜାର୍ଚ୍ଚନା କରାଯାଏ । ପୂଜା ସରିବାପରେ ଗାଁର ଲୋକମାନେ ପ୍ରସାଦ ଭାବରେ ପୋଢ଼ ମାଂସ, ବିଲର ମୂଷାମାଂସ, ଛେଳିମାଂସ ଚରୁ ଭାତକୁ ବାଣ୍ଟି ପରସ୍ପର ଖାଇଥାନ୍ତି । ପୋଢ଼ମାଂସ ଯେଉଁମାନେ ଖାଆନ୍ତି ନାହିଁ ସେମାନଙ୍କୁ ଛେଳିମାଂସ ଦିଆଯାଏ । ପୋଢ଼ର ଗଣ୍ଡିକୁ କାଟି ଗାଁର ଲୋକମାନେ ଆନନ୍ଦରେ ନିଜ ନିଜ ଭିତରେ ବାଣ୍ଟି ଘରକୁ ନେଇ ଆନନ୍ଦରେ ଖାଇଥାନ୍ତି । ଝାକର ଦେବୀ ପାଇଁ ଗାଁ ଲୋକମାନେ ପୂଜା ପାଇଁ ସ୍ଥାନ ପ୍ରସ୍ତୁତ କରିଥାନ୍ତି । ନିଜ ନିଜର ଘରଦାଣ୍ଡରେ କୋଡି, କୋଦାଳ ଦ୍ୱାରା ଦାଣ୍ଡକୁ ପରିଷ୍କାର ପରିଚ୍ଛନ୍ନ କରିଥାନ୍ତି ଏବଂ ପୋଢ଼ମାଂସ ପୂଜା କରିଥାନ୍ତି । ସେଠାରେ ପୁଣି ଝାକର ଦେବୀଙ୍କ

ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରାଯାଇଥାଏ । ବଣରୁ ଫେରିବା ପରେ ଖୁସୁଳି ଧାବ ପିରି ସମସ୍ତେ ନିଜ ନିଜର ଘର ଛପର କରିବା ପାଇଁ ଘରକୁ ଆଣିଥାନ୍ତି । ଘରେ ଆନନ୍ଦରେ ସମସ୍ତେ ନୂଆଲୁଗା ପିନ୍ଧି ଓ ମଦ ମାଂସ ଖାଇ ପଣ୍ଡ ପରବ ପାଳନ କରିଥାନ୍ତି । ରାତିରେ ଗାଦିବାଜା, ଡାପୁବାଜାର ତାଳେ ତାଳେ ମଜୁରୁ ମୁଠା (ମୟୁର ଚୂଳର ମୁଠା) ଧରି ଯୁବକ ଯୁବତୀମାନେ ନାଚ ଗୀତରେ ରାତ୍ରି ବିତାଇ ଦିଅନ୍ତି । ମାର୍ଗଶୀର ମାସର ଶୀତ ସେମାନଙ୍କ ପାଖରେ ହାର ମାନିଥାଏ, ଗୀତର ଲହରୀରେ ପର୍ବତର ପରିବେଶ ଗୁଞ୍ଜରିତ ହୋଇ ଉଠେ ।

ଅଦିବାସୀ ସଂସ୍କୃତି -

ଆତ୍ମବତ୍ ସର୍ବ ଭୂତେଷୁ ଓ ବସୁଧୈବ

କୁଟୁମ୍ବକମ୍ ନୀତି ଉପରେ ଆଧାରିତ ଆଦିବାସୀମାନେ ବ୍ୟକ୍ତିଗତ ଓ ଗୋଷ୍ଠୀ ଜୀବନରେ ପରସ୍ପର ପ୍ରତି ଅନୁରକ୍ତ ବିଭବ ଓ ମାନସିକ ମୂଲ୍ୟବୋଧ ଭରପୂର ହୋଇ ରହିଛି ତାର ସଠିକ୍ ସଂରକ୍ଷଣ ଓ ବିକାଶ ଆମର ଏକ ସାମାଜିକ ଦାୟିତ୍ୱ ଅଟେ । ଯାହା ଦିନେ ସମାଜର ମଙ୍ଗଳ ସାଧନ ଦିଗରେ ସହାୟକ ହେବ ।

***



# ଆଦିବାସୀ ସଂସ୍କୃତି ଓ ବାଲିଯାତରା

ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର କୋରାପୁଟ । ଯାହାର ରଷି ମନୋଲୋଭା ବନାନୀ, ଝରଣାର କୁଳୁକୁଳୁ ନାଦ, ଆଦିବାସୀ ଲଳନାର ମନମତାଣିଆ ଗୀତ, ନୃତ୍ୟ, କୋରେଇ ଫୁଲର ମହ ମହ ବାସ୍ନାରେ ସାଧାରଣ ମଣିଷଟି କବି ଓ ଭାବୁକ ପାଲଟିଯାଏ । ମନେହୁଏ ସତେ ଯେମିତି ପ୍ରକୃତି ରାଣୀ ଖୋଲି ଦେଇଛି ତା'ର ଅପରୂପ ଅଭୁଲା ସୌନ୍ଦର୍ଯ୍ୟର ଭଣ୍ଡାର । କୋରାପୁଟ ଜିଲ୍ଲା ଥିଲା ଖଣି ସମ୍ପଦର ପରିପୂର୍ଣ୍ଣ ଏକ ପ୍ରଧାନ ଜିଲ୍ଲା । ପ୍ରଥମେ କୋରାପୁଟ ଜିଲ୍ଲାରେ ଧାନଚାଷ କରାଯାଇଥିଲା । ଏହା ହୁଏତ ଅନେକ ଜାଣି ନଥିବେ । କାଳକ୍ରମେ ଶିକ୍ଷା, ଦୀକ୍ଷା ସ୍ୱାସ୍ଥ୍ୟର ଉନ୍ନତି ହୋଇପାରୁନଥିବା ଯୋଗୁଁ ଏକ ଅବହେଳିତ ଜିଲ୍ଲାରେ ପରିଣତ ହେଲା । ଆଦିବାସୀମାନେ ସରଳ, ନିଷ୍କପଟ, ଶାନ୍ତ ପ୍ରକୃତିର । ଆଜି ମଧ୍ୟ ଆଦିବାସୀମାନଙ୍କର ପର୍ବପର୍ବାଣିଗୁଡିକ କୃଷିଭିତ୍ତିକ ଅଟେ । ବାଲିଯାତ୍ରା କଟକ ସହରର ଗୋଟିଏ ବଡ ପର୍ବ, କିନ୍ତୁ ଏହି ପର୍ବ ଯେ ଅନେକ ପର୍ବ ଭିତିରେ କୋରାପୁଟ ଜିଲ୍ଲାର ଆଦିବାସୀମାନଙ୍କ ପ୍ରଧାନ ପର୍ବ ଏହା ବହୁପୂର୍ବରୁ ପାଳନ କରାଯାଇ ଆସୁଥିଲା । ତାହା ଅନେକ ଜାଣି ନଥିବେ । ଆଜି ଆମେ ବାଲ୍ମିକୀଙ୍କ ପୁରାଣରେ ବର୍ଣ୍ଣିତ ବହୁ ସ୍ଥାନ କୋରାପୁଟ ଜିଲ୍ଲରେ ଦେଖିଥାଉଁ, ଯଥା - ଦଣ୍ଡକାରଣ୍ୟ, ବାଳୀପର୍ବତ, ରାଗଗିରି, ଚିତ୍ରକୁଟ ଯାହା ବସ୍ତର (ଛତିଶଗଡ ଜିଲ୍ଲାରେ ଅବସ୍ଥିତ), ବାଲ୍ମୀକି ଜାତି, ବାନର ସେନା (ଭୁୟାଁ ସଂପ୍ରଦାୟମାନେ ନିଜକୁ ବାନର ବଂଶୀ କୁହନ୍ତି) । ଏସବୁ ଦେଖି ଅନୁମାନ କରାଯାଏ ରାମାୟଣ ସଂସ୍କୃତି କୋରାପୁଟରେ ଭରପୂର ରହିଛି । ଇତିହାସରେ ବର୍ଣ୍ଣିତ କୋଶଳ ବଂଶୀୟ ରାଜାମାନେ ମଧ୍ୟ କୋରାପୁଟରେ ନିଜର ରାଜତ୍ୱ ଆରମ୍ଭ କରିଥିଲେ । ନଳରାଜାଙ୍କ ରାଜତ୍ୱର ବିସ୍ତାର ଥିଲା ପୂର୍ବରେ ପୂର୍ବଘାଟ ପର୍ବତମାଳାଠାରୁ ପଶ୍ଚିମରେ ୱେନଗଙ୍ଗା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଆଧୁନିକ ବସ୍ତର ଥିଲା ନଳରାଜାଙ୍କ ରଜାଧାନୀ । ନଳରାଜାଙ୍କ ପତ୍ନୀ ଦମୟନ୍ତୀ ଥିଲେ ଭୀମ ମହାରାଜଙ୍କ କନ୍ୟା । ରାଜା ନିଜ କନ୍ୟା ନାମରେ କୋଟପାଡଠାରେ ଦମୟନ୍ତୀ ପୁଷ୍କରିଣୀ ନିର୍ମାଣ କରିଥିଲେ । ଭୀମ ମହାରାଜା ଥିଲେ ହାଣ୍ଡିମାଳ ରାଜ୍ୟର ରାଜା ତାଙ୍କ ରାଜଧାନୀର ନାମ ଥିଲା କୋଟର ପାଟଣା । ତାଙ୍କ ରାଜ୍ୟ ସାବରୀ ନଦୀଠାରୁ ଆରମ୍ଭ କରି ତେଲ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ତେଣୁ ପଶ୍ଚିମ ଦିଗର ଗାଁର ନାଁ ଚନ୍ଦାହାଣ୍ଡି, ନନ୍ଦାହାଣ୍ଡି, ଶଶାହାଣ୍ଡି, ପାପଡାହାଣ୍ଡି ନାମରେ ନାମିତ କରିଥିଲେ । ରାଜକୁମାରୀ ଦମୟନ୍ତୀଙ୍କ ବାହାଘର ଥିଲା ଓଡ଼ିଆ ଘରର ବିବାହ । ସମସ୍ତ

ଗଡି ଚାଲିଲା ଗାଁ ବାସୀମାନେ କାଳକ୍ରମେ ଅଶିକ୍ଷିତ ହୋଇ ଦେଶିଆ ଭାବରେ ପରିଚିତ ହେଲେ । ଜଙ୍ଗଲରେ ବାସ କରିବାକୁ ଲାଗିଲେ । ସୁଆଁ, ମାଣ୍ଡିଆ, ଧାନ, ବିରି, ମୁଗ, ଅଳସୀ, କାନ୍ଦୁଲ ପ୍ରଭୃତି ଚାଷ କରି ସେମାନେ ଜୀବିକା ନିର୍ବାହ କଲେ । ବାଲିଯାତରା (ବାଲିଯାତ୍ରା) ଏକ କୃଷି ଭିତ୍ତିକ ପର୍ବ । ପୋଡୁଚାଷ କରି ଜୀବିକା ନିର୍ବାହ କରି ନିଜର ଗୁଜୁରାଣ ମେଣ୍ଟାଇଲେ ସେମାନେ । ଏହି ଯାତ୍ରାର ବିଶେଷତ୍ୱ ହେଲା, ଗୋଟିଏ ପଡ଼ିଆରେ ଦୁଇଟି କାଠର ପିତୁଳା ଭୀମା ଓ ଭୀମୁଣୀଙ୍କୁ ପୋତା ଯାଇଥାଏ । ଦୁଇଟି ପିତୁଳର ବ୍ୟବଧାନରେ କିଛି ଦୂରତ୍ୱ ରହିଥାଏ । ଆଦିବାସୀମାନେ ଈଶ୍ୱର ବିଶ୍ୱାସୀ । କିଛି ବର୍ଷପରେ ଦୁଇଟି ପିତୁଳାର ବ୍ୟବଧାନ ଧୀରେ ଧୀରେ କମି ଆସେ ଏବଂ ଦୁଇଟି ପିତୁଳା ଏକତ୍ରିତ ହୋଇଯାନ୍ତି । ଯେତେବେଳେ ଦୁଇଟି ପିତୁଳା(ମୁର୍ତ୍ତି) ଏକତ୍ରିତ ହୁଅନ୍ତି, ସେତେବେଳେ ବାଲିଯାତ୍ରା ହୁଏ । କୋଟପାଡ ନିକଟସ୍ଥ କୋଟରଗୋଡଠାରେ ପ୍ରଥମେ ଏହି ଯାତ୍ରା ଆରମ୍ଭ ହୋଇଥିଲା । ତାହାଥିଲା ଆଜିର ଭୀମା ରାଜାଙ୍କର ରାଜ୍ୟ । ଏହି କୋଟରଗୋଡ କାଳକ୍ରମେ ଅପଭ୍ରଂଶ ହୋଇ ଆଜିର କୋଟପାଡ ସହର ନିର୍ମାଣ ହେଲା । ଯେତେବେଳେ ଦୁଇଟି କାଠ ପିତୁଳା ଏକତ୍ରିତ ହୁଅନ୍ତି, ସେତେବେଳେ ଦିସାରୀ ବାଲିଯାତ୍ରା ପାଇଁ ତାରିଖ ନିର୍ଦ୍ଧାରଣ କରନ୍ତି । କୁକୁଡା, ମହୁଲ, ମଦ, ମାଂସ ଦେଇ ଆମନ୍ତ୍ରଣ କରାଯାଏ ଏବଂ ଗାଁରେ ଯାତରା ପାଇଁ ପ୍ରସ୍ତୁତି ଚାଲେ ।

ଗୋଟିଏ ପଡିଆରେ ଅନତି ଦୂରରେ ଗାଁରେ ଗୋଟିଏ ନୂଆ କୁଡିଆ ତିଆରି ହୁଏ । ସେଠାରେ ଭୀମା ଦେବତାଙ୍କୁ ଆମନ୍ତ୍ରଣ କରି ଅଣାଯାଏ । ଭୀମା ଦେବତାର ବାହାଘର ପର୍ବ ଆରମ୍ଭ ହୁଏ ଗଣ୍ଡ ଜାତୀୟ ସ୍ତ୍ରୀ ସହିତ । ବଡ ଧୂମଧାମରେ ଗୀତ ନାଚ ଦ୍ୱାରା ବିବାହ ପର୍ବ ସମାପ୍ତ ହୁଏ । ଗାଁର ଲୋମାନେ ଏକତ୍ରିତ ହୋଇ ଚାଷ କିପରି ଭଲ ହେବ ସେ ବିଷୟରେ ବିଚାର ବିମର୍ଷ କରନ୍ତି । କେତେଜଣ ବ୍ୟକ୍ତି ଗାଁର ନଦୀକୁ ଗାଧେଇ ଯାଆନ୍ତି । ପାଣି ଭିତରେ ବୁଡି ନଦୀରୁ ବାଲି ସଂଗ୍ରହ କରନ୍ତି, ସେହି ବାଲିକୁ କେତୋଟି ନୂଆଁ ଚାଙ୍ଗୁଡିଗୁଡିକୁ ଅବବାହିତା କନ୍ୟାମାନେ ଓଦା ଲୁଗା ପିନ୍ଧି କୁଡିଆ ପାଖକୁ ମୁଣ୍ଡରେ ଧରି ଆସନ୍ତି । ସେହି ବାଲିପୂର୍ଣ୍ଣ ଚାଙ୍ଗୁଡିଗୁଡିକୁ ଭିତରେ ରଖାଯାଏ । ତା' ପରଦିନ ଲୋକମାନେ ଗାଁ ସାରା ବୁଲି ବିହନ ସଂଗ୍ରହ କରନ୍ତି, ଯିଏ ଯାହା ଦେଲା ତାକୁ ଆଣନ୍ତି ଗାଁରେ ବିହନ ଆକାରରେ ମାଣ୍ଡିଆ, ସୁଆଁ, ଧାନ, ବିରି, ମୁଗ, କୋଳଥ, କାନ୍ଦୁଲ, ଝଟା(ଶିମ୍ବ) ସଂଗୃହୀତ ହୋଇଥାଏ । ସମସ୍ତ ପ୍ରକାର ବିହନକୁ ଏକତ୍ରିତ କରି ଉଷୁନା କରାଯାଏ, ତାହାକୁ ବାଲିପୂର୍ଣ୍ଣ ଚାଙ୍ଗୁଡିରେ ବୁଣା ଯାଏ ଏବଂ ସେହି ଚାଙ୍ଗୁଡିଗୁଡିକୁ ସୂର୍ଯ୍ୟ କିରଣ ପଡୁନଥିବା ସ୍ଥାନରେ

ରଖାଯାଏ । ତା'ପରେ ପାଣି ଉଷୁମ କରି ସେଥିରେ ହଳଦି ମିଶାଯାଏ । ହଳଦି ମିଶା ପାଣି ଉଷୁମ ପାଣିକୁ ସେହି ବାଲି ଚାଙ୍ଗୁଡିରେ ପ୍ରତିଦିନ ଛିଞ୍ଚାଯାଏ । ପ୍ରତିଦିନ ହଳଦୀ ପାଣି ଛିଞ୍ଚାଯିବା ଫଳରେ କିଛି ଦିନ ପରେ ସେହି ବିହନଗୁଡ଼ିକ ଗଜା ହୋଇ ତା'ର ପତ୍ର କଅଁଳେ । ପ୍ରତ୍ୟେକ ଚାଙ୍ଗୁଡ଼ିର ପତ୍ରଗୁଡିକ ଏକ ପ୍ରକାର ହୋଇଥାଏ । ପତ୍ରଗୁଡ଼ିକ ଫୁଲ ଭଳି ସୁନ୍ଦର ଦେଖାଯାଉଥିବାରୁ ଆଦିବାସୀମାନେ ତାକୁ ବାଲି ଫୁଲ କହନ୍ତି । ଏହାକୁ ଦେଖି ସେ ବର୍ଷର ଚାଷ ଭଲ ହେବ କି  ନାହିଁ ତା ସେମାନେ ଯାହା ମାନସିଥାନ୍ତି ତାହା ପୂର୍ଣ୍ଣ ହୋଇଥାଏ । ଏହି ସମୟରେ ସେମାନେ ମିତ ବସନ୍ତି ଓ ମିତକୁ ବାଲିଫୁଲ କହିଥାନ୍ତି । ନାଚଗୀତ, ବାଜା ବାଜଣା, ମଦମାଂସରେ ଗାଁ ଦାଣ୍ଡ ମୁଖରିତ ହୋଇ ଉଠେ । ସେହି କୁଡିଆରେ ଜାନି ଓ ଦିସାରୀ ଦ୍ୱାରା କୃଷି କାର୍ଯ୍ୟ କରାଯାଏ । ଶିମୁଳି କାଠରେ ଛୋଟ ଲଙ୍ଗଳ ତିଆରି ହୁଏ । କୁଡିଆ ଭିତରେ ମାଟିରେ ଲଙ୍ଗଳ ଦ୍ୱାରା କୃଷି କାର୍ଯ୍ୟ ହୁଏ, ବିହନ ବୁଣାଯାଏ । ଏହି ଦିନକୁ ଚାଷ କାମର ପ୍ରଥମ ଦିନ ବୋଲି ଧରାଯାଏ । ରାତ୍ରିର ଶେଷ ପ୍ରହରରେ ବାଜାବାଜଣା ନାଚଗୀତ ସହିତ ଗାଁ ଲୋକମାନେ ଏକାଠି ହୋଇ ଭୀମା ଓ ଭୀମୁଣୀ ଦେବତା ପୋତାଥିବା ପଡ଼ିଆକୁ ଯାଆନ୍ତି । ସେଠାରେ ସମସ୍ତେ ମିଶି ଭୀମା ଦେବତାକୁ ପୂଜା କରନ୍ତି । ବାଲିଯାତରା ଶେଷ ହେଲା ପରେ ସେହି ଦୁଇଟି ମୂର୍ତ୍ତିକୁ ବିସର୍ଜନ କରି ଦିଅନ୍ତି ଏବଂ ନୂତନ ମୂର୍ତ୍ତି ସ୍ଥାପନ କରି ନିଜ ଘରକୁ ଫେରନ୍ତି । ଅନେକ ମତପୋଷଣ କରନ୍ତି ଏହି ଭୀମା ଦେବତା ଯିଏକି ଭୀମାରାଜା ରୂପେ ରାଜତ୍ୱ କରୁଥିଲେ ସେ ହେଉଛନ୍ତି ବର୍ଷାର ଦେବତା । ଶେଷରେ ବାଲି ଠାକୁରାଣୀଙ୍କୁ ବିସର୍ଜନ କରାଯାଏ । ଭତରା ସଂପ୍ରଦାୟରେ ବାଲିଯାତ୍ରା ସାଧାରଣତଃ ୩ଟି ପର୍ଯ୍ୟାୟ ପାଳନ ପ୍ରତିବର୍ଷ ଯେଉଁ ବାଲିଯାତ୍ରା ହୁଏ ତାକୁ ଉଦବାଲି ଯାତ୍ରା କୁହାଯାଏ । ଏହା ପାଇଁ ସ୍ୱତନ୍ତ୍ର ଘରଥାଏ । ତିନି ବର୍ଷିଆ ବାଲିରେ ତିନି ବର୍ଷକୁ ଥରେ ବାଲିଯାତ୍ରା ହୋଇଥାଏ । ୧୨ ବର୍ଷିଆ ବାଲିଯାତ୍ରା ଦୁଇରୁ ତିନିମାସ ଚାଲେ । ଏହାକୁ ପାଟବାଲି ଯାତ୍ରା କୁହାଯାଏ ଭୀମା ଓ କନ୍ଦନୀ (ଭୀମୁଣୀ) ପ୍ରତୀକ ମହୁଲ ଖୁଣ୍ଟ ଯଦି ଭାଙ୍ଗିଯାଏ ତେବେ ନୂତନ ଖୁଣ୍ଟ ପୋତିବା ପାଇଁ ପାଟବାଲି ଯାତ୍ରା ହୋଇଥାଏ । ବିଭବାଲି ଯାତ୍ରାରେ ଭୀମା ଓ ଭୀମୁଣୀ (କନ୍ଦନୀ)ଙ୍କ ବିବାହ ପାଇଁ ମାଙ୍ଗନୀ, କନ୍ୟା ହଳଦୀ ଲଗାଇବା, ତେଲ ଲଗାଇବା, ପ୍ରଭୃତି ସମାଜିକ ପ୍ରକ୍ରିୟା ସହିତ ବାହାଘର ହେଲେ ଏହାକୁ ବିଭାବାଲି କୁହାଯାଏ । ଏହା ନଅଦିନ ପର୍ଯ୍ୟନ୍ତ ଚାଲେ । ଗଅନବାଲିରେ (ଲଗ୍ନ ବାହାରିବା) ଇଗିନ ମରା ପରେ ଗଅନ ଟିକାଯାଏ । ଗଅନ ଅର୍ଥ ହଳଦୀ ମିଶ୍ରିତ ଚାଉଳ, ଫୁଲକୁ ଗୋଡଠାରୁ ଆରମ୍ଭ କରି ମୁଣ୍ଡ ପର୍ଯ୍ୟନ୍ତ ନେଇ ମୁଣ୍ଡରେ

ମଙ୍ଗଳ କାମନା କରି ସେହି ଫୁଲ ପକାଇବା ଏବଂ ହଳଦୀ ମିଶ୍ରିତ ଚଉଳକୁ କପାଳରେ ଟୀକା ଦେବା ପାଟବାଲିର ତିନିବର୍ଷ ପରେ ଏହି ପୂଜା ହୋଇଥାଏ । ଲାନ୍ଧା ବାଲିରେ ମାଣ୍ଡିଆ ଚୁନା, ଚଉଳ ଚୂନା ସହିତ ବିଭିନ୍ନ ଶସ୍ୟର ଚୂନାକୁ ଏକତ୍ରିତ କରି ଏକ ନିଶା ଦ୍ରବ୍ୟ ବା ପାନୀୟ ଦ୍ରବ୍ୟ ପ୍ରସ୍ତୁତ କରାଯାଏ ତାହାକୁ ମଦ ଭାବରେ ଆଦିବାସୀମାନେ ବ୍ୟବହାର କରନ୍ତି ଏବଂ ଭୀମା ଓ ଭୀମୁଣୀ ଉପରେ ପୂଜାର୍ଚ୍ଚନା କରି ପକାଇଥାନ୍ତି ତାକୁ ଲାନ୍ଧା ବାଲିଯାତ୍ରା କୁହାଯାଏ । ବାଲିଯାତ୍ରାରେ ଭତରା ସଂପ୍ରଦାୟର ବାଲିଯାତ୍ରା ବିଶେଷତ୍ୱ ହେଉଛି ଗାଉଁଟିଆ ମାଟି ପୂଜାରୀ, ଶିରା, (ଧ୍ୟାନରେ ବସି ମନ୍ତ୍ର ପଢେ) ସେ ନିଜ ଶରୀରକୁ କଣ୍ଟା ଶିଉଳୀରେ ବାଡେଇ ହୁଏ, କଣ୍ଟା ଦୋଳିରେ ଝୁଲେ, ମାଝି, ଗାଉଁଟିଆ, ଚଲାଣ ଗାଣ୍ଡା, ପୂଜାରିଣୀ, ଗୁରୁମାଇଁ, ଧରନୀ ପୂଜାରୀ, ଦିନ୍ କାରିଆ, ନାଆଧରନୀ ଗୁରୁମାଇ ଚୟନ ପ୍ରଭୃତିଙ୍କ ଭୂମିକା ଭିନ୍ନ ଭିନ୍ନ ରହିଥାଏ । ବାଲି ଯାତ୍ରାରେ ବର୍ଷାର ଦେବଦେବୀ ଏବଂ କୃଷିର ଦେବତା ଭୀମ, ଭିମୁଣୀ(କନ୍ଦୁଣୀ)କୁ ସମସ୍ତେ ପୂଜା କରିଥାନ୍ତି । ପ୍ରଥମେ ଭତରାମାନେ ଦୁଇବଖରା ଘରକୁ (ବାଲିଘର) ତିଆରି କରିଥାନ୍ତି ବାଲିଘର ଭିତର ଘରକୁ ଭୀମ, ଭୀମୁଣୀ ପାଇଁ ବ୍ୟବହାର କରାଯାଏ ବାହାର ଘରକୁ ଗୁରୁମାଇଁ ପାଇଁ ତିଆରି ହୋଇଥାଏ । ଭିତର ଘରେ "ବନ୍ଦନା ହାଣ୍ଡି" ରଖା ଯାଇଥାଏ, ଯାହାଦ୍ୱାରା ସେମାନଙ୍କର ମନସ୍କାମନା ପୂର୍ଣ୍ଣ ହୋଇଥାଏ । ଆଉଁରା (ବଇଠି) ଉପରେ ଧାନ ରଖି ତା' ଉପରେ ଏହି 'ବନ୍ଦନା ହାଣ୍ଡି' ରଖାଯାଏ । ହାଣ୍ଡି ଭିତରେ ଚଉଳ ଚୂନା କିମ୍ବା ମାଣ୍ଡିଆ ଚୁନାଥାଏ । ବେଲ କଣ୍ଟାରେ ଘୋଡଣୀ ତିଆରି କରି ହାଣ୍ଡିର ମୁହଁକୁ ବନ୍ଧାଯାଏ । ହାଣ୍ଡି ଉପରେ ଘରର ଚାଳକୁ ଲାଗି ଗୋଟିଏ ବାଉଁଶ ବନ୍ଧାଯାଏ । ବାଉଁଶକୁ ସାତ ଖଣ୍ଡ ସୁତାକୁ ଏକାଠି କରି ବନ୍ଧାଯାଏ, ଯାହା ହାଣ୍ଡିଠାରୁ ଚାରି ଆଙ୍ଗୁଳି ଛାଡ଼ି ବାଉଁଶରୁ ଓହଳିଥାଏ । ସୂତାରେ ଗୋଟିଏ ମୁଦି ବନ୍ଧାଯାଏ ଯଦି ବାଲିଯାତ୍ରା ସମୟରେ ସୁତା ସହିତ ମୁଦି ହାଣ୍ଡିକୁ ଛୁଇଁ ଯାଏ ତେବେ ସେ ବର୍ଷ ଶୁଭଙ୍କର ହେବ ବୋଲି ଭତରାମାନେ ଭାବନ୍ତି । ବାହାର ଘରେ ଦୁଇଟି ହାଣ୍ଡି ବାଜଣା ଓ ଗଦନା ରଖାଯାଇଥାଏ ଗୁରୁମାଇଁ ବାଜଣା ହାଣ୍ଡି ରଖିଥାଏ ସେହି ହାଣ୍ଡି ଉପରେ ଧନୁ ରଖି ଗୋଟିଏ କାଠିରେ ସେ ବଜାଉଥାଏ । ହାଣ୍ଡିର ମୁହଁକୁ ନୂଆ କୁଲାରେ ଘୋଡାଇ ଦିଆଯାଏ ପାଖରେ ସେଠାରେ "ଗଦନା" ହଣ୍ଡି ରଖାଯାଇଥାଏ ଏବଂ ହାଣ୍ଡି ଚତ୍ରିତ ହୋଇଥାଏ । ପୂଜାରୀ ଏହି ହାଣ୍ଡିକୁ ଧରି ବାଲିରପାକୁ ଯାଏ ସେହି ବଖରାରେ ଦୁଇଟି ମାଞ୍ଜିଥାଏ, ଯାହା ଗମ୍ଭାରୀ କାଠରେ ତିଆରି ହୋଇଥାଏ, ଏହା ପାଖରେ ବାଉଁଶ ଏବଂ ଶିଆଳି ଲଟାରେ ତିଆରି ଦୁଇଟି ଧନୁ ଥାଏ । ବାଉଁଶରେ କୁଲା, ପରଲା, ଯୁଆଳି,

କୋଦାଳ, ମଈ(ରଗଡା) ତିଆରି କରି ସେହି ଘରେ ରଖାଯାଇଥାଏ । ବାଲିଘର ସମ୍ମୁଖରେ ଛାମୁଣ୍ଡିଆ ତା ତଳେ ବେଦୀ ତିଆରି ହୋଇଥାଏ । ତାପରେ ବିଧି ବିଧାନ ଅନୁସାରେ ବାହାଘର ଭୀମ ଓ ଭୀମୁଣୀଙ୍କ ତେଲ ଲଗାନି, ହଳଦୀ ଲଗାନି, ବିଭାବାଲି, ଗଅନବାଲି ବିଧିରେ ବାହାଘର ସମ୍ପନ୍ନ ହୁଏ ତାପରେ ବାଲିଭଙ୍ଗାରେ ଶୈବ ଓ ଶାକ୍ତ ପ୍ରଥାରେ ବାହାଘର କର୍ମକାଣ୍ଡ ହୁଏ । ତଙ୍ଗାପରେ ବାଲିରପା ପର୍ବ ପାଳନ ହୁଏ । ବାଲି ଗଦରା (ନଦୀର ବାଲି ସ୍ତୁପ) ବାଲିକୁ ସଂଗ୍ରହ କରିବା ପରେ । ସମସ୍ତେ ବାଲିକୁ ମୁଣ୍ଡରେ ଧରି ବାଲିଘର ମାଣ୍ଡୋକୁ (ବେଦୀ ନିକଟକୁ) ଆସନ୍ତି ବେଦୀ ପାଖରେ ସମସ୍ତେ ଆଣିଥିବା ବାଲିକୁ ମିଶାଇ ଦିଆଯାଏ । ବେଦୀ ଉପରେ ସେହି ବାଲି ଢ଼ାଳି ତାହା ଉପରେ ଛୋଟ ଲଙ୍ଗଳରେ ଚଷ କରାଯାଏ, ତା'ଉପରେ ବିହନ ବୁଣାଯାଏ, ତପରେ ସେହି ବାଲିରେ ହଳଦୀ ପାଣି ଛିଞ୍ଚାଯାଏ, ନିୟମିତ ବିହନ ପାଣିପାଇଥିବା ଯୋଗୁଁ ଗଜା ହୋଇ ସେଥିରୁ ପତ୍ର ବାହାରେ ଏହାକୁ "ବାରୁ" କୁହାଯାଏ । ବିହନ ବୁଣିବାର ନଅଦିନ ପରେ ଏହି ବାଲିଯାତ୍ରା ଶେଷ ହୁଏଭୀମା ଭଙ୍ଗାରେ ଏକୋଇଶି ବର୍ଣ୍ଣର ଫୁଲ, ଫଳ ଧୂପ ଦୀପ, କଦଳୀ ଏକୋଇଶି ମାଟିସରା ଏବଂ ବିଭିନ୍ନ ପଶୁପକ୍ଷୀର ରକ୍ତ (ପୋଡ, ମେଣ୍ଢା, ଛେଳି, ହଂସ, ପାରା) ପୂଜା କରାଯାଏ ଧାରନୀ ପୂଜାରୀ ପୋଢ଼ବଳୀ ଗୁପ୍ତ ଭାବରେ ଭୀମା ଖୁଣ୍ଟ ପାଖରେ ରାତ୍ରିରେ ଦେଇଥାଏ, ସେହି ରକ୍ତ ଟୀକା ସେ ମୁଣ୍ଡରେ ଲଗାଇଥାଏ ଏବଂ ସେ ଜାତିରୁ ଅଲଗା ହୋଇଯାଏ । ଦୁଇ ଦିନ ପରେ ଭାତ ନାୟକ ଭୋଜି ଭାତ କରି ଧାରନୀ ପୂଜାରୀକୁ ଭାତ ଖାଇବାକୁ ଦେଇ ଜାତିରେ ମିଶାଇଥାଏ । ବାଲିଯାତ୍ରା ପରଦିନ ଗାଁର ସମସ୍ତେ ଏକତ୍ରିତ ହୋଇ ନାଚଗୀତ କରି ମଦ ବା ଲନ୍ଦାଖାଇ ହସ ଖୁସୀରେ ମଜି ଯାଇଥାନ୍ତି ଏବଂ ଧାନ, ମାଣ୍ଡିଆ ଟଙ୍କା ଲୁଗା ଦେଇ ମହୁରୀ, ବାଜା ବଜାଇ ଗୁରୁମାଈକୁ ତାଙ୍କ ଘରେ ଛାଡି ସମସ୍ତେ ଖୁସୀ ମନରେ ଘରକୁ ଫେରନ୍ତି । ତାପରେ ବାଲିଯାତ୍ରା ଶେଷ ହୁଏ ।



# ବିହନ ପୋତା ପରବ, ବିଛା ପାର୍ବୁ

ପ୍ରକୃତିରାଣୀ କୋରାପୁଟ, ଯେଉଁଠି ଭାସମାନ ବଉଦର ଧଳା ଧଳା ଫୁଲର ମୁକୁଟ ପିନ୍ଧି ପାହାଡ ଆଗନ୍ତୁକ ଅତିଥିଙ୍କୁ ସ୍ୱାଗତ ଜଣାଇଥାଏ, ଆଦିବାସୀ ମଣିଷଟି ସୁଲୁସୁଲିଆ ପବନରେ ତା'ର ଶ୍ୱାସକ୍ରିୟା କରିଥାଏ, ପାହାଡରୁ ଝରି ଆସୁଥିବା ଝରଣାର ଜଳ ତା'ର ଧମନୀରେ ରକ୍ତ ହୋଇ ବୋହି ଯାଇଥାଏ। ଏହି ମାଟିର ମଣିଷ, ମାଟିକୁ ଜୀବନଠାରୁ ଭଲ ପାଇଥାଏ, ପାହାଡ, ଗଛଲତା, ପଶୁପକ୍ଷୀଙ୍କୁ ଆପଣେଇ ନେଇଥାଏ।

ଅପରୂପ ଲାବଣ୍ୟବତୀ କୋରାପୁଟରେ ବାସ କରିଥାନ୍ତି ଅତି ପ୍ରାଚୀନ ଜନଜାତିର ସଂପ୍ରଦାୟ କନ୍ଧ ଆଦିବାସୀ। ଝାଙ୍କର ଦେବୀ ହେଉଛନ୍ତି ଏମାନଙ୍କର ସୁଖଦୁଃଖର ଦେବୀ। ସାଧାରଣତଃ ନାରାୟଣ ପାଟଣା ବ୍ଲକର ପାହାଡର ପାଦଦେଶରେ ଏହି ଆଦିବାସୀମାନେ ବାସ କରିଥାନ୍ତି। ଏମାନେ କୃଷି ଉପରେ ନିର୍ଭର କରିଥାନ୍ତି। ଗ୍ରାମଦେବୀ ଝାଙ୍କରଦେବୀଙ୍କ ନିକଟରେ ମାଘ ମାସରେ ପ୍ରଥମେ ବିହନ ପୋତିଥାନ୍ତି। ଏହି ପର୍ବକୁ କନ୍ଧ ଆଦିବାସୀମାନେ ଖୁବ୍ ଜାକଜମକରେ ପାଳନ କରନ୍ତି। ଏହି ପର୍ବ ଆରମ୍ଭ ହେବା ପର୍ବରୁ ଦିଶାରୀ ଗ୍ରହ ନକ୍ଷତ୍ର ଗଣନା କରି ନିର୍ଦ୍ଧାରଣ ହେବା ପରେ ପର୍ବ କେଉଁଦିନ ହେବ ତାହା ବେଜୁଣୀଙ୍କୁ ଜଣାଇ ଦିଆଯାଇ। ବେଜୁଣୀ ଏହି ବିଷୟରେ ଜାନୀକୁ ଅବଗତ କରିଥାଏ। ଜାନୀ ଗାଁର ମୁଦୁଲି, ଚଲାଣ, ବାରିକରୁ ଡାକି ସମସ୍ତ ପୂଜା ସାମଗ୍ରୀ ଏକତ୍ର କରି,. ସମସ୍ତେ ଝାଙ୍କର ଦେବୀଙ୍କ ଆସ୍ଥାନ ନିକଟକୁ ଯାଇଥାନ୍ତି। ପୂର୍ବରୁ ଗାଁମୁଣ୍ଡର ଗଛମୂଳେ କୁଡ଼ିଆ ପ୍ରସ୍ତୁତ ହୋଇ ଝାଙ୍କର ଦେବୀଙ୍କୁ ପ୍ରତିଷ୍ଠା କରାଯାଇଥାଏ। କୁଡ଼ିଆ ଭିତରେ ମାଣ୍ଡିଆ ଓ ଚାଉଳ ଚୂନାରେ ଝୋଟି ତିଆରି କରାଯାଇଥାଏ। ମଙ୍ଗଳବାର ନିଶାର୍ଦ୍ଧ ରାତ୍ରିରେ ମୁଦୁଲି, ବେଜୁଣୀ, ଚଲାଣ, ବାରିକ, ଜାନୀ ଏକତ୍ର ନଦୀ ନିକଟକୁ ଯାଇଥାନ୍ତି।

ନଦୀର ଯେଉଁଠି ତିନିଧାର ହୋଇ ପାଣି ବୋହୁଥାଏ, ସେହି ବୋହି ଆସୁଥିବା ତିନିଧାରରୁ ୩ଟି ପଥର ସଂଗ୍ରହ କରାଯାଏ। ସେହି ପଥରଗୁଡ଼ିକ ଲମ୍ବା ଏବଂ ଗୋଜିଆ ହୋଇଥାଏ। ଜାନୀ ତିନୋଟି ପଥରକୁ ସାଥୀରେ ନେଇ ଆସିଥାଏ। ଝାଙ୍କର ଦେବୀଙ୍କ ସମ୍ମୁଖରେ ତିନୋଟି ଗାତ ଖୋଳା ଯାଇଥାଏ। ସେହି ତିନୋଟି ଲମ୍ବା ପଥରକୁ ନାରୀ ବେଜୁଣୀ ପୂଜା କରିସାରିବା ପରେ ପୋତିଥାଏ। ବେଜୁଣୀ ପେନୁ (ଦେବତା)ଙ୍କ ଉଦ୍ଦେଶ୍ୟରେ ମନ୍ତ୍ର ଉଚ୍ଚାରଣ କରି ଘରର ଚାରିଦିଗରେ ଚାରିମୁଠା ଚାଉଳ ବୁଣିଦିଏ ପ୍ରତିକୋଣରେ ଯେପରି ଚାଉଳ ପଡିବ ସେଥିପ୍ରତି ଦୃଷ୍ଟି ଦେଇଥାଏ। ଏହା ନାରୀବେଜୁଣୀ

ଦ୍ୱାରା କରାଯାଇଥାଏ ଓ ପୁରୁଷ ବେଜୁଣୀ ତାକୁ ସାହାଯ୍ୟ କରିଥାଏ । ଜଡାତେଲରେ ଦୀପ ପ୍ରସ୍ତୁତ କରାଯାଇଥାଏ, ଝୁଣା, ଧୂପ ଦୀପ ଦେଇ ପୂଜା କରାଯାଏ । ପୂଜା ସରିବା ପରେ ପ୍ରଥମେ ଚାଲାଣ, ଜାନୀ, ମୁଦୁଲିମାନଙ୍କ ସ୍ତ୍ରୀଙ୍କୁ ବେଜୁଣୀ ଡାକି ମୁଣ୍ଡିଆ ମାରିବାକୁ କହିଥାଏ । ଏହାଦ୍ୱାରା ପ୍ରମାଣିତ ହେଉଛି ଯେ ସ୍ତ୍ରୀମାନଙ୍କୁ କନ୍ଧ ସଂପ୍ରଦାୟରେ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି । ତାପରେ ଗାଁର ସମସ୍ତେ ଏକତ୍ର ମା'ଙ୍କୁ ଆରାଧାନା କରି ମୁଣ୍ଡିଆ ମାରିଥାନ୍ତି । ସେହି ରାତିରେ ଝୋଟି ଉପରେ ତିନୋଟି ହଳଦୀ ଗୋଲାକୁ ବେଜୁଣୀ ରଖି ସିନ୍ଦୂର ଧୂପ, ଦେଇ ମନ୍ତ୍ରପାଠ କରିଥାଏ । ନୂଆ କାନ୍ଦୁଲ,ନୂଆ ବାଇଲ ଏବଂ ନୂଆ ଝୁଡ଼ୁଙ୍ଗ ମଞ୍ଜିକୁ ନୂଆହାଣ୍ଡି, ନୂଆଚୁଲି ଏବଂ କାଠରେ ତିଆରି ଚଟୁରେ ବେଜୁଣୀ ଭାଜିଥାଏ । ଏହି ଭଜା କାନ୍ଦୁଲ, ବାଇଲ, ଝୁଡ଼ୁଙ୍ଗକୁ ବେଜୁଣୀ ମନ୍ତ୍ର ପଢ଼ି ପ୍ରଥମେ ଝାଙ୍କର ଦେବୀଙ୍କ ସମ୍ମୁଖରେ ପୋତିଥାଏ ।

ପ୍ରଥମେ ବେଜୁଣୀ ବଡକାନ୍ଦୁଲ, ମଝିରେ ବାଇଲ ଏବଂ ଶେଷରେ ଝୁଡ଼ୁଙ୍ଗ ମଞ୍ଜିକୁ ପୋତିଥାଏ । ସେମାନଙ୍କ ବିଶ୍ୱାସ ନିଶାର୍ଦ୍ଧ ରାତ୍ରିରେ କାନ୍ଦୁଲ ପୋତିଲେ ଗାଁର ମଙ୍ଗଳ ହେବ । ଗାଁରେ କୌଣସି ବିପତ୍ତି ପଡିବ ନାହିଁ । ସେହି ବର୍ଷ ଭଲ ଫସଲ ହେବ । ତାପରେ ଜାନୀ କିଛି ମଞ୍ଜି ଚଲାଣ, ମୁଦୁଲି, ବାରିକ ଘର ଆଗରେ ପୋତିଥାଏ । ଏହି ପୋତିବା ପର୍ବକୁ 'ବିହନ ତୋପା ପର୍ବ' ବା 'ବିଛା ପାର୍‌ବୁ' କୁହାଯାଏ । ପୂଜା ଶେଷ ପରେ ଚଲାଣ, ଜାନୀ, ଦିଶାରୀ ରାତିସାରା ମା' ଝାଙ୍କର ଦେବୀଙ୍କ କୁଡ଼ିଆକୁ ଜଗି ବସିଥାନ୍ତି । ରାତିରେ ବେଜୁଣୀ ମନ୍ତ୍ର ପଢ଼ିବା ସମୟରେ ଯଦି ବ୍ୟାଘ୍ରଦେବୀଙ୍କୁ ଅନୁଭବ କରେ ତେବେ ସେଠାରେ ବ୍ୟାଘ୍ରଦେବୀଙ୍କୁ ପୂଜା କରାଯାଏ । ବ୍ୟାଘ୍ରବେଦୀ କନ୍ଧମାନଙ୍କୁ, ଗାଈଗୋରୁଙ୍କୁ ଜଙ୍ଗଲରେ ବୁଲିବା ସମୟରେ ଯେମିତି ବାଘ ମୁହଁରୁ ରକ୍ଷା କରିବେ ସେଥିପାଇଁ ଦେବୀଙ୍କୁ ଆରାଧନା କରାଯାଇଥାଏ । ସେତେବେଳେ ବେଜୁଣୀ ହୁଇସିଲ ମାରି ଗାଁର ଲୋକମାନଙ୍କୁ ଜଣାଇଦି, ଯେ ଏହି ବର୍ଷ ଗାଁରେ କୌଣସି ବିପତ୍ତି ପଡିବ ନାହିଁ ।

ଦିଶାରୀ ପ୍ରଥମେ ବେଜୁଣୀର ମୁଖମଣ୍ଡଳରୁ ବ୍ୟାଘ୍ରଦେବୀଙ୍କ ସତ୍ତା ଅନୁଭବ କରିଥାଏ । ପୂଜା ସମୟରେ ଯଦି ଚଢ଼େଇ, ବନ୍ୟଜନ୍ତୁ, ଗାଈଗୋରୁ ବୋବାଇଥାନ୍ତି ତେବେ ଦିଶାରୀ ଗାଁର ସମସ୍ତ ଲୋକଙ୍କୁ ଜଣାଇଦିଏ ଯେ ସେହି ବର୍ଷ ଗାଁରେ ବିପତ୍ତି ପଡିବାର ଅଛି, ଏହା ଗାଁ ପ୍ରତି ଅଶୁଭ ସଙ୍କେତ । ବେଜୁଣୀ ମା'ଙ୍କ ପାଦ ଧରି, ପାଖରେ ପଡି ନେହୁରା ହୁଏ । ଏହି ପୂଜା ତିନିଦିନ ଧରି ଚାଲିଥାଏ । ତିନି ରାତିରେ ଠାକୁରାଣୀଙ୍କ ପାଇଁ ଉଦ୍ଦିଷ୍ଟ ଘରକୁ ଜାନୀ, ବେଜୁଣୀ, ଦିଶାରୀ, ବାରିକ ଜଗି ରହିଥାନ୍ତି । ଗାଁର ପୁରୁଷ ଓ

ସ୍ତ୍ରୀ ସମସ୍ତେ ଏକାଠି ହୋଇ ହାତୁକୁ ହାତ ଛନ୍ଦି ଢ଼େମସାର ତାଳେ ନାଚିଥାନ୍ତି । ଗାଁରେ ଆନନ୍ଦର ଲହରୀ ଖେଳି ଯାଏ ବନଭୂମି ମୁଖରିତ ହୋଇଉଠେ । ଢ଼େମସା ନାଚ ଏବଂ ବେଜୁଣୀର ମନ୍ତ୍ର ଉଚ୍ଚାରଣରେ ପାହାଡ, ପର୍ବତ, ଝରଣା, ବନଭୂମି ପୁଲକିତ ହୋଇଉଠେ । ଡୁଙ୍ଗୁଡୁଙ୍ଗାର ତାଳେ ତାଳେ ମହାଆନନ୍ଦରେ ସେମାନେ ନିଜକୁ ତିନିଦିନ ହଜାଇ ଦେଇଥାନ୍ତି ।

କନ୍ଧମାନଙ୍କ ସରଳ ବିଶ୍ୱାସ ମନରେ ଆବିଳତା, ଜଟିଳତା ନଥାଏ । ସେହି ନିରୀହ ମଣିଷମାନେ ଆଧୁନିକତାର ଛନ୍ଦ କପଟରେ ଭାସି ନଯାଇ ବଣ ଜଙ୍ଗଲରେ ସଂଘବଦ୍ଧ ଭାବରେ ଗୋଷ୍ଠୀ ଜୀବନଯାପନ କରିବାକୁ ଭଲ ପାଇଥାନ୍ତି । ନିଜର ସୁଖଦୁଃଖକୁ ପରସ୍ପର ମଧ୍ୟରେ ବାଣ୍ଟି ଶାନ୍ତି ପ୍ରିୟ ଜୀବନଯାପନ କରିଥାନ୍ତି ।

***





# ଆଦିବାସୀ ପର୍ବ - ଉଆଁସ ପରବ

ଅରଣ୍ୟାନୀ ପରିଶୋଭିତ କୋରାପୁଟ ଜିଲ୍ଲା । ଯେଉଁ ମାଟିରେ ଆଦିବାସୀ ପ୍ରକୃତିର ମହାସଂଗୀତ ଭିତରେ ନିଜକୁ ହଜାଇ ଦିଏ । ପ୍ରକୃତି କୋଳରୁ ସେ ଶିଖିଛି ସରଳତାର ମନ୍ତ୍ର, ସହିବାର ଶକ୍ତି ଏବଂ ଅନ୍ୟକୁ ଆପଣାଇ ନବାର କଳା । ଆଦିବାସୀ ହୃଦୟରେ ଥିବା ସରଳପଣ, ନିଷ୍କପଟ ଗୁଣ, ନିଭୃତ ଅନ୍ତରର ପ୍ରୀତି ଫଲ୍‌ଗୁଧାରା ଆଜିର ମାନବ ସମାଜର ପଥ ପ୍ରଦର୍ଶକ ହୋଇଛି । ଏମାନଙ୍କ ଗୋଷ୍ଠୀ- ଜୀବନ, ମଣିଷ ମଣିଷର ସଂପର୍କ ଆଜିର ମାନବକୁ ଦେଇଛି  ଜୀବନ ଦର୍ଶନ । ଏମାନେ ପ୍ରକୃତିର ନଦୀ, ଝରଣା, ବୃକ୍ଷଲତା, ପାହାଡ, ବାଘ, ଧରିତ୍ରୀକୁ ଦେବଦେବୀ ଭାବରେ ପୂଜା କରିଥାନ୍ତି । ଏମାନଙ୍କ ପ୍ରତି ପ୍ରକୃତି ହେଉଛି ଜୀବନ ଏବଂ ଜୀବିକାର୍ଜ୍ଜନର ମାଧ୍ୟମ । କୋରାପୁଟର ଭୂମିରେ ଶ୍ରାବଣର ବର୍ଷା ଭିନ୍ନ ରୂପ ନେଇଆସେ । ଆକାଶର ଅଗଣାରେ କଳା ମେଘର ଭାସମାନ ବାଦଲ, ମୂଷଳଧାରା ବର୍ଷା, ମେଘ ପଇସର ବିଜୁଳି ଚାବୁକ୍, ବଣ ଫୁଲର ସୁଗନ୍ଧ, ଝିଙ୍କାରିର ଝିଂ ଝିଂ ଶବ୍ଦ, ଶାଳ ପିଆଶାଳ ବଣର ଅପରୂପ ଶୋଭା, ଅଙ୍କାବଙ୍କା ଗିରିପଥ ପଥିକର ମନକୁ କିଣି ନେଇଥାଏ । ମହାକବି କାଳିଦାସ ଦିନେ କୋରାପୁଟର ଅପରୂପ ଋଷି ମନଲୋଭା ଦୃଶ୍ୟ ଦେଖି ବିଭୋର ହୋଇ ମହାକାବ୍ୟ ରଚନା କରିଥିଲେ ।

ଆଦିବାସୀମାନେ ବର୍ଷର ପ୍ରତ୍ୟେକ ମାସରେ ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି । ଜଙ୍ଗଲର ପାହାଡରେ ଫୁଲ ଫୁଟିଲେ ଏମାନଙ୍କ ପ୍ରାଣରେ ପୁଲକ ଖେଳିଯାଏ । ଗୀତ ନାଚରେ ବନଭୂମି ମୁଖରିତ ହୋଇଉଠେ । ଗୀତ ନାଚରେ ରହିଥାଏ ପରିଚିତ ପରିବେଶ, ବନ୍ୟ, ପ୍ରକୃତି, ସାମାଜିକ ସମସ୍ୟା, ନିତିଦିନିଆ ଜୀବନ ଚିତ୍ର, ଶ୍ରାବଣ ମାସର ଅମାବାସ୍ୟା ସମୟରେ ଆଦିବାସୀମାନେ ପାଳନ କରିଥାନ୍ତି "ଉଁଆସ ପରବ" ଶ୍ରାବଣ ମାସରେ କୃଷିକାର୍ଯ୍ୟ କରାଯାଇଥାଏ । ଆଦିବାସୀମାନଙ୍କ ବିଶ୍ୱାସ ଯଦି ସେମାନେ କ୍ଷେତରେ ବାସ କରୁଥିବା 'କ୍ଷେତଦେବତା'ଙ୍କୁ ଖୁସି କରିପାରିବେ ତେବେ ସେହି ବର୍ଷ ଅଧିକ ଫସଲ ଆମଦାନୀ ହୋଇପାରିବ । ତେଣୁ ଏହି ପର୍ବ ପାଳନ କରାଯାଏ ।

ପରଜାମାନେ ଏହି ପର୍ବକୁ ଖୁବ୍ ଜାକଜମକରେ ପାଳନ କରଥାନ୍ତି । 'ଧରନୀମାତାକୁ ସନ୍ତୁଷ୍ଟ କରିବା ପାଇଁ ପ୍ରଥମେ ଗ୍ରାମଦେବୀଙ୍କୁ ପୂଜା କରାଯାଇଥାଏ । ଗ୍ରାମଦେବୀ ପାଖରେ ହୁଣ୍ଡି ପୂଜାରୀ, ନାୟକ, ଡିସାରୀ ମିଶି ପୂଜା କରିଥାନ୍ତି । ଧାନଗଛ ଏବଂ ମାଣ୍ଡିଆ ଗଛ ହୋଇଥିବା କ୍ଷେତରେ କେନ୍ଦୁଗଛର ଡାଳ (ଡାଙ୍ଗ), ଦେଉ ବାତେନି

ଗଛ ଏବଂ ଚଉଠି ଫୁଲକୁ ଏକାଠି କରି ପୂଜାକରି ପୋତାଯାଏ ଏବଂ ସେଠାରେ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ, ଲକ୍ଷ୍ମୀ ସନ୍ତୁଷ୍ଟ ହେଲେ ଭଲ ଫସଲ ହେବ ବୋଲି ସେମାନଙ୍କର ବିଶ୍ୱାସ ।

ଭୂମିଆମାନେ ଏହି ପର୍ବକୁ 'ଲାଛନା ପରବ' କହିଥାନ୍ତି । ଏମାନଙ୍କ ବିଶ୍ୱାସ ଯେ ଏହି ସମୟରେ ଯଦି ରଥ ଦଉଡିରେ ପିଲାମାନଙ୍କୁ ଲଛାଯାଏ ତେବେ ବର୍ଷସାରା ପିଲାମାନେ ରୋଗମୁକ୍ତ ହୋଇଥାନ୍ତି । ଏମାନେ ସକାଳୁ ଉଠି ବିଲରେ ଡୁମ୍ବାର ଦୃଷ୍ଟି ନ ପଡିବା ପାଇଁ କେନ୍ଦୁଡାଙ୍ଗ (ବାଡି)ରେ କାଠୁଆ ତିଆରି କରିଥାନ୍ତି । କେନ୍ଦୁବାଡିରେ ଉପର ଭାଗରେ ଭାଲିଆପାତ୍ର ଛତ୍ରରଙ୍ଗି, ଦେଉବାଡେନି, ଚଉଠିଫୁଲ ଏକାଠି ଗୁନ୍ଥି ବାନ୍ଧି ଦିଆଯାଏ । ସେହି ଡାଙ୍ଗ(ବାଡି) ଧରି ସମସ୍ତେ ଏକତ୍ର ହୋଇ ବିଲକୁ ଯାଇଥାନ୍ତି ଏବଂ ନିଜ ନିଜର ବିଲ(ଜମି)ରେ ପୋତିଥାନ୍ତି । ଏହାକୁ କଠୁଆ ଗାଡା(ପୋତିବା) କୁହାଯାଏ । ଏହାକୁ 'କଠୁଆଗାଡା ଉଆଁସ ପରବ' ମଧ୍ୟ କୁହାଯାଏ । ଚଇତି ପର୍ବର ଆମ୍ବଟାକୁଆକୁ ଏମାନେ ଘରେ ସାଇତି ରଖିଥାନ୍ତି । ଏହି ପର୍ବଦିନ ଆମ୍ବଟାକୁଆକୁ ଛେଚି ସେଥିରୁ ରସ ବାହାର କରିଥାନ୍ତି । କୋଇଲି ରସ ସହିତ ଚାଉଳଚୂନା ମିଶାଇ ପିଠା ପ୍ରସ୍ତୁତ କରିଥାନ୍ତି । ପ୍ରଥମେ ସେହି ପିଠାକୁ ଗାଁ ମୁଣ୍ଡରେ ଥିବା ବରଗଛ ମୂଳର ଗ୍ରାମଦେବୀଙ୍କୁ ପୂଜା କରାଯାଏ, ତା'ପରେ ହୁଣ୍ଡୀ ଦେବତାକୁ ହୁଣ୍ଡୀ ପୂଜାରୀ ପୂଜା କରେ । ଡୁମା ଦେବତାକୁ ମଧ୍ୟ ସେମାନେ ପୂଜା କରିଥାନ୍ତି । ସେଠାରେ ନାୟକ ଏବଂ ଡ଼ିସାରୀ ପୂଜା କରିଥାନ୍ତି । ଗାଁର ନାୟକ, ଡିସାରୀ ଏବଂ ହୁଣ୍ଡୀ ପୂଜାରୀ ଶେଷରେ ଏକତ୍ରିତ ହୋଇ ପୂଜା ହୋଇଥିବା ପିଠାକୁ ଗାଁର ଲୋକମାନଙ୍କୁ ଦେଇଥାନ୍ତି । ସେହି ପିଠାର କିଛି ଅଂଶ ଗେଣ୍ଡା କୋଚିଆ, ମାଛ, କଇଁଚ ଇତ୍ୟାଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ନାଳ, ପୋଖରୀ, ନଈରେ ନିକ୍ଷେପ କରାଯାଏ । ସେହିଦିନ ବିଲରେ ବାଘନଖି ପତ୍ର, ବଣଧୂଙ୍ଗିଆପତ୍ର ଦେଓବାଡେନୀ ପତ୍ର ବିଲ(ଜମି)ରେ ପକାଯାଏ । ଏହାଦ୍ୱାରା ଧାନକୁ ଚିତା ପୋକ ଦାଉରୁ ରକ୍ଷା କରାଯାଇଥାଏ ବୋଲି ସେମାନଙ୍କ ବିଶ୍ୱାସ । ପୂଜା କରିଥିବା ପିଠାକୁ ଆଣି ସମସ୍ତେ ଏକତ୍ର ହୋଇ ଖାଇଥାନ୍ତି । ବାଦ୍ୟର ତାଳେ ତାଳେ ଢ଼େମସା ନାଚ କରି ରାତି କଟାଇଥାନ୍ତି ।

କନ୍ଧମାନେ ଏହାକୁ 'ଟାକୁ ପରବ' କହିଥାନ୍ତି । ଏହି ସମୟରେ ସେମାନେ ବାଘକୁ ଡିଶାରୀ ଜାନି ମନ୍ତ ପଢ଼େ, ବେଜୁଣୀ ବିଭିନ୍ନ ବେଶରେ ସଜ୍ଜିତ ହୋଇ କିଳିକିଳା ଶବ୍ଦ କରି ଘୁଙ୍ଗୁର ବାନ୍ଧି ଗାଁ ସାରା ନାଚି ନାଚି ବୁଲି ଗାଁ ମୁଣ୍ଡ ପର୍ଯ୍ୟନ୍ତ ନାଚୁଥାଏ । ଗାଁର ଲୋକମାନେ ଆମ୍ବଟାକୁଆକୁ ଏକାଠି କରି ତାକୁ ଛେଚି କୋଇଲିରୁ ରସ ବାହାର କରନ୍ତି ।

ସେଥିରେ କୁକୁଡ଼ା ଛୁଆର ବେକ ଛିଣ୍ଡାଇ ରକ୍ତ ଢ଼ାଳନ୍ତି, ସେଥିରେ ମଦ ଢ଼ଳାଯାଏ । ଗାଁ ମୁଣ୍ଡର ଶେଷରେ ଗଛ ପାଖରେ ଉଚ୍ଚ ଛାମୁଣ୍ଡିଆ ତିଆରି କରାଯାଇଥାଏ । ସେହି ଗଛର ମୂଳରେ ବାଘର ଚିତ୍ରିତ ଖଣ୍ଡା ଓ ବର୍ଚ୍ଛା କାଠରେ ତିଆରି କରି ରଖାଯାଇଥାଏ । କୋଇଲିର ଗସ, କୁକୁଡା ଛୁଆର ବେକ ଛିଣ୍ଡାଇ ରକ୍ତ ଓ ମଦ ସେହି ଛାମୁଣ୍ଡିଆର ମାଟିରେ ପକାଯାଏ । ଛାମୁଣ୍ଡିଆ ଉପରେ ଅଣ୍ଡା, ଭାତ, ମୁରୁଜ, ଫୁଲ ରଖାଯାଇଥାଏ ଏବଂ ସେହି ଗଛମୂଳରେ ଭାର ଭାର ଆମ୍ବଟାକୁଆ ସାଇତା ହୋଇ ରଖାଯାଇଥାଏ । ବେଜୁଣୀ ସେହି ଗଛ ମୂଳରେ ରହି ବଡପାଟିରେ ଶବ୍ଦ କରୁଥାଏ । ଜାନି ଓ ଦିଶାରୀ ମନ୍ତ୍ର ଉଚ୍ଚାରଣ କରୁଥାନ୍ତି, ଗାଁ ଯାକର ଲୋକ ସେଠାରେ ଏକତ୍ରିତ ହୋଇଥାନ୍ତି ଏବଂ ସେଠାରେ କଣ୍ଟାରେ କିଳା ପୋତାଯାଏ । ଗାଁର ଲୋକମାନେ ଟାଙ୍ଗିଆ, ବାଡି ଧରି ଜଙ୍ଗଲ ଆଗକୁ ଯାଇ ବଡପାଟିରେ କହୁଥାନ୍ତି 'ବାଘ ଡୁମା ମହାପ୍ରୁ ଆମ ଗାଁକୁ ଆସାନାଇ ଆମେ କିଳା ଗାଡିଲୁ' । ଚାଷଜମିରେ ରକ୍ତ ଏବଂ ମଦ ଢ଼ଳାଯାଏ । ଏହି ପରି ଭାବରେ ସେମାନେ ବାଘକୁ ନାନପ୍ରକାର ଅନୁରୋଧ କରିଥାନ୍ତି । ସେହି ଆମ୍ବଟାକୁଆରେ ଏବଂ ତେନ୍ତୁଳି ମଣ୍ଡରୁ ଜାଉ ତିଆରି କରି ସମସ୍ତେ ଘରକୁ ଫେରନ୍ତି । ସେମାନେ ବିଶ୍ୱାସ କରିଥାନ୍ତି ଯେ 'ବାଘଡୁମା ମହାପ୍ରୁ' ଖୁସି ହେଲେ ସେହି ବର୍ଷ ଭଲ ଫସଲ ହୋଇଥାଏ । ବଣ୍ଡା ପରଜାମାନେ ଏହି ସମୟରେ ସଲପ ଗଛରୁ ବାହୁଙ୍ଗା ବାହାର କରି ସେହି ବାହୁଙ୍ଗାରେ ପରସ୍ପର ପିଟାପିଟି ହୁଅନ୍ତି । ଦେହରୁ ଝର ଝର ରକ୍ତ ବାହାରୁଥାଏ, ସେଥିରୁ କିଛି ରକ୍ତ ଜମିରେ ପକାନ୍ତି । ସେମାନଙ୍କର ବିଶ୍ୱାସ ଯାହାର ଅଧିକ ରକ୍ତ ବାହାରିବ ସେହି ବର୍ଷ ତା'ର ଅଧିକ ଫସଲ ଆମଦାନୀ ହେବ । ଆଦିବାସୀମାନେ ବିଭିନ୍ନ ଯାତରା (ଯାନି ଯାତ୍ରା), ପରବ(ପର୍ବ) ଖୁବ୍ ଜାକଜକମରେ ନାଚଗୀତ ମାଧ୍ୟମରେ ପାଳନ କରିଥାନ୍ତି । ମହୁଲି ନିଶାରେ ମସଗୁଲ ହୋଇ ଗୋଡ଼କୁ ଗୋଡ଼ ଛନ୍ଦି, ଅଣ୍ଟାକୁ ଦୋହଲାଇ ଡେମସା ନାଚର ତାଳେ ତାଳେ ନାଚିଲା ବେଳେ ବନଭୂମି ମୁଖରିତ ହୋଇଉଠେ । ଏମାନଙ୍କର ବନ୍ୟ ସଂସ୍କୃତି ଭିତରେ ହିଁ ରହିଛି ଜୀବନ ଏବଂ ବଞ୍ଚିବାର ଏକ ଅମୃତଧାରା ।



# ଆଦିବାସୀ ପରବ - ମଣ୍ଡେଇ

ନବରଙ୍ଗପୁର ଜିଲ୍ଲା, ଯାହାର ଡଙ୍ଗର, ଝୋଲା ପାହାଡ, ଜଙ୍ଗଲକୁ ଦେଖିଲେ ସ୍ୱର୍ଗୀୟ ସୁଖ ଅନୁଭବ ହୁଏ । ମଣିଷଟି ଅଲସୀ ଫୁଲର କ୍ଷେତରେ ଶାନ୍ତ ସବୁଜ ପରିବେଶରେ ହଜାଇ ଦିଏ ନିଜକୁ । ଯେଉଁଠି ଆଦିବାସୀ ରମଣୀ ଶୀତ ସକାଳର କୁହୁଡିଭରା କାକରକୁ ଭୃକ୍ଷେପ ନକରି ଡଙ୍ଗର ପାହାଡ, ବଣରୁ ମହୁଲ, ତେନ୍ତୁଳି, ସରଗି ପତ୍ର ସଂଗ୍ରହ କରିବାକୁ ପାହାନ୍ତିଆରୁ ବାହାରି ପଡିଥାଏ । ଆଦିବାସୀ ଝିଅର ପଇଁରିଠାରୁ ଆଦିବାସୀ ପୁଅର କାନ୍ଧର କାଉଡି ଯେଉଁ ମାଟିର, ସଂସ୍କୃତିର କଥା କହେ । ଆଜି ମଧ୍ୟ ନଳବଂଶୀୟ ରାଜାଙ୍କ ଭଗ୍ନାବଶେଷ ସାମ୍ରାଜ୍ୟ, କାଳି ଦାସଙ୍କ ଆମ୍ରକୁଟ (ଉମରକୋଟ) ପୋଡାଗଡ ରାଜ୍ୟର ରାଜା ଭାବଦତ୍ତଙ୍କ ଇତିହାସ ପାପାଡାହାଣ୍ଡିର ସ୍ୱାଧୀନତା ଆନ୍ଦୋଳନର ରକ୍ତତୀର୍ଥ ସେହି ଜିଲ୍ଲାରେ ରହିଛି । ମାଁ ଭଣ୍ଡାର ଘରଣୀ, ମାଁ ପେଣ୍ଡ୍ରାଣୀ, ଠାକୁରାଣୀଙ୍କ ଅପାରକୃପା ରହିଛି । ପ୍ରତିଟି ମଣିଷ ସେଠାରେ କେବେ ଅସହାୟ ମନେ କରି ନାହିଁ । ଚନ୍ଦନଧାରା ଜଳପ୍ରପାତ, ଗୋସାଇଁ ଦୋରା, ଉଏଁରା ଘୁମର ଜଳପ୍ରପାତର ମନୋଲୋଭା ଦୃଶ୍ୟ ଆକର୍ଷଣ ଏବଂ ଅତି ମନୋରମ । ସର୍ପଗନ୍ଧା ଯୋଗୀ ଡଙ୍ଗର ଆଜି ମଧ୍ୟ ସୂଚାଇ ଦିଏ ରାମାୟଣର ବାର୍ତ୍ତା, ମଣ୍ଡା ଡଙ୍ଗରୀ ଯେଉଁଠି ଆଜି ମଧ୍ୟ ବାଘ, ଭାଲୁର ବାସସ୍ଥଳୀ ରହିଛି ।

ଝରିଗାଁରେ ରହିଛି ଏକ କନ୍ଧ ଆଦିବାସୀ ଗାଁ ଯାହାକୁ ଆଧୁନିକ ଅଯୋଧ୍ୟା କୁହାଯାଏ, ଏବେମଧ୍ୟ ସେଠାରେ ପିଲାମାନଙ୍କ ନାମକରଣ କରାଯାଏ ରାମଚନ୍ଦ୍ର, ଭରତ, ଲକ୍ଷ୍ମଣ, ଲବକୁଶ । ନଦୀ ଇନ୍ଦ୍ରାବତୀ ହେଉଛି ସପ୍ତ ଗୋଦାବରୀ ମଧ୍ୟରୁ ଅନ୍ୟତମ । 'ବ୍ରହ୍ମ ପୁରାଣ'ରେ ସେହି ନଦୀକୁ ମନ୍ଦାକିନୀ କୁହାଯାଏ, ଏହା 'ଆତ୍ରେୟା ଚୈତ ଆପରା' ଅଟେ । ଅତ୍ରିଋଷିଙ୍କର ଦ୍ୱାରା କଳ୍ପିତ ହୋଇଥିବାରୁ ତାହାକୁ ଆତ୍ରେୟୀ ବୋଲି କୁହାଯାଏ । ଡାବୁଗାଁର ଶୈବ ପୀଠ ମହାଦେବ ଝାଡେଶ୍ୱର, ପାହାଡେଶ୍ୱର ଏବଂ ଦୁଇ କିଲୋମିଟର ଦୂରରେ ଅବସ୍ଥିତ ପାର୍ବତୀ ଗୁମ୍ଫାରେ ବିରାଜିତ ଅଛନ୍ତି ମାତାପାର୍ବତୀ, ତାହାର ପରିବେଶ ଅତି ସୁନ୍ଦର । ସେହି ଜିଲ୍ଲାର ସଂସ୍କୃତି ନିଆରା । ଫସଲ ହସିଲେ ସେହି ଆଦିବାସୀମାନଙ୍କ ହୃଦୟ ହସେ, ଫସଲ ଅମଳ ବେଳେ ଏମାନେ ନାଚ ଗୀତରେ ତାଳେ ତାଳେ ନିଜକୁ ହଜାଇ ଦିଅନ୍ତି । ସେହି ଜିଲ୍ଲାରେ କନ୍ଧ, ପରଜା, ଗଣ୍ଡ, ଉତରା, ଭୂମିୟା, ଗାଦବା, ସଉରା ପ୍ରଭୃତି ଜନଜାତି ବାସ କରନ୍ତି । ବର୍ଷର ବିଭିନ୍ନ ଋତୁରେ ବିଭିନ୍ନ ପୁନେଇ,

ଅମାବାସ୍ୟାରେ ଏମାନେ ବିଭିନ୍ନ ପର୍ବ ପାଳନ କରିଥାନ୍ତି । ସେମାନେ ବିଭିନ୍ନ ପର୍ବ ପାଳନ କରିଥାନ୍ତି । ଆଦିବାସୀମାନଙ୍କ ପର୍ବପର୍ବାଣି ଭିତରେ ଅନ୍ତର୍ନିହିତ ସାମାଜିକ ତଥା ସାଂସ୍କୃତିକ ମୂଲ୍ୟବୋଧ ଏକାନ୍ତ ହୃଦୟସ୍ପର୍ଶୀ ।

ଗୋଷ୍ଠୀ ସମ୍ପର୍କ ସାମୂହିକ ଚେତନା, ପାରସ୍ପରିକ ସହଯୋଗ, ଭ୍ରାତୃତ୍ୱର ଅନାବିଳ ସ୍ନେହ ସେମାନଙ୍କ ପର୍ବର ଧାରା । ସେହି ଜିଲ୍ଲାର ମୁଖ୍ୟ ପର୍ବ ମଣ୍ଡେଇ ମାଘ ମାସରେ ପାଳନ କରାଯାଏ ଏବଂ ସାମାଜିକ ସମ୍ପର୍କର ସୂଚନା ଦେଇଥାଏ । ମଣ୍ଡେଇ ପର୍ବର ଅର୍ଥ ହେଲା ମଣ୍ଡି ବା ମଡାଇ ଯାହା ବଜାର ଶବ୍ଦରେ ବ୍ୟବହୃତ ହୁଏ । ସେହି ପରବ ଅବିଭକ୍ତ କୋରାପୁଟ ଜିଲ୍ଲାର ଉତ୍ତର-ପଶ୍ଚିମରେ ଇନ୍ଦ୍ରାବତୀ ନଦୀ ଉପତ୍ୟକାଠାରୁ ଆରମ୍ଭ କରି ଛତିଶଗଡ଼ ଦନ୍ତେୱାଡ଼ା କୋଣ୍ଡାଗାଁ, ଧନରା ପର୍ଯ୍ୟନ୍ତ ବିଶାଳ ଭୂଖଣ୍ଡରେ ପାଳିତ ହୁଏ । ଗ୍ରାମବାସୀଙ୍କ ପୂଜା ଆରାଧନା ସହିତ ଫସଲ ଆମଦାନୀର ଆନନ୍ଦ ଉଲ୍ଲାସରେ ନିଜକୁ ହଜାଇ ଦେଇଥାନ୍ତି, ଆଦିବାସୀ ଯୁବକ, ଯୁବତୀ, ବୃଦ୍ଧ, ବୃଦ୍ଧା ସମସ୍ତେ । ମଣ୍ଡେଇ ପର୍ବ କେଉଁ ସ୍ଥାନରେ ହେବ ସେ କଥା ଗ୍ରାମର ମୁଖିଆ, ଦିସାରୀ ଓ ପୂଜାରୀ ସ୍ଥିର କରିଥାନ୍ତି । ମାସ, ପକ୍ଷ, ଦିନ ସ୍ଥିର କରାଯିବା ପରେ ହାଟଗୁଡ଼ିକରେ ଘୋଷଣା କରାଯାଏ । ମୁଖ୍ୟ ଗ୍ରାମ ବା ମୁଠାଗୁଡ଼ିକର ପୂଜାରୀ ଅନ୍ୟ ଗ୍ରାମଗୁଡିକର ପୂଜାରୀମାନଙ୍କୁ ନୂଆ ବାଉଁଶ ଟୋକେଇରେ ଫୁଲ ଓ ଅକ୍ଷତ, ଚଲାଣ ହାତରେ ପଠାଇ ନିମନ୍ତ୍ରଣ କରିଥାନ୍ତି । ସେସବୁକୁ ଅନ୍ୟ ଗ୍ରାମର  ପୂଜାରୀମାନେ ଗ୍ରହଣ କରି ମଣ୍ଡେଇକୁ ଆସିବା ପାଇଁ ସ୍ୱୀକୃତି ପ୍ରଦାନ କରିଥାନ୍ତି । ପୂଜାରୀ ଭୀମା, ଭୀମାଣୀଙ୍କ ଦାରୁମୂର୍ତ୍ତି ଗଠନ କରି ସେଥିରେ ରଙ୍ଗ ଦେଇଥାଏ, ଯେଉଁ ସ୍ଥାନରେ ଗ୍ରାମର ଲାଠି, କୁର୍ଚ୍ଚି, ବିମାନକୁ ଧୂପ ଦୀପ, ପୂଜାର୍ଚ୍ଚନା କରି ରଖାଯାଏ, ତାହାକୁ ମଣ୍ଡେଇ ପରବର ଗାଦିମା ଗୁଡି କୁହାଯାଏ । ନିରାମୟ ଜୀବନଯାପନ ଏବଂ ଭଲ ବର୍ଷା ହେବା ପାଇଁ  ଦେବତାଙ୍କୁ ପୂଜା କରାଯାଏ । ପୂଜାରୀ ସମସ୍ତ ଦେବଦେବୀଙ୍କୁ ହଳଦୀ ପାଣିରେ ଗାଧୋଇ ଦେଇ ସିନ୍ଦୂର ବୋଳି ଦେଇଥାନ୍ତି । ଦେବଦେବୀଙ୍କୁ କଦଳୀ, ନଡିଆ, ଛେଳି, କୁକୁଡା, ବଳି ଦେଇ ସନ୍ତୁଷ୍ଟ କରାଯାଏ । ଆଖପାଖ ଗାଁରୁ ଗାଦିମାଗୁଡିକୁ, କୁରୁଚି, ଖଟୁଲିକୁ ଚାରି ଜଣ ଲୋକ କାନ୍ଧରେ ଧରି ଦେବତାଙ୍କୁ ବୋହି ଆଣିଥାନ୍ତି । ଦେବତାମାନେ ସୁନା, ରୂପା, ପିତଳରେ ତିଆରି ହୋଇଥାନ୍ତି । ସେଥିରେ ମୟୂର ପକ୍ଷୀ ଖୋସା ଯାଇଥାଏ । ବିମାନଗୁଡିକରେ ଦେବତାମାନେ ବସି ଶୋଭାଯାତ୍ରାରେ ମଣ୍ଡେଇ ପଡିଆକୁ ଆସିଥାନ୍ତି । ଘଣ୍ଟ, କାହାଳୀ, ମୃଦଙ୍ଗ ଶବ୍ଦରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଉଠେ । ଦେବତାମାନଙ୍କୁ ଧାଡି କରି ରଖି ପୂଜା ପାଠ କରାଯାଏ । ଆଦିବାସୀ ବାଜା ଶିଙ୍ଘବାଇଦ,

ଢ଼ୋଲ, ମହୁରୀ, ଟାମକ, ବାଜା ଧୁମ୍‌ସ, ବଡ଼ ନାଗରା ବାଦ୍ୟରେ ନିଜକୁ ହଜାଇ ଦେଇଥାନ୍ତି । ପୂଜା ମଣ୍ଡପ ନିକଟରେ ଦୋକାନ, ବଜାର ହୋଇଥାଏ ଏବଂ ବିଭିନ୍ନ ପ୍ରକାର ଖେଳନା ବିକ୍ରି କରାଯାଏ ।

ଆଦିବାସୀମାନେ ବିଶ୍ୱାସ କରିଥାନ୍ତି ଯେ ମଣିଷମାନେ ଯେପରି ନିଜ ବନ୍ଧୁବାନ୍ଧବ ଘରକୁ ଯାଇ ପରସ୍ପରଙ୍କ ଦୁଃଖ ସୁଖ ବୁଝିଥାନ୍ତି ସେହିପରି ମଣ୍ଡେଇ ପରବରେ ବିଭିନ୍ନ ଗ୍ରାମର ଦେବୀଦେବତାମାନେ ଏକତ୍ର ସେମାନଙ୍କର ସୁଖଦୁଃଖ, ସୁବିଧା ଅସୁବିଧା ବୁଝିଥାନ୍ତି । ଶିରା, ଦିସାରୀ, ପୂଜାରୀ ସେହି ଅବସରରେ ବିଭିନ୍ନ ପଦ୍ଧତି ମାଧ୍ୟମରେ ଏବଂ ଧୂପ, ଦୀପ, ଝୁଣା, ପୂଜାର୍ଚ୍ଚନା ଫୁଲ, ଫଳ, ଅକ୍ଷତ, ବଳି ମାଧ୍ୟମରେ ଦେବଦେବୀଙ୍କୁ ସନ୍ତୋଷ କରିଥାନ୍ତି । ଦେବତାମାନେ ଦୁଇ ଦିନ ଗାଦିମାଗୁଡ଼ିରେ ରହି ନିଜ ଗ୍ରାମର ଆସ୍ଥାନକୁ ଫେରିଥାନ୍ତି । ଆଦିବାସୀ ଯୁବତୀ ସେହି ପରବରେ ନିଜର ଭାବି ପୁରୁଷ ବାଛିବାରେ ସକ୍ଷମ ହୋଇଥାଏ । ଏଥିପାଇଁ ତା'ର ସାମାଜିକ ସ୍ୱୀକୃତି ଥାଏ । ମଣ୍ଡେଇ ପର୍ବ ମାଧ୍ୟମରେ ଆଦିବାସୀମାନେ ନିଜ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ପ୍ରତିଫଳନ କରିଥାନ୍ତି । ସେହି ପରବ ମାଧ୍ୟମରେ ଛତିଶଗଡ ପ୍ରଦେଶର ବସ୍ତର ଜିଲ୍ଲାର ସଂସ୍କୃତି ଓ ପରମ୍ପରା ସହିତ ନବରଙ୍ଗପୁର ଜିଲ୍ଲାର ସଂସ୍କୃତି ଓ ପରମ୍ପରାର ସାମଞ୍ଜସ୍ୟ ରହିଥିବା ପ୍ରତିଫଳିତ ହୋଇଥାଏ । ଜାତି, ଧର୍ମ, ବର୍ଣ୍ଣ, ଭାଷାର ବିଭିନ୍ନତା ସତ୍ତ୍ୱେ, ଏକତା ଭ୍ରାତୃଭାବ,ସଂହତି ରକ୍ଷା, ଏହି ପର୍ବର ମୂଳ ଉଦ୍ଦେଶ୍ୟ । ବିରାଟ ଗିରିଶୃଙ୍ଗ ଘେରା, ପ୍ରକୃତିର ରାଣୀ ନବରଙ୍ଗପୁର ଜିଲ୍ଲା ମଣ୍ଡେଇ ପରବ ସମୟରେ ଧୁଡକା, ଡୁଙ୍ଗ ଡୁଙ୍ଗା, ମାଡ଼ାଇ, ମିଞ୍ଜୁଣୀ, ସାଇଲୋଡି ଗଣ୍ଡନୃତ୍ୟ, ପେଟାହାଣ୍ଡି, ରେଡ଼ି ପରବ ନୃତ୍ୟ, ଦଣ୍ଡାରୀ, ଢେମ୍‌ସା ରିଞ୍ଜୋଡି ଆଦି ନୃତ୍ୟରେ ପ୍ରକମ୍ପିତ ହୁଏ ।

ଆଦିବାସୀମାନଙ୍କ ସଂସ୍କୃତିର ବାହକ ମଣ୍ଡେଇ ପରବରେ ଧାନ କ୍ଷେତରେ ଜହଡ଼ି ଭାଙ୍ଗେ ନୂଆଧାନ, ନୂଆ ମାଣ୍ଡିଆ, ନୂଆ ଆଖୁ, ନୂଆ ବୋଇତାଲୁ ଶାଗରେ ଆଦିବାସୀମାନେ ନିଜକୁ ସଂପୂର୍ଣ୍ଣ ରୂପେ ହଜାଇ ଦେଇଥାନ୍ତି ନୃତ୍ୟର ତାଳେ ତାଳେ । ନବରଙ୍ଗପୁର ଜିଲ୍ଲା ଲାଖ ପାଇଁ, ଚନ୍ଦାହାଣ୍ଡି କାଠକାମ ପାଇଁ, ରାଇଘର ଆଦିବାସୀ ଅଳଙ୍କାର, କୋଷାଗୁମୁଡା ଶଗଡ ଲୁହାକାମ ପାଇଁ ବିଖ୍ୟାତ । କିନ୍ତୁ ଆଜି ସମ୍ବଳ ଅଭାବରେ ସେ ସବୁ ଲୁପ୍ତ ପ୍ରାୟ । ମଣ୍ଡେଇ ପରବରେ ଅଭିମୁଖ୍ୟ ହେଲା ଧର୍ମୀୟ ବିଶ୍ୱାସର ଦୃଢ଼ୀକରଣ, ଆଦିବାସୀ ପରମ୍ପରାର ପଦ୍ଧତି ଏବଂ ସାମାଜିକ ମିଳନର ପରବ ମାଧ୍ୟମରେ ଅବଗତ କରାଇବା ଏବଂ ଶାନ୍ତି, ମୈତ୍ରୀ ଓ ମଧୁର ଆନନ୍ଦ ପ୍ରତିଷ୍ଠା କରି ସୌହାର୍ଦ୍ଦ୍ୟ ବାତାବରଣ

ସୃଷ୍ଟି କରିବା । ଆଧୁନିକତାର ଅନୁପ୍ରବେଶ ସତ୍ୱେ ଢେମ୍‌ସା, ସାଇଲୋଡି ନାଚ ଆଜି ବି ଆଦିବାସୀମାନଙ୍କ ଜୀବନ ସହିତ ଅଙ୍ଗାଙ୍ଗୀଭାବେ ଜଡିତ । ଫିକା ପଡିନି ଏଥିପ୍ରତି ଥିବା ଆବେଗ ଅନୁରାଗ । ମଣ୍ଡେଇ ବଜାରକୁ ଦେଖିଲେ ମନେହୁଏ ଯେ ଏଥିରେ ଗାଈଗୋରୁ, କୃଷି ସାମଗ୍ରୀ କ୍ରୟ ବିକ୍ରୟ ମାଧମରେ କଳ୍ପନା, ଭାବନା, ଚିତ୍ରାତ୍ମକ ଏବଂ କଳାତ୍ମକ ଭାବେ ଅଙ୍କିତ ହୋଇଥାଏ । ସେହି ବଜାରରେ ଲୋକଙ୍କର ଭିବଷ୍ୟତ ପ୍ରତି ଉନ୍ମୁଖତା, ପ୍ରବଣତା ସହିତ ଅତୀତର ଲୁପ୍ତ ପ୍ରଥା ଦେଖିବାକୁ ମିଳେ - ତାହା ସାମାଜିକ, ଧାର୍ମିକ, ସାଂସ୍କୃତିକ ଅର୍ଥନୈତିକ ମେଳଣ ଭାବରେ ଅନୁଷ୍ଠିତ ହୋଇଥାଏ । କଷାଗୁମ୍ପୁଡା, ଡାବୁଗାଁ, ଥୋଡ୍ରା, ଦେଓରଣ୍ଡି, ରାଇଘରରେ ପ୍ରତି ମାଘ-ଫାଲଗୁନ ମାସରେ ମଣ୍ଡେଇ ପର୍ବ ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଥାଏ । ସେହି ପର୍ବ ବସ୍ତର ଜିଲ୍ଲାର ଆଦିବାସୀମାନଙ୍କର ମଧ୍ୟ ବଡପର୍ବ । ସେଠାରେ ଦନ୍ତେୱାଡା, ନାରାୟଣପୁର, କୋଣ୍ଡାଗାଁରେ ମଣ୍ଡେଇ ପରବ ପାଳନ କରାଯାଏ । ସେହି ପର୍ବ ଆଦିବାସୀ ଗୋଷ୍ଠୀର ଐତିହ୍ୟ, ପରମ୍ପରା ଓ ଜୀବନ ଦର୍ଶନ ସହିତ ଜଡିତ । ମଣ୍ଡେଇ ପର୍ବକୁ ଅନେକ ମେଳଣ ଯାତ୍ରା ବା ଦୋଳଯାତ୍ରା ସହିତ ମଧ୍ୟ ତୁଳନା କରିଥାନ୍ତି ।

***



# କୋରାପୁଟର ଡାଗ୍‌ଡ଼ା ପରବ

କୋରାପୁଟ, ଯେଉଁ ମାଟିର ପାଣିପବନ ଓ ହରିତ୍ ରଂଗର ବନାନୀ ମଧ୍ୟରେ ପାଦଥାପୁ ଥାପୁ ଆଦିବାସୀ ଶିଶୁଟି ଭଲ ପାଇଥାଏ ଜଙ୍ଗଲ, ପ୍ରକୃତି ଧରିତ୍ରୀ ମାଆକୁ। ପାରମ୍ପରିକ ନାଚ, ଗୀତ, ସଙ୍ଗୀତ ବାଦ୍ୟର ତାଳେ ତାଳେ ମତୁଆଲ ହୋଇ ଜୀବନକୁ ଉପଭୋଗ କରିଥାନ୍ତି। ସେହି ଅଞ୍ଚଳରେ ଡାଗ୍‌ଡ଼ା ପରବ ଆଦିବାସୀମାନଙ୍କ ଅନ୍ୟତମ ପର୍ବ। ଏହି ପୂଜାର ମୁଖ୍ୟ ଦେବତା ହେଉଛନ୍ତି 'ଟୋକୀ ଦେବତା'। ଦଶହରା ସମୟରେ ଏହି ପର୍ବପାଳନ କରାଯାଇଥାଏ। ଅର୍ଥାଭାବ ଯୋଗୁଁ ଏହି ପର୍ବ ପାଞ୍ଚ ବର୍ଷରେ ଥରେ ପାଳନ କରାଯାଇଛି। ଦୁଇଟି ଗାଁର ସନ୍ଧିସ୍ଥଳରେ ଥିବା ରାସ୍ତାର ଏକ ପାର୍ଶ୍ୱରେ ଡାଗ୍‌ଡ଼ା ପୂଜା ପାଇଁ କୁଡିଆ ତିଆରି କରାଯାଇଥାଏ। ନାରାୟଣପାଟଣା ଗାଁର କାମ୍ଧିପଦା ଏବଂ ବନ୍ଧୁଗାଁର ମାଥୁର ଗ୍ରାମରେ ପ୍ରଥମେ ଏହି ପୂଜାରେ ଆରମ୍ଭ କରାଯାଇଥିଲା। ପୂର୍ବକାଳରେ ଏହି ପୂଜା ନରବଳି ଦିଆଯାଉଥିଲା। କାଳକ୍ରମେ ତାହାକୁ ବନ୍ଦ କରି ଦିଆଗଲା। ତା' ବଦଳରେ ପୋଢ଼ ଓ ଗାଈ ବଳି ଦିଆଗଲା। ସୁସ୍ଥ ଜୀବନଯାପନ ସହିତ ବଣ, ଜଙ୍ଗଲରେ ବାଘ, ସାପଠାରୁ ରକ୍ଷା ପାଇଁ ଏହି ପର୍ବପାଳନ କରାଯାଏ। ଏହି ପର୍ବ ଆରମ୍ଭ ହେବା ପୂର୍ବରୁ ଦିଶାରୀ ଯୋଗ ନିର୍ଦ୍ଧାରଣ କରେ। ଗାଁର ମୁଖିଆ, ଜାନୀ, ବେଜୁଣୀ ଗ୍ରମାବାସୀଙ୍କ ସାହାଯ୍ୟ ନେଇ ପୂଜାର ଆୟୋଜନ କରିଥାନ୍ତି। ଏହି ପୂଜାର ପୂଜକ ହେଉଛନ୍ତି ଜଣେ ନାରୀ - ଗୁରୁମାଈ ବା ବେଜୁଣୀ। ଯୋଗ, ବାର ଠିକ୍ ହେବା ପରେ ପ୍ରଥମ ଦିନ ବେଜୁଣୀ ଗାଁର ବେରନ୍ ମେଣ୍ଢା ପାଖରେ ଠାକୁରାଣୀ(ଟୋକୀ ଦେବତା)ଙ୍କୁ ଅଣ୍ଡା ରଖି ସେଥିରେ ଫୁଲ, ଧୂପଦୀପ ଦେଇ ପୂଜା କରେ ଏବଂ ବେଜୁଣୀ କାହାଘରେ ଖାଏ ନାହିଁ, ମଦ ପିଏ ନାହିଁ, ଅନ୍ୟ ନାରୀମାନେ ବେଜୁଣୀ ସହିତ ମିଶି ତାଙ୍କୁ ସାହାଯ୍ୟ କରିଥାନ୍ତି। ନାରୀମାନେ ଢ଼ାମ୍ପ, ଝୁମୁକା ବାଇଦର ତାଳେ ତାଳେ ତେମସା ନାଚ ନାଚୁଥାନ୍ତି ଏବଂ ଗାଁରୁ ଗାଁକୁ ବୁଲି ନୂଆ କୁଲାରେ ଚାଉଳ, ନଡିଆ ସଂଗ୍ରହ କରିଥାନ୍ତି। ଧୂପ, ଦୀପ, ଝୁଣାରେ ଗାଁ ସାରା ପୂରି ଉଠୁଥାଏ। ଦୁଇଟି ପୋଢ଼ ବା ଗାଈ ଆଣି ବଳି ଦେବା ପାଇଁ ରଖା ଯାଇଥାଏ। ଗୋଟିଏ ପ୍ରଥମଦିନ ଗ୍ରାମ ଦେବତାଙ୍କ ପାଖରେ ବଳି ପକାଯାଏ ଏବଂ ଅନ୍ୟ ପୋଢ଼ ବା ଗାଈକୁ ଶେଷ ଦିନ ଡାଗ୍‌ଡ଼ା କୁଡିଆ ପାଖରେ ବଳି ଦିଆଯାଇଥାଏ। ଏଥିସହ କୁକୁଡା, ଘଉଳ, ନୂଆହାଣ୍ଡି, ମାଟିଦୀପ, ସରା, ଶିମୁଳୀ ଗଛ କାଠରେ ନିର୍ମିତ ଖଣ୍ଡା, ଟାଙ୍ଗିଆ, ଛତା, ନୂଆ ଲୁଗା, ମୁରୁଜ ସିନ୍ଦୂର ହଳଦୀ ପାଣି ସବୁ ଯୋଗାଡ଼ କରି

ରଖାଯାଇଥାଏ । ପୂର୍ବ କାଳରେ ମଣିଷ ବଳି ଦିଆଯାଉଥିଲା । ଦୂର ଗାଁରୁ ଜଣେ ବ୍ୟକ୍ତିକୁ ଅଣା ଯାଉଥିଲା, ତା'ର ସମସ୍ତ ଇଚ୍ଛା ପୂରଣ କରାଯାଉଥିଲା । ବଳି ସମୟରେ ବେଜୁଣୀ ମନ୍ତ୍ର ପଢ଼ି ଚାଲିଥାଏ ଏବଂ ଗାଁର ପ୍ରତିଟି ବ୍ୟକ୍ତି ସେହି ବଳି ପଡ଼ିଥିବା ବ୍ୟକ୍ତିର ସମସ୍ତ ଶରୀରକୁ ଆଘାତ କରୁଥାନ୍ତି । ସେହି ବ୍ୟକ୍ତିର କଳିଜାକୁ ଧାନ କିମ୍ୱା ମାଣ୍ଡିଆ ଜମିରେ ପୋତି ଦେଉଥିଲେ । କିନ୍ତୁ କାଳକ୍ରମେ ମଣିଷ ବଳିପ୍ରଥା ବନ୍ଦ କରି ମଇଁଷି ବା ଗାଈ ଗାଧେଇବା ପରେ ସିନ୍ଦୂର, ଚାଉଳ ତା'ର ମୁଣ୍ଡରେ ବୋଳି ବଳି ଦିଆଯାଏ । ଲୋକଙ୍କ ବିଶ୍ୱାସ ଡାଗଡ଼ା ପରବରେ ଯେଉଁ ମଇଁଷି ବା ଗାଈ ବଳି ଦିଆଯାଏ ସେ ଦେବତା ପାଲଟି ଯାଏ ଏବଂ ସେ ସବୁବେଳେ ଗାଁ ଗାଁ ଟୋକୀ ଦେବତା ପାଲଟି, ମାଗି ଖାଉଥାଏ । ଏହାକୁ 'ମାଗଣା ପୂଜା' କୁହାଯାଏ । ଡାଗଡ଼ା ପରବର ଶେଷ ଦିନକୁ ବଉଳେଇବା ପରବ କୁହାଯାଏ । ବେଜୁଣୀ ସକାଳେ ମନ୍ତ୍ର ପଢ଼ି ଗାଁ ବୁଲିବାକୁ ବାହାରିଥାଏ । ପ୍ରତ୍ୟେକ ଘର ସାମ୍ନାରେ କୁକୁଡ଼ା ଅଣ୍ଡା, କୁକୁଡ଼ା, ଗୋଟିଏ ନଡିଆ, ପାଏ ଚାଉଳ ରଖା ଯାଇଥାଏ । ଘର ସାମ୍ନାରେ ପହଞ୍ଚିବା ପରେ ଘରର ମୁଖିଆ ଚାଉଳ ଓ ହଳଦୀ ପାଣିରେ ବେଜୁଣୀର ଗୋଡକୁ ଧୋଇଥାନ୍ତି । ବେଜୁଣୀ ସାଥିରେ ବାଉଁଶରେ ବନ୍ଧା ଯାଇଥିବା ପତାକାକୁ ଧରି ଦୁଇଜଣ ବେଜୁଣୀ (ପୁରୁଷ) ଧରି ଚାଲିଥାନ୍ତି । ସେମାନଙ୍କ ପାଦକୁ ମଧ୍ୟ ଘରର ମୁଖିଆ ହଳଦୀ ପାଣିରେ ଧୋଇଥାନ୍ତି । ଦୁଇଜଣ ଜାନୀ ମଧ୍ୟ ସେମାନଙ୍କ ସାଙ୍ଗରେ ଯାଇଥାନ୍ତି । ଯାହା ହଳଦୀ ପାଣିକୁ ମଥାରେ ବଳିଥାଏ ତାକୁ ଜାନୀ ମଥାରେ ହଳଦୀ ଓ ହଳଦିଆ ଅରୁଆ ଚାଉଳର ଟୋପା ଲଗାଇଥାନ୍ତି । ବେଜୁଣୀ ନଡ଼ିଆ, ଚାଉଳ, ଟଙ୍କା ଗାଁରୁ ସଂଗ୍ରହ କଲା ପରେ ଗାଧେଇବାକୁ ଯାଏ । ପରେ ନୂଆ ବସ୍ତ୍ର ପରିଧାନ କରି ଗାଧୋଇ ସାରିବା ପରେ ବେରନ୍ ମେଣ୍ଡା ନିକଟକୁ ଯାଏ ବେଜୁଣୀ । ତା'ପରେ ଧରମୁ ଦେବତା ଧରତନୀ ମାଁକୁ ପ୍ରଣାମ କରି ମନ୍ତ୍ର ଉଚ୍ଚାରଣ କରେ । ବେରନ୍ ମେଣ୍ଡା ପାଖରୁ ବେଜୁଣୀ ହାଁ ହାଁ ହୁଁ ହୁଁ ଶବ୍ଦ କରି ଡାଗଡ଼ା ଗୁଡିଆ ଆଡକୁ ଧାଇଁ ଯାଏ । ସେ ସମୟରେ ପୂଜା ପାଇଁ ଅଣାଯାଇଥିବା, ଗାଈ କିମ୍ୱା ପୋଢ଼କୁ ଗୋଟିଏ କୁଲାରେ ଚାଉଳ, ଗୁଡ, ଚୂଡା ଖାଇବାକୁ ଦିଆଯାଏ । ପୁରୁଷ ବେଜୁ ଗୋଟିଏ ମାଟି ହାଣ୍ଡିରେ ଖଇ-ଲିଆ ରଖି, ମୁଣ୍ଡରେ ମୁଣ୍ଡାଇବାକୁ ସଫା ନୂଆ ଲୁଗା ପିନ୍ଧିଥିବା ଲୋକକୁ ଦେଇଥାଏ । ଅନ୍ୟମାନେ ବାଉଁଶ ଟୋକେଇରେ ପୂଜା ସାମଗ୍ରୀ ଶିମୁଳି ଗଛର ଅସ୍ତ୍ର ନିର୍ମିତ ହେବା ପରେ ପଡିଥିବା ସମସ୍ତ ଛାଲିକୁ ଗୋଟିଏ ବାଉଁଶ ଟୋକେଇ(ରଗ୍‌ଡାଲି)ରେ ରଖି ଡାଗଡ଼ା କୁଡିଆ ପାଖକୁ ନେଇଥାନ୍ତି । ଗୋଟିଏ ବଡ ଟୋକେଇ(କ୍ଲୁମ୍)ରେ ସମସ୍ତ ଘରୁ ଆଣିଥିବା ଚାରୁ ଭାତକୁ ମଧ୍ୟ ଡାଗଡ଼ା କୁଡିଆ

ନିକଟକୁ ନେଇଥାନ୍ତି । ସେଠାରେ ଦୁଇଟି ଛାମୁଣ୍ଡିଆ ହୋଇଥାଏ । ନିମ୍ବଗଛର ଡ଼ାଳରେ ବଡ଼ ଛାମୁଡିଆ ହୋଇଥାଏ ଓ ବେଲ ଗଛର ଡାଳରେ ସାନ ଚାମୁଣ୍ଡିଆ ହୋଇଥାଏ । ବେଜୁଣୀ ତଳେ ପୂଜାର ସାମଗ୍ରୀ ରଖିଥାଏ । ଚାଉଳ ଭାତ ମଧ୍ୟ ରଖେ । ଛାମୁଣ୍ଡିଆର ପୂର୍ବ ପଟେ ଥିବା ଖୁଣ୍ଟରେ ଶିମୁଳି କାଠ ନିର୍ମିତ ସମସ୍ତ ଅସ୍ତ୍ରଶସ୍ତ୍ର ବାନ୍ଧି ରଖେ । ତା'ପରେ ମନ୍ତ୍ର ପଢ଼ି କୁକୁଡାକୁ କାଟି ତା'ର ରକ୍ତ ଟୋକୀ ଦେବତାକୁ ଅର୍ପଣ କରିଥାଏ । ଏହାପରେ ଅନ୍ୟ ଗୋଟିଏ କଳା କୁକୁଡାକୁ ଚାଉଳ ଖୁଆଇ ଜଙ୍ଗଲକୁ ଛାଡ଼ି ଦେଇଥାଏ । ସମସ୍ତେ ଗାଁର ଲୋକମାନେ ଭାବନ୍ତି ସେହି ବର୍ଷ କାହାକୁ ଦୁଃଖ, ରୋଗ, ଶୋକ ହେବନି ସେହି କଳା କୁକୁଡା ଗାଁର ସମସ୍ତ ଦୁଃଖକୁ ସାଥିରେ ଧରି ଜଙ୍ଗଲକୁ ଚାଲି ଯାଇଛି । ସେଥିରେ ଗାଁ ଲୋକ ଖୁସି ହୋଇ ନାଚିଥାନ୍ତି । ବେଜୁଣୀ ଗାଇକୁ କିମ୍ବା ପୋଢ଼କୁ ମୁଣ୍ଡରେ ଚାଉଳ, ହଳଦୀ, ସିନ୍ଦୂର ବୋଳି ପ୍ରଥମେ ଦେହରେ କାଠ ଅସ୍ତ୍ର ସାହାଯ୍ୟରେ ଆଘାତ କରିଥାଏ । ଗାଈର ଚାରିପଟେ ବୁଲି ବେଜୁଣୀ ଆଘାତ କଲାପରେ ସେହି ଗାଈ କିମ୍ବା ପୋଢ଼କୁ ଗାଁ ଲୋକେ ବଳି ଦେଇଥାନ୍ତି । ସେହି ପୋଢ଼ କିମ୍ବା ଗାଈର କଳିଜାକୁ ଗାଁମୁଣ୍ଡରେ ଥିବା ଧାନ ଗଛ କିମ୍ବା ମାଣ୍ଡିଆ ଗଛ ଥିବା କ୍ଷେତରେ ପୋତି ଦିଆଯାଇଥାଏ । ଏହିସବୁ କାର୍ଯ୍ୟ ଜାନୀ କରିଥାଏ । ନାରୀମାନେ ଏକତ୍ର ହୋଇ ଢ଼େମସା ନାଚ ନାଚିଥାନ୍ତି । ଲୋକଙ୍କ ବିଶ୍ୱାସ ଟୋକୀ ଦେବତା ସନ୍ତୋଷ ହେଲେ ସେହି ବର୍ଷ ଭଲ ଫସଲ ହେବ । ଏହିପରି ଭାବରେ ଡାଗଡ଼ା ପରବ ଶେଷ ହୋଇଥାଏ । ଆଜିର ମଣିଷ ଧୀରେ ଧୀରେ ପାରିବାରିକ ସଂପର୍କରୁ ଦୂରେଇ ଯାଉଛି । ଏକାକୀ ପରିବାର ଗଠନ କରିବାକୁ ସେ ଭଲ ପାଉଛି । ଆଦିବାସୀମାନଙ୍କଠାରୁ ଆଜିର ମଣିଷ ଅନେକ କିଛି ଶିଖିବାର ଅଛି । ଏମାନଙ୍କ ସମାଜ ଓ ସଂସ୍କୃତି ହେଉଛି ସଂଘବଦ୍ଧ ଜୀବନ । ଆଦିବାସୀ ହେଉଛି ଅମୃତର ସନ୍ତାନ । ସେ କହେ ମାଟି ଦେବତା ମୋର ମାଆ ଓ ମୁଁ ତା'ର ସନ୍ତାନ ।

***



# ଜୟପୁରରେ ଦଶହରା

ଶରତର ମନୋରମ ଶୀତସିକ୍ତ ରଜନୀ, ଶାରଦୀୟ ଜହ୍ନର ନୈସର୍ଗିକ ଶୋଭା ବିଲମ୍ବିତ ରାତ୍ରିର ପ୍ରହରରେ ଯେତେବେଳେ ଆକାଶ ଛାତିରୁ ଆଶ୍ୱିନର ଟୋପା ଟୋପା କାକର ବିନ୍ଦୁ ଜୟପୁର ରାଜରାସ୍ତାରେ ଖସିପଡେ, ଶଙ୍ଖ-ଘଣ୍ଟ ଧ୍ୱନି ସହିତ ମାତୃ ବନ୍ଦନାରେ ଜୟପୁର ସହରର ଗଗନ ପବନ ମୁଖରିତ ହୋଇଉଠେ । 'ଯା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା' ସ୍ତବ ପଠନର ଧ୍ୱନି ବହୁ ପ୍ରତୀକ୍ଷିତର ଦୁର୍ଗା ପୂଜାର ଶୁଭାମନର ବାର୍ତ୍ତା ଜୟପୁରର ପ୍ରତି ସାହି ଗଳିକନ୍ଦିରେ ପ୍ରଚାର କରେ । କୋରାପୁଟ ଜିଲ୍ଲାର ପ୍ରାଣ କେନ୍ଦ୍ର ଜୟପୁର ସହରର ସଂସ୍କୃତି, ପରମ୍ପରା ଓ ସାମାଜିକ ଜୀବନ-ଚର୍ଯ୍ୟା ଅନ୍ୟମାନଙ୍କୁ ପ୍ରେରଣା ଓ ଦିଗ୍‌ଦର୍ଶନ ଦେଇ ଆସିଛି । ଇଂରେଜ ଶାସକଙ୍କ ଦ୍ୱାରା ଜୟପୁର ଦଶହରାକୁ ଦକ୍ଷିଣ ଭାରତର ସର୍ବଶ୍ରେଷ୍ଠ ଉତ୍ସବ ଭାବେ ଗ୍ରହଣ କରାଯାଉଥିଲା । ଇତିହାସ ପୃଷ୍ଠା ଉନ୍ମୋଚନ କଲେ ଜଣାଯାଏ, କାଞ୍ଚି ବିଜୟର ପ୍ରତ୍ୟାବର୍ତ୍ତନ ସମୟରେ ନନ୍ଦପୁର ମହାରାଜା ବିଜୟ ଚନ୍ଦ୍ରାକ୍ଷ ବିଜୟର ପ୍ରତୀକ ସ୍ୱରୂପ ଅଷ୍ଟଧାତୁର ପ୍ରତିମା କନକ ଦୁର୍ଗାଙ୍କୁ ପାଇଥିଲେ । ଏହି ଦେବୀଙ୍କୁ ରାଜ ପ୍ରାସାଦରେ ପ୍ରତିଷ୍ଠିତ କରି ସେ ଦୁର୍ଗାପୂଜା ଆରମ୍ଭ କରିଥିଲେ ।

ଜୟପୁର ଦଶହରା ପର୍ବର ଦେବୀ ମନ୍ଦିର ଆକର୍ଷଣ ବିନ୍ଦୁ ଥିଲେ ସେ ଗୁଡିକ ହେଲା ପୁରୁଣାଗଡର କାଳିକା ଦେବୀଙ୍କ ମନ୍ଦିର, ନାରାୟଣ ମନ୍ଦିର ସାହିର ଭଗବତୀ ମନ୍ଦିର ଏବଂ ରାଜପ୍ରସାଦ ପରିସରରେ ଥିବା କନକ ଦୁର୍ଗା ମନ୍ଦିର, ସେଠାରେ ପ୍ରାଚୀନ ପରମ୍ପରା ଓ ବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଥିଲା, ଶୁକ୍ଳ ପ୍ରତିପଦା ଦିନ ହିଁ ରାଜପ୍ରାସାଦ ସମ୍ମୁଖରେ ଏକ ପତକା ପୋତି ନବରାତ୍ରୀ ଉତ୍ସବର ଶୁଭାରମ୍ଭ ହେଉଥିଲା । ଏହି ପତକା ସ୍ତମ୍ଭରେ ଦେବୀ କନକ ପତାକା ଉଡାଇ ଦିଆଯାଉଥିଲା ଏବଂ ଧଳାରଙ୍ଗର ପତାକା ମଧ୍ୟ ଉଡାଯାଉଥିଲା । ବସ୍ତରର ରାଜା ବଳିୟାର ସିଂହ ଦେବ ଏବଂ ତାଙ୍କ ଭାଇ ଦଳଗଞ୍ଜନ ସିଂହ ଲାଲାଙ୍କ ମଧ୍ୟରେ ମତାନ୍ତର ଘଟିଥିଲା । ଦଳଗଞ୍ଜନ ସିଂହ ଲାଲା ବିଦ୍ରୋହୀ ହୋଇ ରାଜ୍ୟରେ ପ୍ରଜାମେଳି କଲେ । ସେଠାରେ ସେ ରହିବା ନିରାପଦ ନଥିବା ଯୋଗୁଁ ତତ୍ କାଳିନ ମହାରାଜା ପ୍ରଥମ ବିକ୍ରମ ଦେବଙ୍କୁ ସାହାଯ୍ୟ ପ୍ରାର୍ଥନା କଲେ । ତାପରେ ମହାରାଜା ସୈନ୍ୟ ସହ ବସ୍ତର ଅଭିଯାନ କରିଥିଲେ । ବିଦ୍ରୋହ ଦମନ କରିବା ପରେ ବସ୍ତର ରାଜାଙ୍କୁ ସିଂହାସନରେ ବସାଇଲେ । ବସ୍ତର ରାଜା ବନ୍ଧୁପ୍ରୀତି

ସ୍ୱରୂପ ୧୭୭୭-୭୮ରେ କୋଟପାଡ ପ୍ରଗଣାକୁ ବିକ୍ରମ ଦେବଙ୍କୁ ପ୍ରଦାନକଲେ । ସେହି ସମୟରେ ବସ୍ତରର ବିରାଟ ଶୁକ୍ଳ(ଧଳା) ପତାକା ମଧ୍ୟ ଜୟପୁର ରାଜାଙ୍କୁ ପ୍ରଦାନ କରିଥିଲେ ।

ଏହି ପତାକାକୁ ଚାରିଜଣ ପ୍ରହରୀ ଦିନରାତି ଜଗିରହୁ ଥିଲେ କନକ ଦୁର୍ଗାଙ୍କ ମନ୍ଦିର ନିକଟରେ ଶୁକ୍ଳ ପ୍ରତିପଦାରେ ଏକ କୁଟୀର ନିର୍ମିତ କରାଯାଉଥିଲା । ନନ୍ଦପୁର ନିକଟରେ ଥିବା ଡାରେଙ୍ଗ ବା ଗ୍ରାମକୁ ଜଣେ ଯୋଗୀ ନଅ ଦିନ ଧରି ରାତିରାତି ଏହି କୁଟିର ଭିତରେ ଧ୍ୟାନରେ ବସୁଥିଲେ । ସେହି ଦିନ ଠାରୁ ଦେବୀ କନକ ଦୁର୍ଗା ପ୍ରତିମା ରୌପ୍ୟ ବିମାନରେ ବସି ପ୍ରତିଦିନ ଅପରାହ୍ନରେ ମନ୍ଦିରରୁ ବାହାରି ପରିକ୍ରମା କରୁଥିଲେ । ଏହି ଶୋଭାଯାତ୍ରାରେ ଆଶ୍ୱାରୋହୀ, ପ୍ରଦାତିକ ସୈନ୍ୟ, ଛତ୍ର ଚାମରରେ ଶୋଭିତ ହୋଇ ସୁସଜ୍ଜିତ ହାତୀ ସେମାନଙ୍କ ପଛେ ପଛେ ଚାଲୁଥିଲେ । ଦଶହରା ଉତ୍ସବରେ ଗ୍ରାମର ମୂଖ୍ୟ ନାୟକମାନେ ଏକଟଙ୍କା ଭେଟି ଦେଇ ରାଜାଙ୍କୁ ସାକ୍ଷାତ କରୁଥିଲେ । ରାଜା ସେମାନଙ୍କୁ ସମ୍ମାନର ସ୍ୱୀକୃତି ସ୍ୱରୂପ ଖଣ୍ଡିଏ ଲେଖାଏଁ ଉତ୍ତରୀୟ ଉପହାର ଦେଉଥିଲେ, ସେମାନେ ଜୟପୁରରେ ରାଜ ଦରକାରରେ ଉପସ୍ଥିତ ରହି ମହାରାଜା, ମହାରଣୀଙ୍କୁ ଦର୍ଶନ କରୁଥିଲେ । ଦଶହରା ପର୍ବ ଷୋଡଶ ଦିବସ ବ୍ୟାପୀ ପାଳନ କରାଯାଉଥିଲା । ଚତୁର୍ଦ୍ଦଶ ଦିବସରେ 'ବଡ ଉପନ' ପାଳନ କରାଯାଉଥିଲା ଏବଂ ଷୋଡଶ ଦିବସରୁ 'ସାନ ଉପନ' ପାଳନ କରାଯାଉଥିଲା ବଡ ଉପନ ଦିନ ମହାରାଜଙ୍କ ଦରବାର ବସୁଥିଲା ଏହି ପର୍ବରେ ଶୁକ୍ଳ ଅଷ୍ଟମୀ ଦିନ ରାଜ ପ୍ରସାଦ ପରସରରେ ଥିବା ଦେବୀ କନକ ଦୁର୍ଗାଙ୍କ ମନ୍ଦିରରେ ବଳି ଦିଆ ଯାଉଥିଲା ।

ବୀର ବିକ୍ରମ ରାଜା ହେବା ପରେ ନିଜ ରାଜଧାନୀକୁ ନନ୍ଦପୁରରୁ ଜୟପୁର ରାଜ୍ୟକୁ ଉଠାଇ ଆଣିଥିଲେ । ରାଜା ବିକ୍ରମଦେବ ବର୍ମା ନରବଳି ପ୍ରଥା ଉଠାଇଦେଇ ପୋଢ଼ଅ ବଳି ଓ ଛାଗବଳି ପ୍ରଥା ପ୍ରଚଳନ କରିଥିଲେ । ଅଷ୍ଟମୀ ଦିନ କନକ ଦୁର୍ଗା ମନ୍ଦିର ବେଢ଼ା ଭିତରେ ଏବଂ କାଳିକା ମନ୍ଦିରରେ ପୋଢ଼ୁଅ(ମହିଷ) ବଳି ଦିଆଯାଉଥିଲା କିନ୍ତୁ ଭଗବତୀ ମନ୍ଦିରରେ ଛାଗବଳି ଦିଆଯାଉଥିଲା । ଡାରେଙ୍ଗନା ଗ୍ରାମର ଶିଶାମେରିଆ ପୁଷ୍ପର ମାଳ ପଶୁ ବେକରେ ଲମ୍ବାଇ ମଣିଷ ଭଳି ପଶୁକୁ କ୍ଷୌର ଓ ସ୍ନାନାଦି କରି କନକ ଦୁର୍ଗା ମନ୍ଦିରକୁ ନେଉଥିଲା । ମହାରାଜା ଓଷ୍ଟୋପକ୍ଷୀ ପର ଖଚିତ ମାଣିକ୍ୟ ଯୁକ୍ତ ମୁକୁଟ ପିନ୍ଧି ଲାଲରଙ୍ଗର ବସ୍ତ୍ର ପରିଧାନ କରି ମହାରାଣୀ ପାଟ ମହାଦେଈଙ୍କ ସାଥିରେ ମନ୍ଦିର ବେଢ଼ାରେ

ପ୍ରବେଶ କରି ଦେବୀଙ୍କ ପୂଜାର୍ଚ୍ଚନା କରୁଥିଲେ, ଆଉ ରାତିରେ ପଶୁବଳି ଦିଆଯାଉଥିଲା । ସେହି ଦିନ ରାଜା ଦରବାରରେ ସୁବର୍ଣ୍ଣପୁଟି ଦିଆଯାଇଥିବା ପାଟଳ ରଙ୍ଗର ସିଂହାସନରେ ବସି ଜନସାଧାରଣଙ୍କୁ ଦର୍ଶନ ଦେଉଥିଲେ । ସାନ ଓ ବଡ଼ ସିଂହାସନ ଦୁଇଟି ଦଶହରା ସମୟରେ ଏବଂ ରାଜକୁମାରଙ୍କ ଅଭିଷେକ ସମୟରେ ବ୍ୟବହୃତ ହେଉଥିଲା । ରାଜତନ୍ତ୍ର ଥିବା ପର୍ଯ୍ୟନ୍ତ କାଳିକା ମନ୍ଦିରରେ ମହିଷବଳି ପ୍ରଥା ଅପରିବର୍ତ୍ତିତ ଥିଲା । ଅଷ୍ଟମୀ ଦିନରେ ପରିବେଶ ଉଦ୍ୟାନକ ଏବଂ ଗମ୍ଭୀର ହେଉଥିଲା । ଦଶହରା ସମୟରେ ରାଜ୍ୟର ପ୍ରଧାନ ଆକର୍ଷଣ ଥିଲା ଘୋଡାଗାଡି, ସୂର୍ଯ୍ୟ ଘଡି ଜୟପୁର ରାଜ୍ୟର ଶୋଭାମଣ୍ଡନ କରୁଥିଲା । ତୋପ ଫୁଟିବା ସମୟରେ ବାଘ ଭଣ୍ଡାରରୁ ବାଘର ଗର୍ଜନ ଶୁଣାଯାଉଥିଲା । ସେ ସମୟରେ ଶହ ଶହ ସଂଖ୍ୟାରେ ଏକ ପ୍ରକାର ଚଟିଆ ସୂର୍ଯ୍ୟମହଲ ଓ ରାଜମହଲକୁ ଆସି ପରିବେଶକୁ ମୁଖରିତ କରୁଥିଲେ । ରାଜ କର୍ମଚାରୀମାନେ ଆଖପାଖ ଅଞ୍ଚଳରୁ ଖଜଣା ଆଦାୟ କରି ଫେରୁଥିଲେ ଏବଂ ନାକଟିଡଙ୍ଗର ପାହାଡର ପାଦ ଦେଶରେ ଥିବା ହାତୀଶାଳଠାରୁ ପାଞ୍ଜିଆ ଗୁଡା ମେଘମାଳ ତୋଟା ପର୍ଯ୍ୟନ୍ତ ଜଗନ୍ନାଥ ସାଗରର ଚାରିଆଡେ ଅସ୍ଥାୟୀ ଡେରା ପକାଉଥିଲେ । ନନ୍ଦପୁର କୁଟୁଣିମାଳ ପାହାଡରେ ଧାନଚାଷ କରାଯାଉଥିଲା । ସେଠାରେ ଦାରିଙ୍ଗୀ ଗାଁର ଶିଶାମାନେ ଧାନ ଅମଳ କରି କୁଟୁଣୀ କୁଣ୍ଡରେ କୁଟି ଚାଉଳ ମହାରାଜଙ୍କୁ ଭେଟି ଦେଉଥିଲେ ଏବଂ ରାଜ ପରିବାରର ସଦସ୍ୟ ଦଶହରା ଦିନ ନୂଆ ଖାଉଥିଲେ । ଦଶହରା ଦିନ ଜୟପୁର ରାଜ୍ୟର ଆଖପାଖ ଗାଁର ଗ୍ରାମବାସୀମାନେ ନିଜ ନିଜ ଗ୍ରାମ ଦେବଦେବୀଙ୍କ ପ୍ରତୀକ ବିଭିନ୍ନ ରଙ୍ଗବେରଙ୍ଗ ବାନାଯୁକ୍ତ ବାଉଁଶଲାଠି ଧରି ଗାଁର ମୁଖିଆ, ନାଏକ, ବାରିକ, ଶିରା, ପୂଜାରୀଙ୍କ ଗ୍ରହଣରେ ନୃତ୍ୟ, ଗୀତ, ଢ଼ୋଲ, ମହୁରୀ, ତୁରୀ ସହିତ ବିଶାଳ ଜନ ସମାଗମରେ ଆଦିବାସୀ ଅଣ ଆଦିବାସୀ ରାଜ ପ୍ରାସାଦ ସମ୍ମୁଖରେ ଏକତ୍ର ହେଉଥିଲେ । ସେଠାରେ ରାଜା ପୂଜାର୍ଚ୍ଚନା କରୁଥିଲେ । ତାପରେ ଶୋଭାଯାତ୍ରା ବାହାରୁଥିଲା । ପ୍ରଥମେ ବସ୍ତରରୁ ଆଣିଥିବା ପ୍ରକାଣ୍ଡ ଏବଂ ଶ୍ୱେତ ରଙ୍ଗର ପତାକା ଆଗରେ ଚାଲୁଥିଲା ତା ପଛରେ ତିନି ଠାକୁରାଣୀ ଦେବୀ କନକ ଦୁର୍ଗା, ଦେବୀ କାଳିକା, ଦେବୀ ଭଗବତୀଙ୍କ ବିଜେ ପ୍ରତିମା ଚାଲିଥାଏ । ତା ପଛରେ ବିରାଟ ପଟୁଆର ସହିତ ପ୍ରତି ଗ୍ରାମ ଦେବୀଙ୍କ ପ୍ରତୀକ ଲାଠି ମୁକ୍ତଖଡ୍ଗ ଧାରଣ କରିଥିବା ଶତଶତ ପଦାତିକ, ଅସ୍ତ୍ରଧାରୀ ସିବାନ୍ଦୀ, ବ୍ୟାଣ୍ଡ ପାର୍ଟି ବାଦ୍ୟକାର ଜନ ସମୁଦ୍ର ମଧ୍ୟରେ ଛତ୍ର ଆଚ୍ଛାଦିତ ଏକ ପାଲିଙ୍କିରେ ବସି ଶରୀର ରକ୍ଷୀ ମାନଙ୍କ ସହିତ ଜୟପୁରର ମହାରାଜା ତା ପଛରେ ହାତୀ ପୃଷ୍ଠରେ ହାଉଦୀ ହେମ୍ୟାରୀରେ ବସି ବିଶିଷ୍ଟ ବ୍ୟକ୍ତି ବୃନ୍ଦ । ଗଡର ଉତ୍ତର ପଟରେ ଥିବା ଦଶହରା ପଡିଆ ବା

ପଦାକୁ ଯାଉଥିଲେ, ସେଠାରେ ରାଜା ଅପରାଜିତା ପୂଜା କରୁଥିଲେ ଦେବୀଙ୍କ ଉପାସନା ପରେ ଗୋଟିଏ ଲମ୍ବା ବାଉଁଶ ପୋତା ଯାଉଥିଲା ତାହା ଉପରେ ଗୋଟିଏ ବାଇଗଣ ରଖି ତାକୁ ତୀରମାରୁଥିଲେ । ଯିଏ ଠିକ୍ ଭାବରେ ମାରୁଥିଲେ ରାଜା ତାକୁ ଉପହାର ଉପଢୌକନ ପ୍ରଦାନ କରୁଥିଲେ ।

ବହୁ ଆଡମ୍ବରସହ ପୂଜା ସଂପାଦନା କରାଯାଉଥିଲା । ବର୍ତ୍ତମାନ ମଧ୍ୟ ଜୟପୁର ସହରରେ ମାଁ ଭଗବତୀ, ମା ଦକ୍ଷିଣକାଳୀ, ମା ସନ୍ତୋଷୀ, ମାଁ ଝାଙ୍କର ଦେଈଙ୍କ ପୀଠ ସମେତ ସହରର ବିଭିନ୍ନ ସ୍ଥାପନରେ ଦୁର୍ଗାପୂଜା ବହୁ ଜାକଜମକରେ ପାଳିତ ହେଉଛି । ପୂର୍ବ ପ୍ରଚଳିତ ପ୍ରଥା ଅନୁସାରେ ବୈପାରୀଗୁଡାରୁ ବୀରଖମ୍ବ, ଉମରକୋଟରୁ ମା ପେଣ୍ଡ୍ରାଣୀ, ବରିଗୁମ୍ମାରୁ ବୁଢା ଭୈରବ ଲାଠି ସହିତ ୫୭ଟି ପୀଠରୁ ବିଭିନ୍ନ ଗ୍ରାମ ଦେବଦେବୀଙ୍କ ପ୍ରତୀକ ରଙ୍ଗୀନବାନାଯୁକ୍ତ ବାଉଁଶ ଲାଠି ହାତରେ ଧରି ମୁଖିଆ, ପୂଜକ ଜୟପୁର ସହରକୁ ଆସିଥାନ୍ତି । ରାତିରେ ସେମାନେ ଲାଠି ସହତ ବାଙ୍କ ମଠରେ ଅବସ୍ଥାନ କରିଥାନ୍ତି । ବିଜୟା ଦଶମୀ ଦିନ ସମସ୍ତ ଲାଠିକୁ ପୂଜା କରିବା ପରେ ଶୋଭାଯାତ୍ରାରେ ପୁରୁଣାଗଡସ୍ଥିତ କାଳୀ ମନ୍ଦିରକୁ ଢୋଲ, ମହୁରୀ, ତୁରୀ ବଜାଇ ନିଆଯାଇଥାଏ । ସମସ୍ତ ଲାଠିକୁ ସେଠାରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ପରେ ଛାଗବଳି ଦିଆଯାଏ । ତାପରେ ଭଗବତୀ ମନ୍ଦିରକୁ ସମସ୍ତ ଲାଠିକୁ ଅଣାଯାଇ ସେଠରେ ପୂଜାର୍ଚ୍ଚନା କରାଯାଏ । ଭଗବତୀ ମନ୍ଦିରଠାରୁ ସମସ୍ତ ଲାଠି ସହିତ ଏକ ବିରାଟ ପଟୁଆରରେ ଦଶହରା ପଡିଆରେ ସଂଗୀତ ନୃତ୍ୟର ଆସର, ଭଜନ ସନ୍ଧ୍ୟା, ଯୋଡା ଶଙ୍ଖ ନୃତ୍ୟ, ଢ଼େମସା ନାଚ, ବନାଟି ସମର ନାଚ, ଲୋକନୃତ୍ୟ ପରିବେଷଣ କରାଯାଏ । ବର୍ତ୍ତମାନ ଦଶହରା ପଡିଆକୁ ନୂତନ ନାମକରଣ କରାଯାଇଛି - ବିକ୍ରମଦେବ ଷ୍ଟାଡିୟମ । ଏହି ପଡିଆରେ ଦଶହରା ଉତ୍ସବ ପାଳନ କରାଯାଏ । ବିଭିନ୍ନ ପୀଠର ଲାଠି ବାହାକମାନଙ୍କୁ, ବିଭିନ୍ନ ସାହିର ବ୍ୟକ୍ତିବିଶେଷଙ୍କୁ ଦଶହରା ଦିନ ଶିରପା, ଉପଢୌକନ, ମାନପତ୍ର ଦେଇ ସମ୍ମାନିତ କରାଯାଏ । ଦଶହରା ପର୍ବପରେ ଲାଠି ବାହକମାନେ ନିଜ ନିଜ ଗ୍ରାମ ଦେବୀଙ୍କ ଲାଠି ଧରି ନିଜ ଅଞ୍ଚଳକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଦଶହରା ପର୍ବରେ ଲାଠିଯାତ୍ରାର ବିଶେଷତ୍ୱ ପ୍ରତିପାଦନ କରାଯାଏ । ଆଜି ମଧ୍ୟ ବୈପାରିଗୁଡା ବୀରଖମ୍ବ ଠାକୁରାଣୀ ପୀଠରୁ ପାରମ୍ପାରିକ ଫୁଲ ଚାଙ୍ଗୁଡି ଅପରାଜିତା ପୂଜା ପାଇଁ ଆସେ । ପୂର୍ବ ପ୍ରଥା ଅନୁସାରେ ପ୍ରାଚୀନ ରାଜଧାନୀ ନନ୍ଦପୁରରୁ ପ୍ରତୀକ ନୀଳ ପତାକା ସହ ବିଧି ପ୍ରକାର ନୂଆଁ ଧାନର ଚାଉଳ ଭାର ନେଇ ତିନି ଦଳରେ ବିଭକ୍ତ

ହୋଇ ପଦଯାତ୍ରାରେ ସେବାୟତମାନେ ଆସନ୍ତି । ବର୍ଣ୍ଣାଢ୍ୟ ପରିବେଶ ଭିତରେ ଦଶହରା ପର୍ବ ବହୁ ଆଡ଼ମ୍ବର ସହକାରେ ସମାପନ ହୋଇଥାଏ । ଦଶହରା ମହୋତ୍ସବ ଜୟପୁର ସହରର ଏକ ଗୌରବାବହ ପରମ୍ପରା । ଯେଉଁଠି ରହିଛି ଅତୀତର ଗୌରବ, ପରମ୍ପରାର ଐତିହ୍ୟ ଏବଂ ବର୍ତ୍ତମାନ ସ୍ୱାଭିମାନ ଓ ଭବିଷ୍ୟତର ସଂସ୍କୃତି ସୁରକ୍ଷାର ଅକ୍ଷୟ କବଚ ।







# ପରବ 'ଫୁଲଯାତରା'

ଆଦିମ ଅଧିବାସୀଙ୍କର ଆଦିଭୂମି କୋରାପୁଟ । ପୁରାଣରେ ବର୍ଣ୍ଣିତ ଅଛି ଦେବ, ଅସୁର, ନାଗ,ଯକ୍ଷ, କିନ୍ନର ଆଦିଙ୍କ ସମେତ ସୂର୍ଯ୍ୟଙ୍କ ଦେବଙ୍କ ଜନ୍ମସ୍ଥଳି ଥିଲା କୋରାପୁଟରେ । ତେଣୁ ସୂର୍ଯ୍ୟଙ୍କ ପୁଷ୍ପାଞ୍ଜଳି ଧ୍ୟାନ ମନ୍ତ୍ରରେ କୁହାଯାଏ - 'ଓଁ ଦାଡିମୀ ପୁଷ୍ପ ସକାଶଂ କାଶ୍ୟପେୟ କଳିଙ୍ଗ ଜଂ' । ସଉରା ଭାଷାରେ, ସୂର୍ଯ୍ୟଙ୍କର ଅନ୍ୟ ନାମ କୋରା ଏବଂ ପୁଟ ଶବ୍ଦର ଅର୍ଥ ହେଉଛି ଗାଁ । ତେଣୁ କୋରାପୁଟ ହେଉଛି - ସୂର୍ଯ୍ୟଙ୍କର ଗାଁ । ସେଠାରେ ରାମ ବନବାସର ସ୍ମୃତି ବହନ କରି ରହିଛି ରାମଗିରି, ସୀତାକୁଣ୍ଡ, ଅରଣ୍ୟାନୀ, ଦଣ୍ଡକାରଣ୍ୟ, ତମସାନଦୀ । ସେଠାର ଆଦିବାସୀ ଛନ୍ଦକପଟହୀନ, ସରଳ ବିଶ୍ୱାସୀ, ପାରମ୍ପାରିକ ଧର୍ମ ଧାରଣା ନେଇ ସେମାନେ ପ୍ରକୃତିର ମୁକ୍ତ ଆକାଶ ତଳେ କାଳାତିପାତ କରିଥାନ୍ତି । ସବୁଜ ସଂସ୍କୃତି, ପରମ୍ପରାରେ ଭରପୂର ସେହି ଭୂଖଣ୍ଡର ଭୂମିପୁତ୍ରମାନେ ଅର୍ଥ (ଟଙ୍କା/ପଇସା)ଠାରୁ ଆତ୍ମାକୁ ଏବଂ ଆଡ଼ମ୍ବରଠାରୁ ସଂସ୍କୃତି ଓ ପରମ୍ପରାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । ହାତକୁ ହାତ ଛନ୍ଦି ମାଦଳର ତାଳେ ତାଳେ ଅଣ୍ଟାକୁ ହଲାଇ, ମୁଣ୍ଡରେ କୁରେଇ ଫୁଲ ଖୋସାକରି ଢ଼େମ୍‌ସା ନାଚିଥାନ୍ତି । ଗୀତରେ ଲୋକ ଜୀବନର ବହୁ ପୁରାତନ ଅନୁଭୂତି, ଚିନ୍ତା ଓ ଚେତନା ପ୍ରକାଶ ପାଇଥାଏ ।

'ଡକ୍ ଡକ୍ କଲା ଡୁକା ଶଗଡ କାମି
 ବସିଗଲେ ଗାଲା
ଗୀତ୍ କୁଡିଆରେ କବର ସୁନ୍
 ଜୀବନ୍ ଦୁକ୍ ଦୁକ୍ ଏଲା ।

ଧରମୁ ଦେବତା ଏବଂ ଧରତନୀ ମାତା ଆଦିବାସୀକୁ ଶିଖାଏ ନିଷ୍ପାପ ଏବଂ ସହନଶୀଳତାର ପଥ । ଭଲ ଶସ୍ୟ ପାଇଁ, ରୋଗବ୍ୟାଧି, ସଂକଟ ସମୟରେ ମଣିଷକୁ ରକ୍ଷା କରିବା ପାଇଁ ମନସ୍କାମନା ପୂର୍ଣ୍ଣ ପାଇଁ ଆଦିବାସୀ ପାଳିଥାଏ 'ଫୁଲଯାତରା' । କାର୍ତ୍ତିକ ମାସ ଶୁକ୍ଳପକ୍ଷ ତୃତୀୟା ପରେ ପ୍ରଥମ ଶନିବାର ଦିନ ଏହି ପର୍ବ ପାଳନ କରାଯାଏ । ଏହି ପର୍ବ ଦିନ ସାତଭଉଣୀ ଠାକୁରାଣୀଙ୍କୁ ପୂଜା କରାଯାଇଥାଏ, ତା'ପରେ ମଝିଘରିଆଣୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ଜାନି ଘରେ ଏହି ପୂଜାର ବହୁ ପୂର୍ବରୁ ବର୍ଷସାରା ସାତଭଉଣୀ ଠାକୁରାଣୀ ପୂଜା ପାଇଥାନ୍ତି । ପ୍ରାତଃ ପୂଜାଦିନ ଜାନି, ଦିସାରୀ, ବେଜୁଣୀ, ପୂଜାରୀ ଓ ସମସ୍ତ ଗ୍ରାମବାସୀ ସ୍ନାନକରି ନୂତନ ବସ୍ତ୍ର ପରିଧାନ କରି ଉପବାସ ରହି ଜାନି

ଘରକୁ ଆସିଥାନ୍ତି । ସେଠାରେ ଏକ ହାତଲମ୍ବା ଏବଂ ଚା'ଖଣ୍ଡ ଉଚ୍ଚତା ବିଶିଷ୍ଟ ଲୌହ ମୟୂରର ଠାକୁରାଣୀ ମୂର୍ତ୍ତିକୁ ନେଇ ପୂର୍ବ ମୁହଁ ହୋଇ ବେଜୁଣୀ ଢ଼ାମ୍ପବାଦ୍ୟର ତାଳେ ତାଳେ ନାଚି ନାଚି ଗ୍ରାମର ପୂର୍ବ ଭାଗରେ ଥିବା ଆମ୍ବତୋଟାରେ ଦେବୀଙ୍କୁ ବିଜେ କରାଇଥାନ୍ତି । ଆମ୍ବତୋଟାରେ ଆଗରୁ ଗୋଟିଏ ନିର୍ଦ୍ଦିଷ୍ଟ ଆମ୍ବଗଛ ମୂଳରେ ଛୋଟ ଛୋଟ ବାଉଁଶରେ ଛାମୁଣ୍ଡିଆ ତିଆରି ହୋଇଥାଏ, ଏବଂ ସେହି ଛାମୁଣ୍ଡିଆରେ ପୂଜା କରାଯାଏ । ଛାମୁଣ୍ଡିଆ ଭିତରେ ମୂର୍ତ୍ତି ସ୍ଥାପନ କରାଯାଏ ଓ ଚିତ୍ରିତ କଳସରେ ଜଳପୂର୍ଣ୍ଣ କରି ଠାକୁରାଣୀଙ୍କୁ ଆବାହନ କରାଯାଏ । ଜାନି ଏବଂ ପୂଜାରୀ ମନ୍ତ୍ର ପଢ଼ି ପୂଜା ଆରମ୍ଭ କରିଥାନ୍ତି । ଭକ୍ତମାନେ ମନସ୍କାମନା ପୂର୍ଣ୍ଣ ପାଇଁ ସାଥିରେ ନଡିଆ, କଦଳୀ, ସିନ୍ଦୂର, ଝୁଣା, ଧୂପ ଦୀପ ମନ୍ଦାର ଫୁଲ ସହିତ ବଳୀ ପାଇଁ କୁକୁଡା, ପାରା, ଛେଳି ଆଣିଥାନ୍ତି । ଜାନି, ଠାକୁରାଣୀ ଆଗରେ ବସି ଭୋଗ ପୂଜା କରେ, ପୂଜା ସମୟରେ ମନ୍ତ୍ର ଉଚ୍ଚାରଣ ଜାନି କରି ନଥାଏ । ବଳି ପାଇଁ ଆସିଥିବା ଛେଳି, କୁକୁଡା, ପାରାକୁ ଠାକୁରାଣୀ ପାଖରେ ବଳୀ ଦିଆଯାଇଥାଏ । ବଣ ମଇଁଷୀ ଶିଙ୍ଗରେ ନିର୍ମିତ ଏକ ମହୁରୀ ପୂଜା ସମୟରେ ଫୁଙ୍କା ଯାଏ ଏବଂ ଢ଼ାମ୍ପବାଦ୍ୟ ଭୟଙ୍କର ବିକଟାଳ ଶବ୍ଦ କରି ବଜାଯାଏ । ଅନବରତ ସେହି ବାଦ୍ୟ ଏବଂ ମହୁରୀ, ସକାଳଠାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଚାଲିଥାଏ । ଦିନ ଗୋଟାଏ ବେଳେ ପୂଜା ସରିଥାଏ ଜାନି, ପୂଜା ସମୟରେ ବାଦ୍ୟର ଉଚ୍ଚାଟ ଶବ୍ଦରେ ତାଳେ ତାଳେ ବେଜୁଣୀ ଭୟଙ୍କର ଶବ୍ଦ କରି ମଝିରେ ମଝିରେ ନାଚି ଚାଲିଥାଏ । ବିଭିନ୍ନ ଅଞ୍ଚଳରୁ ଏହି ଯାତରା ଦେଖିବାକୁ ଲୋକ ରୁଣ୍ଡ ହୋଇଥାନ୍ତି । ପୂଜା ପରେ ଜାନି ଠାକୁରାଣୀଙ୍କୁ ଗ୍ରାମ ପରିକ୍ରମା କରାଇଥାଏ । ଗ୍ରାମ ପରିକ୍ରମା ସରିବା ପରେ ଜାନି ଠାକୁରାଣୀଙ୍କୁ ନିଜ ଘରକୁ ନେଇ ଆସିଥାଏ । ରାତିସାରା ଆମ୍ବ ଗଛମୂଳରେ ପୂର୍ଣ୍ଣ କଳସ ଏବଂ ଛାମୁଣ୍ଡିଆ ସେମିତି ରହିଥାଏ । ଗ୍ରାମବାସୀମାନେ ବଳି ପଡିଥିବା ମାଂସକୁ ପରସ୍ପର ମଧ୍ୟରେ ବାଣ୍ଟିଥାନ୍ତି ଏବଂ ସେହି ଗ୍ରାମକୁ ଆସିଥିବା ଲୋକମାନଙ୍କୁ ଘରକୁ ଡାକି ଆଣିଥାନ୍ତି ଏବଂ ସେମାନଙ୍କୁ ଭୋଜି ରାନ୍ଧି ମାଂସ ତରକାରୀ ଏବଂ ମଦ ଖାଇବାକୁ ଦେଇଥାନ୍ତି ଏବଂ ଅତିଥି ସତ୍କାର କରିଥାନ୍ତି । ରାତିରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଧାଙ୍ଗଡା -ଧାଙ୍ଗିଡୀ ମାନେ ଢ଼େମସା ନାଚ କରିଥାନ୍ତି । ରାତି ସାରା ଢ଼େମସା ନାଚ ଚାଲିଥାଏ, ମଦ ମାଂସରେ ଗାଁ ପୂରି ଉଠେ । ମଝିରେ ମଝିରେ ସିଝା 'ରାଣୀକନ୍ଦା' ଏହି ପରିବେଶକୁ ଅଧିକ ମୁଖରିତ କରିଥାଏ । ସ୍ତ୍ରୀ, ପୁରୁଷ, ଧାଙ୍ଗଡା, ଧାଙ୍ଗିଡି ପରସ୍ପର ମଧ୍ୟରେ ରାଣୀକନ୍ଦାର ସିଝାକୁ ହାତରେ ଚକଟି ବୋଳାବୋଳି ହୋଇଥାନ୍ତି । ଯାତରାର ଅପୂର୍ବ ପରମ୍ପରା 'କନ୍ୟାଝିଙ୍କା' ଆରମ୍ଭ ହଏ । ଯେଉଁ

ଯୁବକଯୁବତୀଙ୍କୁ ଟାଣୁଥାଏ ନିଜ ଆଡକୁ, ଯୁବତୀର ସାଙ୍ଗସାଥୀମାନେ ସେହି ଯୁବକକୁ ବିଧା ଚାପୁଡା ମାଡ଼ ମାରୁଥାନ୍ତି । ଯଦି ଯୁବକ ବିଧା ଚାପୁଡା ସହି ଯୁବତୀକୁ ନିଜ ଆଡକୁ ଟାଣି ନେଇ ପାରିବ ତେବେ ସେହି ଯୁବତୀ ଯୁବକର ହୋଇଯାଏ ସବୁଦିନ ପାଇଁ । ଏହି 'କନ୍ୟାଝିଂକା' ପର୍ବରେ ଗାଁର ବଡ଼ମାନେ ଅଂଶ ଗ୍ରହଣ କରନ୍ତି ନାହିଁ । ସେମାନେ ମହୁଲୀ ଏବଂ ପେଣ୍ଡାମ ପିଇ ଆରାମରେ ଉତ୍ସବ ପାଳନ କରିଥାନ୍ତି । ଧାଙ୍ଗଡା ଧାଙ୍ଗିଡୀକୁ ସାଥିରେ ନେଇ ଘରକୁ ଯାଏ । ସେଠାରେ ଧାଙ୍ଗିଡୀକୁ ସ୍ୱାଗତ କରନ୍ତି ସମସ୍ତେ । ତା'ପରଦିନ ଧାଙ୍ଗିଡୀର ବାପାମାଁଙ୍କୁ ଖବର ଦିଆଯାଏ । ସେମାନେ ଆସି ଧାଙ୍ଗଡା ସହିତ ଧାଙ୍ଗିଡୀର ବାହାଘର କରିଥାନ୍ତି । ସେଠାରେ ନଥାଏ ସମାଜର ବାଧା ବନ୍ଧନ, ଆକଟ ଯିଏ ଯାହାର ମନର ମଣିଷ ସହିତ ରାତି ବିତାଇଥାନ୍ତି । ତା'ପରଦିନ ଜାନି, ଦିସାରୀ ଏବଂ ପୂଜାରୀ ପୂଜା କରିଥିବା ସ୍ଥାନକୁ ଯାଇଥାନ୍ତି । ସେଠାରେ ପୂର୍ଣ୍ଣ କଳସ ଫୁଲରେ ସୁସଜ୍ଜିତ ହୋଇ ରହିଥାଏ । ସେମାନଙ୍କ ମତରେ ଯଦି ରାତି ସାରା ଫୁଲ, ପୂର୍ଣ୍ଣକଳସ, ଛାମୁଣ୍ଡିଆ ଠିକ୍ ଭାବରେ ରହିଛି ତାହା ହେଲେ ସେହିବର୍ଷ ସେମାନଙ୍କ ପାଇଁ ଶୁଭଙ୍କର ହେବ, ଭଲ ଚାଷବାସ ହେବ ଏବଂ ଗାଁରେ କୌଣସି ବିପଦ ପଡିବ ନାହିଁ । ଯଦି କଳସୀ ଢ଼ଳି ଯାଇଥାଏ କିମ୍ବା ଭାଙ୍ଗି ଯାଇଥାଏ ତେବେ ସେହି ବର୍ଷ ଗାଁରେ ଅଶୁଭ ହେବ ବୋଲି ସେମାନେ ବିଶ୍ୱାସ କରିଥାନ୍ତି । ଫୁଲଯାତରା ଲକ୍ଷ୍ମୀପୁରର ବିରିଗୁଡା ଗ୍ରାମରେ ଜାକଜକମରେ ପାଳନ କରାଯାଏ ।

ଆଦିବାସୀମାନେ ଜୀବନ ଓ ଯୌବନର ଉପାସକ । ଖାଇପିଇ, ମଉଜ ମଜ୍‌ଲିସ କରି ନୃତ୍ୟଗୀତରେ ଜୀବନ ବିତାଇଥାନ୍ତି । ଆଦିବାସୀ ରମଣୀର ହସକାନ୍ଦ, ସୁଖଦୁଃଖ, ଘଟଣା ଦୁର୍ଘଟଣାରେ ଅନୁରଣିତ ଏହି ସାଇଲୋଡି ଗୀତ । ଫୁଲଯାତରାରେ ଭରପୂର ଉପଭୋଗ କରିଥାନ୍ତି ସେମାନେ ଗାଇଥାନ୍ତି ....



(ଆଇ ସାଇଲୋଡି ଜାଡ଼ କାଟିଯିବା ତରବରି
ନାଇହୁଆ ତରବରି ନାଇ ହୁଆ
ପାଇକ ବାରିକ ଡାକରା ଦେଲେ କାଇ ଘରେ ନାଇ
ବୋଲି କୁହାଯେ ଘରେ ନାଇ ବୋଲି କୁହା
ସାଇଲୋ ସାଇ କାରାପାନି ମଲ୍ଲୀଫୁଲ ବାସନା
କାରାପାନି ଜାଇଫୁଲ ବାସନା ।)

# ପୋଡ଼ାଗଡର ଦଶହରା ପରବ

ନବଭାବ, ନବରଙ୍ଗ, ନବ ଉଦ୍ଭାବନା ନେଇ ମନକୁ ଯିଏ ବିହ୍ୱଳିତ କରିଥାଏ, ସେହି ନବରଙ୍ଗପୁର ଜିଲ୍ଲା ଲୋକ ସଂସ୍କୃତିରେ ପରିପୂର୍ଣ୍ଣ । ପୋଡାଗଡ ଯାହାକୁ ଜିଲ୍ଲାର ମୁକୁଟ କହିଲେ ଅତ୍ୟୁକ୍ତି ହେବନାହିଁ । ଦିନେ ପୋଡାଗଡରେ ନଳରାଜମାନେ ରାଜତ୍ୱ କରୁଥିଲେ । ସେହି ରାଜ୍ୟର ନାମଥିଲା ରାୟରତନପୁର । ରାଜ୍ୟରେ ପ୍ରଜାମେଳି ହୋଇ ପ୍ରଜା ଆନ୍ଦୋଳନ ହେଲା । ପ୍ରଜାମାନେ ରାଗିଯାଇ ଗୁମ୍ଫା ଭିତରେ ରାଜା, ରାଣୀଙ୍କୁ ରଖି ନିଆଁ ଲଗାଇ ଜୀଅନ୍ତା ପୋଡିଦେଲେ । ପରେ ଏହି ରାଜ୍ୟର ନାମ ପୋଡାଗଡ ରଖାଗଲା । ଏଠାରେ ସ୍ୱତନ୍ତ୍ର ଇଟା ତିଆରି ଭଗ୍ନ ପ୍ରସାଦ, ଶିଳାଲେଖ, ମୂର୍ତ୍ତି ଏବଂ ଦୁଇଟି ପଥରକୁ ସ୍ୱତନ୍ତ୍ର ଲୌହ ନିର୍ମିତ ଆଙ୍କୁଶ ଦ୍ୱାରା ଯୋଡେଇ ହେବା ଦେଖାଯାଏ । ଏଠାରେ ବାର ମାସରେ ତେର ପର୍ବ ପାଳନ କରାଯାଏ । ଏଠାରେ ବିଶେଷତଃ ଆଦିବାସୀମାନେ ବାସ କରନ୍ତି । ଦଶହରା ପର୍ବରେ ଏଠାରେ ସ୍ୱତନ୍ତତା ରହିଛି । ଯାହା ଅନ୍ୟତ୍ର ଦେଖାଯାଏ ନାହିଁ । ଶରତର ନୀଳ ଆକାଶର ସବୁଜିମା, ଧରିତ୍ରୀ ରାଣୀ କାଶତଣ୍ଡୀ ଫୁଲରେ ବିମଣ୍ଡିତ ହୋଇଥାଏ । ଆଶ୍ୱିନର ଶୀତ କାକର ଭିଜା ସକାଳର ଶିହରଣ । ଆକାଶର ଭାସମାନ ଧଳ ଧଳା ମେଘଖଣ୍ଡର ମେଢ଼ ମନରୁ ସମସ୍ତ ଆବିଳତା ଓ ଅନ୍ଧାର ଦୂର କରି ମିଛ, ମାୟା, ଅତ୍ୟାଚାର, ଦୁର୍ନୀତିର ଦାନବ ନିଧନ ପାଇଁ ମନରୁ ଅନ୍ଧକାର ଦୂର କରିବା ପାଇଁ ଆବିର୍ଭୂତା ହୁଅନ୍ତି ମା' ଦୁର୍ଗା । ଭକ୍ତ ନିଜକୁ ମାଆଙ୍କର ଚରଣାବିନ୍ଦରେ ମନ, ଆତ୍ମା ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିଥାଏ । ମାଁ ହେଉଛନ୍ତି ଆଦ୍ୟାଶକ୍ତି, ସର୍ବଚେତନ ସ୍ୱରୂପା, ଆଦିରୂଢ଼ ।

ନିରବ ଉପତ୍ୟକା ପୋଡାଗଡ ଯେଉଁଠି ଦଶହରା ପର୍ବକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଥାଏ । ପ୍ରଥମ ଦଶହରାକୁ ଗୁଣ୍ଡରୁ ଭୈରବ ଯାତ୍ରା, ଦ୍ୱିତୀୟ ଦଶହରାକୁ ଜୟପୁର ଦଶହରା ପର୍ବ ବା ଅପରାଜିତା ପୂଜାରେ ଯୋଗଦାନ ଏବଂ ତୃତୀୟ ଦଶହରାକୁ ବାହୁଡା ଦଶହରା ଯାତ୍ରା କୁହାଯାଏ । କଙ୍କାଳିନୀ ଏବଂ ପେଣ୍ଟାଣୀ ଯାତ୍ରା ପରେ ଦଶହରା ପର୍ବର ଏକମାସ ପର୍ବରୁ ଗାଁର ପ୍ରତ୍ୟେକ ଘରକୁ ଧୁଆ, ଲିପାପୋଛା କରାଯାଇଥାଏ । ତା'ପରେ ପ୍ରତ୍ୟେକ ଘରଘର ବୁଲି ଚାଉଳ ସଂଗ୍ରହ କରାଯାଏ ।

ଝାଂଝଲ ଦେଇ ପର୍ବତମାଳାର ଏକ ଉଚ୍ଚପର୍ବତ ପୁରୁଣାଗଡର ପାହାଡ ଉପରେ ତିନିମୁଠା ଗ୍ରାମ ହିରାପୁର, ପରିଆ, ବୋରିଗାଁର ଏବଂ ତେୟାନବେଟି ବା ତେୟାନବେ ମୌଜାର ଶିରା, ଚଳାଣ, ଦିସାରୀ, ପୂଜାରୀ, ମୁଖିଆମାନେ ଏକାଠି ହୋଇଥାନ୍ତି । ସେହି

ପାହାଡର ପାଦ ଦେଶରେ ଚଉଁରାଆ ଦେବୀ ପୀଠ ଏବଂ ଗୁଣ୍ଡରୁ ଭୈରବ ପୀଠ ରହିଅଛି । ପ୍ରଥମେ ଭୈରବ ପୀଠରେ ଥିବା ସମସ୍ତ ଦେବଦେବୀଙ୍କୁ ପାଣିରେ ଧୋଇ ଦିଆଯାଏ । ତା'ପରେ ଦିଶାରୀମାନେ ଚାଉଳ ଚୂନାରେ ଝୋଟି ମନ୍ଦିରରେ ଦେଇଥାନ୍ତି । ସେଠାରେ ଛତ୍ର, ବନ୍ଧୁକ, ଖଣ୍ଡାକାତିକୁ ସିନ୍ଦୂର, ଚାଉଳ ଫୁଲ ଦେଇ ପୂଜା କରାଯାଏ । ଗୋଟିଏ ପତ୍ର ଦନାରେ ଚାଉଳରେ ଦୁଗ୍ଧ ମିଶାଇ ଦେବଦେବୀଙ୍କୁ ଅର୍ପଣ କରାଯାଏ । ସେଠାରେ ଜୟପୁର ଦଶହରାରେ କେଉଁ ଦିନ ଯାତ୍ରା କରାଯିବ ଦିନ ଠିକ୍ କରାଯାଏ । ଏହାକୁ ପ୍ରାକ୍ ଦଶହରା କୁହାଯାଏ । ଲାଠିଗୁଡିକ ପ୍ରସ୍ତୁତ ହୋଇଥାଏ । ଲାଠିଗୁଡିକ ନିଜ ନିଜ ଗ୍ରାମର ପ୍ରତିଷ୍ଠିତ ଦେବଦେବୀଙ୍କର ପ୍ରତୀକ ବିଭିନ୍ନ ରଙ୍ଗର ବାନା (ପତାକା) ପରିଶୋଭିତ ଏକ ପବିତ୍ର ବାଉଁଶ ଦଣ୍ଡ । ଏହି ପବିତ୍ର ଲାଠି ସହିତ ବିମାନ, ଛତ୍ର ଚାମର, ଖଣ୍ଡାକାତି ଇତ୍ୟାଦି ଧରି ଗାଁର ନାଇକ, ବାରିକ, ଶିରା, ପୂଜାରୀ ଏବଂ ଗାଁର ମୁଖିଆମାନେ ତଥା ଲାଠିଧାରୀ ବାହାକମାନେ ନିଷ୍ଠାପର ଭାବରେ ଖାଲି ପାଦରେ ଚାଲି ଚାଲି ପୋଡାଗଡରୁ ତିନିଦିନ ପରେ ଜୟପୁରରେ ପହଞ୍ଚିଥାନ୍ତି । ଜୟପୁର ସହରରେ ବିଭିନ୍ନ ଅଞ୍ଚଳରୁ ଲାଠି ଆସିବା ପରେ ବିଜୟା ଦଶମୀରେ ତୂରୀ, ମହୁରୀ, ଢୋଲ ବାଜାଇ ସ୍ୱାଗତ କରାଯାଏ । ପାରମ୍ପାରିକ ଭ... [illegible] ାଠିଗୁଡିକୁ ପୂଜା କରାଯାଏ । ରାତ୍ରିରେ ଅପରାଜିତା ପୂଜା କରାଯାଏ । ବିଜୟା ଦଶମୀ ବା ଦଶହରା ପୂଜା ପରେ ସମସ୍ତ ଲାଠି ସହିତ ଲାଠିଧାରୀ ଏବଂ ଅନ୍ୟାନ୍ୟ ବ୍ୟକ୍ତିମାନେ ନିଜନିଜ ଗ୍ରାମକୁ ଫେରିଥାନ୍ତି । ପୋଡାଗଡକୁ ଫେରିବା ପାଇଁ ଲାଠୀଧାରୀମାନଙ୍କୁ ବିଭିନ୍ନ ଗ୍ରାମରେ ଫେରିବା ସମୟରେ ଫୁଲ, ଫଳ, ନଡିଆ, ଧୂପ ଦୀପ ଦେଇ ଦେବଦେବୀଙ୍କୁ ପୂଜା କରାଯାଇଥାଏ । ରାସ୍ତାରେ ରାତିରେ ଲାଠିଧାରୀମାନେ ମନ୍ଦିରମାନଙ୍କରେ ବିଶ୍ରାମ ନେଇ ଦିନରେ ଲାଠିଧରି ଯାତ୍ରା ଆରମ୍ଭ କରିଥାନ୍ତି । ଜୟନ୍ତଗିରିର ରାମମନ୍ଦିର ନବରଙ୍ଗପୁର ଭଣ୍ଡାର ଘରଣୀ ମନ୍ଦିର, ମୋକିଆର ଚାଉଁରାଆ ଦେବୀ ମନ୍ଦିର, ମହେନ୍ଦ୍ରୀ ଦନ୍ତେଶ୍ୱରୀ ମନ୍ଦିର, ଡାବୁଗାଁର ଭୈରବପୀଠ, ପରିଆପୀଠରେ ଲାଠିଗୁଡିକୁ ସ୍ୱାଗତ କରାଯାଇଥାଏ । ସେଠାରେ ଲାଠିଧାରୀମାନେ ବିଶ୍ରାମ ନେଇଥାନ୍ତି । ଭଦ୍ରଶା ପୀଠରେ ପହଞ୍ଚିଲା ପରେ ସେଠାରେ ରହିଥିବା ପ୍ରାଚୀନ ଲେଖନୀପତ୍ରକୁ ପୂଜାର୍ଚ୍ଚନା କରାଯାଇଥାଏ । ଦିରାଗୁଡାକୁ ପୋଡାଗଡର ମୁଖଶାଳା କୁହାଯାଏ । ଯେଉଁଠି ଦାନ୍ତେଶ୍ୱରୀ ମାଉଳିପୀଠ ରହିଛି ଏଠାରେ ଦୁଇଦିନ ପୂଜାର୍ଚ୍ଚନା କରାଯାଏ । ତା'ପରେ ଗୁଣ୍ଡରୁ ଭୈରବପୀଠକୁ ଏବଂ କଳା ଭୈରବପୀଠକୁ ସମସ୍ତ ଲାଠୀଧାରୀମାନେ ଯାତ୍ରା କରିଥାନ୍ତି । ଜୟପୁରରୁ ବିଜୟା ଦଶମୀ ଧାରି ଫେରିଥିବା ସମସ୍ତ ଦେବଦେବୀଙ୍କ ଲାଠି ତେଲେଙ୍ଗିନୀ ଚଉଁରିଆବାବା, ସମଲାଇ,

ଦନ୍ତେଶ୍ୱରୀ, ତୋପେଶ୍ୱରୀ, ପେଣ୍ଠାଣୀ, ଖମ୍ବେଶ୍ୱରୀ, ଆଖାପଖ ଗାଁର ସମସ୍ତଙ୍କ ଦେବଦେବୀ ନିଜ ନିଜର ବିମାନ, ପାଲିଙ୍କି, ସମସ୍ତ ଲାଠିସହ ମଣ୍ଡେଇଭଟ୍ଟା ବା ଦଶହରା ଭଟ୍ଟାକୁ ଯାଆନ୍ତି । ଧୂପ, ଝୁଣା ସହ ବାଜା ବଜାଇ ସମସ୍ତ ଲାଠିକୁ ସ୍ୱାଗତ କରାଯାଏ ଏବଂ ପୂଜା କରାଯାଏ । ଏଠାରେ ହାଟ ବା ମଣ୍ଡି ବସିଥାଏ । ବିଭିନ୍ନ ସାମଗ୍ରୀ ବିକ୍ରି ହୁଏ । ସେଦିନ ଗୁରୁବାର ଦିନ କାରଣ ବାହୁଡା ଦଶହରା ଗୁରୁବାର ଦିନ ପାଳନ କରାଯାଏ । ରାଜାଙ୍କ ପାଟଖଣ୍ଡାକୁ ସେଦିନ ପୂଜା କରାଯାଏ । ନାଗରାବାଦ୍ୟ, ମହୁରୀ, ଟାମକ୍, ଝୁଡୁବୁଡୁ ବାଦ୍ୟରେ ଦଶହରା ପଡିଆ ମୁଖରିତ ହୋଇଥାଏ । ଦଶହରା ମୁଖ୍ୟ ଆକର୍ଷଣ ହେଉଛି ଘୋଡା ପଟୁଆର, ଲାଖବିନ୍ଧା । ବାହୁଡା ଦଶହରା ଦିନ ସଂହସାର ଗ୍ରାମର 'ଘୋଡାଚରିଆ'ମାନେ ଘୋଡାକୁ ସୁସଜ୍ଜିତ କରି ପାଖଗାଁକୁ ଯାଇ ଘୋଡା ସହ ଇନାମ ମାଗିଆନ୍ତି । ଏହାକୁ ପଲେ କୁହାଯାଏ । ଦଶହରା ପଡିଆରେ ଏକ ଉଚ୍ଚ ବାଉଁଶ ଖୁଣ୍ଟି ପୋତାଯାଇଥାଏ । ଖୁଣ୍ଟିରେ ଫୁଲମାଳ ଲଗାଯାଇଥାଏ । ଚାରିପଟେ ମୁରୁଜ ଝୋଟି, ଦୁବଚାଉଳ, ଫୁଲ ରଖାଯାଏ । ସୁସଜ୍ଜିତ ଘୋଡା ସହ ସମସ୍ତ ପଟୁଆର ସହ ଲାଠି, ଖଣ୍ଡା, ଛତ୍ର, ବନ୍ଧୁକ ନେଇ ସମସ୍ତେ ଆସି ପହଞ୍ଚିଥାନ୍ତି । ଖୁଣ୍ଟି ପାଖରେ ସମସ୍ତେ ପହଞ୍ଚିଲା ପରେ ନଡିଆ, କଦଳୀ, ପୂଜାରୀ ପୂଜା କରିଥାନ୍ତି । ଖୁଣ୍ଟି ଉପରେ ଗୋଟିଏ କମଳା ରଖାଯାଏ । ଲାଖବିନ୍ଧାଳୀମାନେ ଖୁଣ୍ଟି ଶୀର୍ଷରେ ଥିବା କମଳାକୁ ଲକ୍ଷ୍ୟ କରି ଲାଖ ବିନ୍ଧିଥାନ୍ତି । ଯିଏ ଲାଖ ଠିକ୍ ଭାବରେ ବିନ୍ଧିଥାଏ, ତାକୁ ଗାଁ ସାରା କାନ୍ଧରେ ବୁଲାଇ ସମ୍ମାନିତ କରାଯାଏ । ଦଶହରା ହେଉଛି ଆଦିବାସୀ ସଂସ୍କୃତି ଓ ସାମାଜିକ ସ୍ଥିତିର ପ୍ରତୀକ । ଏହି ମଣ୍ଡିରେ ସେମାନେ ପରସ୍ପର ମଧ୍ୟରେ ବନ୍ଧୁତା, ଭାବର ଆଦାନ ପ୍ରଦାନ କରିଥାନ୍ତି । ଏଠାରେ ଦେଶିଆ ନାଟ, ସର୍କସ, କଣ୍ଡେଇ ନାଚ ହୁଏ । ଆଦିବାସୀ ସଂସ୍କୃତି ଓ ପରମ୍ପରାରେ ରହିଛି ମୂଲ୍ୟବୋଧ, ସ୍ୱାଧୀନତା ମନୋଭାବ, ବ୍ୟକ୍ତିଗତ ଓ ଗୋଷ୍ଠୀ ଜୀବନରେ ବସୁଧୈବ କୁଟୁମ୍ବକମ୍ ଚିନ୍ତାଧାରା ।

ପୋତାଗଡର ପାହାଡ ଝରଣା, ପଦର, ଘଞ୍ଚ ସବୁଜ ବନାନୀ ଆଜିବି ଇତିହାସର କଥା କୁହେ । ଗୀତ, ନୃତ୍ୟରେ ପୋତାଗଡର ଦଶହରା ପଡିଆର ପରିବେଶ ବେଶ୍ ଉତ୍ସବ ମୁଖର ହୋଇଉଠିଥାଏ ।



# ଆଦିବାସୀ ପର୍ବ ପୁଷ୍ ପୁନେଇ

ପୁଷ ପୁନେଇ କୋରାପୁଟ ଜିଲ୍ଲାର ଆଦିବାସୀମାନଙ୍କ ପ୍ରଧାନ ପର୍ବ । କୋରାପୁଟ ଜିଲ୍ଲାର ବିଭିନ୍ନ ଗାଁ ଗହଳିରେଏହି ପର୍ବ ଖୁବ୍ ଧୂମ୍‌ଧାମ୍‌ରେ ପାଳନ କରାଯାଏ । କୋରାପୁଟ-ଚତୁର୍ଦ୍ଦିଗ ଅରଣ୍ୟର ଘଞ୍ଚ ସବୁଜିମା, କାକରଭିଜା ମାଟିରେ ଅପୂର୍ବ ବାସ୍ନା, ସଡକ ଅଙ୍କାବାଙ୍କା ହୋଇ ସାପୁଆ ଗତିରେ ଲମ୍ବି ଯାଇଥାଏ ଦୂରକୁ ଦୂରକୁ । ରାସ୍ତାର କଡେ କଡେ ରହିଥାଏ ନୁଆଁଣିଆ ଚାଳଘର, ନାଲି ଧଳା ମାଟିରେ ଲିପାପୋଛା ହୋଇ ନିର୍ମଳ ସ୍ୱଚ୍ଛ ହୃଦୟଟି ଭଳି ସୁନ୍ଦର ଦେଖାଯାଉଥାଏ । ନାଲିନେଳି ଅନାମିକା ଫୁଲର ସୁଗନ୍ଧରେ ବନଭୂମି ସୁଗନ୍ଧିତ ହେଉଥାଏ । ପୌଷ ମାସରେ ଏହି ବନଭୂମିର ସୌନ୍ଦର୍ଯ୍ୟ ନିଆରା । ପାହାଡ ଢ଼ାଙ୍କି ହୋଇଥାଏ କୁହୁଡିରେ, ଯେତେବେଳେ ବସ୍‌ରେ ଯାତ୍ରୀ ସ୍ୱର୍ଗୀୟ ସୁଖକୁ ଉପଭୋଗ କରେ । ସତେ ଯେମିତି ମେଘ ଭିତରୁ ବସ୍‌ରେ ଯାତ୍ରୀ ସ୍ୱର୍ଗରୁ ଆସି ମର୍ତ୍ତ୍ୟରେ ପହଞ୍ଚିଯାଉଛି । ଅଳସୀ ଫୁଲର ଶେଯରେ ପଥିକ ଟିକିଏ ଆନନ୍ଦ ନେବାକୁ ଉଦ୍‌ବେଗ ହୋଇଉଠେ । ଅଙ୍ଗାର କାଉଡ଼ି ଧରି କାଉଡ଼ିମାନେ ରାସ୍ତାରେ ଗୋଟିଏ ସରଳ ରେଖାରେ ଚାଲିଥାନ୍ତି । ପୌଷମାସର ହାଡ଼ଭଙ୍ଗା ଶୀତ ଯେପରି ତାଙ୍କ ଖୋଲା ଦେହକୁ ସ୍ପର୍ଶ କରିପାରୁନି । ସତେ ଯେପରି ସରଳ ନିରାମ୍ୱଡ଼ର ଆଦିବାସୀମାନଙ୍କୁ ବାହାରର ଜଟିଳତା ସ୍ପର୍ଶ କରିପାରୁନି । ଏଠାରେ ବିଭିନ୍ନ ପ୍ରକାରରେ ପର୍ବ ପାଳନ କରିଥାନ୍ତି । ପୁଷ୍ ପୁନେଇରେ ଗାଁ ନାଏକର ଉପସ୍ଥିତିରେ ଠିକ୍ କରାଯାଏ କେଉଁ ଦିନ ଯାତରା(ଯାତ୍ରା) କରାଯିବ । 'ଚାଲାନ୍' ପ୍ରଥମେ ଗାଁ ଲୋକମାନଙ୍କୁ ଡାକି ଆଣନ୍ତି ଗାଁର ମୁଖିଆ(ନାଏକ) ସଭା କରି ଯାତ୍ରା ପାଇଁ ଦିନ ଠିକ୍ କରାଯାଏ । ଗାଁର ଲୋକମାନେ ନିଜର ଶକ୍ତି ସାମର୍ଥ୍ୟ ଅନୁସାରେ କୁକୁଡା ଓ ଛେଳି କିଣିଥାନ୍ତି । ଗାଁର ଶେଷରେ (ଗାଁ ମୁଣ୍ଡରେ) ଯାତ୍ରା ହୁଏ, ସମସ୍ତ ଆଦିବାସୀମାନେ ଏକତ୍ରିତ ହୁଅନ୍ତି ସେଠାରେ । ଛେଳିର ମୁଣ୍ଡକୁ ପୋଡି 'ସରୁଭାତ' ରନ୍ଧାଯାଏ । ସେହି ଛେଳି ମୁଣ୍ଡକୁ ସରୁଭାତ ମିଶାଇ ଗାଁର ମୁଖିଆ ଖାଇଦିଏ । ଛେଳିଗଣ୍ଡିକୁ ଆଣି ଗାଁର ଲୋକମାନେ ପରସ୍ପର ମଧ୍ୟରେ ବାଣ୍ଟିଥାନ୍ତି । ଏହି ଛେଳିକୁ 'ମୁତାମ୍' କୁହାଯାଏ । ଗୋଟିଏ ସ୍ଥାନରେ କାଠ ଗଦା କରି ନିଆଁ ଜଳାଯାଏ । ସେହି ନିଆଁର ଚାରିପଟେ ଗାଁର ଯୁବକ, ଯୁବତୀ, ବୁଢ଼ା, ବୁଢ଼ୀ, ପିଲାମାନେ ହାତକୁ ହାତ ଛନ୍ଦି ଗୀତ ଗାଇ ନାଚଥାନ୍ତି । ଗୀତ ଗୁଡିଆଣୀ ପୁଷ୍ ପୁନେଇ ଗୀତ ଗାଇଥାଏ । ରାତିସାରା ସମସ୍ତେ ତା' ସହିତ ତାଳ ସ୍ୱର ଦେଇ ନାଚନ୍ତି । ଏହି ନିଆଁକୁ 'ଭୋଗୀ' ବୋଲି କୁହାଯାଏ । ସକାଳେ ପିଠାପଣା କରି ଗାଈଗୋରୁମାନଙ୍କୁ

ଖାଇବାକୁ ଦିଆଯାଏ ଏବଂ ପେଣ୍ଡମ୍ ପିଇବାକୁ ଦିଆଯାଏ। ତା'ପରେ କନ୍ଦା, ଚାଉଳ, ବିରି ମିଶାଇ ଭାତ ରନ୍ଧାଯାଏ। ତାହାକୁ ସିକ୍‌ତି ଭାତ କୁହାଯାଏ। ସେହି ଭାତକୁ ପୁଣିଥରେ ଗାଈଗୋରୁଙ୍କୁ ଖାଇବାକୁ ଦିଆଯାଏ ପରେ ପେଣ୍ଡମ୍ ପିଇବାକୁ ଦିଆଯାଏ ଆଦିବାସୀମାନଙ୍କ ବିଶ୍ୱାସ ଏହା ଖାଇବା ଫଳରେ କୌଣସି ବିପଦ ଆସେନାହିଁ। ଗୋରୁଗାଈମାନଙ୍କୁ ଚୋରା ଭୂମିକୁ ପଠାଇ ଦିଆଯାଏ। ପିଲାମାନେ ଗାଁର ଚାରିଆଡେ ଘର ଘର ବୁଲିଥାନ୍ତି। ଛେର୍ ଛେରା ପାଇଁ ଗାଁରେ ନାଚଗୀତର ବ୍ୟବସ୍ଥା ହୋଇଥାଏ। ଗାଁର ପିଲାମାନେ 'ଛେର୍ ଛେର୍ ଛେର୍ ଛେରା ପୁଷ୍ ମାସର ବୁଡିଆ ପରବ ମକେ ଦେ' କହି ଗାଁ ଗାଁ ବୁଲି ଚାଉଳ, ପଇସା ପ୍ରଭୃତି ସଂଗ୍ରହ କରିଥାନ୍ତି। ଗହ୍ମା ପୂର୍ଣ୍ଣମା ସହିତ ଏହି ପର୍ବର ସମାଞ୍ଜସ୍ୟ ରହିଅଛି।

ପରଜା ସଂପ୍ରଦାୟର ଆଦିବାସୀମାନେ ଏହାକୁ 'ପୁଷୁନି' କହିଥାନ୍ତି। କୁହୁଡିଆ ସକାଳୁ ଝିଅବୋହୂମାନେ ଘରଦ୍ୱାର ରଙ୍ଗ ମାଟି ଓ ଚଟାଣକୁ ଗୋବରରେ ଲିପିଥାନ୍ତି। ସକାଳୁ ଝୋଲାକୁ ଗାଧେଇ ଯାଇ 'ତୁମା ପାଣି ଆଣିଥାନ୍ତି'। ସକାଳୁ ଝୋଲକୁ ଗାଧେଇ ଯାଇ 'ତୁମା ପାଣି' ଆଣିଥାନ୍ତି। ସେହି ପାଣିକୁ ଦେବତା ଖଳିରେ ରଖି ଗୃହପୂଜା କରାଯାଏ। ସେହି ସମୟରେ ପୁରୁଷମାନେ ବଣକୁ ଯାଇ କାଠ, ଶିଆଳି ପତ୍ର ଓ ଶିଆଳି ଫଳ ବୋହି ଆଣନ୍ତି। ଶିଆଳି ଫଳକୁ ଶୁଭ ସଂକେତ କୁହାଯାଏ। ଘରର ଆଗରେ ଚାଳ ପାଖରେ ଶୁଭ ସଂକେତ ଭାବରେ ତାକୁ ଟଙ୍ଗାଇ ଦିଆଯାଏ। ସେମାନେ ବିଶ୍ୱାସ କରନ୍ତି ଏହା ଦ୍ୱାରା କୁ-ପ୍ରଭାବ ଘର ଉପରେ ପଡେ ନାହିଁ। ଗାଁର ପୁରୁଷମାନେ ଯେଉଁ କାଠ ଆଣନ୍ତି ତାକୁ ଗୋଟିଏ ଜାଗାରେ ଏକତ୍ରିତ କରାଯାଏ। ତାହାକୁ 'ବେରଣ ମୁଣ୍ଡା' କୁହାଯାଏ। ସେଠାରେ ଜାନି (ପୂଜାରୀ) କୁକୁଡା ବଳିଦିଏ। କୁକୁଡାର ରକ୍ତରେ ରଞ୍ଜିତ ଫୁଲକୁ ଜାନି (ପୂଜାରୀ) ମନ୍ତ୍ର ପଢ଼ି ସେହି କାଠ ଲଦା ହୋଇଥିବା କିଛି କାଠ ଉପରକୁ ପକାଇ ଦିଏ। ତ'ପରେ ସେଥିରେ ଅଗ୍ନି ସଂଯୋଗ କରେ ତାକୁ ମାଣ୍ଡୁକୋଡ କୁହାଯାଏ। ନିଆଁ ଜଳିବା ପରେ ତାକୁ ଭୋଗୀ କୁହାଯାଏ।

ନୂଆ ଫସଲ କ୍ଷେତରୁ ଭରି ରହିଥାଏ। ତେଣୁ କୁହାଯାଏ 'ପୁଷ୍ ମାସ ଭୁସଭାସ୍ ମାଘ ମାସେ ଡାଲି'। ନୂଆଖିଆ ମାସରେ ଯେଉଁ ନବଧାନର ଆରମ୍ଭ ହୁଏ ପୁଷ୍ ମାସରେ ତା'ର ପୂର୍ଣ୍ଣାହୂତି ହୋଇଥାଏ। ଏହି ସମୟରେ ସ୍ତ୍ରୀମାନେ ମାଣ୍ଡିଆ ଘୋରିବା, ଧାନକୁଟିବା କାମ କରିଥାନ୍ତି। ପୁଷ୍ ପୁନେଇ ସମୟରେ ପୁଷ୍ ଚୋରମାନେ ରାତିରେ ବାହାରନ୍ତି। ଧାଙ୍ଗଡା ଧାଙ୍ଗିଡି(ଯୁବକ, ଯୁବତୀ)ମାନେ ଘରର ବାଡି ବଗିଚାରୁ ଆଳୁ, ବୋଇତାଳୁ,କୋବି, ବାଇଗଣ, ଝଟା(ଶିମ୍ବ) ଆଣି ବେରଣ ମୁଣ୍ଡା ନିକଟରେ ଏକତ୍ରିତ

ହୋଇ ସେସବୁକୁ ଭୋଗୀ ନିଆଁରେ ପୋଡି ସମସ୍ତେ ମିଶି ହସ ଖୁସିରେ ଖାଇଥାନ୍ତି । ପୁଷ୍ ମାସରେ ପରଜାମାନେ ଡଙ୍ଗ-ଭୁଙ୍ଗାର ତାଳେ ତାଳେ ହାତକୁ ହାତ ପରସ୍ପର ଛନ୍ଦି ଅଣ୍ଟା ଅଣ୍ଟା ଦୋହଲାଇ ହାତଖଡୁ ବାଡେଇ ସର୍ପିଳ ଗତିରେ ବଙ୍କେଇ ବଙ୍କେଇ ଗୀତ ଗାଇ ମୟୂର ପୁଚ୍ଛ ଧରି ରାତିସାରା ନାଚୁଥାନ୍ତି । ଗୀତ ଗୁଡିଆଣୀ ସହିତ ପୁଷ୍ ପୁନେଇ ଗୀତ ମାଦଳର ତାଳେ ତାଳେ ଗାଇ ଚାଲିଥାନ୍ତି -

'ସରସୀ ପତର୍ ଶୀତେ ତର୍ ତର୍

ପାନିକି ଲାଗେ ପିଆସ୍ ।

ଅଗନି ଦେବତା କି ଶୀତ୍‌ରେ ମରୁଚି

ସୁରଜ କି ମାଗେ ତରାସ୍ ।'

ପାଦକୁ ପାଦ ଛନ୍ଦି ନାଚି ଚାଲିଥାନ୍ତି । ବନଭୂମି ମୁଖରିତ ହୋଇ ଉଠୁଥାଏ । ଦ୍ୱିତୀୟ ଦିନ ପରଜାମାନେ ଘରେ ମାଣ୍ଡିଆ ଚୁନାରେ ପିଠା ତିଆରି କରିଥାନ୍ତି । ସ୍ତ୍ରୀମାନେ ଭାତ ଓ ମାଂସ ରାନ୍ଧିନ୍ତି, ଘରେ ସାଙ୍ଗସାଥୀମାନଙ୍କୁ ଡାକି ଭୋଜି କରିଥାନ୍ତି । କେତେଜଣ ପରଜାମାନେ ଏହିସବୁ ଖାଦ୍ୟକୁ ଶାଳପାତ୍ରର ଦନାରେ ଭିର୍ତ୍ତି କରି ଟାଙ୍ଗୁଡିରେ ସଜାଇ ଗାଁରେ ଘର ଘରୁ ବୁଲି ବାଣ୍ଟିଥାନ୍ତି । ଏହି ପର୍ବ ପୌଷ ଅମାବାସ୍ୟାଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳନ କରାଯାଏ । ଏହି ସମୟରେ ନାଚଗୀତ ଗାଁ ଗାଁ ବୁଲି କରିବା ପାଇଁ କେତେକ ଧାଙ୍ଗଡା ଦଳ ବାହାରନ୍ତି ସେମାନଙ୍କୁ 'ଦଣ୍ଡା ହୁଲିଆ' ଦଳ ବୋଲି କୁହାଯାଏ । ସେମାନେ ରଙ୍ଗବେରଙ୍ଗ ପୋଷାକ ପିନ୍ଧି ହାତରେ ମୟୂରପୁଚ୍ଛ ମୁଣ୍ଡରେ ପଗଡି ଓ ପାଦରେ ଘୁଙ୍ଗୁର ବାନ୍ଧି ଗାଁ ଗାଁ ବୁଲି ନାଚ କରି ପଇସା, ଧାନ, ଚାଉଳ ସଂଗ୍ରହ କରିଥାନ୍ତି । ଧାଙ୍ଗିଡି(ଅବିବାହିତା)ମାନେ ପାନିଆ ଜୁନିଆ ଗୀତ ଗାଇ ଦୁଆର ଦୁଆର ବୁଲି ଚାଉଳ ଓ ପଇସା ମାଗିଥାନ୍ତି । ଏହିଦିନ ରବି ଫସଲର ନୂଆ ଖିଆଯାଏ । କେତେଜଣ ବାଡି ଖଣ୍ଡିଏ ଖଣ୍ଡିଏ ହାତରେ ଧରି ଭୂଇଁ ଉପରେ ଠକ୍ ଠକ୍ ପ୍ରହାର କରି 'ଛେର୍ ଛେରା' ଗୀତ ଗାଇ ପଇସା, ଚାଉଳ ମାଗିଥାନ୍ତି । ଗାଁ ସାରା ବୁଲି ବୁଲି ଗୀତ ଗାଇଥାନ୍ତି -

ପାନିଆ ଜୁନିଆଁ ମୁଠେକ ଚାଉଲ୍ ଦିଆକିନା ଦେଲେ ଦିଆ ନାଯ ଦେଲେ ନାଯ

ଆମର ସାଇକେ ଆସାକିନା

ଲଡାତଲଡା ଅଳଦିବାଟ୍ କାଲଡା

ଖଲିଖଲି କୁଲ୍‌ସି ଆଚେ

ଖାଲ ଚନ୍ଦା ଘୋଡାରି

ଆପତ ଆପା ମାଛ ମରବାପ,
ଇ ଗାଁର ଧଙ୍ଗଡା ମନ୍ କେ
ବନ୍ଦେ ନେଇ ଟା ପାରି'

ସେମାନେ ପୁଷ ପୁନେଇରେ ମୁହଁରେ ରଙ୍ଗ ବୋଳି ଗିନି ମୃଦଙ୍ଗ ବଜାଇ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ନାଚ ନାଚ ଗୀତ ଗାଇଥାନ୍ତି -

"ମୋର ମାଇଜି ଦୁ ମଣ୍ଡା
ଛାନି ଉପରେ କୁ ମଣ୍ଡା
ଛେର୍ ଛେର୍ ଅଇଁ ଅଇଁ"

ଏହି ନାଚଟି ହେଉଛ ଗୋଟିଏ ଲୋକନୃତ୍ୟ

"ଜିର୍ ଲଟି ଜିର୍ ଲଟି ପଣ୍ଡକି ମରାଲିଟି
ଛେର୍ ଛେରା ଛେର୍ ଛେରା
ଲିଟିଗଲା ମିତର ଘରେ ଚୁଡା ଆଚେଭାଟି
ଛେର୍ ଛେର୍ ଛେର୍ ଛେରା"

ଏହା ବ୍ୟତିତ ସେମାନେ ଧଣ୍ଡାରୀ ନାଚ ମଧ୍ୟ ନାଚିଥାନ୍ତି । ପୁରୁଷମାନେ ରଙ୍ଗୀନ ପଗଡି, ଦରି ପୋଷାକ ପିନ୍ଧି, ହାତରେ ଦଣ୍ଡଧରି, ପଗଡିରେ କଣ କୁକୁଡାର ପର ଖଞ୍ଜି ଥାଆନ୍ତି । ନାଚ ସମୟରେ ବୀର ବାଜା ବାଜୁଥାଏ । ଶିଙ୍ଗ ବାଇଦ, ଢ଼ୋଲ, ମହୁରୀ, ଟାମକ ବାଜା ବାଜେ । ଏମାନେ ବୃତାକାର ପିରାମିଡ କିମ୍ବା ଧାଡି ବାନ୍ଧି ନାଚିଥାନ୍ତି । ଜିଡିଙ୍ଗ ଜାଡିଙ୍ଗ ଢ଼ାପ ବାଜାର ତାଳେ ତାଳେ ପୁଅଝୀଅମାନେ ପୁଷ ପୁନେଇ ଗୀତ ଗାଇ ସାରା ରାତି ନାଚିଥାନ୍ତି ।

ବଣ୍ଡା ସଂପ୍ରଦାୟରେ ପୌଷ ପର୍ବ ବା ପୁଷା କେଁଶାମ୍ ଏକ ଆନନ୍ଦ ଉଲ୍ଲାସର ପର୍ବ ଏହି ସମୟରେ ଫସଲ ଅମଳ ହୁଏ । ମୂଷାଧରି ତାର ମାଂସ ଖାଇବା ଏହି ପର୍ବର ଗୋଟିଏ ବିଶେଷତଃ ରହିଛି । ପୁରୁଷମାନେ ଅକ୍ଲାନ୍ତି ପରିଶ୍ରମ କରି ମୂଷାକୁ ଧରିଥାନ୍ତି । ଏହା ଫଳରେ ଖଳାରେ ଓ ଘରେ ରଖିଥିବା ଖାଦ୍ୟ ଶସ୍ୟକୁ ମୂଷାଦାଉରୁ ରକ୍ଷା କରିଥାନ୍ତି । ଏହି ପର୍ବର ବିଶେଷତଃ ହେଉଛି ଶିମ୍ବ ଖାଇବା । ଏହି ପର୍ବରେ ଶିମ୍ବ ଓ ମୂଷା ମାଂସକୁ ରାନ୍ଧି ନୂଆ ଧାନରେ ମଣ୍ଡା ପିଠା କରି ଦେବାଦେବୀଙ୍କୁ ପୂଜା କରି ପ୍ରଥମେ ପୂଜାରୀ ବା ଦିଶାରୀ ଖାଇଥାଏ ତାପରେ ଗାଁ ଲୋକମାନେ ଏକାଠି ଖାଇଥାନ୍ତି । ପୁରୁଷମାନେ ମଦପିଇ ମାତାଲ ହୋଇ ସଲପ ବାଡିରେ ବାଡା ବାଡି ହୋଇ ରକ୍ତାକ୍ତ ହୋଇଥାନ୍ତି । ରାତିସାରା

ଗୀତଗାଇ ନାଚନାଚି ରାତି ବିତାଇ ଥାଆନ୍ତି । ପୁଷ୍ ପର୍ବ ବା ପୁଷା ର୍କେଣାମ୍ ର ଗୀତ ଗାଇଥାନ୍ତି ପୁରୁଷ ସ୍ତ୍ରୀ ମିଶି .........

କିରିମ୍ତରର ସୁମ୍‌ନେ ସୁମୟିତରର ସୁମ୍‌ନେ ବାଇ
ଶାପୁଙ୍‌ରାମ୍ ସୁମ୍‌ନେ ଆଲ ନେ ...........
ବରେ ଏନ୍ ବୁରଂ ଡାକିଂ ଏ ବୁରଂ ଡାୟି
ଡ଼ିନା କିଂ ବୁରଂ ଡ଼ାୟିନେ
ଥୁନା ଉଇ୍ ବୁରଂ ବାଇ
ଗୁସୁଂସାର୍ ବୁରଂ ବାୟିନେ ............
ଇ ପେଣ୍ଡମ୍ ଡ଼କେ ବାଇ ଇ ସାଗୁର୍ ଡ଼କେ ବାଇ
ଡେୟିଁ ପେଣ୍ଡମ୍ ଡ଼ବେବ ମଏନା ନେ ........

ଅମାନତ୍ୟମାନେ ପୁଷ ପୁନେଇ ଦିନ ଦଣ୍ଡରିଆ ନାଚ ଅଭ୍ୟାସ କରିଥାନ୍ତି । ଏହି ନାଚ ପାଇଁ ୨୦ଜଣ ଯୁବକଙ୍କ ବ୍ୟତିତ ୨ଜଣ ରହନ୍ତି ଯେଉଁମାନେ ଖଣ୍ଡା ଡାଲ ଧରି ନାଚଦଳର ଆଗେ ଆଗେ ନାନା ପ୍ରକାର ଅଙ୍ଗଭଙ୍ଗୀ ସହ ଚ଼ଲିଥାନ୍ତି । ନାଟୁଆମାନେ ମୁଣ୍ଡରେ ମୟୁରଚୂଳ ଓ କଉଡ଼ିରେ ସଜା ପଗଡ଼ି ପିନ୍ଧିଥାନ୍ତି ଧାଡ଼ି ଧାଡ଼ି ନାଚି ନାଚି ଚ଼ଲିଥାନ୍ତି । ଗ୍ରାମର ମୁଖ୍ୟ ରାସ୍ତାରେ ଯୁବତୀମାନେ ତିନି ହାତ ଲମ୍ବର ଶିମିଳି ଗଛରେ କାଠକୁ ପୋତିଥାଆନ୍ତି । କାଠର ତଳ ଭାଗରେ କଣା କରି ୨ ଗୋଟି ଲୁହା ରଡକୁ ପରସ୍ପର ଛନ୍ଦି ଲଗାଇଥାନ୍ତି । ଯଦି ପୋତା ଯାଇଥିବା ଶିମିଳି ଗଛର କାଠକୁ ଯୁବକମାନେ ଏକା ନିଃଶ୍ୱାସରେ ଟାଣି ବାହାର କରିଦିଅନ୍ତି ତେବେ ସେମାନେ ଜିଣିଥାନ୍ତି । ଟାଣିନ ପାରିଲେ ଜରିମାନା ଦେଇ ଭୋଜି ଦେଇଥାନ୍ତି । ନାଚ ଦଳର ସଦସ୍ୟମାନଙ୍କୁ ହଳଦୀ ଚ଼ଉଳ, ଟୀକା ଦେଇ ଗୋଡ ଧୋଇ ଆମନ୍ତ୍ରଣ କରାଯାଏ ଯଦି ନାଚଦଳ ବନ୍ଧୁ ବାନ୍ଧବଙ୍କ ଗାଁରେ ପହଞ୍ଚିଥାନ୍ତି ତେବେ ମେଣ୍ଢା ଛେଳି ମାରି ଭୋଜି ଦିଆଯାଏ । ସକାଳେ ଚୂଡା ମିଠା କଦଳୀ ଏବଂ ପାଞ୍ଚ କୁଲା ଧାନ ଦେଇ ବିଦାୟ ଦିଆଯାଏ । ନାଚ ଦଳ, ଚେର୍ ଛେରା ପୁରୁଷ ସ୍ତ୍ରୀ ପିଲାମାନେ ଯେଉଁ ପଇସା ଆଦାୟ କରିଥାନ୍ତି ସେଗୁଡିକୁ ଏକାଠି କରି ଗ୍ରାମବାସୀମାନେ ପୁଷ୍ ପୁନେଇ ପର୍ବ ପରେ ଭୋଜି ଭାତ କରି ଆନନ୍ଦ ମନରେ ଖାଇଥାନ୍ତି । ପରଜାମାନେ ପୁଷ୍ ପୁନେଇ ଦିନ ସେମି(ଶିମ୍ବ), ଲାଉକୁ ତେଲରେ ଭାଜି ଖାଇଥାନ୍ତି ପୁଷ୍ ପୁନେଇ ପୂର୍ବରୁ ଯଦି ଶିମ୍ବ ଓ ଲାଉ ଖାଇଥାନ୍ତି ତେବେ ବାଘ ସେମାନଙ୍କର କ୍ଷତି କରିବ ବୋଲି ଭାବିଥାନ୍ତି । ତେଣୁ ପରଜାମାନେ ବିନା ତେଲ୍‌ରେ ଶିମ୍ବ ଲାଉ ସହିତ ଅନ୍ୟାନ୍ୟ ପରିବା ମିଶାଇ ଏକ ପ୍ରକାର

ସିଝା ଘାଣ୍ଟ ପ୍ରସ୍ତୁତ କରିଥାନ୍ତି ତାହାକୁ 'ସେମି ମଜୁର୍' କୁହାଯାଏ । ପୁଷ୍ ପୁନେଇ ଭୋଗି(କାଠ ନିଆଁ)ରେ ଚୁଟିଆ ମୁଷା ପୋଡ଼ି ଖାଆନ୍ତି । ସେମାନେ ଛତା କାଠିରେ ମୂଷାକୁ ଗୁନ୍ଥି ନିଆଁରେ ପକେଇ ଦିଅନ୍ତି ମୂଷା ପୋଡି ହେଲେ ତାକୁ ପେଣ୍ଡମ୍ ଲନ୍ଦା ସହିତ ଖାଇଥାନ୍ତି । ଲୁଣ ଲଙ୍କା ଦେଇ ସିଝା ଚୁଟିଆ ମୁଷାର ମାଂସକୁ ଖାଇଥାଆନ୍ତି ତାକୁ "ଚୁଟିଆ ପୁତ୍‌ଗା" କୁହାଯାଏ । ଶିମ୍ବକୁ ମଧ ଲୁଣ ଲଙ୍କା ପତ୍ର ଠୋଲାରେ ବାନ୍ଧି ପୁଷ ପୁନେଇ ଭୋଗିରେ ପୋଡି ଖାଇଥାଆନ୍ତି । ରାତିସାରା ନିଆଁର ଘରିପଡେ ନାଚୁଥାଆନ୍ତି ପୁଷ୍ ପୁନେଇ ହେଉଛି ଏମାନଙ୍କର ପ୍ରିୟ, ଆନନ୍ଦ ଉଲ୍ଲାସର ପର୍ବ । ଢ଼େମସାର ନାଚରେ ମହୁଲି ନିଶାରେ ମାତାଲ ହୋଇ କାନ୍ଧକୁ କାନ୍ଧ ମିଶାଇ ହାତରେ ମୟୁର ପୁଚ୍ଛ ବା ପାମୁଛାଟିଏ ଧରି ଟିଡି ବିଡି, ଢ଼ୋଲ, ମହୁରୀ, ଢୁମସା ବାଦ୍ୟର ତାଳେ ତାଳେ ନିଜକୁ ହଜାଇ ଦେଇଥାନ୍ତି । ପୌଷ ପୁନେଇ ପର୍ବ ଶେଷ ହୋଇଥାଏ ।





# ବଣ୍ଡାଙ୍କ ପରବ 'ସୁମ୍‌ମେ'

ଆକାଶରେ ରୂପା ମେଘଖଣ୍ଡ, ପାହାଡୀ ଝରଣାର ଚଳଚଞ୍ଚଳ ଗତି । ଯେଉଁଠି ସନ୍ଧ୍ୟା ଆକାଶକୁ ଝଙ୍କୃତ କରେ 'ଚାଙ୍ଗୁ'ଓ 'ଡୁଙ୍ଗଡୁଙ୍ଗା'ର ଶବ୍ଦ ଯେଉଁ ସଂସ୍କୃତିରେ ଉଚ୍ଚକୋଟୀର ସୂକ୍ଷ୍ମ ମାନବିକ ମୂଲ୍ୟବୋଧ, ଉଦାରତା, ସ୍ୱାଧୀନତା ମନୋଭାବାପନ୍ନ, ମାନବବାଦ ଓ ସାମ୍ୟବାଦର ଦର୍ଶନ ଭରପୂର ହୋଇ ରହିଛି । ମଣିଷ ଯେଉଁଠି ହାତ ପାହନ୍ତାରେ ମେଘକୁ ଛୁଇଁପାରେ । ମାଲ୍ୟବନ୍ତଗିରି ପୃଷ୍ଠରେ ଦିନେ ସୀତାଙ୍କୁ ବିରହରେ ମ୍ରିୟମାଣ ହୋଇ ପଡିଥିବା ଶ୍ରୀରାମଚନ୍ଦ୍ରଙ୍କ ହୃଦୟ ଯନ୍ତ୍ରଣାକୁ ଉପଶମ କରିଥିଲା କଳାମେଘ ବର୍ଷା ।

ବଣ୍ଡା ଆଜିମଧ୍ୟ ଦାବିକରେ ନିଜକୁ 'ରେମୋ' ବା ଭଗବାନଙ୍କର ସୃଷ୍ଟିର ପ୍ରଥମ ମଣିଷ ବୋଲି । ସମୁଦ୍ର ପତ୍ତନଠାରୁ ୩୦୦୦ରୁ ୫୦୦୦ ଫୁଟ ଉପରେ ବଣ୍ଡା ମଣିଷର ଦେଶ ବେରିୟାର ଏଲୱିନଙ୍କ ଭାଷାରେ 'ବଣ୍ଡୋ ହାଇଲେଣ୍ଡସି' ମାଲକାନଗିରି ଜିଲ୍ଲାର ମୁଦୁଲିପଡା ଗ୍ରାମ ପଞ୍ଚାୟତର ଖଇରପୁଟ ବ୍ଲକ୍ ଆଗରେ ୧୫ କି.ମି. ରାସ୍ତା ପର୍ବତାରୋହଣ ପରେ ପାହାଡ ଆଉ ଅନେକ ଛୋଟ ବଡ଼ ପାହାଡ । ଆଗରେ ରହିଛି ଖାଲି ପାହାଡ ଆଉ ପାହାଡ ଏବଂ ଅନେକ ଅଙ୍କାବଙ୍କା ରାସ୍ତା ପରେ ପଡିବ ବଣ୍ଡା ପାଚେରୀ । ସେହି ପାହାଡ ଉପରେ ପଡିବ ୧୫୦ କି.ମି. ଆୟତନ ବିଶିଷ୍ଟ ଭୂମି 'ବାରଜାଙ୍ଗର ଦେଶ' ବା ବଣ୍ଡା ରାଇଜ । ସେ ରାଜ୍ୟ କେବଳ ବଣ୍ଡା ମଣିଷର । ରାଜ୍ୟ ଚାଲେ ସେମାନଙ୍କ ନୀତିନିୟମରେ । ପାହାଡକୁ ଦେଖିଲେ ଜଣାଯାଏ ସତେ ଯେମିତି ନର୍ତ୍ତକୀମାନେ ପରସ୍ପର ହାତ ଛନ୍ଦାଛନ୍ଦି ହୋଇ ଅଭିନନ୍ଦନ ଜଣାଉଛନ୍ତି । ଏହି ସ୍ଥାନଟି ଘଞ୍ଚ ବନାନୀ ପରିବେଷ୍ଟିତ ବନ୍ୟଜନ୍ତୁ, ପକ୍ଷୀଙ୍କ ମିଳିତ ଗୁଞ୍ଜନର ମିଳନ ସ୍ଥଳ, ଅତି ଶୋଭା ବିମଣ୍ଡିତ ଓ ଚିତ୍ତାକର୍ଷକ । ବଣ୍ଡା ମଣିଷର ଦେଶ ହେଉଛି ମାଟି ଆଉ ଆକାଶକୁ ଯୋଡୁଥିବା ଶିଡିଟିଏ ପରି ।

ଚଇତ ମାସର ମନମତାଣିଆ ବସନ୍ତ ପବନ, ମହୁଲ ଗଛର ଫୁଲ, ସଲପ ଗଛର ରସ, ବଉଳ ଫୁଲର ମହକ ଆଣିଦିଏ, ଅପୂର୍ବ ଶିହରଣ, ବଣ୍ଡା ଯୁବକ ଯୁବତୀ ମନରେ ଭରିଦିଏ, ଅଜଣା ପୁଲକ । ବଣ୍ଡା ମଣିଷ ମନମତାଣିଆ ଗୀତଗାଇ, ଗାଁ ଦାଣ୍ଡରେ ବାଇଦ (ଢ଼ୋଲ)ର ତାଳେ ତାଳେ ନାଚି କୁଦି ମହୁଲି ନିଶାରେ ମସ୍‌ଗୁଲ ହୋଇ ଉଠେ ଏବଂ ଆଦିମକୁ ପାଲଟି ଯାଇ ସ୍ତ୍ରୀ ପୁରୁଷ, ସାନବଡ ବୟସର ତାରତାମ୍ୟ ଭୁଲି ଆତ୍ମ ବିସ୍ମୃତ ହୋଇ ପ୍ରକୃତି ସହ ଏକାକାର ହୋଇଯାଇ ପାଳନ କରେ ଆପଣାର ଜାତୀୟ ପର୍ବ

'ସୁମ୍‌ମେ-ଗେରିଲାକ' ପର୍ବ । ବଣ୍ଡା ଜନନୀ ମହାରାଣୀ ବଣ୍ଡା ମହାଦେଈଙ୍କ ପୁତ୍ର ଯୁବରାଜ ସୋମେଶ୍ୱରଙ୍କ ବିଜୟ ଉତ୍ସବକୁ ସେମାନେ ସୋମେଶ୍ୱର ବିଜୟ କିମ୍ବା ବଣ୍ଡା ଭାଷାରେ 'ସୋମେ' ପର୍ବ ଭାବରେ ପାଳନ କରିଥାନ୍ତି । ମହାରାଜା ଜଗଦେବ ଭୂଷଣଙ୍କୁ ସେମାନେ 'ବୁରୁସଙ୍କ' କିମ୍ବା ଭୁଷୁଙ୍ଗ ଦେବତା ଏବଂ ମହାରାଣୀ ବଣ୍ଡା ମହାଦେଈଙ୍କୁ ବୁଣ୍ଡି(ହୁଣ୍ଡୀ) ଠାକୁରାଣୀ ରୂପେ ପୂଜା କରିଥାନ୍ତି । ଏହି ପର୍ବକୁ ବଣ୍ଡା ପୁରୁଷ ଓ ସ୍ତ୍ରୀ ଉତ୍କଣ୍ଠା ହୋଇ ବର୍ଷସାରା ଅନେଇ ରହିଥାନ୍ତି । ଡଙ୍ଗରରେ ସୁଆଁ, ଜହ୍ନା, ମକା ପାଚେ ଫସଲ ଅମଳ ଶେଷରେ ବଣ୍ଡା ମନରେ କିମିଆ ଲାଗେ ।

ଚଇତ ମାସର ଏକ ନିର୍ଦ୍ଧାରିତ ରବିବାରରେ ଆରମ୍ଭ ହୁଏ ବଣ୍ଡା ସମାଜର ଜାତୀୟ ପର୍ବ 'ସୁମ୍‌ମେ' । ଏହା ରବିବାର ଦିନଠାରୁ ଆରମ୍ଭ ହୋଇ ଦଶଦିନ ପର୍ଯ୍ୟନ୍ତ ଚାଲେ । ଏହି ପର୍ବ ବଣ୍ଡାକୁ ଆଣିଦିଏ, ପୂର୍ଣ୍ଣ ସ୍ୱାଧୀନତା, ଆବାଳ-ବୃଦ୍ଧ-ବନିତା ସମସ୍ତେ ପରସ୍ପର ପାର୍ଥ୍ୟକ ନରଖି ଲଜ୍ଜା ଭୁଲି ଆନନ୍ଦ ଉଲ୍ଲାସରେ ପାନଳ କରିଥାନ୍ତି । ନିର୍ଦ୍ଧାରିତ ଦିନ ଆସିଲେ ଗାଁ ଦାଣ୍ଡରେ 'କିଡିଙ୍ଗ ସାଗର'(ଢ଼ୋଲ) ବାଜେ । ଗାଁର ସୀସା (ପୂଜାରୀ) 'ସିନ୍ଧିବର' ଉପରକୁ ଆସି 'କିଡିଙ୍ଗ ସାଗର' (ଢ଼ୋଲ) ବଜାଇ ପର୍ବ ଆରମ୍ଭର ବାର୍ତ୍ତା ଜଣାଏ । ବଣ୍ଡା ବସ୍ତିର ଘରେ ଘରେ ଖେଳିଯାଏ ଆନନ୍ଦ ଉଲ୍ଲାସ । ପ୍ରଥମ ଦିନ ପୂଜା କରାଯାଏ 'ବୁରୁସୁଙ୍ଗ' ଦେବତାଙ୍କୁ ତାପରେ ପୂଜା ପାଆନ୍ତି ବୁଣ୍ଡୀ ଦେବୀ(ବୁଣ୍ଡୀ ଠାକୁରାଣୀ) । ବଣ୍ଡବସ୍ତିର ବୁଢ଼ାବୁଢ଼ୀଠାରୁ ଆରମ୍ଭ କରି ଛୋଟ ଛୋଟ ପିଲା ଏକତ୍ର ହୁଅନ୍ତି 'କିଡିଙ୍ଗ ସାଗର' ତାଳେ ତାଳେ ପାଦରେ ପାଦ ମିଳାଇ ଉଚ୍ଚତା ଅନୁସାରେ ଧାଡି ବାନ୍ଧି ହାତରେ ମୟୂର ପୁଚ୍ଛ ଧରି ନୃତ୍ୟ କରନ୍ତି । ନୃତ୍ୟର ଉଦ୍ଦମତା ଓ ସଙ୍ଗୀତ ଲହରୀରେ ଆତ୍ମବିଭୋର ହୋଇ ସବୁ କିଛି ଭୁଲି ପ୍ରଗଲ୍‌ଭ ହୋଇ ନାଚିଥାନ୍ତି । ଯୁବକ ଯୁବତୀମାନେ ନୃତ୍ୟଗୀତ ଭିତରେ ରଙ୍ଗରସରେ ମାତି ଯାଆନ୍ତି । ନାଚୁ ନାଚୁ ସେମାନେ ପାଲଟି ଯାଆନ୍ତି ଆଦାମ୍ ଓ ଇଭ୍ । ସଂପୂର୍ଣ୍ଣ ନିର୍ବିକାରତ୍ୱ ରାଜୁତି କରୁଥାଏ, ସେଠାରେ । ଏମିତି ନୃତ୍ୟଗୀତ ପ୍ରାୟ ତିନିଦିନ ଧରି ଚାଲେ । ଏହି ସମୟରେ ଅନ୍ୟ ଢ଼ୋଲିଆମାନେ ମଧ୍ୟ ସେମାନଙ୍କର ଢ଼ୋଲ ଧରି ଏକତ୍ର ହୁଅନ୍ତି ବା ଚତୁର୍ଥ ଦିନ ସୀସା(ପୂଜାରୀ) ବଣକୁ ଯାଇ 'କେରଙ୍ଗ' ଡାଳ କାଟି ଆଣେ । ଏହାଦ୍ୱାରା ପର୍ବକୁ ମଜବୁତ୍ କରାଯାଏ ଏବଂ ଆରମ୍ଭ ହୁଏ ସମର ନୃତ୍ୟ । ଏହି ନୃତ୍ୟ ଚତୁର୍ଥଦିନଠାରୁ ଦଶମ ଦିନ ପର୍ଯ୍ୟନ୍ତ ଲାଗି ରହେ । ଅବିରାମ ଗତିରେ କିଡିଙ୍ଗ ସାଗର ବାଜୁଥାଏ ଏବଂ ନୃତ୍ୟ ଚାଲିଥାଏ । ଏହି ନୃତ୍ୟ ପ୍ରଥମେ ଛୋଟ ଛୋଟ ପିଲାମାନଙ୍କଠାରୁ ଆରମ୍ଭ ହୁଏ । ପିଲାମାନେ ସଲପ ଗଛର ଡାଳଧରି ଆସନ୍ତି । ଉଦ୍ଦାମ

ବେଗରେ ବାଜି ଉଠେ ଢ଼ୋଲ (କିଡିଙ୍ଗି ସାଗର) । ସେମାନେ ରଣହୁଙ୍କାର ସହିତ ପିଟାପିଟି ପର୍ବ ଆରମ୍ଭ କରନ୍ତି । ସଲପ ଗଛର ଡାଳରେ ପିଟାପିଟି ସମର ନୃତ୍ୟ ଆରମ୍ଭ ହୁଏ, ଢ଼ୋଲ ଶବ୍ଦ ଯେତେ ତୀବ୍ର ହୁଏ ସମର ନୃତ୍ୟ ସେତେ ଭୟଙ୍କର ହୁଏ । ବାଦ୍ୟର ବେଗ କମିଗଲେ ସମର ନୃତ୍ୟ ବନ୍ଦ ହୋଇଯାଏ । ସେତେବେଳେ ଅନେକ ପିଲା ଜଖମ ହୋଇଥାନ୍ତି ଦେହରେ କ୍ଷତ ଯୋଗୁଁ ରକ୍ତ ବାହାରୁ ଥାଏ । କିନ୍ତୁ ସେମାନଙ୍କ ମଧ୍ୟରେ ସାମାନ୍ୟ ପ୍ରତିକ୍ରିୟା ଦେଖାଯାଏ ନାହିଁ । ଶାନ୍ତଶିଷ୍ଟ ଭାବରେ ପରସ୍ପର ପରସ୍ପରକୁ ଆଲିଙ୍ଗନ କରିଥାନ୍ତି । ମାଡଖାଇ ପିଲାମାନେ ଘରକୁ ଗଲେ ମା'ମାନେ ସେହି କ୍ଷତ ସ୍ଥାନରେ ତେଲ ଲଗାଇ ଦେଇଥାନ୍ତି । କିଛି ସମୟ ପରେ ସେମାନେ ଏକତ୍ର ସୀସା ପାଖକୁ ଆସନ୍ତି । ସୀସା(ପୂଜାରୀ) ପିଲାମାନଙ୍କୁ ପିଠା ବାଣ୍ଟେ, କିରିମ୍ତର (ପିଠା) ଖାଇବା ପରେ ପିଲାମାନେ ଖୁସିରେ ଘରକୁ ଯାଇଥାନ୍ତି ।

ତାପର ଦିନ ସନ୍ଧ୍ୟାରେ ବଡମାନଙ୍କର ସମର ପର୍ବ ଆରମ୍ଭ ହୁଏ ଅନୁରୂପ ସଂଗ୍ରାମର ନୃତ୍ୟ ସଲପ ଗଛ ଡାଳରେ ପରସ୍ପର ପିଟାପିଟି ପର୍ବ । ଢ଼ୋଲ ବାଜିବା ସଂଗେ ସଂଗେ ପର୍ବଟି ମାରାମ୍ ୍ନ ହୋଇଥାଏ । ପିଟାପିଟି ବେଶୀ ହେଲେ ସୀସା(ପୂଜାରୀ) ଢ଼ୋଲ ବଜାଇବା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥାଏ । ସୀସା, ପର୍ବ ସମାପ୍ତିର ଘୋଷଣା ପରେ ନୃତ୍ୟ ବାଦ୍ୟ ବନ୍ଦ ହୁଏ । ଶାନ୍ତ ହେଲା ପରେ ଜଣେ ବଣ୍ଡା ଅନ୍ୟ ବଣ୍ଡାର ପାଦ ଛୁଇଁ ପରସ୍ପରକୁ ଆଲିଙ୍ଗନ କରିଥାନ୍ତି । ଦେହରେ କ୍ଷତ ହୋଇ ରକ୍ତାକ୍ତ ହୋଇଥିଲେ ମଧ୍ୟ କାହାପ୍ରତି କାହାର ବିଦ୍ୱେଷ ଭାବ ନଥାଏ । ସୀସା(ପୂଜାରୀ) ସମସ୍ତଙ୍କୁ ପିଠା ବାଣ୍ଟେ । ସମସ୍ତଙ୍କୁ ଶାନ୍ତଶିଷ୍ଟ ଭାବେ ମିଳିମିଶି ଚଳିବାକୁ ଉପଦେଶ ଦେଇଥାଏ । ଏହି ସମର ପର୍ବରେ ଜାତିର ଚିହ୍ନ ସ୍ୱରୂପ ଆଣ୍ଠୁରେ ଘଣ୍ଟି, ଛାତିରେ, ଝୁଲୁ ଥିବା ଦର୍ପଣ, ଅଣ୍ଟାରେ ପାନିଆ, କାନ୍ଧରେ ଟାଙ୍ଗୀ, ହାତରେ ଧନୁଶର, ବାଁ ପାଖ ଅଣ୍ଟାସୂତାରେ ବାରହା ଦାନ୍ତ ବେଣ୍ଟଥିବା ଛୁରୀ, ଡାହାଣ କାନ୍ଧରେ ଝୁଲୁଥିବା ପୋଢ଼ କିମ୍ବା ଗୟଳ ଶିଙ୍ଘ ଶିଙ୍ଘା, ପିତଳ ଘଣ୍ଟି, ଅଣ୍ଟାରେ ଗୁଡାଇ ରଖାଯାଇଥାଏ ଗାର ଗାରିଆ - ଲେଙ୍ଗୁଠି ଏବଂ ମୁଣ୍ଡରେ ମୟୂରପୁଚ୍ଛ ଲାଗିଥିବା ପାଗ ଭିଡା ଯାଇଥାଏ । ବଣ୍ଡା ରମଣୀ ଅନେକ ଅଳଙ୍କାର ପିନ୍ଧିଥାନ୍ତି । ଲାଖ, କାଚ, ଗୁଞ୍ଜମାଳି, କଉଡି ଆଦିରେ ନିର୍ମିତ ବହୁରଙ୍ଗର ମାଳି ସ୍ତର ସ୍ତରରେ ଦେହରେ ପିନ୍ଧିଥାନ୍ତି । ବେକଠାରୁ ଆରମ୍ଭ ହୋଇଥାଏ ମାଳି ଲଣ୍ଡିତ ମସ୍ତକରେ ଦୁଇ ପ୍ରକାର ମୁଣ୍ଡଫିତା 'କୁରତବ' ଏବଂ 'ଲୋବେଡା' ପିନ୍ଧିଥାନ୍ତି ଏବଂ 'କେରଙ୍ଗ' ତନ୍ତୁରେ ନିର୍ମିତ 'ରିଙ୍ଗା' ପିନ୍ଧିଥାନ୍ତି । ଗାଁ ଦାଣ୍ଡରେ ବାଇଦର ତାଳେ ତାଳେ ମହୁଲି ନିଶାରେ ମସ୍‌ଗୁଲ ହୋଇ ନାଚି

ବଣ୍ଡାମାନେ ସେମାନଙ୍କ ଜାତୀୟ ପର୍ବକୁ ପାଳନ କରିଥାନ୍ତି । ଏହି ନୃତ୍ୟରେ ଏ ଅଧିକ ଆଘାତ ପାଇ ରକ୍ତାକ୍ତ ହେବ ଆଗାମୀ ବର୍ଷରେ ସେ ଅଧିକ ଫସଲ ଆମଦାନୀ କରି ସୁଖୀ ହୋଇ ପାରିବ ବୋଲି ବଣ୍ଡାମାନଙ୍କ ବିଶ୍ୱାସ ।

ପ୍ରକୃତି ସହିତ ସଂଗ୍ରାମ କରି ବଞ୍ଚିବାର ରାସ୍ତା ଏହି ପର୍ବଟି ବଣ୍ଡମାନଙ୍କୁ ବତାଇ ଦିଏ, ବଣ୍ଡାମାନେ ସରଳ ବିଶ୍ୱାସୀ କଷ୍ଟ ସହିଷ୍ଣୁ ସଂଗ୍ରାମୀ ଆଦିବାସୀ । ସେମାନଙ୍କ ମଧ୍ୟରେ ଗୋଟିଏ ଶୃଙ୍ଖଳିତ ପରମ୍ପରା ରହିଛି, ଯାହା ସେମାନେ ପ୍ରକୃତିର ନିୟମରୁ ହିଁ ଅନୁକରଣ କରି ନିଜ ଗୋଷ୍ଠୀ ଜୀବନର ଉନ୍ନତି ପାଇଁ ପରମ୍ପରାକୁ ମାନି ନେଇଥାନ୍ତି । ସମୟର ଯାହା ପରିବର୍ତ୍ତନ ହେଉ ନା କାହିଁକି ବଣ୍ଡାମାନେ ସେମାନଙ୍କର ସ୍ୱତନ୍ତତା ରକ୍ଷା କରିବାକୁ ଭୁଲନ୍ତି ନାହିଁ । ବଣ୍ଡା ଜନନୀ ବଣ୍ଡା ମହାଦେଈ ଏବଂ ତାଙ୍କର ସ୍ୱାମୀ ଜଗଦେଶ ଭୂଷଣ ମହାରାଜାଙ୍କୁ ସମ୍ମାନ ଦେଖାଇବା ଭୁଲନ୍ତି ନାହିଁ ।

ସମର ନୃତ୍ୟ ସେମାନଙ୍କୁ ଧୈର୍ଯ୍ୟ ଦୃଢ଼ତା, ସହନଶୀଳତା ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଶିକ୍ଷା ଦେଇଥାଏ । ବଣ୍ଡା ନିଜ ଭିତରେ ଏସବୁ ସାଇତି ରଖି ବଣ, ପାହାଡ଼, ଝଡବର୍ଷାର ହିଂସ୍ରଜନ୍ତୁ ତଥା ବିଭିନ୍ନ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ତା'ର ମୁକାବିଲା କରିବା ପାଇଁ ପନ୍ଥା ନିର୍ଣ୍ଣୟ କରିଥାଏ । ତେଣୁ 'ସୁମ୍‌ମେ-ଗେରିଲାକ୍' ପର୍ବରେ ସେ ମାତାଲ ହୋଇ ଆନନ୍ଦ ଉଲ୍ଲାସରେ ଦିଗ୍‌ବିଜୟୀ ହେଲାଭଳି ନାଚିଥାଏ । ବଣ୍ଡାମାନେ ଗୋଷ୍ଠୀ ଜୀବନ. ସାମୂହିକ ଶକ୍ତିର ବିକାଶ, ଐକଶକ୍ତି ବଳରେ ନିଜକୁ ସୁରକ୍ଷିତ କରି ନିର୍ଭୀକ ଭାବେ ଜୀବନ ବିତାଇଥାନ୍ତି ଏବଂ ନୃତ୍ୟଗୀତ ମାଧ୍ୟମରେ ଜୀବନକୁ ଉପଭୋଗ କରିଥାନ୍ତି ।



# ବଡ଼ ଯାତ୍ରା

ସବୁଜ ସୁନ୍ଦର ବନଭୂମୀ ବିମଣ୍ଡିତ ପ୍ରକୃତିର ନୈସର୍ଗିକ ଗନ୍ତାଘର, ଅନେକ ମୂଲ୍ୟବାନ ଖଣିଜ ପଦାର୍ଥର ପରିପୂର୍ଣ୍ଣ ରତ୍ନଗର୍ଭା ମାଲ୍ୟବନ୍ତ ବା ମାଲାକାନଗିରି ଜିଲ୍ଲା । ଯେଉଁଠି ରହିଛି ମହାଭାରତ ଓ ରାମାୟଣର ଅନେକ ସ୍ମୃତି । ପୌରାଣିକ ପୃଷ୍ଠଭୂମୀକୁ ଅବଲୋକନ କଲେ ଜଣାଯାଏ ବଡ଼ ଯାତ୍ରା ସହିତ ରହିଛି ଅନେକ ସମାଞ୍ଜସ୍ୟ ମହାଭାରତ ସହିତ । ଏହି ରାଜ୍ୟରେ ଜରାସନ୍ଧ ରାଜା ରାଜତ୍ୱ କରୁଥିଲେ । ମାଁ ଯାଜ୍ଞସେନୀ(ମୁତ୍ୟାଲୁଆମା)ଙ୍କୁ ସନ୍ତୁଷ୍ଟ କରି ଲକ୍ଷେ ରାଜାଙ୍କ ମଉଡ଼ମଣି ହେବା ପାଇଁ ସେ ଲକ୍ଷେ ବଳି ଦେବା ପାଇଁ ଯଜ୍ଞ ଆରମ୍ଭ କଲେ । ବୀର ପ୍ରତାପୀ ଜରାସନ୍ଧ ବିଭିନ୍ନ ରାଜାମାନଙ୍କୁ ଆଣି ବନ୍ଦୀ ରଖିଲେ । ଏତିକିବେଳେ ପଣ୍ଡୁ ରାଜା ସ୍ୱର୍ଗାରୋହଣ କରି ନପାରି ତିନି ପାହାଚ ତଳେ ରହିଲେ । ତାଙ୍କ ଆତ୍ମାର ଶାନ୍ତି ପାଇଁ ଯୁଧିଷ୍ଠିରଙ୍କୁ ରାଜସୂୟ ଯଜ୍ଞ କରିବାକୁ ପଡିବ, ତେଣୁ ଯୁଧିଷ୍ଠିର କୃଷ୍ଣଙ୍କ ସହାୟତା ଲୋଡ଼ିଲେ । କୃଷ୍ଣ ଲକ୍ଷେ ରାଜାଙ୍କୁ ଜରାସନ୍ଧ ବନ୍ଦୀ କରିଛି ଏବଂ ଜରାସନ୍ଧକୁ ମାରି ଲକ୍ଷେ ରାଜାଙ୍କୁ ଆଣିବାକୁ କୃଷ୍ଣ ପରାମର୍ଶ ଦେଲେ । ଏ କଥା ଶୁଣି କୃଷ୍ଣ, ଭୀମ, ଅର୍ଜ୍ଜୁନବ୍ରାହ୍ମଣ ବେଶରେ ଜରାସନ୍ଧର ଯଜ୍ଞପୀଠକୁ ଗମନ କଲେ । ଶିମୁଳି ବୃକ୍ଷକୁ ପ୍ରଥମ ଦ୍ୱାରରେ, ଭେରୀକୁ ଦ୍ୱିତୀୟ ଦ୍ୱାରରେ, ଗଧକୁ ତୃତୀୟ ଦ୍ୱାରରେ ଏବଂ ନିଜ ପୁତ୍ର ସହଦେବକୁ ଚତୁର୍ଥ ଦ୍ୱାରରେ ଜରାସନ୍ଧ ଜଗୁଆଳି କରି ରଖିଥାଏ । ଶିମୁଳି ବୃକ୍ଷକୁ ଅର୍ଜ୍ଜୁନ ଶର ଦ୍ୱାରା ଉପାଡିବା ପରେ ଶାପମୁକ୍ତ ହେଲା ଶିମୁଳି ବୃକ୍ଷ । ଭେରୀକୁ ଗଦାରେ ମାରି ଚୂନା କଲେ ଭୀମ ଗଧର ପାଦ ଧରି ଶ୍ରୀକୃଷ୍ଣ ଭିତରକୁ ଗଲା ଭେରି ଏବଂ ଗଧ ଶାପ ମୁକ୍ତ ହେଲେ । ସହଦେବକୁ କୃଷ୍ଣ ନିଜର ବିଷ୍ଣୁ ରୂପ ଦେଖାଇବା ଦ୍ୱାରା ସହଦେବ ପଦ ବନ୍ଦନା କରି ଭିତରକୁ ଛାଡ଼ି ଦେଲେ । ତିନି ବ୍ରାହ୍ମଣ ରୂପୀ ଅର୍ଜୁନ, ଭୀମ ଏବଂ କୃଷ୍ଣ ଜରାସନ୍ଧକୁ ବଧ କରି ଲକ୍ଷେ ରାଜାଙ୍କୁ ମୁକ୍ତ କଲେ । ଏହା ଦେଖି ଯାଜ୍ଞସେନୀ (ମୁତିଆଲାମ୍ମା) ଦେବୀ ଭକ୍ଷଣ କରିବାକୁ ଆଗେଇ ଗଲେ ଶ୍ରୀକୃଷ୍ଣ, ଅର୍ଜ୍ଜୁନ ଓ ଭୀମଙ୍କୁ । ଶ୍ରୀକୃଷ୍ଣ ଦେବୀଙ୍କୁ ସାନ୍ତ୍ୱନା ଦେଇ କହିଲେ ତୁମକୁ ନିଶ୍ଚୟ ଲକ୍ଷେ ବଳି ଦିଆଯିବ ଏବଂ ଏହି ସ୍ଥାନରୁ ତୁମେ ବାହରିଲେ ପ୍ରତି ପାଦରେ ଗୋଟିଏ ଗୋଟିଏ ବଳି ଦିଆଯିବ, ତୁମର ଯାତ୍ରାକୁ "ବଡ଼ ଯାତ୍ରା" ରେ ନାମିତ ହେବ । ଏହା ଶୁଣି ଦେବୀ ସନ୍ତୁଷ୍ଟ ହେଲେ । କୃଷ୍ଣ, ଭୀମ, ଅର୍ଜ୍ଜୁନ ତିନି ଜଣ ଯାଜ୍ଞାସେନୀକୁ ପାଛୋଟି ଆଣି ମାନବ କୋଣ୍ଡା(ଯଜ୍ଞକୁଣ୍ଡ)ରୁ ବାହାରିଲେ । ପ୍ରତି ପାଦରେ ବଳି ପଡିଲା ।

ମାଲକାନଗିରିଠାରେ ପହଞ୍ଚିଲା ବେଳକୁ ଲକ୍ଷେ ବଳି ପୂର୍ଣ୍ଣ ହୋଇଗଲା । ଦେବୀ ସନ୍ତୁଷ୍ଟ ହେଲେ କହିଲେ ଆଗକୁ ମୁଁ ଯାଇପାରିବିନି । ଏଠାରେ ହିଁ ରହିବି । ବଡଯାତ୍ରା ମାଘ ପୂର୍ଣ୍ଣିମାରୁ ଫାଲଗୁନ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳନ କରାଯାଇଥାଏ । ବଡଯାତ୍ରା ସେହି ଦିନ ଠାରୁ ପାଳନ କରାଯାଉଛି । କୋୟାମାନଙ୍କର ପ୍ରସିଦ୍ଧ ଗଣପର୍ବ ହେଉଛି ବଡ ଯାତ୍ରା । ବଡ ଯାତ୍ରାରେ କାନ୍ନାମାରାକୁ(କୃଷ୍ଣ), ପୋତୁ ରାଜୁ(ଭୀମ), ବାଲା ରାଜୁ(ଅର୍ଜୁନ)ଙ୍କୁ ପୂଜା କରାଯାଇଥାଏ । ମାନ୍ୟମ କୋଣ୍ଡାଠାରୁ ମାଲକାନଗିରି ପ୍ରାୟ ୩୦ କି.ମି. ର ରାସ୍ତା ଅଟେ ।

କୋୟା ଆଦିବାସୀଙ୍କ ଭାଷା ଓ ସଂସ୍କୃତି ସହିତ ଆନ୍ଧ୍ର ପ୍ରଦେଶର ତେଲୁଗୁ ଭାଷା ଓ ଛତିଶଗଡ଼ ପ୍ରଦେଶର ଆଦିବାସୀ ସଂସ୍କୃତି ପ୍ରଭାବ ରହିଛି । ରାଜୁ ଶବ୍ଦର ଅର୍ଥ ତେଲୁଗୁ ଭାଷାରେ ରାଜା, ପୋତୁ ଶବ୍ଦର ଅର୍ଥ ବଳବାନ, ବାଲା ଶବ୍ଦର ଅର୍ଥ ଛୋଟ ଏବଂ ମୁତ୍ୟାଲାମ୍ମାଙ୍କ ସହିତ ତେଲୁଗୁ ଭାଷାର ପ୍ରଚଳନ ରହିଛି । ପ୍ରଭୁ ଜଗନ୍ନାଥଙ୍କ ନୂଆ କଳେବର ନିମ୍ବ କାଠରେ ହୋଇଥାଏ । ଠିକ୍ ସେହି ଭଳି ଏହି ତିନି ଠାକୁରଙ୍କ କଳେବର ବାଉଁଶରେ ତିଆରି କରାଯାଏ । ଏହି ଯାତ୍ରା ପ୍ରତି ଦୁଇବର୍ଷରେ ଥରେ ହୋଇଥାଏ । ଯେଉଁ ବର୍ଷ ଯାତ୍ରା ହୁଏ ସେହି ବର୍ଷ ମାନ୍ୟା କୋଣ୍ଡା ପାହାଡ଼ର ଏକ ନିର୍ଦ୍ଦିଷ୍ଟ ଛାଞ୍ଚଡ଼ା ପଥର ନିକଟରେ ତିନୋଟି ବାଉଁଶ ଗଜା (ପିଲ) ଉଠିଥିବା ଦେଖାଯାଏ । ସେବାୟତକାରୀ ଏହାକୁ ପ୍ରଥମେ ଦେଖିଥାଏ । ସେ ସମସ୍ତ ପୂଜକ ଏବଂ ବଗରିଲାମାନଙ୍କୁ ଏହି କଥା ଜଣାଇ ଦିଏ । ସେବାୟତକାରୀମାନେ ଏହି ତିନୋଟି ବାଉଁଶ ଗଜାକୁ କାଟି ଆଣନ୍ତି, ଧୂପ ଦୀପ, ନଡ଼ିଆ ଦେଇ ପୂଜା କରାଯାଏ । ମୟୁର ପୁଚ୍ଛ ଦ୍ୱାରା ତିନି ଠାକୁରଙ୍କୁ ସଜାଇ ବିମାନରେ ପ୍ରତିଷ୍ଠା କରାଯାଏ । କୁମ୍ଭ ମାଧମରେ ଯାଜ୍ଞସେନୀ ପୀଠ କରାଯାଏ । ପୂର୍ବକାଳରେ ରାଜାମାନେ ନାୟକ, କୁମ୍ଭାର, ବଢ଼େଇ ଓ ବଗରିଲାମାନଙ୍କୁ ନିମନ୍ତ୍ରଣ କରୁଥିଲେ । ବଢ଼େଇ ବାଉଁଶ ଟାଟଲଗା ଡ଼ଙ୍ଗା, ଠାକୁରଙ୍କ ପାଇଁ କୁମ୍ଭାର ମାଟିରେ ହାଣ୍ଡି ତିଆରି କରି ନିଜର ଘରିଆଡ଼େ ଚାଉଳ ବିଞ୍ଚି ଦେଉଥିଲା । ଚାଉଳକୁ ଖାଇବାକୁ ଚାରି ଦିଗରୁ ମୟୁରମାନେ ଆସୁଥିଲେ । ବଗରିଲା ମୟୁରମାନଙ୍କଠାରୁ ମୟୁର ପୁଚ୍ଛ ସଂଗ୍ରହ କରି ଆଣୁଥିଲା । ମୟୁର ପୁଚ୍ଛ ସଂଗ୍ରହ କଲାପରେ ଯଦି ମୟୁର ଉଡି ଯାଇ କଞ୍ଚା ଡାଳରେ ବସୁଥିଲା, ତେବେ ବିଶ୍ୱାସ କରାଯାଉଥିଲା ସେହି ବର୍ଷ ଭଲ ଫସଲ ହେବ ଏବଂ ଲୋକମାନେ ଶାନ୍ତିରେ ରହିବେ । ଯଦି ମୟୁର ଉଡ଼ି ଯାଇ ଶୁଖିଲା ଡାଳରେ ବସୁଥିଲା, ତେବେ ସେହି ବର୍ଷ ମରୁଡ଼ି ପଡ଼ିବ ଏବଂ ଲୋକମାନେ ଅଶାନ୍ତିରେ ରହିବେ ବୋଲି ବିଶ୍ୱାସ କରାଯାଉଥିଲା ।

ଏହି ପର୍ବ ହେଉଛି ଫସଲର ପର୍ବ । ଯାତ୍ରା ସମୟରେ ମାନବ କୋଣ୍ଡାଠାରୁ ଠାକୁରଙ୍କୁ ପାଛୋଟି ଆଣିବା ପାଇଁ ଭକ୍ତମାନେ ପଟୁଆର ବିମାନ ସହିତ ଫଗୁଣ ମାସର ପ୍ରଥମ ବୁଧବାର ଦିନ ବାହାରି ପଡନ୍ତି ନୌକାରେ ପାରହୋଇ ପୋଲରୁ ସ୍ନାନ ଓ ତାଡାରେ ସ୍ନାନ ଠାକୁରଙ୍କୁ କରାଯାଏ ଏବଂ ପ୍ରଥମେ ଅନ୍ନଭୋଗ ହୁଏ । ତାପରେ ଠାକୁରମାନଙ୍କୁ କାଲିମେଳା କାଙ୍ଗୁରୁକୋଣ୍ଡା, ପୋଟେରୁ, ଶିଖ୍ ପାଲି, ମାଝି ମାଣ୍ଡିଆ ଭଟ୍ଟା ଇତ୍ୟାଦି ସ୍ଥାନରେ ଅବସ୍ଥାନ କରାଯାଏ ପ୍ରତିଟି ସ୍ଥାନରେ ଭୋଗ ହୁଏ । ଯାତ୍ରା ସମୟରେ ରାସ୍ତାରେ ଗାଁର ଦେବ ଦେବୀଙ୍କ ଲାଠିକୁ ଦୈବୀ ବସ୍ତ୍ର, କଉଡି, ଝୁମୁକା ଓ ମୟୁର ପୁଚ୍ଛରେ ସଜ୍ଜିତ କରାଯାଇଥାଏ । ନିଜ ନିଜ ଗ୍ରାମର ଲାଠିକୁ ଶିରା, ପୂଜେର, ଓ୍ୱାର୍ଡେ ଲାଠିକୁ ଧରି ସାଥିରେ ଆସିଥାନ୍ତି । ଷଷ୍ଠ ଦିନରେ ମାନ୍ୟା କୋଣ୍ଡାସ୍ଥିତ ମୁତ୍ୟାଲମ୍ମା ମନ୍ଦିର ପାଖରେ ଅସ୍ଥାୟୀ ତାଳ ପତ୍ର ଛପର ହୁଏ । ତାପରେ ଧୂପ ଦୀପ ପାଇଁ ତେଲ ପେଡା ହୁଏ । ଅଷ୍ଟମ ଦିନରେ ବାଉଁଶ ମରା ହୁଏ ତିନି ଠାକୁରଙ୍କ ପାଇଁ ସାତକାନପଲ୍ଲୀଠାରେ । ପୋଲୁରୁ ଗାଁରୁ ନଈ ପାର ପାଇଁ ବାଉଁଶ ତାଟ ଲଗା ଡ଼ଙ୍ଗା ତିଆରି ହୁଏ । ତାପରେ ମୟୁର ପୁଚ୍ଛ ପାଇଁ ଜାଲ ଚିରା ହୁଏ । ଏକାଦଶ ଦିନ ପ୍ରତିମା ନିର୍ମାଣ ହୁଏ ଏବଂ ବାଉଁଶ ପିଲରେ ମୟୁର ପୁଚ୍ଛ ଆବୃତ କରାଯାଏ । ପ୍ରତିମା ନିମାଣ ପରେ ବଳି ଭାତ ପ୍ରସ୍ତୁତ କରାଯାଏ । ଏଥିରେ ପଶୁପକ୍ଷୀ ବଳିର ରକ୍ତକୁ ମିଶାଇ ଅନ୍ନ ଭୋଗ ହୋଇଥାଏ । ଏହା ପରେ ପୋଲୁରୁ ତାଡ଼କା ରେଭରେ ପୋଖରୀରେ ସ୍ନାନ ହୁଏ ସେଠାରେ ପୁରୁଣା ମୂର୍ତ୍ତିକୁ ବିସର୍ଜନ କରାଯାଏ ଏବଂ ନୂଆ ମୂର୍ତ୍ତିକୁ ସ୍ନାନ କରାଯାଏ । ଏହା ପରେ ଆଠ ଦିନ ପ୍ରକୃତ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଭକ୍ତମାନେ ହାତରେ ମୟୁରପୁଚ୍ଛ ଓ ବାଉଁଶ ଲାଠି ଧରି ଝୁଲି ଝୁଲି ଠାକୁରମାନଙ୍କ ସହିତ ଯାତ୍ରା କରିଥାନ୍ତି । ମାନ୍ୟମ୍‌କୋଣ୍ଡାର ପାହାଡ ଗୁମ୍ଫାରେ ପୂଜା ହୁଏ । ମାନ୍ୟମ୍‌କୋଣ୍ଡାରୁ ଠାକୁର ବାହାରିବା ପରେ ପ୍ରଥମ ଦିନ ଠାକୁରଙ୍କ ଅନ୍ନ ଭୋଗ ହୁଏ । ଦ୍ୱିତୀୟ ଦିନ ଗୁବଲେରୁ ଦେଇ କାଲିମେଳା ଯାତ୍ରା ଏବଂ ସେଠାରେ ବିଶ୍ରାମ ନିଆଯାଏ । ତୃତୀୟ ଦିନ କାଲିମେଳା ଠାରୁ କାଙ୍ଗୁରୁ କୋଣ୍ଡା ଯାତ୍ରା ଓ ରହଣୀ ହୁଏ । ଚତୁର୍ଥ ଦିନ ପୋଟେରୁ, ଦିବା ଶିଖ ପାଲ୍ଲୀ ଏବଂ ସଂଧ୍ୟାରେ ତମସା ଯାତ୍ରା ଓ ବିଶ୍ରାମ ନିଆଯାଏ । ପଞ୍ଚମ ଦିନ ସକାଳେ ମାଲକାନଗିରି ସହରରେ ଅବସ୍ଥାନ ହୁଅନ୍ତି ଠାକୁରମାନେ । ସହରର ତିନୋଟି ସ୍ଥାନର ଉପକଣ୍ଠରେ ଥିବା କନ୍ୟାମାଝି କନ୍ଧ ନିକଟରେ, ତାପରେ ମାଣ୍ଡିଆ ଭଟ୍ଟାରେ, ତାପରେ ମାଉଲି ମନ୍ଦିରର ବଡ ଯାତ୍ରା ପଡିଆରେ ତିନି ଠାକୁର ରାତ୍ର କଟାଇଥାନ୍ତି । ଠାକୁରମାନେ ଏବଂ ଦେବୀ ଯାଜ୍ଞସେନୀ ମାନ୍ୟମ୍‌କୋଣ୍ଡା ପର୍ବତରୁ ମାଲକାନଗିରି ଆସିବା ପର୍ଯ୍ୟନ୍ତ ପ୍ରତିଟି ପାଦରେ ବଳି ଦିଆଯାଏ ।

ବିଭିନ୍ନ ସ୍ଥାନରୁ ଶହ ଶହ ଲାଠି, ଧ୍ୱଜାକୁ ଶିରୁଆମାନେ କାନ୍ଧରେ ଧରି ଢ଼ୋଲ, ଢ଼ାମ୍ପ, ବଜଣାରେ ନାଚି ନାଚି ଆସିଥାନ୍ତି । ଶହ ଶହ ଭକ୍ତ ରାସ୍ତାରେ ଶୋଇ ଗୁହାରି ପଡିଥାନ୍ତି । ହୁଳହୁଳି ମନ୍ତ୍ର ଧ୍ୱନିରେ ପୀଠଟି କମ୍ପି ଉଠେ । ଆଦିବାସୀ ରମଣୀମାନେ ମୟୁର ପୁଚ୍ଛ, ଅଣ୍ଟାରେ ଝୁମୁକା, ରଙ୍ଗ ବେରଙ୍ଗ ଶାଢ଼ୀ ପିନ୍ଧି ନାଚି ନାଚି ଆସିଥାନ୍ତି । ଲୋକଙ୍କ ବିଶ୍ୱାସ କେହି ଯଦି ଠାକୁରଙ୍କୁ ଟାପରା କିମ୍ବା ଅବିଶ୍ୱାସ କରିଥାଏ, ତାର କ୍ଷତି ହୋଇଥାଏ । ମାଉଲି ମନ୍ଦିର ଯିବା ବାଟରେ ଶହ ଶହ ପାରା ଉଡାଯାଏ । ମାଉିଲି ମନ୍ଦିର ଯିବା ସମୟରେ ଛତିଶଗଡ ରାଜା ସେଠାରେ ଛେରା ପହରା କରିଥାନ୍ତି ଏବଂ ଗୁପ୍ତ ପୂଜା ହୁଏ । ଭାତ ବିଛା ଯାଇଥାଏ ତାର ଉପରେ ତାଟ ଘୋଡାଇ ଦିଆଯାଇଥାଏ କିଛି ସମୟ ପରେ ଦେଖାଯାଏ ସେଠାରେ ଭାତନଥାଏ । ପୁରୁଷ ସ୍ତ୍ରୀମାନେ କଉଡି ମାଳରେ ପୋଷାକ ପିନ୍ଧି ହାତରେ ମୟୁର ଚୂଳ ଧରି ଠାକୁରଙ୍କ ସହିତ ନାଚି ନାଚି ଆସନ୍ତି । ବଡ଼ ଲାଠି ବୋହିଥିବା ଶିରା ଉପରେ ଦେବତା ପ୍ରସନ୍ନ ହୋଇଥାନ୍ତି । ସେ ନିର୍ଦ୍ଦିଷ୍ଟ ପୋଷାକ ପରିଧାନ କରିଥାଏ ଏବଂ ଦୁଇ ହାତରେ ଦୁଇ ମୁଠା ମୟୁର ପୁଚ୍ଛ ଏବଂ ଚୂଡି ସିନ୍ଦୁର ପିନ୍ଧିଥାଏ । ପ୍ରତି ପାଦରେ ଝୁଣା ଓ ଧୂପ ଶିରାକୁ ଦେଇ ପୂଜା କରାଯାଏ । ତାପରେ ତାର ଦେହରେ ଦୈବୀ ଶକ୍ତି ପ୍ରବେଶ କରିଥାଏ । ସେ ମୁଣ୍ଡ ଓ ଦେହ ହଲାଇ ଲାଠିଧରି ଦେହକୁ ଥରାଇ ଥରାଇ ବାଜାର ତାଳେ ତାଳେ ନାଚିଥାଏ । ଯେଉଁଲାଠି ଯେତେ ଓଜନ ଓ ଲମ୍ବା ସେଥିରେ ପ୍ରବେଶ କରିଥିବା ଦେବୀ ସେତେ ତାଗଡା ଓ କ୍ରୋଧି ବୋଲି ଧରାଯାଏ । ଏହି ସମୟରେ ଦେବୀ କଣ୍ଟା ଦୋଳିରେ ବସନ୍ତି । ମାନସିକଧାରୀ ଭକ୍ତମାନେ ଶହ ଶହ ଛେଳି, ପାରା, କୁକୁଡାକୁ ବଳିଦିଅନ୍ତି ମାନସିକ ଧାରୀମାନେ ମନସ୍କାମନା ପୂର୍ଣ୍ଣ ପାଇଁ ଶରୀରରେ ଲୁହାକଣ୍ଟା ପ୍ରହାର କରିଥାନ୍ତି । ଆଦିବାସୀ ରମଣୀମାନେ ହାତରେ ଲୁହା ଝୁମୁକା ଧରି ପରସ୍ପର ହାତ ଧରାଧରି ହୋଇ ନାଚରେ ମାତୁଆଲ ହୋଇପଡନ୍ତି । ଆଦିବାସୀ ପୁରୁଷମାନେ ମୁଣ୍ଡରେ ମଇଁଷି ଶିଙ୍ଗଲଗାଇ ଢ଼ୋଲ ବଜାଇ ଢ଼ୋଲର ତାଳେ ତାଳେ ଶିଙ୍ଗ ନୃତ୍ୟ କରୁଥିବାର ଦେଖି ମାଲକାନଗିରି ବାଟଘାଟ ମୁଖରତ ହୋଇଉଠେ । ଦେବୀ ପୀଠରେ ମାଲାଭରମ ଗ୍ରାମରୁ ଆସିଥିବା ପାଟ ଛେଳିକୁ ବଳି ଦିଆଯାଏ ତାପରେ କଣ୍ଡାପାଲୀ ଗ୍ରାମରୁ ଆସିଥିବା ପାଟ ଛେଳିକୁ ବଳି ଦିଆଯାଏ । ଆବାହମାନ କାଳରୁ ପରଂପରା ରହିଛି ତିନି ଠାକୁର ବିଜେ କରିଥିବା ବିମାନ ଉପରେ କେତେକ ପାରା ବସିଥାନ୍ତି ଠାକୁରଙ୍କ ମହିମା ଯୋଗୁଁ ପାରାମାନେ ଯେତେ ଶବ୍ଦ ହେଲେ ମଧ ସେହି ବିମାନର ଉପରେ ବସିଥାନ୍ତି ସେମାନେ ବଡ ଯାତ୍ରାରେ ମାନ୍ୟମକୋଣ୍ଡାଠାରୁ ଆସିଥାନ୍ତି ଏବଂ ସେହି ବିମାନରେ ବସି ବାଲରାଜ, ପୋତରାଜ ଓ କାନାମାରାଜୁଙ୍କ ତିନି ଠାକୁରଙ୍କ ସହିତ ନିଜ ଆସ୍ଥାନକୁ ଫେରିଯାଇଥାନ୍ତି ।

ଯାତ୍ରା ସମୟରେ ମନ୍ତ ଚାଉଳ ଖାଇବାକୁ ପାରା, କୁକୁଡା, ଛେଳିକୁ ଦିଆଯାଏ ଏବଂ ପ୍ରତିଟି ପାଦରେ ବଳି ଦିଆଯାଇଥାଏ । ପାଇକ ପୋଷାକରେ କାଠ ଘୋଡାରେ ଚଢ଼ି ଆଦିବାସୀ ଯୁବକ ଯୁବତୀମାନେ ନାଚି ନାଚି ଠାକୁରଙ୍କୁ ରାସ୍ତାରେ ସ୍ୱାଗତ ଜଣାଇଥାନ୍ତି । ରାସ୍ତା ସାରା ହୁଳ ହୁଳି ଦେଇ ଯୁବତୀ ଓ ମହିଳାମାନେ ମୁଣ୍ଡରେ ହଳଦୀ ପାଣିଭରା ଗରା ଧରି ପାଦ ଧୋଇଥାନ୍ତି । ମାଣ୍ଡିଆ ଉଚ୍ଚା ବା ବଡ଼ଯାତ୍ରା ପଡିଆରେ ଷଷ୍ଠଦିନ ବଡଯାତ୍ରା ପର୍ବ ଜାକ ଜମକରେ ପାଳନ କରାଯାଏ ସେଠାରେ ମେଳା ବସେ ଲାଠି ସହ ବିଭିନ୍ନ ଗ୍ରାମରୁ ଆସିଥିବା ଶିରା, ଓ୍ୱାର୍ଡେ ଏବଂ ଦିଶାରୀ ଏକାଠି ଲାଠି ରଖନ୍ତି ଏବଂ ସେଠାରେ ପୂଜା କରାଯାଏ ଧୂମ୍‌ଧାମ୍‌ରେ ପର୍ବ ପାଳିତ ହୁଏ । ସପ୍ତମଦିନରେ ମାଉଳି ମନ୍ଦିରର ବଡଯାତ୍ରା ପଡିଆରେ ତିନିରାତ୍ରି ସମସ୍ତେ ଏକାଠି କଟାଇଥାନ୍ତି ସେଠାରେ ତିନି ଠାକୁର ଏବଂ ମାଉଁଳି ମାଁଙ୍କ ଦର୍ଶନ କରାଯାଏ ଅଷ୍ଟମଦିନ ବା ଶେଷଦିନ ରାତ୍ରିରେ ଅନ୍ନଭୋଗ ହୋଇଥାଏ । ରାତ୍ରିବାରଟାରେ ଏହି ଭୋଗ ହୋଇଥାଏ । ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡରୁ ମଧ ଭକ୍ତଙ୍କ ସୁଅ ଛୁଟୁଥାଏ । ଏହି ପର୍ବରେ ଲକ୍ଷରୁ ଅଧିକ ବଳି ଦିଆଯାଇ ଥାଏ । ନବମ ଦିନ ପ୍ରାତଃ ଦେବଦେବୀ ନିଜ ନିଜର ଆସ୍ଥାନକୁ ଫେରିଥାନ୍ତି । ତିନିଠାକୁର ବା କାନାମାରାଜୁ, ବାଲିରାଜୁ ଓ ପୋତରାଜୁ, ଦେବୀ ମୁତ୍ୟାଲୁମା, ମାନ୍ୟମକୋଣ୍ଡା ଗାଁରେ ଥିବା ନିଜ ଆସ୍ଥାନକୁ ଯାତ୍ରା କରିଥାନ୍ତି । ମାନ୍ୟମକୋଣ୍ଡାରେ ୩ ଦିନ ପୂଜା ପାଇବା ପରେ ବିରାଟ ପଟୁଆରରେ ତିନିଠାକୁର ଯାଇଥାନ୍ତି ପାହାଡ ନିକଟକୁ ହୁଳହୁଳି ଧ୍ୱନିରେ ପୋଲୁର ପାହାଡ ପ୍ରକମ୍ପିତ ହୋଇଉଠେ ସେଠାରେ ଥିବା ଜଳାଶ୍ରୟରେ ଥିବା ମହାପ୍ରଭୁଙ୍କ ପ୍ରତୀକ ମାଛମାନେ ରହିଥାନ୍ତି ଯେଉଁ ଭକ୍ତମାନଙ୍କୁ ସେହିମାଛ ଦେଖାଯାଇଥାନ୍ତି ସେମାନଙ୍କର ଭାଗ୍ୟ ବଦଳିଯାଏ ବୋଲି ବିଶ୍ୱାସ ରହିଛି । ମନସ୍କାମାନ ପୂରଣ ପାଇଁ ପାହାଡରେ ଥିବା ବାଲସାରେ ପୂଜାର୍ଚ୍ଚନା କରାଯାଏ । ରାତ୍ରିରେ ପାହାଡ ଭିତରେ ଥିବା ଗୁମ୍ଫା ଭିତରେ ତିନି ଠାକୁରଙ୍କ ଆସ୍ଥାନକୁ ପଟୁଆର ସହ ପାଛୋଟି ନିଆଯାଇଥାଏ । ସେଠାରେ ତିନିଠାକୁର ଅବସ୍ଥାନ କରିଥାନ୍ତି । ପୂଜାରୀ ଏବଂ ଲୋକମାନେ ଆନନ୍ଦରେ ଖୁସୀମନରେ ମାଲକାନଗିରିକୁ ଫେରିଥାନ୍ତି "ବଡଯାତ୍ରା" ପର୍ବ ଶେଷ ହୋଇଥାଏ ।





# ଚଇତ ପରବ

'କୋରାପୁଟ' ଯେଉଁ ମାଟିର ପାଣି, ପବନ ସବୁଜ ବଳୟରେ କବି, ଭାବୁକଙ୍କ ସ୍ୱପ୍ନଭରା ମନ ପୂରି ଉଠେ, ଯାହାର ସ୍ପର୍ଶରେ ପଥିକଟି ଆଷାଢ଼ୀ କନ୍ୟାର ମେଘୁଆ ପଣତ ତଳେ କେତେବେଳେ ଘୁମେଇ ପଡିଥାଏ କ୍ଳାନ୍ତିର ଅପମୋଦନ ପାଇଁ ପୁଣି କେତେବେଳେ କୁରେଇ, କୁନ୍ଦ ଫୁଲର ମଳୟ ପବନ ତାକୁ କରିଥାଏ ଉତ୍ତାଳ । ଏହି ଅପରୂପା ଲାବଣ୍ୟବତୀ କୋରାପୁଟ ଯେଉଁଠି ଆଦିବାସୀର ସଂଗୀତ ହିଁ ଜୀବନ, ନୃତ୍ୟ ହିଁ ପ୍ରାଣକେନ୍ଦ୍ର । ଯେଉଁ ମାଟିକୁ ସ୍ପର୍ଶ କରିବା ମାତ୍ରେ ମନେ ପକାଇ ଦିଏ ତାର ଅତୀତର ଗାଥା । ରାମାୟଣର ଉତ୍ତରାକାଣ୍ଡରେ ବର୍ଣ୍ଣିତ ଦଣ୍ଡରାଜାଙ୍କ ରାଜଧାନୀ 'ଦଣ୍ଡକାରଣ୍ୟ'ର କଥା । ମହାରାଜା 'ଭୋଜ' ଯେତେବେଳେ ବତ୍ରିଶ ସିଂହସନାର ପ୍ରତିଟି ପାହାଚରେ ପାଦ ରଖନ୍ତି, ସେତେବେଳେ ପ୍ରତିଟି ପାହାଚରେ ପୁତ୍ତଳିକା ଦଣ୍ଡାୟମାନ ହୋଇ ବିକ୍ରମାଦିତ୍ୟଙ୍କ ଗୁଣଗାନ କରି ଗଳ୍ପ କହି ଉଭାନ ହୋଇଯାଇଥାଏ । ବର୍ତ୍ତମାନ ସୁଦ୍ଧା ନନ୍ଦନପୁର ସେହି ଲୋକକଥା ରହିଛି । ଏଥିରୁ ସ୍ପଷ୍ଟ ନନ୍ଦପୁରରେ ସେହି ଲୋକକଥା ରହିଛି । ଏଥିରୁ ସ୍ପଷ୍ଟ ଅନୁମାନ ହୁଏ ଯେ, କୋରାପୁଟ ଦିନେ ରାଜା ବିକ୍ରମାଦିତ୍ୟଙ୍କ ଆୟତ୍ତାଧୀନ ଥିଲା, ଏଠାରେ ନନ୍ଦରାଜାମାନେ ରାଜତ୍ୱ କରୁଥିଲେ । ପରବର୍ତ୍ତୀ ସମୟରେ କୋରାପୁଟ ମତ୍ସ୍ୟ ବଂଶୀୟ ରାଜାମାନଙ୍କ ଅଧୀନକୁ ଆସିଥିଲେ । ସେମାନେ 'ଡୁଡୁମା' ନିକଟସ୍ଥ ନଦୀର ନାମ 'ମତ୍ସ୍ୟକୁଣ୍ଡ' ଦେଇଥିଲେ ଏବଂ ତାହା ପରବର୍ତ୍ତୀ କାଳରେ ମାଛକୁଣ୍ଡ ନାମରେ ନାମିତ କରାଯାଇଥିଲା । ଏହାବ୍ୟତୀତ କୋରାପୁଟର ପ୍ରତିଟି ଗ୍ରାମମାନଙ୍କରେ ଶାକ୍ତ, ବୌଦ୍ଧ, ଶିବ ଶକ୍ତି (ଶୈବ) ସଂସ୍କୃତି ବିଦ୍ୟମାନ । କାଳିଦାସଙ୍କ 'ମେଘଦୂତ' ଏହି ଜିଲ୍ଲାର ସୌନ୍ଦର୍ଯ୍ୟକୁ ନେଇ ଲିଖିତ ବୋଲି କୁହାଯାଇଥାଏ ।

ବିଭିନ୍ନ ପର୍ବପର୍ବାଣି ମଧ୍ୟରେ 'ଚଇତ ପରବ' କୋରାପୁଟ ଆଦିବାସୀମାନଙ୍କର ପ୍ରଧାନ ପର୍ବ । ଋତୁରାଜ ବସନ୍ତର ଆଗମନରେ ତନୁରେ କୁହୁକ ଲାଗେ, ମନ ଓ ଆତ୍ମାରେ ଖେଳିଯାଏ ଅପୂର୍ବ ପୁଲକ, ଶୁଖିଲା ଓଠରେ ଉକୁଟି ଯାଏ ହସର ଅମୃତ । ଚଇତି ପବନର ଉନ୍ମାଦନାରେ ଖେଳିଯାଏ ଡଙ୍ଗର, ପାହାଡ, ବଣ, ଜଙ୍ଗଲ, ଶିମୁଳି ପଳାଶର ରଂଗରେ ଲାଲ ଟହ ଟହ ହସି ଉଠେ । ମହୁଲ ସଲପ ଗଛରୁ ଟପ ଟପ ଖସିପଡେ ଅସୁମାରୀ ମୋତି, ସରଗି ଗଛରେ ଚୂନା ଚୂନା ଫୁଲର ମହକ । ମତୁଆଲା ହୋଇ ନାଚିଉଠେ ପାହାଡି ଲଳନା । ଫୁଲ ଫଗୁଣର ନିମନ୍ତ୍ରଣ ନେଇ ଆସେ 'ଚଇତ ପରବ' । ବଉଳ

ଫୁଲର ବାସ୍ନାରେ, ପୋଡା ବଣ ଭୂଇଁ ଗନ୍ଧରେ, ମହୁଲି ରସରେ ବିଭୋର ହୋଇ ସଂଗୀତ ଓ ନୃତ୍ୟର ତାଳେ ତାଳେ ନାଚି ନାଚି ବେଦମ୍ ହୁଅନ୍ତି କୋରାପୁଟର ଧାଙ୍ଗଡା ଧାଙ୍ଗଡିମାନେ । ଏହି ପର୍ବ ମଧୁମାସ ଚୈତ୍ରରେ ପାଳିତ ହୁଏ । ଏହିପର୍ବ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଲୋକେ ବିଭିନ୍ନ ରୂପରେ ପାଳନ କରନ୍ତି । ପରଜାମାନେ ଏହାକୁ ଗୁଡି ଘରେ(ମନ୍ଦିରରେ), ବୃକ୍ଷମୂଳର ଝାଙ୍କରରେ ନିଷ୍ଠାର ସହିତ ପାଳନ କରିଥାନ୍ତି । ଚୈତ୍ର ମାସରେ ଆକାଶର ନକ୍ଷତ୍ରମାନଙ୍କର ଗତିବିଧି ଦେଖି, ଯୋଗପାଗ, ଶୁଭ ଦିନ ଠିକ୍ କରେ 'ଦିଶାରୀ' ଏବଂ ଗାଁର ଧାଙ୍ଗଡିଧାଙ୍ଗିଡିମାନଙ୍କୁ ଡାକି 'ବେଜୁଣୀ' ଜଣାଇ ଦିଏ ଚୈତ୍ରପର୍ବ କଥା । କେଉଁ ଦିନ ବେଣ୍ଟ(ଶିକାର)କୁ ଯିବେ । ସେହିଦିନଠାରୁ ପ୍ରତ୍ୟେକ ବ୍ୟକ୍ତି ଘରକୁ ଗୋବର ଏବଂ ରଙ୍ଗମାଟିରେ ଘର ଲିପାପୋଛା କରି କାନ୍ଥରେ ରଙ୍ଗବେରଙ୍ଗ ଝୋଟି ଦେଇ ଚିତ୍ରିତ କରିଥାନ୍ତି । ବେଜୁଣୀ କୁକୁଡାକୁ ଚାଉଳ ଖାଇବାକୁ ଦେଇ ପୂଜା ଆରମ୍ଭ କରିଦିଏ । ଏହି ପୂଜାରେ ଛେଳି, କୁକୁଡା, ବଳି ଦିଆଯାଏ । ସେହି ମାଂସକୁ ବନ୍ଧୁବାନ୍ଧବମାନଙ୍କ ମଧ୍ୟରେ ବଣ୍ଟା ଯାଇଥାଏ । ଚଇତ ପରବର 'ଢ଼େମ୍‌ସା' ଓ 'ସାଇଲଡି' ନାଚରେ ବନଭୂମି ମୁଖରିତ ହୁଏ ।

'ପାନିମାରିଗଲା ଝାଇଁ ପାନିମାରିଗଲା ଝାଇଁ
ପାନିମାରିଗଲା ଝାଇଁରେ ଦାଦା
ପାନି ମାରିଗଲା ଝାଇଁ ।
ବାଟର କୁଡିଆ ତୁମରି ପାଇଁ
ପିରି ଛାଇଁବାର ନାଇଁରେ ଦାଦା
ପାନି ମାରିଗଲା ଝାଇଁ ।'

ଗୀତ ଗାଇ ଗାଇ ଗାଁ ଗାଁ ବୁଲି ଟଙ୍କା ମାଗିଥାନ୍ତି କିମ୍ବା ସୀତା କନିଆଁ ବିଭା ହୋଇଲା .... ଗୀତ ଗାଇଥାନ୍ତି । ଏହି ସମୟରେ ଗ୍ରାମ ଦେବତାଙ୍କୁ ପୂଜା କରାଯାଏ ।

'ଜୟପୁର ନଏଁ ଜୟ ନଗର
ମଝିଦାଣ୍ଡେ ଅଛେ ଗୁଡିପଦର
ଦଇଖଣ ଦିଗେ ହୁଣ୍ଡି
ତା'ର ନାମ ଧରି ଗୀତ୍ ମୁଇଁ ଗାଏବି
ଲାଗ୍‌ଲାତ ଠାକୁରାନୀ ।'

ଏହି ସମୟରେ ବୈପାରୀଗୁଡାର ବୀରଖମ୍ବ, ନବରଙ୍ଗପୁରର ଭଣ୍ଡାର ଘରଣୀ, ବୋରିଗୁମ୍ମାର

ବୁଢ଼ା ଭୈରବ, ଗୁପ୍ତେଶ୍ୱର ଗୁମ୍ଫାର ମାଉଳି, ପୋଡାଗଡର ଭୈରବ, ଜୟପୁର ହୁଣ୍ଡୀ, ରାମସୀତା ଓ ଜଗନ୍ନାଥଙ୍କୁ ପୂଜା କରିଥାନ୍ତି ।

ରାମଗିରିଠାରେ ଗୁପତସର
ତଇରେ ପାକନା ତାରକୁ ତାର
ଭିତରରେ ଦେଖିଲେ ଭିଙ୍ଗ ଅନ୍ଧାର
ବସିଛେ ମା' ଦେବ ବର
ଦଶ ଆଙ୍ଗୁଠିକେ ବିନୀତ ଯୋଡିଲେ
କାଲି ଗାଈ ଦେବ କ୍ଷୀର' ।

ଏହି ଗୀତ କୁଡିଆ ଓ ଗୀତ କୁଡିଆଣୀଙ୍କ ଗୀତରେ ବିଭୋର ହୁଅନ୍ତି ଧାଙ୍ଗଡାଧାଙ୍ଗିଡିମାନେ । ଯାତ୍ରାମେଳାରୁ କିମ୍ବା ନାଟ ଦେଖା ସ୍ଥାନରୁ ସେମାନେ ପରସ୍ପର ଆକର୍ଷିତ ହୋଇ ଗାନ୍ଧର୍ବ ମତରେ ବିବାହ କରନ୍ତି । ଏହାକୁ 'ଉଦୁଲିଆ' କୁହାଯାଏ । ପିତାମାତା କନ୍ୟାର ସଦଳବଳେ ବର ଘରେ ପହଞ୍ଚି 'ଜୋରିମାନା' ଗାଈ, ଛେଳି, ଚାଉଳ ଆଦାୟ କରନ୍ତି ଭୋଜି ଭାତ କରି ବିବାହକୁ ସ୍ୱୀକୃତି ଦେଇଥାନ୍ତି । ଏହାକୁ 'ଝୋଲା' କୁହାଯାଏ । ଗାଁଦାଣ୍ଡରେ ବାଜାଦାରମାନେ ବାଦ୍ୟକୁ ଉଷୁମ କରିଥାନ୍ତି ମାଦଳର ତାଳେ ତାଳେ ଧାଙ୍ଗଡା ଧାଙ୍ଗିଡିମାନେ ନାଚିଥାନ୍ତି ହାତକୁ ହାତ ଛନ୍ଦି, ଦେହକୁ ଦେହ ମିଶାଇ, ଆଣ୍ଠୁଟେକା ଲୁଗାପିନ୍ଧି, ଗୋଡରେ ବଳାପିନ୍ଧି ଶାଳୀନତା ଭୁଲି ଲଜ୍ଜା ସଙ୍କୋଚ ଭୁଲି ନାଚି ଚାଲିଥାନ୍ତି । ସେତେବେଳେ ସେମାନେ କହିଥାନ୍ତି ଲାଜ କରି ଲାଭ ନାହିଁ ପେଟରେ କଥାରଖି ସବୁ କହିଦେବା ଭଲ । ଧାଙ୍ଗଡା ଧାଙ୍ଗିଡିକୁ ଏହି ପର୍ବ ନିର୍ଲ୍ଲଜ କରିଦିଏ, ମୁକ୍ତ କରେ ଥଟ୍ଟା ତାମ୍‌ସା ରାତି ସାରା ଲାଗି ରହେ । ଯାହାକୁ ଯିଏ ପସନ୍ଦ କରେ ସେ ତାକୁ 'ଉଦୁଲିଆ' ନେଇଯାଏ । ସେମାନେ ବିଶ୍ୱାସ କରନ୍ତି ରାମ ସୀତା ଏହି ମାସରେ ବିବାହ କରିଥିଲେ । ଏହି ମାସରେ ଡୁମା(ପିତୃପୁରୁଷ)ଙ୍କୁ ଅର୍ପଣ କରାଯାଏ, ଆମ୍ବ ନୂଆଁଖିଆ । ଶିରା ବା ଦେବୀ ସାଧକ ଓ ଦିଶାରୀଦ୍ୱାରା ଦିନ ଗଣନା କରି ନୂଆଁ କାନ୍ଦୁଲ (ହରଡ) ନୂଆଁ ହାଣ୍ଡିରେ ଭାଜି ଖାଆନ୍ତି । ଏହ ପୂର୍ବରୁ କାନ୍ଦୁଲ ଖାଇଲେ ବାଘ ଖାଇଯିବ ବୋଲି ସେମାନଙ୍କର ବିଶ୍ୱାସ ରହିଛି । ଘର ତୁଳିଆ ଚାଳ ଉପରେ ସେମାନେ ମାଟିର ବଳଦ ମୂର୍ତ୍ତି ସ୍ଥାପନ କରିଥାନ୍ତି । 'ଚଇତ ପରବ' ଗୀତର ପ୍ରତିଯୋଗିତାରେ ଯଦି ଅବିବାହିତ ପୁରୁଷ ହାରିଯାଏ, ତେବେ ଝିଅ ଘରେ ଘର ଜୋଇଁଆ ହୋଇ ରହେ । 'ଫୁଲମାଳିଆ'ମାନେ ଚଇତ ପରବ ଗୀତ ଗାଇ ଲୋକଙ୍କୁ ଅଧିକ କର୍ମ ପ୍ରବଣ କରିଥାନ୍ତି ।

ଏହି ସମୟରେ ଫଗୁ, ଅଳତା, କାଦୁଅରେ ଶରୀରକୁ ରଙ୍ଗବେରଙ୍ଗ କରି କନ୍ଧା, ସଲପ, ମହୁଲି, ଗୁଡମଦ ଓ ପେଣ୍ଡମ୍ ଆଦି ନିଶାଦ୍ରବ୍ୟ ପାନ କରିଥାନ୍ତି । ବେଣ୍ଟ ସମୟରେ ଆଣିଥିବା ଶିକାରକୁ ଗାଁର ମଧଭାଗରେ ରଖାଯାଏ, ବେଜୁଣୀ ମନ୍ତ୍ର ପଢ଼େ । ଗାଁର ସ୍ତ୍ରୀମାନେ ସେହି ପଶୁକୁ ଆନନ୍ଦରେ ପାଛୋଟି ନିଅନ୍ତି । ପରସ୍ପର ମଧରେ ପୂଜା ପରେ ମାଂସକୁ ବାଣ୍ଟିନେଇ ଭୋଜନ କରିଥାନ୍ତି । 'ଭୂମିଆଁ'ମାନଙ୍କ ଚଇତ ପରବ ସାତଦିନ ଧରି ପାଳିତ ହୁଏ । ପ୍ରଥମେ ଚଇତ ବଉଲାଣି ହୁଏ । ଏଥିରେ ବିଭିନ୍ନ ରଙ୍ଗର ପାଞ୍ଚଟି କୁକୁଡା, ଛେଳି, ନଡିଆ, ଅଣ୍ଡା, ଗୁଡ, ଧୂପଦୀପ, କ୍ଷୀର, ପଣା, ମଦ ଧରି 'ଦିଶାରୀ' ଗାଁ ବାହାରେ ଗୁଡିରେ 'ହୁଣ୍ଡି' ପୂଜା କରେ । ଏହାକୁ ଜଗରନା ବା ନିଉତା କୁହାଯାଏ । ପର୍ବଦିନ କେଉଁ ମାସରେ ଆମ୍ବ ତୋଳାଯିବ, ହୁଣ୍ଡି ପୂଜା ହେବ ତାହା ଦିଶାରୀ କହିଥାଏ । ସମସ୍ତ ଚାଷୀ ପୂଜା ହୋଇଥିବା ବିହନ ଆଞ୍ଜୁଳା ଆଣନ୍ତି, ଏହାକୁ 'ବିହନ ଛିନିବା' କୁହାଯାଏ । ଏହିଦିନ ରାତିରେ ହଳଦୀ ଭାତରେ ଗୋଟା କୁକୁଡା ଦୁଇଫାଳ କରି ଭାତ ସହିତ ମିଶାଇ ରନ୍ଧାଯାଏ । କୁକୁଡା ମାଂସ ଓ ଭାତକୁ ତିନିଭାଗ କରି କାଉମାନଙ୍କୁ ଖାଇବାକୁ ଦେଇଥାନ୍ତି । ଏହାସହିତ ସୁଆଁ ଚାଉଳର ଲନ୍ଦା (ହାଣ୍ଡିଆ) ଦେଇଥାନ୍ତି । ରାତି ତିନିଟାରେ ଜଗରନାଙ୍କୁ ଶିଆଳି ପତ୍ରରେ ଦିନରେ ପୂର୍ବ ଦିଗରେ ଦିଆଯାଏ । କୌଣସି କାମ ଯଦି କିଏ କରିଥାଏ ତା'ଠାରୁ ପାଜର ମଗାଯାଏ, ଜୋରିମାନା କରାଯାଏ । ପ୍ରଥମ ଦିନ ଆମ୍ବ, ନୂଆଖିଆ, ଦ୍ୱିତୀୟ ଦିନ ଟିଙ୍ଗିରିବେଣ୍ଟ, ଠାଉ୍‌ଚାଉଳ ମଗାଯାଏ । ଟିଙ୍ଗିରିବେଣ୍ଟ ଦିନ ବଣରେ ପୂଜାରୀ ଠାଉ୍‌ଚାଉଳରେ ଚରୁ ରାନ୍ଧି ସରଗୀ ପତ୍ରରେ ବାଢ଼ି ପୂଜା କରିଥାଏ । ପିଲାମାନେ ସରୀସୃପ ଓ ପକ୍ଷୀମାରି ଖଜୁରୀ ଡାଳରେ ବିମାନ ଭଳି କରି ଗାଁ ଗାଁ ବୁଲି ଗୀତଗାଇ ଚାଉଳ ଓ ଟଙ୍କା ମାଗିଥାନ୍ତି । ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ତୃତୀୟ ଦିନ ବଡବେଣ୍ଟରେ ପିଲାମାନେ ମୁଖ୍ୟ ଲୋକଙ୍କ ଘରକୁ ଯାଇ ମାଗିଥାନ୍ତି । ପ୍ରତିଘରେ ସ୍ତ୍ରୀମାନେ ହଳଦୀ ପାଣିରେ ପିଲାମାନଙ୍କ ପାଦ ଧୋଇ ଚାଉଳର ଟୀକା ମୁଣ୍ଡରେ ଲଗେଇ ଟଙ୍କାଟିଏ ଦେଇଥାନ୍ତି । ରାତିରେ କୁକୁଡା, ଟେଣ୍ଡକା (ଏଣ୍ଡୁଅ),ଝିଣ୍ଟିକା, ହୋମ ପାଇଁ ଚଟିଆ ବସା, ଅଣ୍ଡା, କାଠ ଏକବିତା, ପତର ଏକବିତା, କଳା ମୁରୁଜ, ରଂଗ ମୁରୁଜ ହୁଣ୍ଡି ଘରେ ସବୁ ରଖାଯାଏ ଏବଂ ହୁଣ୍ଡି ଦେବତାଙ୍କ ମନ୍ତ୍ର ବୋଲି ଦିଶାରୀ ପୂଜା କରେ । ଚତୁର୍ଥ ଦିନ ଥାଏ ବେଣ୍ଟ (ଶୀକାର)କୁ ଯିବା ଦିନ । ଏହିଦିନ ଦିଶାରୀ ବଣରେ ଚିତ୍ରା କୁକୁଡା, ଅଣ୍ଡା ଆଦି ପୂଜା କରି କେଉଁ ଦିଗରୁ ଜନ୍ତୁ, ଜିଆଦ ପଶୁମାନେ ବାହାରିବେ ତାହା ନିରୂପଣ କରିଥାଏ । ଏହିଦିନ ଜଣେ ସ୍ତ୍ରୀକୁ ଜିଆଦ (ସମ୍ବର) ବେଶରେ ଓ ଆଉଜଣେ ସ୍ତ୍ରୀକୁ ଶୀକାରୀ ବେଶରେ ସଜା ଯାଇଥାଏ । ଶୀକାରୀ

ସ୍ତ୍ରୀଟି ସମ୍ବର ସ୍ତ୍ରୀଟିକୁ ମିଛିମିଛିକା ମାରିଥାଏ । ସେହି ସମ୍ବର ସ୍ତ୍ରୀକୁ ଚାରିଜଣ ସ୍ତ୍ରୀ ବୋହି ଆଣନ୍ତି ଘର ଅଗଣାକୁ ସେଇଠି ବଜାର ବସିଥାଏ । ଏହାକୁ ଡାଳସମ୍ବର କହିଥାନ୍ତି । ଯଦି ଦୈବାତ୍ ପୁରୁଷମାନେ ସମ୍ବର ମାରି ଆଣିଥାନ୍ତି ତେବେ ସମ୍ବର ମାରିଥିବା ପୁରୁଷକୁ କାନ୍ଧରେ ବସାଇ ଗାଁ ସାରା ବୁଲାହୁଏ । ବାଜଣିଆ ମହୁରୀ, ମୃଦଙ୍ଗ ବଜାଇ ଢ଼େମ୍‌ସା ନାଚ କରି ସେହି ସ୍ତ୍ରୀମାନଙ୍କୁ ବନ୍ଦାପନା କରନ୍ତି ଓ ମାଂସକୁ ଗାଁ ସାରା ବଣ୍ଟାଯାଇଥାଏ । ବେଣ୍ଟକୁ ନଯାଇଥିବା ଲୋକଙ୍କୁ ସ୍ତ୍ରୀ ଲୋକମାନେ ଗୋବର ପାଣି ପକାଇଥାନ୍ତି । ଗାଁର ପୁରୁଷମାନେ ପର୍ବର ଚତୁର୍ଥ ଦିନ ତିନିଦିନ ବେଣ୍ଟକୁ ଯାଇଥାନ୍ତି । ଗାଁର ପୁରୁଷମାନେ ପର୍ବର ଚତୁର୍ଥ ଦିନ ତିନିଦିନ ବେଣ୍ଟକୁ ଯାଇଥାନ୍ତି । ଏହିପରି ସାତଦିନରେ 'ଚଇତ ପରବ' ସରିଥାଏ । ପରବ ସରିବା ଦିନ ବାଉଁଶକାଟି ନଳାକରି ପାଣି ଢ଼ଳାଯାଏ, ତାକୁ 'ହୁଣ୍ଡି' ଘରେ ପୂଜା କରାଯାଏ ଏବଂ ଧନୁକାଣ୍ଡରେ ସେହି ବାଉଁଶ ନଳାକୁ ବନ୍ଧାଯାଏ । ତାହାପରେ ଚଇତ ପରବ ସରିଥାଏ ।

ଏହି ଚଇତ ପରବ କନ୍ଧ ଓ ସଉରାମାନେ ଅନ୍ୟପ୍ରକାରର ପାଳନ କରିଥାନ୍ତି । ଚୈତ୍ରମାସର ଅମାବାସ୍ୟା ପରେ ବୁଧବାରଠାରୁ ତିନିଦିନ କିମ୍ବା ରବିବାରଠାରୁ ତିନିଦିନ ପର୍ଯ୍ୟନ୍ତ ପାଳନ କରାଯାଏ । ଏହାକୁ 'ହିରେ ପରବ' ଓ 'ଚତୁରା ପାର୍ବୁ' ମଧ୍ୟ କହିଥାନ୍ତି । ଗାଁ ଲୋକମାନେ ଏକତ୍ର ହୋଇ ସଭା କରିଥାନ୍ତି । ଗାଁ ମୁଖିଆର ନିର୍ଦ୍ଦେଶ ଅନୁସାରେ ତିନୋଟି କିମ୍ବା ପାଞ୍ଚୋଟି ଲମ୍ବା ବାଉଁଶ ଅଣାଯାଏ । ସେହି ବାଉଁଶର ଅଗ୍ରଭାଗରେ ଧଳା କନା ଗୁତାଯାଏ, ସେହି କନା କିଣିବା ପାଇଁ ଯିଏ ଟଙ୍କା ଦିଏ ତା'ର ନାମ ଗୁପ୍ତ ରଖାଯାଏ । ଏଥିପାଇଁ ଗାଁ ମଝିରେ ଗୋଟିଏ କୁଣ୍ଡ କରାଯାଇଥାଏ । କୁଣ୍ଡର କିଛି ଦୂରରେ ବାଲି ବିଛା ଯାଇଥାଏ । ଯିଏ କୁଣ୍ଡରେ ପଇସା ପକାଇବା ପାଇଁ ଇଚ୍ଛା କରେ ସେ ବାଲି ଉପରେ ଠିଆ ହୋଇ କୁଣ୍ଡରେ ପଇସା ପକାଇଥାଏ । ଯଦି ତିନି ଜଣଠାରୁ ଅଧିକ ବ୍ୟକ୍ତି କୁଣ୍ଡରେ ପଇସା ପକାଇ ଦିଅନ୍ତି, ତେବେ ସେହି ପଇସାରେ ଧଳାକନା କିଣା ହୁଏ ନାହିଁ ଏବଂ ସେହି ବର୍ଷକୁ ଅଶୁଭ ଭାବି ପୂଜା କରାଯାଇ ନଥାଏ । ସେହି ପଇସାରେ ମଦ କିଣା ହୁଏ ଏବଂ ଗାଁ ମୁଣ୍ଡରେ ପଶୁବଳି ଦିଆଯାଏ । ସେମାନେ ଭାବନ୍ତି ଯେ ଅଶୁଭ ବର୍ଷ ଯୋଗୁଁ ଯାହା ଅସୁବିଧା ହୁଏ, ତାହା ଗାଁର ପଶୁବଳିଦ୍ୱାରା ସମାଧାନ ହୋଇ ଗାଁରେ ଶାନ୍ତି ସ୍ଥାପନ ହୋଇପାରିବ । ଚଇତ ପରବରେ 'ଟାଙ୍ଗି ପେନୁ' (ଦୁର୍ଗା)ଙ୍କୁ ପୂଜା କରାଯାଏ । ପଳାଶ ଫୁଲକୁ 'ଟାଙ୍ଗିପେନୁ' ଭଲ ପାଉଥିବା ଯୋଗୁଁ ଦେବୀଙ୍କୁ ପଳାଶ ଫୁଲରେ ମଣ୍ଡିତ କରାଯାଏ, ଏଥିରେ ବଳି ଦିଆଯାଏ ନାହିଁ ଏବଂ ଅଳସୀ ଗଛ ମୂଳରେ ଝୁଣା, ଦୀପ କ୍ଷୀର ଢ଼ାଳି ପୂଜା

କରାଯାଏ । ଏହାକୁ 'ଏରିପି ପର୍ବୁ' ବୋଲି କହିଥାନ୍ତି । ଏଥିରେ ମହୁଲ ଗଛକୁ ମଧ୍ୟ ପୂଜା କରାଯାଏ । 'ବେଜୁଣୀ' ନିଜକୁ ସୁନ୍ଦର ଭାବରେ ସଜାଇ ଥାଏ । ସେ ମୁଣ୍ଡରେ ମୟୁରଚୂଳ ସହିତ ଅନେକ ପ୍ରକାରର ରଂଗୀନ ସୂତାକୁ ମୁକୁଟ କରି ପିନ୍ଧିଥାଏ । ପାଦରେ ଘୁଙ୍ଗୁର ମଧ୍ୟ ବନ୍ଧା ଯାଇଥାଏ । ଯୁବକ ଓ ଯୁବତୀମାନେ ସୁନ୍ଦର ସୁନ୍ଦର ଶାଢୀ ପିନ୍ଧି 'ଡେମ୍‌ସା ନାଚ' ନାଚିଥାନ୍ତି । ଢାମ୍ପ, ଝାଞ୍ଜ ଓ ମହୁରୀରେ ଚାରିଆଡ ଝଙ୍କୃତ ହୋଇଥାଏ ।  ଗୁରୁମାଇଁ କୁଲାର ଚାଉଳ ଛୁଇଁ ଗାଁର ଲୋକମାଙ୍କର ଆଗତ ଭବିଷ୍ୟତ କଥା କହିଥାଏ । ଯେଉଁ ସ୍ତ୍ରୀମାନେ ଗୁଡପାଣି ସାଥୀରେ ଆଣିଥାନ୍ତି, ତାହାକୁ ସେହି ବେଜୁଣୀ (ଗୁରୁମାଇଁ) ପିଇଥାଏ । କନ୍ଧ ସଂପ୍ରଦାୟର ଆଦିବାସୀମାନେ ଗାଁ ଗାଁ ବୁଲି ନାଚ କରିଥାନ୍ତି । ସେମାନଙ୍କ ବିଶ୍ୱାସ ଏହା ଫଳରେ ଚାଷ କାମ ପରବର୍ଷ ଭଲ ହୋଇଥାଏ ।

କୋରାପୁଟ ଜିଲ୍ଲା ଆଦିବାସୀଙ୍କ ଜୀବନରେ ପୂଜା କୃଷିଭିତ୍ତିକ । ସେମାନଙ୍କ ଜୀବନ ସାମାଜିକ ଚଳଣି ଓ ଗୋଷ୍ଠୀ ଜୀବନ ଉପରେ ଆଧାରିତ । ଏମାନେ ଲୋଭ, ଅହଂକାରଠାରୁ ବହୁଦୂରରେ ରହି ସରଳ, ନିଷ୍କପଟ ଜୀବନ ବିତାଇଥାନ୍ତି । ଏମାନେ ବର୍ଷସାରା ପ୍ରକୃତିର ପୂଜା କରି ନିଜର ଜୀବନ ଜୀବିକା ଅତିବାହିତ କରିଥାନ୍ତି ।

***



# ଦଶମନ୍ତପୁରର ଦଶହରା ପରବ

- ଡକ୍ଟର ପ୍ରମୋଦିନୀ ହୋତା

ଶକ୍ତି ହିଁ ଜ୍ୟୋତିରୂପ ବ୍ରହ୍ମସ୍ୱରୂପ । ଶକ୍ତି ହିଁ ଜଡ଼କୁ ଚୈତନ୍ୟମୟ କରିଥାଏ । ଶକ୍ତି ବିନା ଶିବ - ଶବରେ ପାଲଟି ଯାଆନ୍ତି । ଆମେ ଅନ୍ଧାରର ବିନାଶ ପାଇଁ ଆଲୋକକୁ ଆରାଧନା କରିଥାଉ । ସେହିପରି ସମଗ୍ର ଜଗତର ମଙ୍ଗଳ ପାଇଁ ଅସୁର ଶକ୍ତିର ବିନାଶ ପାଇଁ ଶକ୍ତି ବା ଦେବୀଙ୍କୁ ଆରାଧନା କରାଯାଏ । ଏହି ଶକ୍ତି ପୂଜା ହିଁ ଦଶହରା ପର୍ବ ରୂପରେ ପାଳନ କରାଯାଏ । ତେଣୁ ଶ୍ଲୋକ ବୋଲାଯାଏ "ସର୍ବ ମାଂଗଲ ମାଂଗଲ୍ୟେ ଶିବେ ସର୍ବାର୍ଥ ସାଧିକେ ଶରଣ୍ୟେ ତ୍ର୍ୟୟମ୍ବକଂ ଗୌରୀ ନାରାୟଣୀ ନମସ୍ତୁତେ ।"

ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକର ଦଶହରା ପୂଜା ବା ପର୍ବ ଅନ୍ୟ ଦଶହରା ପୂଜାଠାରୁ ଭିନ୍ନ ହୋଇଥାଏ । ଏଠାରେ ବୀରାଳିଦେବୀ, ଡଙ୍ଗରଦେଇ, ଆଡକୁଟିଆ ଦେବୀ, ବାଣ୍ଡାକାଟ୍ରା ଦେବୀ, ପାଟଖଣ୍ଡା, ବୀରଖମ୍ବ ସମସ୍ତେ ଦଶହରା ଦିନ ଏକାଠି ପୂଜା ପାଇଥାନ୍ତି ।  ବୀରାଳି ଦେବୀଙ୍କ ଆସ୍ଥାନ ବୀରାଳିଘାଟର ପର୍ବତରେ ରହିଛି । ଡଙ୍ଗରଦେଇଙ୍କ ଆସ୍ଥାନ ବଟବୃକ୍ଷ ନିକଟରେ ଗ୍ରାମର ଶେଷରେ ଥିବା ପୋଡ଼ମରାରେ ରହିଛି । ବାଣ୍ଡାକାଟ୍ରା ଦେବୀଙ୍କ ଆସ୍ଥାନ ଜବାଗଡ଼ରେ ଏବଂ ବୀରଖମ୍ବଙ୍କ ଆସ୍ଥାନ ବୈପାରୀଗୁଡ଼ାର ବୀରଖମ୍ବ ପାହାଡ଼ରେ ରହିଅଛି । ଜନଶ୍ରୁତି ରହିଛି ବୀରଳି ଦେବୀ ଏବଂ ଡ଼ଙ୍ଗରଦେଈ ଦୁଇଭଉଣୀ, ବୀରଖମ୍ବ ହେଉଛନ୍ତି ଭାଇ । ତିନି ଦେବଦେବୀଙ୍କ ପୂଜା ହେଉଛି ଦଶହରାପର୍ବ । ଗାଦବା ଓ କନ୍ଧ ଆଦିବାସୀମାନେ ଦଶମନ୍ତପୁରରେ ବାସ କରନ୍ତି । ଏହି ପୂଜା ହେଉଛି ସେମାନଙ୍କ ପ୍ରଧାନ ପର୍ବ ଅଟେ । ଦଶହରା ପର୍ବ ଆଶ୍ୱିନ ମାସ ଶୁକ୍ଲ ଅଷ୍ଟମୀ ତିଥିରେ ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ ।

ଦଶମନ୍ତପୁରରେ ବୀରାଳି ଦେବୀଙ୍କ ଆସ୍ଥାନ ରହିଛି । ଦେବୀ ପୂର୍ବେ ଚାଳଘରେ ପୂଜା ପାଉଥିଲେ କିନ୍ତୁ ବର୍ତ୍ତମାନ ମନ୍ଦିର ନିର୍ମାଣ କରାଯାଇ ସେଠାରେ ଦେବୀ ପୂଜା ପାଉଛନ୍ତି । ଦେବୀଙ୍କ ଆବିର୍ଭାବ ନେଇ କିମ୍ବଦନ୍ତୀ ରହିଛି - ଥରେ ବିରଖମ୍ବ ସ୍ୱପ୍ନାଦେଶ ଦେଲେ ଯେ, ବୀରାଳି ଘାଟିରେ ମୋର ଦୁଇ ଭଉଣୀ ବୀରଳି ଏବଂ ଡଙ୍ଗରଦେଈ

ଅଛନ୍ତି ସେମାନଙ୍କୁ ସସମ୍ମାନେ ଦଶମନ୍ତପୁରକୁ ଆଣି ପୂଜା କରିବ । ଏକଥା ପାତ୍ରେ ବାରାନାୟିକା (ବାରଖଣ୍ଡର ମୁଖିଆ) ରାଜାଙ୍କୁ କହିଲେ, ଜୟପୁର ମହରାଜା ରାମଚନ୍ଦ୍ର ଦେବ ଓ ସମସ୍ତେ ମିଶି ବୀରାଳି ଦେବୀଙ୍କ ଆସ୍ଥାନକୁ ଯାଇ ମନସ୍କାମନା ପୂର୍ବକ ଚାଉଳକୁ ରାଜା ସେହି ସ୍ଥାନରେ ପକାଇବା ପରେ ପ୍ରଚଣ୍ଡ ଶବ୍ଦ ହେଲା ଏବଂ ସେଠାରେ ବିରାଟକାୟ ସପ୍ତଫେଣୀ ନାଗସାପ ବାହାରିଲା ପରେ ସ୍ଥାନଟି ଧୂପ, ଅଗୁର, ଚନ୍ଦନର ସୁବାସିତ ବାସ୍ନାରେ ମହକିଗଲା । ସେଠାରେ ରାଜା ଦେଖିଲେ ଦୁଇଧାର ବିଶିଷ୍ଟ ବିରାଟ ଖଣ୍ଡା ରହିଛି ଏବଂ ନିକଟରେ ଦୁଇଟି ଖର୍ପର ରହିଛି । ସେହିଦିନଠାରୁ ସେହି ସ୍ଥାନରେ ପୂଜାର୍ଚ୍ଚନା କରାଗଲା । ଦିନେ ପାତ୍ର, ପ୍ରଧାନୀ ଓ ବେଗୁ ପୂଜାସ୍ଥଳୀରେ ପୂଜା ଢ଼ାଳ ଛାଡ଼ି ଦେଇଥିଲେ । ପୂଜା ବଳୀ ଦେଇ ସାରିବା ପରେ ଘରକୁ ଫେରିଲେ । ରାସ୍ତାରେ ପୂଜାଢ଼ାଳ କଥା ମନେପଡ଼ିଲା । ସେମାନେ ପୁଣିଥରେ ପୂଜାସ୍ଥଳୀକୁ ଯାଇ ଦେଖିଲେ ତିନିଜଣ ଦେବୀ ଏକାଠି ବସି ପୂଜାବଳୀ ଖାଉଛନ୍ତି, ଆଶ୍ଚର୍ଯ୍ୟ ହୋଇଗଲେ । ତିନିଜଣ ଦେବୀ ଏମାନଙ୍କୁ ଦେଖି ଶୂନ୍ୟବାଣୀ ହେଲା - ଯେଉଁଠି ଏହି ଢ଼ାଳ ପଡ଼ିବ ସେଠାରେ ଡଙ୍ଗରଦେଈ ଆସ୍ଥାନ ତିଆରି ହେବ । ଢ଼ାଳ ଯାଇ ବିରାଟକାୟ ବରଗଛମୂଳରେ ପଡ଼ିଲା । ଏହି ଅଂଚଳର ନାମ ପୋଡ଼ମରା ରଖାଗଲା ।

ବୀରାଳିଘାଟି ବଣଜଙ୍ଗଲ ଘେରା ଅଞ୍ଚଳ ହୋଇଥିବା ଯୋଗୁଁ ରାଜା ଦଶମନ୍ତପୁରରେ ମନ୍ଦିର ତିଆରି କଲେ ସେଠାରେ ବୀରାଳି ଦେବୀ ମନ୍ଦିରରେ ଦୁଇଧାର ଥିବା ବିରାଟ ଖଣ୍ଡା, ଦୁଇଟି ଛୋଟ ଖଣ୍ଡା ଏବଂ ଦୁଇଟି ଖର୍ପର, ଗୋଟିଏ ବେଣ୍ଟ ନଥିବା କାଂତି ପୂଜା କରାଯାଉଛି । ଲୋକଙ୍କ ବିଶ୍ୱାସ ରହିଛି ବୀରଖମ୍ବ ସ୍ତମ୍ଭାକାର ଆକୃତି ହୋଇଥିବା ଯୋଗୁଁ ସେ ହେଉଛନ୍ତି ଚକ୍ର ସୁଦର୍ଶନ । ବଡ଼ଖଣ୍ଡାଟି ବିରାଳୀ ଦେବୀ ନାମରେ ତା'ପରେ ଛୋଟ ଖଣ୍ଡାଟି ଡ଼ଙ୍ଗରଦେଈ ନାମରେ ଆଉ ଗୋଟିଏ ଛୋଟ ଖଣ୍ଡା ଆଡ଼କୁଟିଆ ଦେବୀ ନାମରେ ଏବଂ ବେଣ୍ଟ ନଥିବା ଖଣ୍ଡା ଜଲ୍ଲାପୁଟରେ ବାଣ୍ଡାକାଟ୍ରା ଦେବୀ ନାମରେ ପୂଜା ପାଉଛନ୍ତି । ବୀରଖମ୍ବ ପୂର୍ବରୁ ମ୍ୟାନାମ୍ କୋଣ୍ଡାରୁ ଆସି ବୈପାରୀଗୁଡ଼ାରେ ବୀରଖମ୍ବ ନାମରେ ପୂଜା ପାଉଛନ୍ତି ।

ପୂର୍ବକାଳରେ ରାଜଶାସନ ସମୟରେ ଜୟପୁର ଦଶହରା ଉତ୍ସବରେ ଯୋଗଦେବା ପାଇଁ ସପ୍ତମୀ ଦିନ ଦଶମନ୍ତପୁରରୁ ପୂଜାରୀ ପାତ୍ର, ବାରଖଣ୍ଡ ଗାଁର ନାୟକ,

କୋଡ଼ିଏ ଜଣ ପାଇକ ଦେବୀମାନଙ୍କ ଲାଠି ନେଇ ଚାଲି ଚାଲି ଜୟପୁର ଆସୁଥିଲେ । ଷଷ୍ଠୀ ଦିନ ଦଶମନ୍ତପୁରରେ ଦେବୀଙ୍କ ନିକଟରେ ପୋଡ଼ବଳୀ ଦିଆଯାଉଥିଲା । ସେଠାରେ ନୂଆ ପୋତା ହୋଇ ନଥିବା ମାଟି ପାତ୍ର, ଦୁଇଖଣ୍ଡ ଖର୍ପରରେ ପୋଡ଼ର ରକ୍ତ ରଖାଯାଉଥିଲା ଏବଂ ପୋଡମୁଣ୍ଡକୁ ଗୋଟିଏ କଞ୍ଚା ପାତ୍ରରେ ରଖାଯାଇ ପୂଜା କରାଯାଉଥିଲା । ପୂଜକ ଉଲଗ୍ନ ହୋଇ ପୂଜା କରୁଥିଲା । ରାଜାଙ୍କ ତରଫରୁ ପୂଜକକୁ ମଠାଲୁଗା ଦିଆଯାଉଥିଲା । ଆଜିକାଲି ପୋଡ଼ ବଳୀ ପ୍ରଥା ବନ୍ଦ କରାଗଲାଣି । ଗଣ୍ଡା ଶିରୀସୂତା ପୂଜାରୀକୁ ଦେଉଥିଲେ ପିନ୍ଧିବା ପାଇଁ । ରାଜାଘର ମଠାଲୁଗା ପିନ୍ଧି ପୂଜକ ଜାତି ହେଉଥିଲା ବା ଜାତିରେ ମିଶିଥିଲା । ତା'ସହିତ ସେ ମହାପ୍ରସାଦ ଖାଉଥିଲା । ଅନେକ କହିଥାନ୍ତି ପୂର୍ବେ ପୋଡ଼ ମୁଣ୍ଡରେ ପୂଜା ସମୟରେ ପଡ଼ିଥିବା ଚାଉଳରୁ ଗଜା ବାହାରୁଥିଲା ।

ତା'ପରେ ସମସ୍ତେ ଜୟପୁର ଦଶହରା ଉତ୍ସବକୁ ଲାଠି ସହ ବାହାରୁଥିଲେ । ସେହି ଗଣ୍ଡିବିହୀନ ପୋଡ଼ମୁଣ୍ଡର ଦୁଇଟି କାନ ଦଶହରା ପର୍ବ ଶେଷ ହେବା ପର୍ଯ୍ୟନ୍ତ ମୁଣ୍ଡରେ ବାନ୍ଧେଇ ହେଉଥିଲା । ଯେଉଁ ସ୍ଥାନରେ ପୋଡ଼ ବଳୀ ଦିଆଯାଉଥିଲା, ସେ ସ୍ଥାନକୁ କାନଶିଙ୍ଗିଆ ପୋଡ଼ମରା କୁହାଯାଏ । ଅଷ୍ଟମୀ ଦିନ ସମସ୍ତ ଲାଠି ଜୟପୁରର ଜୟନଗରରେ ପହଞ୍ଚିଥିଲା । ଜୟନଗରରେ ସମସ୍ତେ ଗୋଲରୀ ଘରେ ରହୁଥିଲେ । ଜୟପୁରର ରାଜ ପରିବାର ମହୁରୀ, ବାଜାବାଜଣା, ଛତ୍ର, ଚାମର ସହିତ ଆସି ଦେବୀଙ୍କ ପୂଜାର୍ଚ୍ଚନା କରୁଥିଲେ । ପୂଜାର୍ଚ୍ଚନା ପରେ ଦେବୀ ଆଡ଼ମ୍ବର ସହକାରେ ଛତ୍ର, ଚାମର, ବାଜବାଜଣା ପଟୁଆରରେ ପାତ୍ର, ପ୍ରଧାନୀ, ପାଇକ, ବାରନାୟିକା (ବାରଖଣ୍ଡ ଗ୍ରାମର ନାୟକ) ପୂଜାରୀ ସହିତ ଦଶହରା ପଡ଼ିଆକୁ ଯାଉଥିଲେ । ରାଜା ପ୍ରଧାନୀ, ପାତ୍ର, ବାରନାୟିକାଙ୍କୁ ଶାଢ଼ୀ, ରୂପାଟଙ୍କା ଦେଇ ସମ୍ମାନୀତ କରୁଥିଲେ । ଦେବୀଙ୍କ ନିଟକରେ ମାଗୁର ମାଛ ଓ ଛେଳି ଭୋଗ କରାଯାଉଥିଲା ।

ଦଶହରା ପଡ଼ିଆରେ ପୂଜକମାନେ ଦେବୀଙ୍କୁ ପ୍ରଥମେ କୋଲାବ ନଦୀର ଜଳ ଉତ୍ସର୍ଗ କରି ପୂଜା କରୁଥିଲେ । ରାଜା ବିଦାୟ ସମୟରେ ଦେବୀଙ୍କ ସାଥିରେ ଦୁଇ ହଣ୍ଡା ଖଜା, ଦୁଇଟି ଗାମୁଛା, ଛେଳି ଦେଉଥିଲେ । ରାଜ ଶାସନର ଅବସାନ ପରେ ପ୍ରତିବର୍ଷ ଆଶ୍ୱିନ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଦଶମନ୍ତପୁରରେ ଦଶହରା ପର୍ବ ପାଳନ

କରାଯାଏ । ଷଷ୍ଠୀ ଦିନ ମନ୍ଦିର ସାମ୍ନାରେ ଗୋଟିଏ କୁଡ଼ିଆ ଗଛର ଡାଳରେ ତିଆରି କରାଯାଇଥାଏ । ଦେବୀଙ୍କ ପ୍ରତୀକ ଖଣ୍ଡାମାନଙ୍କ ପାଇଁ ନୂଆ କଳାଶାଢ଼ୀ ଅଣାଯାଇଥାଏ । ସପ୍ତମୀ ଦିନ ଦେବୀଙ୍କ ପ୍ରତୀକ ପାଞ୍ଚଟି ଧ୍ୱଜା ବା ଲାଠି ମନ୍ଦିର ନିକଟରେ ପୋତା ଯାଇଥାଏ । ପୂଜା ଦିନ ବୀରଖମ୍ବ, ଡଙ୍ଗରଦେଈ, ଆଡ଼କୁଟିଆ ଦେବୀ, ଦୁଇଟି ଖର୍ପର, ପାଟଦେବତା, ବାରବାଉନି ପ୍ରଭୃତି ଦେବଦେବୀଙ୍କୁ "ଖଣ୍ଡାଧୋଇଲନି" ନାମକ ସ୍ଥାନରେ ସ୍ନାନ କରାଯାଏ । ସମସ୍ତ ଦେବଦେବୀଙ୍କ ପ୍ରତୀକ ଖଣ୍ଡାମାନଙ୍କୁ କଳାଶାଢ଼ୀ, ମନ୍ଦାରମାଳ, ଅଳଙ୍କାରରେ ସୁଶୋଭିତ କରାଯାଏ । ତା'ପରେ ସମସ୍ତ ଦେବଦେବୀ ଡ଼ାଳ ନିର୍ମିତ କୁଡ଼ିଆକୁ ବିଜେ କରିଥାନ୍ତି । ବୀରଖମ୍ବ ଲାଠି ସହିତ ବୀରାଳି ଧଣ୍ଡା ପ୍ରସାଦ ପ୍ରଥମେ ଆସିଥାଏ । ଦଶମନ୍ତପୁରରେ ପୂଜା ସରିବା ପରେ ବୀରାଳି ଦେବୀଙ୍କୁ ଡାଳ ନିର୍ମିତ କୁଡ଼ିଆକୁ ବିଜେ କରିଥାନ୍ତି । ବୀରଖମ୍ବ ଲାଠି ସହିତ ବୀରାଳି ଧଣ୍ଡା ପ୍ରସାଦ ପ୍ରଥମେ ଆସିଥାଏ । ଦଶମନ୍ତପୁରରେ ପୂଜା ସରିବା ପରେ ବୀରାଳି ଦେବୀଙ୍କ ଫୁଲମାନ ଏକ ନୂଆ ବାଉଁଶ ନିର୍ମିତ ଝୁଡ଼ିରେ ରଖି ହାଟପଡ଼ା ବୀରଖମ୍ବ ଆସ୍ଥାନକୁ ନିଆଯାଏ ସେଠାରେ ବୀରାଳି ଦେବୀ ଏବଂ ବୀରଖମ୍ବଙ୍କୁ ନଡ଼ିଆ ଧୂପଦୀପ ଦେଇ ପୂଜା କରାଯାଏ । ରାତିରେ ପୂଜା ଶେଷରେ ମେଣ୍ଢା, ଛେଳୀ, କୁକୁଡ଼ା, ପାରା, ବଳି ଦିଆଯାଏ ।

ବୀରଖମ୍ବଙ୍କଠାରୁ ବିରାଳୀ ଧଣ୍ଡା ରାତି ବାରଟାରେ ଫେରିଥାଏ ଦେବୀ ଖଡ୍‌ଗ କୁ ମୁଖ୍ୟ ପୂଜକ ଧରିଥାଏ ପୂଜକକୁ ଜଣେ ଗାଦବା ଆଦିବାସୀ କାନ୍ଧରେ ଧରି ବା କାନ୍ଧେଇ ଡଙ୍ଗରଦେଇ ପୀଠକୁ ନେଇଥାଏ, ତାପରେ ବିଭିନ୍ନ ଦେବୀଙ୍କ ପୀଠକୁ ନେଇଥାଏ । ଦଶମନ୍ତପୁର ବୀରାଳି ମନ୍ଦିରରେ ଆଗରୁ ଚରୁ ରନ୍ଧାଯାଇଥାଏ । ସେହି ଚରୁକୁ ପୋଡ଼ମରା ନିକଟକୁ ନେଇ ପୂଜା କରାଯାଏ ପାଞ୍ଚଟି ଲାଠି ବୀରାଳି ଦେବୀ, ପାଟ ଦେବତା, ବାର ଦାଉନୀ, ଡ଼ଙ୍ଗରଦେଈ, ଆଡ଼କୁଟିଆ ଦେବୀଙ୍କୁ ବାଟ ପୂଜାରୀ ପୂଜା କରିଥାଏ ।

ପ୍ରଥମେ ମୁଖ୍ୟ ନାୟକ ଝଉଳ ମନ୍ତ୍ର କରିପକାଏ ଏବଂ ସେଠାରେ ବଳି ଦିଆଯାଏ ସେଠାରୁ ଦେବୀମାନେ ପୁଣି ଡାଳ କୁଡ଼ିଆକୁ ଫେରିଥାନ୍ତି । ନବମୀଦିନ ସକାଳେ ଦେବୀମାନେ ପିନ୍ଧିଥିବା ବସ୍ତ୍ରକୁ ବଦଳାଇ ନୂଆ ବସ୍ତ୍ର ପିନ୍ଧାଯାଏ । ପୂର୍ଜାଚନା କରାଯିବା ପରେ ବିରୀଖମ୍ବ ଠାକୁରଙ୍କ ସହିତ ବଳି ପୂଚା ଖାଇଥାନ୍ତି ତା'ପର ଦିନ

ଦଶହରା ପଡ଼ିଆରେ ଜାକଜମକରେ ସମସ୍ତ ଦେବୀଙ୍କ ଲାଠୀ ଏକତ୍ରିତ କ[illegible] ପୂଜା କରାଯାଏ । ସେଠାରେ ହାଟ ବସିଥାଏ ନାଚ ଗୀତ ହୋଇଥାଏ, ଦଶହରା ପର୍ବ ଶେଷ ହେବା ପରେ ତାପର ଦିନ ସମସ୍ତ ଦେବଦେବୀଙ୍କ ଲାଠି ସହ ବୀରଖମ୍ବ ମଧ୍ୟ ନିଜ ନିଜ ଆସ୍ଥାନକୁ ଫେରିଥାନ୍ତି । ଏହି ଦଶହରା ପର୍ବ ଦେଖିବା ପାଇଁ ଦୂରଦୂରାନ୍ତରୁ ଅନେକ ଯାତ୍ରୀ ଆସିଥାନ୍ତି ।







ଡଃ ପ୍ରମୋଦିନୀ ହୋତାଙ୍କ ଜନ୍ମ କୋରାପୁଟ ଜିଲ୍ଲା ଜୟପୁର ସହରରେ ସେ ଏକାଧାରରେ ଜଣେ ଶିକ୍ଷାବିତ, ଲେଖିକା, ଗବେଷିକା । ଆଦିବାସୀ ଶିକ୍ଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଉପରେ ତାଙ୍କ ପ୍ରବେଶ ରହିଛି । ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ତିନ୍ ରୂପେ କାର୍ଯ୍ୟ କରିଛନ୍ତି । ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଶିକ୍ଷା ବିଭାଗୀୟ ମୁଖ୍ୟ ଭାବରେ ଅବସର ଗ୍ରହଣ କରିଛନ୍ତି । କଟକ, ବ୍ରହ୍ମପୁରରେ ଅନେକ ସମ୍ମାନରେ ସମ୍ମାନୀତ ସାହିତ୍ୟ କୃତି ପାଇଁ । ଗଞ୍ଜାମ ଓ କୋରାପୁଟର ଶିକ୍ଷାରେ ବିଶେଷତଃ ପ୍ରାଥମିକ, ମାଧମିକ ସ୍ତରରେ ତାଙ୍କର ତତ୍ତ୍ୱାବଧାନରେ ଚାରିଜଣ ଗବେଷକ ଶିକ୍ଷାରେ ଡଷ.ଡ ପାଇଛନ୍ତି । ଆଜିର ନାରୀ, ଚକ୍ରବ୍ୟୂହ, ସପ୍ତପର୍ଣ୍ଣୀ, ମହୁଆ ବହି ରଚନା ତାଙ୍କର ଅନବଦ୍ୟ କୃତି ।